# ସକାଳ
# THE SAKALA

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-204 ♦MONDAY ♦19 JANUARY 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୨୦୪ ♦ସୋମବାର ♦୧୯ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ସାବାଲେଙ୍କାଙ୍କ ବିଜୟଅଭିଯାନ

▶ପୃଷ୍ଠା-୧୨ ଦେଖନ୍ତୁ...

# ନଥିରେ 'ପରିଷଦ'; ବ୍ୟାଙ୍କରେ ପାଣ୍ଠି

## ଦୁଇ ବର୍ଷ ହେଲା ପଶ୍ଚିମ ଓଡ଼ିଶା ବିକାଶ ପରିଷଦରେ ପଡ଼ିଛି ହଜାରେ କୋଟି ଟଙ୍କା

## ଉତ୍ତର ଓ ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ପାଇଁ ହୋଇଥିଲା ୪୦୦ କୋଟି ବରାଦ

■ ଭୁବନେଶ୍ୱର, ୧୮ ।୧ (ସମିସ): ସରକାରକୁ ୧୯ ମାସ ପୂରି ୨୦ ମାସ ଚାଲିଲାଣି। ତେଣୁ ସରକାରଙ୍କୁ ଆଉ ନୂଆ ବୋଲି କହି ହେଉ ନାହିଁ। ବିଭାଗୀୟ ସଚିବଙ୍କ ପରାମର୍ଶ ଓ ମାର୍ଗଦର୍ଶନରେ ମନ୍ତ୍ରୀମାନେ ଏବେ ପୁରୁଖା ହୋଇ ସାରିଲେଣି। ମାତ୍ର ସରକାରଙ୍କ ଦ୍ୱାରା ଘୋଷିତ ଉତ୍ତର ଓଡ଼ିଶା ବିକାଶ ପରିଷଦ ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଏଯାଏ ଗଠନ ହୋଇ ପାରିଲା ନାହିଁ। ବିଡ଼ମ୍ବନା ହେଉଛି ଯେଉଁ ପଶ୍ଚିମ ଓଡ଼ିଶାରୁ ବିଜେପିକୁ ସର୍ବଦା ସର୍ବାଧିକ ସମର୍ଥନ ମିଳି ଆସିଛି, ସେହି ପଶ୍ଚିମ ଓଡ଼ିଶାର ବିକାଶ ପାଇଁ ଗଠନ ହୋଇଥିବା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଏଯାଏ ନିଯୁକ୍ତି ପାଇ ପାରିଲେ ନାହିଁ। ବର୍ଷବର୍ଷ ଧରି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରେ ହଜାର ହଜାର କୋଟି ଟଙ୍କା ପଡ଼ି ରହିଛି, ମାତ୍ର ଗାଁରେ ବିକାଶକାମ ହେଉ ନାହିଁ। ଉତ୍ତର ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପାଇଁ ବରାଦ ୪୦୦ କୋଟି ଟଙ୍କା ବଜେଟ୍ ବରାଦ ଖର୍ଚ୍ଚ ହୋଇ ପାରୁନାହିଁ; ଏପରିକି ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ସରକାରୀ ଅର୍ଥ ରଖିବାକୁ ସରକାରଙ୍କ ନିର୍ଦ୍ଦେଶ ଏଠି କାମ କରୁନାହିଁ।


୨୦୧୯ରେ ରାଜ୍ୟରୁ ୮ ଜଣ ସାଂସଦ ନିର୍ବାଚିତ ହୋଇଥିବାବେଳେ କେବଳ ପଶ୍ଚିମ ଓଡ଼ିଶାରୁ ଏମାନଙ୍କ ସଂଖ୍ୟା ଥିଲା ୫। ୨୦୨୪ ନିର୍ବାଚନରେ ଆନୁପାତିକ ସଫଳତା ଦୃଷ୍ଟିରୁ ବିଜେପି ଲୋକସଭା କ୍ଷେତ୍ରଗୁଡ଼ିକରେ ପଶ୍ଚିମ ଓଡ଼ିଶାରୁ ସର୍ବାଧିକ ଭୋଟ ପାଇଛି। ମାତ୍ର ଯେଉଁ ପଶ୍ଚିମ ଓଡ଼ିଶାବାସୀ ବିଜେପିକୁ ଭୋଟ ଅଜାଡ଼ି ଦେଇଛନ୍ତି; ସେହି ପଶ୍ଚିମ ଓଡ଼ିଶାକୁ ରାଜ୍ୟ ବିଜେପି ସରକାର ପ୍ରତ୍ୟେକ କ୍ଷେତ୍ରରେ ଉପେକ୍ଷା କରି ଚାଲିଥିବା ଅଭିଯୋଗ ହୋଇଛି। ଧାନ କ୍ରୟ କ୍ଷେତ୍ରରେ ପଶ୍ଚିମ ଓଡ଼ିଶାର ଚାଷୀ ସବୁଠାରୁ ଅଧିକ ଶୋଷଣର ଶିକାର ହୋଇଛନ୍ତି। ପଶ୍ଚିମ ଓଡ଼ିଶାର ନେତା ତଥା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଚାଷୀଙ୍କୁ 'ଦଲାଲ' ଓ'ନୌଟଙ୍କି' କରୁଥିବା ଆକ୍ଷେପ କରିଛନ୍ତି। ସବୁଠାରୁ ବିଡ଼ମ୍ବନା ହେଉଛି ପଶ୍ଚିମ ଓଡ଼ିଶା ବିକାଶ ପରିଷଦରେ ବିଜେଡି ସରକାର ସମୟର ବକେୟା ୨୦୦ କୋଟିକୁ ମିଶାଇ ଗତ ଦୁଇଟି ବଜେଟ୍‌ରେ ବରାଦ ପ୍ରାୟ ୧ ହଜାର କୋଟି ଟଙ୍କା ପଡ଼ିଥିଲେ ହେଁ ଏଥିରେ ହାତ ବାଜିନାହିଁ। ଆର୍ଥିକ ବର୍ଷ ଶେଷ ହେବାକୁ ଆଉ ମାତ୍ର ୧୦ ସପ୍ତାହ ବାକିଥିବାବେଳେ ଏହି ଅର୍ଥ କେବେ ବ୍ୟୟ ହେବ ତାହାକୁ ନେଇ ପ୍ରଶ୍ନ ଉଠିଛି।

ପଶ୍ଚିମ ଓଡିଶାର ସାମଗ୍ରିକ ବିକାଶ ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ଗଠନ ହୋଇଥିଲା। ଏଥିରେ ବରଗଡ଼, ବଲାଙ୍ଗିର, ବୌଦ୍ଧ, ଦେବଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, ନୂଆପଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ଜିଲ୍ଲା ସହ ଅନୁଗୋଳ ଜିଲ୍ଲାର ଦୁଇଟି ଉପଖଣ୍ଡକୁ ସାମିଲ କରାଯାଇଥିଲା। ବିଜେଡି ସରକାର ପ୍ରତିବର୍ଷ ବିକାଶ ପରିଷଦ ପାଇଁ ବଜେଟରେ ୫୦୦ କୋଟି ଟଙ୍କା ବରାଦ କରୁଥିଲେ ଓ ବିଜେପି କ୍ଷମତାକୁ ଆସିବା ପରେ ଅନୁରୂପ ଭାବରେ ୫୦୦ କୋଟିଟଙ୍କା ମଞ୍ଜୁର କରିଛନ୍ତି । ମାତ୍ର ବର୍ଷ ସରିବାକୁ ବସିଥିଲେ ବି ଏହି ଅନୁଦାନ ଅର୍ଥରେ ହାତ ବାଜିନାହିଁ। ସେହିପରି ପଶ୍ଚିମ ▶ପୃଷ୍ଠା-୭

### ଖୋଲିଲା ଅଲ୍-ଫଲାହର ଗୁମର

# ଡାକ୍ତର ନକଲି; ରୋଗୀ ବି ନକଲି

■ ଫରିଦାବାଦ, ୧୮।୧ (ଏଜେନ୍ସି): ଆତଙ୍କବାଦୀ କାରଖାନା ଭାବେ ପରିଚିତ ଫରିଦାବାଦ ସ୍ଥିତ ଅଲ୍-ଫଲାହ ବିଶ୍ୱବିଦ୍ୟାଳୟର ଗୋଟିଏ ପରେ ଗୋଟିଏ ଗୁମର ଖୋଲିବାରେ ଲାଗିଛି। ଆତଙ୍କବାଦୀଙ୍କ ପେଣ୍ଠ ସ୍ଥଳ ପାଲଟିଥିବା ଏହି ୟୁନିଭର୍ସିଟି ଅନେକ କେଳେଙ୍କାରୀ କରିଛି। ଜାଲ୍ ରୋଗୀ, ଡାକ୍ତର ମାଧ୍ୟମରେ ନ୍ୟାସନାଲ ଆସେସମେଣ୍ଟ ଆଣ୍ଡ ଆକ୍ରିଡିସେନ କାଉନସିଲ (ନାକ) ଏବଂ ୟୁଜିସିକୁ ଭୁଆଁ ବୁଲାଇ ଥିଲା। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତରୁ ଏଭଳି ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି। ଏହି ମାମଲାରେ ୟୁନିଭର୍ସିଟିର ଅଧ୍ୟକ୍ଷ ଜବାଦ ଅହମ୍ମଦ ସିଦ୍ଦିକିଙ୍କୁ ଗିରଫ କରାଯାଇଛି। ଇଡି ଆରୋପପତ୍ରରେ କୁହାଯାଇଛି ଯେ ଆତଙ୍କବାଦୀ ଡାକ୍ତର ଏହି କ୍ୟାମ୍ପସ୍‌କୁ ଏକ ଆଧାର ଭାବରେ ବ୍ୟବହାର କରିଥିଲେ। ସେମାନେ ବେଆଇନ କାର୍ଯ୍ୟକଳାପକୁ ଲୁଚାଇବା ପାଇଁ ଏଠାରେ ରହୁଥିଲେ। ଏହି କାର୍ଯ୍ୟରେ ବିଶ୍ୱବିଦ୍ୟାଳୟର ଅନ୍ୟ କର୍ମଚାରୀ ଏବଂ ଅଧିକାରୀଙ୍କ ହାତ ଥିବା ମଧ୍ୟ ସନ୍ଦେହ କରାଯାଉଛି। ଦିଲ୍ଲୀ ବିସ୍ଫୋରଣରେ ସାମିଲ ତିନି ଡାକ୍ତରଙ୍କୁ ବିନା ଯାଞ୍ଚରେ ଅଲ-ଫଲାହରେ ନିଯୁକ୍ତି କରାଯାଇଥିଲା। ଏମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଡ. ମୁଜାମିଲ ଗନି ଓ ଡ. ସାହିନ ସୈଦଙ୍କୁ ଏନଆଇଏ ପୂର୍ବରୁ ଗିରଫ କରିଥିଲା।




ଜାତୀୟ ଚିକିତ୍ସା କମିସନ (ଏନ୍‌ଏମ୍‌ସି)ରୁ ଅନୁମୋଦନ ପାଇବା ପାଇଁ କେବଳ କାଗଜପତ୍ରରେ ଡାକ୍ତର ଥିବା ଅଲ-ଫଲାହ ଦର୍ଶାଇ ଥିଲା। ଡାକ୍ତରଙ୍କୁ ନିୟମିତ ଅଧ୍ୟାପକ ଭାବରେ ପ୍ରଦର୍ଶିତ କରିବା ପାଇଁ ୨୨ ଦିନ ଉପସ୍ଥିତି ନିୟମ ଅନୁଯାୟୀ କେବଳ କାଗଜପତ୍ରରେ ନିଯୁକ୍ତି ଦିଆଯାଇଥିଲା। ଏମାନେ ନିୟମିତ ଭାବେ କଲେଜକୁ ଯାଉ ▶ପୃଷ୍ଠା-୭

### ପରିବହନ ବିଭାଗର 'ଅନ୍ଧ ନୀତି'

# ଅପାରଗତା ଲୁଚାଇବାକୁ ମାଷ୍ଟର୍‌ପ୍ଲାନ୍

## ୨୦୦ କୋଟି ରାଜସ୍ୱ ଲକ୍ଷ୍ୟ; ପୂରଣ ହୋଇଛି ୨୦%

## କାର୍ ଚାଳକଙ୍କ ପାଖକୁ ଯାଉଛି ହେଲ୍‌ମେଟ୍ ଫାଇନ୍

## ୭୦ କିମି ବେଗରେ ସ୍କୁଟି ଚାଳନା ପାଇଁ ଜରିମାନା

■ ଭୁବନେଶ୍ୱର, ୧୮ ।୧ (ସମିସ): ଲୋକଙ୍କଠାରୁ ଯେନତେନ ପ୍ରକାରେ ଜୋରିମାନା ଆଦାୟ ହେବା ଆବଶ୍ୟକ। କାର୍ ଚଳାଉଥିଲେ ବି ହେଲ୍‌ମେଟ୍ ପିନ୍ଧି ନ ଥିବା ଯୋଗୁଁ ଫାଇନ୍ କରାଯିବ। ସହର ଭିତରେ ସର୍ବାଧିକ ୪୦ କିଲୋମିଟର ବେଗରେ ଯାଉଥିବା ସ୍କୁଟିକୁ ୭୦ କିମି ଚଳାଉଥିବା ଦର୍ଶାଇ ଚାଲାଣ ପଠାଯିବ। ରାଜପଥରେ ସ୍ପିଡ଼ୋମିଟର କଣ୍ଟା ୫୦ ଟପିଲେ ଜୋରିମାନା ହେବ। ଟୋଲଗେଟ୍ କଥା ନ କହିବା ଭଲ, ଇନ୍‌ସ୍ୟୁରାନ୍ସ ଥିଲେ ବି ଟୋଲ୍‌ଗେଟ୍‌ରେ ଜରିମାନା ଲାଗିବ। ପରିବହନ ବିଭାଗର ଏଭଳି ଅନ୍ଧ ନୀତି ଯୋଗୁଁ ରାଜ୍ୟବାସୀ ଅତିଷ୍ଠ। ସବୁଆଡ଼େ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ମାତ୍ର ବିଭାଗର ଏହି 'ଅନ୍ଧ ନୀତି' ପଛର ରହସ୍ୟ ଏବେ ପଦାରେ ପଡ଼ିଛି। କାହିଁକି ବିଭାଗୀୟ ଅଧିକାରୀମାନେ ଏଭଳି ଜରିମାନା ଖୋର ମନୋଭାବ ଛାଡ଼ିପାରୁ ନାହାନ୍ତି, ତାହା ଏବେ ସ୍ପଷ୍ଟ ହୋଇଛି। ଜରିମାନା ଆଦାୟର ଟାର୍ଗେଟ୍ ନିଶା ବିଭାଗକୁ ଅନ୍ଧ କରି ଦେଇଛି। ପରିବହନ ବଭାଗ ପକ୍ଷରୁ ବର୍ଷ ଆରମ୍ଭରୁ ରାଜ୍ୟର ସମସ୍ତ ଆର୍‌ଟିଓ, ଅତିରିକ୍ତ ଆର୍‌ଟିଓ ଟ୍ରାଫିକ୍ ଡିସିପିମାନଙ୍କୁ ଚିଠି ଲେଖି ଏକ ବାର୍ଷିକିଆ ଟାର୍ଗେଟ୍ ଧରାଯାଇଥିଲା। ଏହି ବିଭାଗଗୁଡ଼ିକ ଯେମିତି ବିଭିନ୍ନ ନିୟମ ଉଲ୍ଲଂଘନକାରୀଙ୍କୁ ୨୦୨୫-୨୬ରେ ମାସକୁ ଅତି କମ୍‌ରେ ୧୧୦୩୨୦ ଇ-ଚାଲାଣ କରିବେ। ଏ ବାବଦରେ ମାସକୁ ୧୫ କୋଟି ୮୮ ଲକ୍ଷ ଟଙ୍କାର ଜରିମାନା ହିସାବରେ ଲୋକଙ୍କ ଉପରେ ଜୁଲୁମ। ଆଦାୟର ଟାର୍ଗେଟ୍ ବାବଦରେ ମନେ ପକାଇ ଦିଆଯାଇଛି।

ଏହି ଚିଠିରେ ଜରିମାନା ଆଦାୟରେ ଖରାପ ପ୍ରଦର୍ଶନ କରିଥିବା ଆର୍‌ଟିଓଗୁଡ଼ିକୁ ତାଗିଦ୍ କରାଯାଇ ଲକ୍ଷ୍ୟ ପୂରଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗର ଏଭଳି ବାର୍ଷିକ ୨୦୦ କୋଟି ଟଙ୍କାର ଟାର୍ଗେଟ୍ ସେଟ୍ କରାଯାଇଛି। ହେଲେ ଚଳିତ ଆର୍ଥିକ ବର୍ଷ ଶେଷ ହେବାକୁ ହାତରେ ମାତ୍ର ୨ ମାସ ସମୟ ବାକି ଥିବା ବେଳେ ଏବେ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟର ୨୦ ପ୍ରତିଶତ ଜରିମାନା ଆଦାୟ ହୋଇ ପାରିଛି । ତେଣୁ ପରିବହନ ପ୍ରାଧିକରଣ କର୍ତ୍ତୃପକ୍ଷ ଆଉଥରେ ଚିଠି ଲେଖି ଯେବେଠାରୁ ଟାର୍ଗେଟ କଥା ମନେ ପକାଇ ଦେଇଛନ୍ତି; ସେବେଠାରୁ ବିଭାଗ ଆରମ୍ଭ କରିଛି ନିର୍ଦ୍ଦେଶନାମା ପରେ ଆର୍‌ଟିଓମାନଙ୍କୁ ଘାରିଛି ଇ-ଚାଲାଣ ଭୂତ। ଏହାର ପରିଣାମ ସ୍ୱରୂପ ରାଜ୍ୟରେ ଜରିମାନା ବ୍ୟବସ୍ଥାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲେ ମଧ୍ୟ ଏହି ପ୍ରସଙ୍ଗରେ ପରିବହନ ବିଭାଗ ଆଦୌ ପଛକୁ ହଟୁ ନାହିଁ। ବଡ଼ କଥା ହେଉଛି ସରକାରଙ୍କ ଟାର୍ଗେଟ୍ ଆଗରେ ନିୟମ ଉଲ୍ଲଂଘନକାରୀଙ୍କ ସମେତ କିଛି ସାଧାରଣ ଲୋକମାନେ ମଧ୍ୟ ଫସୁଛନ୍ତି। କାର୍ ଚାଳକଙ୍କୁ ହେଲମେଟ୍ ▶ପୃଷ୍ଠା-୭

# ୪ ଦିନରେ ୪ ଡିଗ୍ରୀ ବଢ଼ିବ ତାପମାତ୍ରା

■ ଭୁବନେଶ୍ୱର, ୧୮ ।୧ (ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରାରେ ବୃଦ୍ଧି ଘଟିଛି। ଫଳରେ ପୂର୍ବାପେକ୍ଷା ଶୀତର ପ୍ରଭାବ ହ୍ରାସ ହୋଇଛି। ଆଗାମୀ ଦିନରେ ତାପମାତ୍ରା ଆହୁରି ବଢ଼ିବାକୁ ଥିବାରୁ ଶୀତର ପ୍ରଭାବ କମିବା ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୪ ଦିନ ମଧ୍ୟରେ ତାପମାତ୍ରାରେ ୪ ଡିଗ୍ରୀ ବୃଦ୍ଧି ପାଇବ। ଫଳରେ ଆଗକୁ ଥଣ୍ଡାର ପ୍ରଭାବ ହ୍ରାସ ହେବ।

ଶୀତର ପ୍ରଭାବ କମିବାର ମୁଖ୍ୟ କାରଣ ଭାବେ ପଶ୍ଚିମାଝଡ଼କୁ ବିବେଚନା କରାଯାଉଛି। ରାଜ୍ୟ ଉପରେ କ୍ରମାଗତ ଭାବେ ଦୁଇଟି ପଶ୍ଚିମା ଝଡ଼ର ପ୍ରଭାବ ପଡ଼ିବ। ୧୯ ତାରିଖ ଓ ୨୧ ତାରିଖରେ ଉତ୍ତରପଶ୍ଚିମ ଭାରତକୁ ପଶ୍ଚିମାଝଡ଼ ଅତିକ୍ରମ କରି ଓଡ଼ିଶା ଉପରେ ପ୍ରଭାବ ପକାଇବ। ପଶ୍ଚିମାଝଡ଼ ଯୋଗୁଁ ରାଜ୍ୟକୁ ପ୍ରଚୁର ମାତ୍ରାରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହିତ ହେବ। ଏହା ତାପମାତ୍ରା ବୃଦ୍ଧିରେ ସହାୟକ ହେବ। ଆଗାମୀ ୨୪ଘଣ୍ଟା ପରେ ଦେଶର ପୂର୍ବ ଭାଗରେରେ ରାତିର ତାପମାତ୍ରା ୩ ରୁ ୫ ଡିଗ୍ରୀ ଯାଏଁ ବୃଦ୍ଧି ହେବା ନେଇ ଆକଳନ କରାଯାଉଥିବା ବେଳେ ଓଡ଼ିଶାରେ ମଧ୍ୟ ସମାନ ସ୍ଥିତି ସୃଷ୍ଟି ହେବ ବୋଲି ଆକଳନ କରାଯାଉଛି। ଗତ ୨୪ ଘଣ୍ଟାରେ ରାଉରକେଲାରେ ତାପମାତ୍ରା ୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଝାରସୁଗୁଡ଼ାରେ ୬.୮, କେନ୍ଦୁଝର ୯.୨, ଭୁବନେଶ୍ୱର ୧୦.୯, ସମ୍ବଲପୁର ୧୧.୨, ହୀରାକୁଦ ୧୧.୬, ପାରାଦ୍ୱୀପ ୧୩ ଓ ଚାନ୍ଦବାଲିରେ ତାପମାତ୍ରା ୧୩.୫ ଡିଗ୍ରୀ ରେକର୍ଡ ହୋଇଛି। ଅନ୍ୟପଟେ ଶୀତର ପ୍ରଭାବ କମିବା ନେଇ ସମ୍ଭାବନା ସୃଷ୍ଟି ହେବା ▶ପୃଷ୍ଠା-୭






# ଟ୍ରମ୍ପଙ୍କୁ ଗ୍ରୀନଲାଣ୍ଡରେ ବିରୋଧ

■ ନୁକ, ୧୮।୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବଳ ଏବଂ ଅର୍ଥ ପ୍ରୟୋଗ କରି ଗ୍ରୀନଲାଣ୍ଡଙ୍କୁ କବ୍‌ଜା କରିବାକୁ ଚାହୁଁଛନ୍ତି। ଏଥିପାଇଁ ସେ ବାରମ୍ବାର ଗ୍ରୀନଲାଣ୍ଡ ଏବଂ ଡେନମାର୍କକୁ ଧମକ ଦେଇ ଆସୁଛନ୍ତି। ଏହି ଯୋଜନାକୁ ବିରୋଧ କରୁଥିବା ଦେଶ ଉପରେ ୧୦ ପ୍ରତିଶତ ଲେଖାଏଁ ଶୁଳ୍କ ଲଗାଇଛନ୍ତି। ଟ୍ରମ୍ପଙ୍କ ଏଭଳି ଏକଛତ୍ରନୀତିକୁ ବିରୋଧ କରି ଗ୍ରୀନଲାଣ୍ଡରେ ବଡ଼ଧରଣର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇଛନ୍ତି। ସେମାନେ ଟ୍ରମ୍ପଙ୍କ ବୟାନକୁ ତୀବ୍ର ସମାଲୋଚନା କରିଛନ୍ତି। ଗ୍ରୀନଲାଣ୍ଡ ବିକ୍ରି ପାଇଁ ଉପଲବ୍ଧ ନାହିଁ ବୋଲି କହିଛନ୍ତି। ଏହାକୁ ଦେଶର ବଡ଼ ବିକ୍ଷୋଭ ପ୍ରଦର୍ଶନ କୁହାଯାଉଛି। ବରଫ ଆଚ୍ଛାଦିତ ରାସ୍ତାରେ ଗ୍ରୀନଲାଣ୍ଡବାସୀ ବିକ୍ଷୋଭ କରିଛନ୍ତି। ଆମେରିକା ରାଷ୍ଟ୍ରପତିଙ୍କ ଚାପକୁ ପ୍ରତ୍ୟାଖାନ କରିଛନ୍ତି। ଆମେରିକା ଗ୍ରୀନଲାଣ୍ଡରୁ ପଳାଉ ବୋଲି କହିଛନ୍ତି। ଏହା ସହିତ ଲୋକେ ସହର କେନ୍ଦ୍ରରୁ ଆମେରିକାର ବାଣିଜ୍ୟିକ ଦୂତାବାସ ପର୍ଯ୍ୟନ୍ତ ପଦଯାତ୍ରା ବାହାର କରିଥିଲେ। ଲୋକମାନେ ଗ୍ରିନଲାଣ୍ଡିକ୍ ଭାଷାରେ ସ୍ଲୋଗାନ ଦେଇଥିଲେ। ଏହି ପଦଯାତ୍ରା ନୁକ୍ ଜନସଂଖ୍ୟାର ପ୍ରାୟ ଏକ ଚତୁର୍ଥାଂଶ ଲୋକ ସାମିଲ ହୋଇଥିଲେ। ଗ୍ରିନଲାଣ୍ଡର ▶ପୃଷ୍ଠା-୭

### ଅଟକିବ ଇୟୁ-ଆମେରିକା ବାଣିଜ୍ୟ ଚୁକ୍ତି

ୟୁରୋପୀୟ ଦେଶଗୁଡ଼ିକ ଗ୍ରୀନଲ୍ୟାଣ୍ଡ ଉପରେ ଆମେରିକାର ଦଖଲକୁ ନିରନ୍ତର ବିରୋଧ କରୁଛନ୍ତି। ଏହି ବିରୋଧକୁ ପ୍ରଶମିତ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚାପ ପ୍ରୟୋଗ କରିବାରେ ଲାଗିପଡିଛନ୍ତି। ଏହାର ପ୍ରଭାବ ଇୟୁ-ଆମେରିକା ବାଣିଜ୍ୟ ଚୁକ୍ତି ଉପରେ ପଡିବାକୁ ଯାଉଛି। କୁହାଯାଉଛି ଯେ ୟୁରୋପୀୟ ସଂଘ(ଇୟୁ)ର ଆଇନ ପ୍ରଣୟନକାରୀମାନେ ଆମେରିକା ସହିତ ସ୍ୱାକ୍ଷରିତ ବାଣିଜ୍ୟ ଚୁକ୍ତିକୁ ଅବରୋଧ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହା ମଧ୍ୟ ଗ୍ରୀନଲ୍ୟାଣ୍ଡ ଉପରେ ଆମେରିକାର ନିୟନ୍ତ୍ରଣକୁ ବିରୋଧ କରି କରାଯାଉଛି।




ଇରାନ ବିକ୍ଷୋଭକାରୀଙ୍କ ଟିପ୍ପଣୀ

# ଧୋକା ଦେଲେ ମିଛୁଆ ଟ୍ରମ୍ପ

ତେହରାନ, ୧୮।୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ୍ ବିକ୍ଷୋଭକାରୀଙ୍କୁ ବଡ଼ ଧୋକା ଦେଇଛନ୍ତି। ସର୍ବାଧିକ ଆବଶ୍ୟକତା ଥିବା ସମୟରେ ହାତ ଛାଡ଼ି ଦେଇଛନ୍ତି। ସହାୟତା କରିବା ବଦଳରେ ମୃତ୍ୟୁର କାରଣ ପାଲଟି ବିଶ୍ୱାସଘାତ କରିଛନ୍ତି। ଆନ୍ଦୋଳନକୁ ଉସୁକାଇ ସହାୟତା ଦେବାରେ ପଛଘୁଞ୍ଚା ଦେଇଛନ୍ତି। ଟ୍ରମ୍ପ ପୁଣି ନିଜ ପ୍ରତିଶ୍ରୁତି ପୂରଣ କରିନାହାନ୍ତି। ସେ ନିଜ ଆଭିମୁଖ୍ୟ ବଦଳାଇ ଆମକୁ ବୋକା ବନାଇ ଦେଇଛନ୍ତି। ଏଥିପାଇଁ ଠକାମିର ଶିକାର ହୋଇଥିବା ଭଳି ଅନୁଭବ କରୁଛୁ। ଇରାନରେ ସରକାର ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଇଥିବା ବ୍ୟକ୍ତି କ୍ଷୋଭର ସହ ଏହି ଟିପ୍ପଣୀ ଦେଇଛନ୍ତି। ଇରାନ ଛାଡ଼ି ପଳାଇ ଥିବା ଅନ୍ୟ ଜଣେ ବ୍ୟକ୍ତି କହିଛନ୍ତି ଯେ ଟ୍ରମ୍ପ ଯାହା କହିଥିଲେ ଏବଂ ଯାହା କରିଥିଲେ ତାହା ମଧ୍ୟରେ ବହୁତ ବଡ଼ ପାର୍ଥକ୍ୟ ରହିଛି। ଜଣେ ଇରାନ ଅଧିକାରୀ ଅଧିକ ହତ୍ୟା ନ କରିବାକୁ ପ୍ରତିଶ୍ରୁତି ଦେଇଥିବା ଟ୍ରମ୍ପ ଆମକୁ କହିଥିଲେ। ଏହା ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ଟ୍ରମ୍ପଙ୍କ ଟିପ୍ପଣୀ ପାଇଁ ଲୋକଙ୍କ ମଧ୍ୟରେ ନୂଆ ଆଶା ସଞ୍ଚାର ହୋଇଥିଲା। ସେମାନେ ଜୀବନ ବିପଦରେ ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମାତ୍ର ସର୍ବାଧିକ ଆବଶ୍ୟକତା ଥିବା ସମୟରେ ଆମେରିକା ସମର୍ଥନ ଦେଇ ନ ଥିଲା। ଟ୍ରମ୍ପଙ୍କ କଥା ଓ କାମରେ ବହୁ ଫରକ୍ ରହିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।

ଇରାନରେ ଦରଦାମ ବୃଦ୍ଧିକୁ ନେଇ ବିକ୍ଷୋଭ ଆରମ୍ଭ ହେବା ପରେ ଟ୍ରମ୍ପ ଆନ୍ଦୋଳନକାରୀଙ୍କୁ ଉତ୍ସାହିତ କରିବା ସହିତ ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲ ଖାମନେଇଙ୍କୁ ଚେତାବନୀ ଦେଇଥିଲେ। ସହାୟତା ଆସୁଛି, ମାଡ଼ି ଚାଲ ବୋଲି ଟ୍ରମ୍ପ ଘୋଷଣା କରିଥିଲେ। ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ କରୁଥିବା ଲୋକଙ୍କ କ୍ଷତି କଲେ ଆମେରିକା କଡ଼ା କାର୍ଯ୍ୟାନୁଷ୍ଠାନ ନେବ ବୋଲି ଇରାନ ସରକାରଙ୍କୁ ଚେତାବନୀ ଦେଇଥିଲେ। ଇରାନବାସୀ ଏହାକୁ ସତ ଭାବି ପୁଣି ରାସ୍ତାକୁ ଓହ୍ଲାଇଲେ। ମାତ୍ର ଇରାନ ସରକାର ଏହାକୁ ଦମନ ପାଇଁ କଠୋର ରଣନୀତି ଆପଣାଇ ଗୁଳି ମାଡ଼ କରିଥିଲେ। ଇଣ୍ଟରନେଟ

## ଆବଶ୍ୟକତା ବେଳେ ହାତ ଛାଡ଼ିଦେଲେ

## ଆନ୍ଦୋଳନ ପାଇଁ ଉସୁକାଇ ସହାୟତା ଦେବାକୁ ମନା କରିଦେଲେ

ବନ୍ଦ କରି ଭଡ଼ାଟିଆ ସେନା ଆଣି ନରସଂହାର କରିଥିଲେ। ଏହା ପରେ ପେଣ୍ଟାଗନ କିଛି ଅଣ-ଅତ୍ୟାବଶ୍ୟକ କର୍ମଚାରୀଙ୍କୁ ମଧ୍ୟପ୍ରାଚ୍ୟରେ ଥିବା ଏକ ପ୍ରମୁଖ ଆମେରିକୀୟ ଘାଟି ଛାଡିବା ପାଇଁ ନିର୍ଦ୍ଦେଶ ଦେଇଥିଲା। ଆମେରିକା ଯୁଦ୍ଧ ଜାହାଜ ଇରାନ ଅଭିମୁଖେ ବଢୁଥିବା କୁହାଯାଇଥିଲା। ଏହି ଖବରକୁ ଆମେରିକାର ଯୁଦ୍ଧ ପ୍ରସ୍ତୁତି କୁହାଯାଉଥିଲା। ମାତ୍ର କିଛି



ସମୟ ମଧ୍ୟରେ ସ୍ଥିତି ଓଲଟି ଯାଇଥିଲା। ଇରାନର ସରକାର ତାଙ୍କୁ ହତ୍ୟା ଓ ମୃତ୍ୟୁଦଣ୍ଡ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିବା ଟ୍ରମ୍ପ ଘୋଷଣା କରିଥିଲେ। ଆମେରିକୀୟ ସାମରିକ କାର୍ଯ୍ୟାନୁଷ୍ଠାନ ଆଉ ଆଗକୁ ବଢ଼ିବ ନାହିଁ ବୋଲି ସଙ୍କେତ ଦେଇଥିଲେ। ଏହା ଆନ୍ଦୋଳନକାରୀଙ୍କ ପାଇଁ କାଳ ପାଲଟି ଯାଇଥିଲା। ଇରାନ ସେନା ଗୁଳିରେ ଜୀବନକୁ ବାଜି ଲଗାଇ ଆନ୍ଦୋଳନ କରୁଥିବା ୧୫,୦୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏଥିପାଇଁ ଟ୍ରମ୍ପ ଦାୟୀ ବୋଲି ପ୍ରଦଶନକାରୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ବିକ୍ଷୋଭକାରୀ ଆମେରିକା ବିରୋଧରେ ଗମ୍ଭୀର ଅଭିଯୋଗ ଲଗାଇଛନ୍ତି। ଇରାନ ସହ ଆମେରିକା ଚୁକ୍ତି କରି ନେଇଥିବା ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟ ଜଣେ ଆନ୍ଦୋଳନକାରୀ କହିଛନ୍ତି ଯେ ଟ୍ରମ୍ପ ଆମକୁ ବଳିବୋଦା ଭଳି ବ୍ୟବହାର କରିଛନ୍ତି। ସେ ପାଦତଳୁ ମାଟି ଖସାଇ ଦେଇଛନ୍ତି। ବିକ୍ଷୋଭକାରୀଙ୍କ ବିଷୟରେ ଚିନ୍ତା କରୁଥିବା ନେଇ ଟ୍ରମ୍ପ ମିଛ କହିଥିଲେ ବୋଲି ପ୍ରଦର୍ଶନକାରୀ ଅଭିଯୋଗ ଆଣିଛନ୍ତି। ଏବେ ଟ୍ରମ୍ପ ଇରାନ ବାସୀଙ୍କୁ ବିଶ୍ୱାସ ହରାଇ ଦେଇଛନ୍ତି।

## ଆଇଆର୍‌ଜିସି ସମ୍ପର୍କରେ ସୂଚନା ଦେଲେ ପୁରସ୍କାର: ଟ୍ରମ୍ପ



ୱାସିଂଟନ, ୧୮।୧ (ଏଜେନ୍ସି): ଇରାନ ଆନ୍ଦୋଳନକାରୀଙ୍କ ବିଶ୍ୱାସ ହରାଇବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନୂଆ ପଇଁତରା ମାରିଛନ୍ତି। ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆର୍‌ଜିସି)କୁ ଦୁର୍ବଳ କରିବା ପାଇଁ କୂଟନୈତିକ ପଦକ୍ଷେପ ନେଇଛନ୍ତି। ଆଇଆରଜିସି ବିଷୟରେ ସୂଚନା ଦେଲେ ବିପୁଳ ପୁରସ୍କାର ଦିଆଯିବ ବୋଲି ଘୋଷଣା କରିଛନ୍ତି। ଇରାନ ନାଗରିକଙ୍କୁ ଆଇଆର୍‌ଜିସିର ଅର୍ଥନୈତିକ ନେଟୱର୍କ ଓ ଗୁପ୍ତ କାର୍ଯ୍ୟକଳାପ ସମ୍ପର୍କରେ ସଠିକ୍ ସୂଚନା ପ୍ରଦାନକରିବାକୁ ଆମେରିକା ଅନୁରୋଧ କରିଛି। ଇରାନ ସରକାର ନିଜର ସାମରିକ ଶକ୍ତି ଓ ଦମନମୂଳକ ନୀତି ପାଇଁ ଲୋକଙ୍କ କୋଟି କୋଟି ଡଲାରର ଅର୍ଥ ଖର୍ଚ୍ଚ କରୁଛନ୍ତି। ଆମେରିକା ପକ୍ଷରୁ କୁହାଯାଇଛି ଯେ ଆଇଆର୍‌ଜିସିର ଆର୍ଥିକ ଉତ୍ସ ଓ ଏହାର କାର୍ଯ୍ୟକଳାପ ସୂଚନା ଦେଲେ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଆଇଆର୍‌ଜିସିର ଆର୍ଥିକ ସମ୍ବଳକୁ ରୋକିବା ଏହାର ଉଦ୍ଦେଶ୍ୟ। ହିଂସାକୁ ଜାରି ରଖିବା ଓ କ୍ଷମତା ବଜାୟ ରଖିବାକୁ ଏହି ଅର୍ଥ ବ୍ୟବହାର କରାଯାଉଛି। ଏହି ସୂଚନା ଦେଉଥିବା ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସୁରକ୍ଷିତ ସ୍ଥାନକୁ ନିଆଯିବ ବୋଲି ଆମେରିକା ପ୍ରତିଶ୍ରୁତି ଦେଇଛି।


# ଇରାନ ସରକାର କିଛି ସମୟର ଅତିଥି: ଟ୍ରମ୍ପ

ତେହରାନ, ୧୮।୧ (ଏଜେନ୍ସି): ସରକାର ବିରୋଧୀ ବିକ୍ଷୋଭରେ ହଜାର ହଜାର ଲୋକଙ୍କ ଜୀବନ ଯାଇଛି ବୋଲି ଇରାନର ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲ ଖାମନେଇ ପ୍ରଥମ ଥର ପାଇଁ ସ୍ୱୀକାର କରିଥିଲେ । ସେ ଏହି ମୃତ୍ୟୁ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ

## ମୃତଦେହ ମଧ୍ୟରୁ ଝିଅକୁ ଖୋଜିଲେ ପରିବାର

ଦାୟୀ କରିଥିଲେ। ଇରାନୀ ନାଗରିକଙ୍କ ମୃତ୍ୟୁରେ ଟ୍ରମ୍ପଙ୍କ ହାତ ରକ୍ତରଞ୍ଜିତ ବୋଲି କହିଥିଲେ। ଏବେ ଟ୍ରମ୍ପ ଏହାର ଜବାବ ଦେଇଛନ୍ତି। ଇରାନୀ ସରକାର କିଛି ଦିନର ଅତିଥି ବୋଲି କହିଛନ୍ତି। ନୂତନ ନେତୃତ୍ୱ ଖୋଜିବାର ସମୟ ଆସି ଯାଇଥିବା ଉଲ୍ଲେଖ କରିଛନ୍ତି।

ଅନ୍ୟପଟେ ଇରାନରୁ ହୃଦୟ ବିଦାରକ ଦୃଶ୍ୟ ସାମ୍ନାକୁ ଆସିଛି। ଦେଶରେ ବିଭିନ୍ନ ସ୍ଥାନରେ ସରକାରଙ୍କ ଗୁଳିରେ ପ୍ରାଣ ହରାଇଥିବା ଆନ୍ଦୋଳନକାରୀଙ୍କ ମୃତଦେହ ପଡ଼ି ରହିଛି। ସରକାରଙ୍କ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ଲାଗି ପରିବାର ସଦସ୍ୟ ଲୁଚି ଲୁଚି ନିଜ ସମ୍ପର୍କୀୟଙ୍କ ମୃତଦେହ ନେଇ ଯାଉଛନ୍ତି। ଗତ ୮ ତାରିଖରେ ଇରାନ ସେନା ଗୁଳିରେ ଫ୍ୟାସନ ଡିଜାଇନ ପଢୁଥିବା ରୁବିନା ଅମିନିୟମ (୨୩) ଙ୍କୁ ଗୁଳି ମାରି ହତ୍ୟା କରିଥିଲା। ଏବେ ତାଙ୍କ ମାଆ ମୃତଦେହ ମଧ୍ୟରୁ ଝିଅକୁ ଖୋଜି ନେଇଛନ୍ତି। ରିପୋର୍ଟ ଅନୁଯାୟୀ, ଛାତ୍ରୀ ରୁବିନାଙ୍କ ମୁଣ୍ଡ ପଛରେ ଗୁଳି ବାଜି ଥିଲା। ମୃତ୍ୟୁର ଗୋଟିଏ ସପ୍ତାହ ପରେ ମଧ ତାଙ୍କ ପରିବାର ରୀତିନୀତି ଅନୁଯାୟୀ ଅନ୍ତିମ ସଂସ୍କାର କରିନାହାନ୍ତି।



ସୁରକ୍ଷାବାହିନୀ ଠାରୁ ରକ୍ଷା ପାଇବା ପାଇଁ ତାଙ୍କ ଶରୀରକୁ ଗୁପ୍ତ ଭାବରେ ରାସ୍ତା କଡ଼ରେ ପୋତି ଦିଆଯାଇଥିଲା। ଘଟଣା ସମୟରେ ରୁବିନାଙ୍କ ମାଆ ତେହେରାନରୁ ପ୍ରାୟ ୪୬୦ କିମି ଦୂର କେରମାନଶାହ ସହରରେ ଥିଲେ। ବନ୍ଧୁମାନେ ରୁବିନାଙ୍କ ମାଆଙ୍କୁ ଫୋନ୍ କରି ଏହି ଖବର ଦେଇଥିଲେ। ଗତ ୮ ତାରିଖରେ କଲେଜରୁ ଘରକୁ ଫେରୁଥିବା ସମୟରେ ଏକ ପ୍ରତିବାଦ ଦେଖି ରୁବିନା ସେଥିରେ ଯୋଗ ଦେଇଥିଲେ। ଇରାନୀ ଏଜେଣ୍ଟମାନେ ପ୍ରତିବାଦକାରୀଙ୍କୁ ଘଉଡ଼ାଇବା ପାଇଁ ରାଇଫଲ୍ ଏବଂ ବନ୍ଧୁକ ବ୍ୟବହାର କରୁଥିଲେ। ଏହି ସମୟରେ ସୁରକ୍ଷା ବାହିନୀର ଏକ ଗୁଳି ରୁବିନାଙ୍କ ମୁଣ୍ଡରେ ବାଜିଥିଲା।

କାଳ ପାଲଟିଲା କୁହୁଡ଼ି

# କାର୍ ସହିତ ଡ୍ରେନ୍‌କୁ ଖସି ସଫ୍ଟୱେୟାର ଇଞ୍ଜିନିୟର ମୃତ

ନୋଏଡ଼ା, ୧୮।୧ (ଏଜେନ୍ସି): ଉତ୍ତର ପ୍ରଦେଶ ନୋଏଡ଼ାରେ ଘନ କୁହୁଡ଼ି ଜଣେ ସଫ୍ଟୱେୟାର ଇଞ୍ଜିନିୟରଙ୍କ ଜୀବନ ନେଇଛି। କାର୍ ସମେତ ଡ୍ରେନ୍‌କୁ ଖସି ସେ ପ୍ରାଣ ହରାଇଛନ୍ତି। ଗାଡ଼ି ଦଳକୁ ଖସି ପଡ଼ିବା ପରେ ସେ ୮୦ ମିନିଟ ପର୍ଯ୍ୟନ୍ତ ବାପାଙ୍କ ସହ ଫୋନ୍ କରି କଥା ହୋଇଥିଲେ। ବାପା ମୋତେ ବଞ୍ଚାଇ ଦିଅ, ମୁଁ ମରିବାକୁ ଚାହେଁନି ବୋଲି କହିଥିଲେ। କିନ୍ତୁ ଘଟଣାସ୍ଥଳରେ ଆସି ବାପା ପହଞ୍ଚି ଥିଲେ ବି ପୁଅର ଜୀବନ ବଞ୍ଚାଇବାରେ ଅସମର୍ଥ ହୋଇଥିଲେ। ସମସ୍ତ ପ୍ରୟାସ କରିବେ ବିଫଳ ହୋଇଥିଲା। ଶେଷରେ କାର୍ ସମେତ ୩୦ ଫୁଟ ଦଳ ଭିତରେ ବୁଡ଼ି ପୁଅ ପ୍ରାଣ ହରାଇଥିଲେ।

ସୂଚନା ଅନୁଯାୟୀ, ସଫ୍ଟୱାର ଇଞ୍ଜିନିୟର ଯୁବରାଜ ମେହେଟା ତାଙ୍କ ଗ୍ରାଣ୍ଡ ଭିଟାରା କାରରେ ଶୁକ୍ରବାର ବିଳମ୍ବିତ ରାତିରେ ଏଟିଏସ ଲେ ଗ୍ରାଣ୍ଡ ନିକଟରେ ଡ୍ରେନ୍ କାନ୍ଥ ଭାଙ୍ଗି ପାଣିରେ ଭର୍ତ୍ତି ୩୦ ଫୁଟ ଗଭୀର ଜଳଖାଲକୁ ଖସି ପଡ଼ିଥିଲା। କାର ଖାତରେ ପଡ଼ିବା ମାତ୍ରେ ଏହା ବୁଡ଼ିବାକୁ ଲାଗିଲା। ଯୁବରାଜ କୌଣସି ପ୍ରକାରରେ ବାହାରି ଆସି କାର୍ ଉପରକୁ ଉଠିଗଲେ। ସେ ଫୋନ୍ କରିବା ପରେ ତାଙ୍କ ବାପା ଘଟଣାସ୍ଥଳରେ ପହଞ୍ଚିଲେ। ଇନ୍ସପେକ୍ଟର ସର୍ବେଶ ସିଂହ, ଅଗ୍ନିଶମ ବାହିନୀ କ୍ରେନ୍ ସହିତ ପହଞ୍ଚି ଥିଲା। ଯୁବରାଜଙ୍କ ବାପା ଏବଂ ଅନ୍ୟ ପୌରସ ତାଙ୍କଠାରୁ କିଛି ମିଟର ଦୂରରେ ଥିଲେ ବି କୁହୁଡ଼ି ଯୋଗୁଁ ପରସ୍ପରକୁ ଦେଖିପାରି ନ ଥିଲେ। ସେ ନିଜ ମୋବାଇଲ୍ ଟର୍ଚ୍ଚଲାଇଟ୍ ଚାଲୁ କରି ଚିତ୍କାର କରିକଲେ, 'ବାପା ମୋତେ ବଞ୍ଚାଅ, କାର ବୁଡ଼ି ଯାଉଛି।' ମାତ୍ର କିଛି ସମୟ ପରେ ତାଙ୍କ ସ୍ୱର ଆସିବା ବନ୍ଦ ହୋଇଗଲା।

ପୌର ନିର୍ବାଚନକୁ ନେଇ ମହାରାଷ୍ଟ୍ର ମହିଳାଙ୍କ ଦାବି

# ଭୋଟ ଦେବାକୁ ଅନ୍ୟ ଜିଲ୍ଲାକୁ ନିଆଯାଇଥିଲା

ମୁମ୍ବାଇ, ୧୮।୧ (ଏଜେନ୍ସି): ବିରୋଧୀଙ୍କ ଭୋଟ ଚୋରି ଅଭିଯୋଗ ମଧ୍ୟରେ ମହାରାଷ୍ଟ୍ର ବିଡ଼ ଜିଲ୍ଲାର ଜଣେ ମହିଳା ବଡ଼ ଦାବି କରିଛନ୍ତି। ନିକଟରେ ଶେଷ ହୋଇଥିବା ନିର୍ବାଚନରେ ଭୋଟ ଦେବା ପାଇଁ ତାଙ୍କ ସମେତ ଅନ୍ୟ ମହିଳାଙ୍କୁ ଅନ୍ୟ ଜିଲ୍ଲାକୁ ନିଆଯାଇଥିଲା ବୋଲି ସେ କହିଛନ୍ତି। ଗତ ୧୫ ତାରିଖରେ ନିର୍ବାଚନ ଦିନ ୪ଟି ବସ୍‌ରେ ମହିଳାଙ୍କୁ ପିମ୍ପରି-ଚିଞ୍ଚୱାଡ ନିଆଯାଇଥିଲା। ସେଠାରେ ସେମାନେ ଭୋଟ ଦେଇଥିଲେ। ମହିଳା କହିଛନ୍ତି ଯେ ସେ ବିଡ଼ ଗେଭରାଇ ବ୍ଲକର ବାସିନ୍ଦା। ସେ ଭୋଟ୍ ପ୍ରକ୍ରିୟା ବିଷୟରେ ଅଜ୍ଞ ଥିଲେ। ପୁନେ ଜିଲ୍ଲାର ଜେଜୁରିର ଖଣ୍ଡୋବା ମନ୍ଦିରରେ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ବୈଠକ ହେବାକୁ ଯାଉଛି ବୋଲି ତାଙ୍କୁ କୁହାଯାଇଥିଲା। ତେଣୁ ମହିଳାମାନେ ଏକ ବସ୍ ଚଢ଼ି ସେଠାକୁ ଯାଇଥିଲେ। ଶନିବାର ମହିଳା ଏନେଇ ବିଡ଼ ଏସ୍ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ଏସ୍ପି କହିଛନ୍ତି। ମହିଳା କହିଥିଲେ ଯେ ଏହି ଘଟଣା ପଛରେ ଆଉ ଜଣେ ମହିଳା ଅଛନ୍ତି। ସେ ଅଭିଯୁକ୍ତ ମହିଳାଙ୍କ ବିରୋଧରେ ଠକେଇ ପାଇଁ ଏଫଆଇଆର ରୁଜୁ କରିବାକୁ ଦାବି କରିଛନ୍ତି। ଅଭିଯୁକ୍ତ ମହିଳା ତାଙ୍କୁ ଏକ ନିର୍ଦ୍ଦିଷ୍ଟ ଦଳକୁ ଭୋଟ୍ ଦେବାକୁ କହିଥିଲେ। ପିମ୍ପରି-ଚିଞ୍ଚୱାଡରେ ଭୋଟ ଦେବା ପରେ ପୁଲିସ ତାଙ୍କୁ ଗିରଫ କରିଥିଲା। ମାତ୍ର ସନ୍ଧ୍ୟା ୬ଟା ପରେ ଛାଡ଼ି ଦେଇଥିଲା।

ମହାଯୁତିରେ ମହା ଫାଟ

# ଅଢ଼େଇ ବର୍ଷ ପାଇଁ ମେୟର ପଦ ଚାହୁଁଛନ୍ତି ସିନ୍ଦେ

## ମୁମ୍ବାଇ ମହାନଗରନିଗମର ୨୯ ନବନିର୍ବାଚିତ କାଉନ୍ସିଲରଙ୍କ ଗୋପନବାସ

ମୁମ୍ବାଇ, ୧୮।୧ (ଏଜେନ୍ସି): ମହାରାଷ୍ଟ୍ର ପୌର ନିର୍ବାଚନ ପରେ ପୁଣି ମହାନାଟକ ଆରମ୍ଭ ହୋଇଯାଇଛି। ବିଧାନସଭା ନିର୍ବାଚନରେ ବିଜୟୀ ହେବା ପରେ ଏନଡିଏ ମେଣରେ ଆସନ ହୋଇଥିବା କ୍ଷମତା ଖେଳଓଡ଼ା ଆଧାରରେ ପୁନରାବୃତ୍ତି ଘଟିଛି। ସରକାରୀ ମେଣ୍ଟ ମହାଯୁତିରେ ଭାଗବଣ୍ଟାକୁ ନେଇ ଅଡୁଆ ଲାଗି ରହିଛି। ଏପରି ସମୟରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ତଥା ଶିବସେନା ନେତା ଏକନାଥ ସିନ୍ଦେ ନିଜ ଦଳର ୨୯ କାଉନସିଲରଙ୍କୁ ବାନ୍ଦ୍ରାସ୍ଥିତ ହୋଟେଲରେ ହୋଟେଲ ତାଜ୍ ଲ୍ୟାଣ୍ଡସ ଏଣ୍ଡରେ ନେଇ ରଖିଛନ୍ତି। ଏଠାରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଉଛି। ମୁମ୍ବାଇର ବିଏମସି ମେୟର ପଦକୁ ନେଇ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ବିଜେପି ମୁମ୍ବାଇରେ ସବୁଠାରୁ ବଡ଼ ଦଳ ଭାବେ ଉଭା ହୋଇଛି। ପ୍ରଥମ ଥର ପାଇଁ ଏହି ଦଳ ମୁମ୍ବାଇ ମେୟର ପାଇବାକୁ ଯାଉଛି। କିନ୍ତୁ ନିଜ ମେଣ୍ଟରେ ସାମିଲ ଏକନାଥ ସିନ୍ଦେଙ୍କ ଶିବସେନା ଏଥିରେ କଣ୍ଟା ସୃଷ୍ଟି କରିଛି। ଏହି ଦଳ ଅଢ଼େଇ ବର୍ଷ ପାଇଁ ବିଏମସି ମେୟର ପଦ ଚାହୁଁଛି। ଶିବସେନା ଏଥିପାଇଁ ବାଲ୍ ଠାକରେଙ୍କ ଜନ୍ମ ଶତବାର୍ଷିକୀକୁ ଦୃଷ୍ଟି ଦେଉଛି। ଚଳିତ ବର୍ଷ ଠାକରେଙ୍କ ଏହି ଜୟନ୍ତୀକୁ ଶ୍ରଦ୍ଧାର ପ୍ରତୀକ ଭାବେ ପାଳନ କରିବାକୁ ଚାହୁଁଛି। ତେଣୁ ବିଜେପିକୁ ମେୟର ପଦ ମାଗୁଛି। ବିଜେପିକୁ ଛୁଆଁ ହେଉଥିବାରୁ ମାମଲା ଫସି ରହିଛି।

ଅନ୍ୟପଟେ ଉଦ୍ଧବ ଗୋଷ୍ଠୀର ଶିବସେନା ବଡ଼ ଦାବି କରିଛି। ଭଗବାନ ଚାହିଁଲେ ଦଳର ପ୍ରାର୍ଥୀ ମେୟର ହୋଇପାରନ୍ତି ବୋଲି କୁହାଯାଇଛି। ଶିବସେନା ଏପରି କହି ସଂଶୟକୁ ବଢ଼ାଇ ଦେଇଛି। ବିରୋଧୀ ଏକାଠି ହୋଇଗଲେ ବିଜେପି ମେଣ୍ଟ ପାଇଁ ସମସ୍ୟା ସୃଷ୍ଟି ହୋଇପାରେ ବୋଲି କୁହାଯାଉଛି। ଶିବସେନା ସାଂସଦ ସଞ୍ଜୟ ରାଉତ କହିଛନ୍ତି ଯେ ଏକନାଥ ସିନ୍ଦେ ତାଙ୍କ ହୋଟେଲକୁ ଯେଉଁଥିରେ ଜେଲ୍ କରିଦେଇଛନ୍ତି। ନବନିର୍ବାଚିତ କାଉନସିଲରଙ୍କୁ ଏଠାରେ ବନ୍ଦୀ କରି ରଖାଯାଇଛି। ହୋଟେଲ ତାଲା ଭାଙ୍ଗି କାଉନସିଲରଙ୍କୁ ମୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୁଲିସକୁ ନିର୍ଦ୍ଦେଶ ଦେବା ଉଚିତ।



ବିଜେପିରୁ ମେୟର ହୁଅନ୍ତୁ ବୋଲି ଚାହୁଁନାହାନ୍ତି ଉପ-ମୁଖ୍ୟମନ୍ତ୍ରୀ: ସଞ୍ଜୟ

ଉଦ୍ଧବ ଗୋଷ୍ଠୀରୁ ବି ମେୟର ହୋଇପାରନ୍ତି

ମୁମ୍ବାଇର ୨୨୭ଟି ୱାର୍ଡ ମଧ୍ୟରୁ ବିଜେପି ୮୯ଟି ଏବଂ ସିନ୍ଦେ ଗୋଷ୍ଠୀ ୨୯ଟିରେ ବିଜୟୀ ହୋଇଥିଲା। ୧୧୪ଟି ସଂଖ୍ୟାଗରିଷ୍ଠତା ହାସଲ କରିବା ପାଇଁ ବିଜେପିକୁ ସିନ୍ଦେ ଗୋଷ୍ଠୀର ୨୯ ଜଣ କାଉନସିଲର ଆବଶ୍ୟକ। ଉଦ୍ଧବଙ୍କ ମରାଠୀ କାର୍ଡ ସିନ୍ଦେ ଗୋଷ୍ଠୀର କାଉନସିଲରଙ୍କ ସଂଖ୍ୟାକୁ ସୀମିତ କରି ଦେଇଥିଲା। ଏଭଳି ସ୍ଥିତିରେ ସିନ୍ଦେ ଗୋଷ୍ଠୀ ମେୟର ପଦବୀ ପାଇଁ ଦାବି ଉପସ୍ଥାପନ କରିଛି। ଯଦି ବିଜେପି ଏହି ଦାବି ଗ୍ରହଣ ନ କରେ ତେବେ କ୍ଷମତା ସମୀକରଣ ବଦଳିପାରେ। ଏଥିପାଇଁ ହୋଟେଲରେ ବୈଠକ କରି ଦଳୀୟ ନେତାଙ୍କୁ ଚୟନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସୂତ୍ର ଅନୁଯାୟୀ, ଘୋଡ଼ା ବେପାରକୁ ରୋକିବା ପାଇଁ ହୋଟେଲରେ କାଉନସିଲରଙ୍କୁ ରୋକା ଯାଇଛି। ସମସ୍ତ ୨୯ ଜଣ କାଉନସିଲରଙ୍କୁ ବୁଧବାର ଅପରାହ୍ନ ୩ଟା ପର୍ଯ୍ୟନ୍ତ ହୋଟେଲରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଘଟଣା ୨୦୨୨ରେ ସିନ୍ଦେ ଗୋଷ୍ଠୀ କରିଥିବା ବିଦ୍ରୋହର ସ୍ମୃତିକୁ ତାଜା କରିଦେଉଛି। ସେଥିପାଇଁ ଶିବସେନା ଭାଗ ଭାଗ ହୋଇଯାଇଥିଲା। ଏକନାଥ ସିନ୍ଦେ ୩୯ ଜଣ ବିଧାୟକଙ୍କୁ ଧରି ବିଦ୍ରୋହ କରିଥିଲେ।

ସୋନମ୍ ୱାଙ୍ଗଚୁକ୍‌ଙ୍କ ପତ୍ନୀଙ୍କ ଟିପ୍ପଣୀ

# ଏନ୍‌ଏସ୍‌ଏ ମାମଲାରେ କୌଣସି ଆଧାର ନ ଥିବାରୁ ତାରିଖ ଗଡ଼ାଉଛନ୍ତି ସରକାର



ନୂଆଦିଲ୍ଲୀ, ୧୮।୧ (ଏଜେନ୍ସି): ଲଦାଖ ହିଂସାକୁ ନେଇ ସାମାଜିକ କର୍ମୀ ତଥା ମାଗସେସେ ପୁରସ୍କାର ବିଜେତା ସୋନମ୍ ୱାଙ୍ଗଚୁକ୍ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ବଳରେ ଗିରଫ କରାଯାଇଥିଲା। ଏହାକୁ ନେଇ ସୋନମଙ୍କ ପତ୍ନୀ ଗୀତାଞ୍ଜଳି ଅଙ୍ଗମୋ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଏହି ମାମଲାରେ କୌଣସି ଆଧାର ନ ଥିବାରୁ ସରକାର ତାରିଖ ଗଡ଼ାଇ ଚାଲିଥିବା ସେ ଅଭିଯୋଗ କରିଛନ୍ତି। ଏହା ସହିତ ସ୍ୱାମୀଙ୍କୁ ଜେଲରେ ନିର୍ଯାତନା ଦିଆଯାଉଥିବା ଅଭିଯୋଗ କରିଛନ୍ତି। ସୋନମଙ୍କୁ ଜେଲରେ ତଳେ ଶୋଇବାକୁ ପଡ଼ିଛି। ତାଙ୍କ ପାଖରେ କୌଣସି ଆସବାବପତ୍ର ନାହିଁ। ବାଗାଇ ଜଣେ ଦୁଲିବା ପରି ବି ସ୍ଥାନ ନାହିଁ ସଲିସିଟର ଜେନେରାଲ ତାରିଖ ପରେ ତାରିଖ ମାଗି ଚାଲିଛନ୍ତି। କାରଣ ଏହି ମାମଲାରେ କୌଣସି ଦମ୍ ନ ଥିବା ସେ ଜାଣିଛନ୍ତି। ଗୀତାଞ୍ଜଳି କହିଛନ୍ତି ଯେ ସ୍ୱାମୀଙ୍କ ଗିରଫ ଗିରଫଦାରୀ ଗଣତନ୍ତ୍ର ସ୍ଥିତିକୁ ଦର୍ଶାଉଛି। କେମିତି କ୍ଷମତାର ଅପବ୍ୟବହାର କରି ଲୋକମାନଙ୍କୁ ବେଆଇନ ଭାବେ ଅଟକ ରଖାଯାଉଛି ଏହା ତାହାର ପ୍ରକୃଷ୍ଟ ଉଦାହରଣ। ଏହା କେବଳ ଜଣେ ସୋନମଙ୍କ ପ୍ରସଙ୍ଗ ନୁହେଁ। ୱାଙ୍ଗଚୁକ୍‌ଙ୍କ ଗିରଫକୁ ନେଇ ସମାଜ ତଥା ରାଜନୀତି କ୍ଷେତ୍ରରୁ ଯେଭଳି ଦୃଢ଼ ପ୍ରତିକ୍ରିୟା ଆସିବା କଥା ସେପରି ଆସିନାହିଁ। ଏନ୍‌ଏସ୍‌ଏ ମାମଲାରେ ଅଭିଯୁକ୍ତଙ୍କୁ ୫ରୁ ୧୦ ଦିନ ମଧ୍ୟରେ ସମସ୍ତ କାଗଜପତ୍ର ଯୋଗାଇ ଦେବା କଥା। ମାତ୍ର ସୋନମଙ୍କୁ ଗୁରୁତ୍ୱପୂର୍ଣ୍ଣ ଭିଡିଓ ୨୮ ଦିନରେ ଦେଲେ। ଏହା ଧାରା ୮ ଓ ଧାରା ୧୧ର ଉଲ୍ଲଂଘନ। ଏଥିପାଇଁ ତାଙ୍କୁ ଅଟକ ରଖିବା ନିର୍ଦ୍ଦେଶ ବେଆଇନ।

# ସାନ୍ତ୍ରାଗାଛି-ତାମ୍ବରମ୍ ଅମୃତ ଭାରତ ଏକ୍ସପ୍ରେସର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

କୋଲକାତା, ୧୮।୧ (ଏଜେନ୍ସି):

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ସାନ୍ତ୍ରାଗାଛି (କୋଲକାତା)-ତାମ୍ବରମ୍ (ଚେନ୍ନାଇ) ଅମୃତ ଭାରତ ଏକ୍ସପ୍ରେସ୍ ସେବାର ଶୁଭାରମ୍ଭ କରିଛନ୍ତି। ଆଧୁନିକ, ସୁଲଭ ଏବଂ ଅନ୍ତର୍ଭୁକ୍ତ ରେଳ ସଂଯୋଗୀକରଣ ଦିଗରେ ଏହା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏହି ଟ୍ରେନ୍ ପୂର୍ବ ଭାରତକୁ ଦକ୍ଷିଣ ଭାରତ ସହିତ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ଦୂରଗାମୀ ସେବାର ଶୁଭାରମ୍ଭକୁ ସୂଚିତ କରୁଛି। ଏହା ଦ୍ୱାରା ପଶ୍ଚିମବଙ୍ଗ, ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁକୁ ସଂଯୋଗ କରୁଥିବା ଏକ ଦୃଢ଼ ନୂତନ ରେଳ କରିଡର ପ୍ରତିଷ୍ଠା ହେବ। ଆନ୍ତଃ ଆଞ୍ଚଳିକ ରେଳ ସଂଯୋଗୀକରଣରେ ଉଲ୍ଲେଖନୀୟ ବୃଦ୍ଧି ଘଟିବ। ଏହି ସେବା ଓଡ଼ିଶା ପାଇଁ ବିଶେଷ ଲାଭଦାୟକ ହେବ, କାରଣ ଏହା ଉନ୍ନତ ରେଳ ସମନ୍ୱୟ ମାଧ୍ୟମରେ ଦେଶର ବିଭିନ୍ନ ଅଂଶକୁ ଦ୍ରୁତ ଏବଂ ଅଧିକ ଆରାମଦାୟକ ସେବା ପ୍ରଦାନ କରୁଛି। ଓଡ଼ିଶାର ଲୋକଙ୍କ ପାଇଁ ଏହି ଟ୍ରେନ୍ ପୂର୍ବ ଏବଂ ଦକ୍ଷିଣ ଭାରତର ପ୍ରମୁଖ ସହରାଞ୍ଚଳ, ବାଣିଜ୍ୟିକ, ଶିକ୍ଷାଗତ ଏବଂ ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକୁ ସଂଯୋଗ ଭାବରେ କାର୍ଯ୍ୟ କରିବ। ଏହି ସେବା ଚିକିତ୍ସା, ଶିକ୍ଷା, ନିଯୁକ୍ତି, ପର୍ଯ୍ୟଟନ ଏବଂ ତୀର୍ଥଯାତ୍ରା ପାଇଁ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ବହୁ ଉପଯୋଗୀ ସାବ୍ୟସ୍ତ ହେବ। ବିଶେଷ କରି ଚେନ୍ନାଇ ଏବଂ କୋଲକାତା ଭଳି ସହରଗୁଡ଼ିକୁ ଯୋଗାଯୋଗ ଅଧିକ ମଜଭୁତ ହେବ।



ଅମୃତ ଭାରତ ଏକ୍ସପ୍ରେସ ହେଉଛି ଏକ ଆଧୁନିକ ଏଲ୍‌ଏଚ୍‌ବି ରେକ୍ ଟ୍ରେନ। ଏଥିରେ ଉନ୍ନତ ପୁସ୍-ପୁଲ ପ୍ରଯୁକ୍ତିବିଦ୍ୟା ରହିଛି। ଅଧିକ ବେଗ, ସୁଗମ କାର୍ଯ୍ୟ ଏବଂ ବର୍ଦ୍ଧିତ ଯାତ୍ରୀ ଆରାମ ପ୍ରଦାନ କରେ। ଏହି ଟ୍ରେନରେ ଏରଗୋନୋମିକାଲି ଡିଜାଇନ୍ ହୋଇଥିବା ବର୍ଥ, ମଡ୍ୟୁଲାର ଶୌଚାଳୟ, ଏଲଇଡି ଆଲୋକୀକରଣ, ସିସିଟିଭି ନିରୀକ୍ଷଣ ଏବଂ ମୋବାଇଲ୍ ଚାର୍ଜିଂ ଭଳି ସୁବିଧା ରହିଛି। ସାନ୍ତ୍ରାଗାଛି-ତାମ୍ବରମ୍ ଅମୃତ ଭାରତ ଏକ୍ସପ୍ରେସ (୦୬୦୪୦) ଆଜି ୨ଟା୪୫ରେ ସାନ୍ତ୍ରାଗାଛି ଛାଡ଼ିଛି। ଏହା ପରଦିନ ୬ଟା ୪୫ରେ ତାମ୍ବରମରେ ପହଞ୍ଚିବ। ଏହି ଟ୍ରେନ୍ ଭଦ୍ରକ, ଯାଜପୁର କେନ୍ଦୁଝର ରୋଡ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ଼, ବାଲୁଗାଁ, ବ୍ରହ୍ମପୁର, ପାଲାସା, ବିଜୟନଗରମ୍ ଏବଂ ଦୁବଡ଼ା ସମେତ ପୂର୍ବ ତଟ ରେଳ ଅଧୀନରେ ଥିବା ପ୍ରମୁଖ ଷ୍ଟେସନରେ ରହିବ। ଟ୍ରେନରେ ୨୨ଟି ଆଧୁନିକ ଶ୍ରେଣୀ କୋଚ୍ ରହିବ। ଏଥିରେ ୧୧ ଟି ଜେନେରାଲ ଶ୍ରେଣୀ ସିଟିଂ କୋଚ, ୮ ଟି ସ୍ଲିପର ବର୍ଗ, ୨ଟି ଲଗେଜ୍ କମ ଡିସ୍‌ଏବଲ୍ଡ କୋଚ ଏବଂ ଗୋଟିଏ ପ୍ୟାଣ୍ଟ୍ରି କାର୍ ରହିଛି।

୧୩ ଶ୍ରମିକଙ୍କୁ ଚାପିଦେଲା କାର୍

# ୨ ମହିଳା ଶ୍ରମିକଙ୍କ ସମେତ ୩ ମୃତ

ଭୋପାଳ, ୧୮।୧ (ଏଜେନ୍ସି): ମଧ୍ୟପ୍ରଦେଶ ଜବଲପୁରର ଏକତା ଛକ ନିକଟରେ ରବିବାର ଦ୍ୱିପହରେ ଭୟଙ୍କର ଦୁର୍ଘଟଣା ଘଟିଛି। ଏଠାରେ ଏକ ଦ୍ରୁତଗାମୀ କାର ୧୩ ଜଣ ଶ୍ରମିକଙ୍କୁ ଚାପିଦେଇଛି। ଘଟଣାସ୍ଥଳରେ ଦୁଇ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୧ ଜଣ ଆହତ ହୋଇଥିଲେ। ଆଉ ଜଣେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇ ଥିଲେ। ଆହତଙ୍କ ମଧ୍ୟରୁ ୭ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ସମସ୍ତଙ୍କୁ ମେଡିକାଲ କଲେଜ ହସ୍ପିଟାଲକୁ ପଠାଯାଇଛି। ସୂଚନା ଅନୁଯାୟୀ, ସମସ୍ତ ମୃତାହତ ମଣ୍ଡଲା ଜିଲ୍ଲା ବିଛିଆ ଥାନା ଅଞ୍ଚଳର ବିଗରିଆ ଗ୍ରାମର ବାସିନ୍ଦା। ସମସ୍ତେ ସେଠାରେ ଦେଢ଼ ମାସ ଧରି କାମ କରୁଥିଲେ। ରାସ୍ତା ଡିଭାଇଡରରେ ଲୁହା ଜାଲି ସଫା କରିବା ପରେ ଶ୍ରମିକମାନେ ବସି ମଧ୍ୟାହ୍ନ ଭୋଜନ ଖାଉଥିଲେ। ଏହି ସମୟରେ ବରେଲାରୁ ଜବଲପୁର ଅଭିମୁଖେ ଆସୁଥିବା ଏକ ଧଳା କାର ସେମାନଙ୍କ ଉପରେ ମାଡ଼ି ଯାଇଥିଲା। ସାହାଯ୍ୟ କରିବା ପରିବର୍ତ୍ତେ ଡ୍ରାଇଭର ଗାଡ଼ି ନେଇ ଫେରାର ହୋଇଯାଇଥିଲା।

# ଅନାହାରରେ ପ୍ରାଣ ହରାଇଲେ ମାନସିକ ଭିନ୍ନକ୍ଷମ

ମାଥିଲି,୧୮।୧(ସମିସ): ଅନାହାରରେ ପ୍ରାଣ ହରାଇଲେ ମାନସିକ ଭିନ୍ନକ୍ଷମ। ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଉଦୁଲିବେଡ଼ା ପଞ୍ଚାୟତରୁ ଏଭଳି ଏକ ଖବର ସାମ୍ନାକୁ ଆସିଛି। ମୃତକ ହେଲେ, ଚେଡେଙ୍ଗା ପଞ୍ଚାୟତ ଅନ୍ତର୍ଗତ ସିନ୍ଧାବେଡ଼ା ଗ୍ରାମର ଦିଗାମ ପେର୍ମା (୬୦)। ଦିନ ଦିନ ଧରି ଖାଇବାକୁ ନ ପାଇ ଦିଗାମ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ଖାଦ୍ୟ ସୁରକ୍ଷା ଯୋଜନା ମାଧ୍ୟମରେ ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଭାବେ ମୁଣ୍ଡପିଛା ଚାଉଳ ଯୋଗାଣ କରୁଛନ୍ତି। ଏହାସହ ବୃଦ୍ଧବୃଦ୍ଧା, ବିଧବା, ଭିନ୍ନକ୍ଷମ ଓ ମାନସିକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଭତ୍ତାର ମଧ୍ୟ ବ୍ୟବସ୍ଥା କରିଛନ୍ତି। ଏସବୁର ଉଦ୍ଦେଶ୍ୟ ହେଉଛି, କେହି ଯେପରି ଅନାହାରରେ ପ୍ରାଣ ନ ହରାଇବେ। କିନ୍ତୁ, ଖାଇବାକୁ ନ ପାଇ ଦିଗାମଙ୍କ ମୃତ୍ୟୁ ଘଟିବା, ଏସବୁ ସରକାରୀ ଯୋଜନାକୁ ସତେଯେପରି ଉପହାସ କରୁଛି। ଏହାକୁ ନେଇ ବୁଦ୍ଧିଜୀବୀମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

ସୂଚନାନୁଯାୟୀ, ଉଦୁଲିବେଡ଼ା ପଞ୍ଚାୟତ ଅନ୍ତର୍ଗତ ଚାଲାଣଗୁଡ଼ା ଗ୍ରାମ ନିକଟରେ ଦିଗାମଙ୍କ ଶବ ପଡ଼ିଥିବା କିଛି ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ଖବର ପାଇ ଗୋବିନ୍ଦପାଲ୍ଲୀ ଫାଣ୍ଡି ଅଧିକାରୀ ଏଏସ୍‌ଆଇ ପଦମନ ପୂଜାରୀ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଦିଗାମ ଜଣେ ମାନସିକ ଭିନ୍ନକ୍ଷମ। କିଛି ଦିନ ତଳୁ ସେ ଘରୁ ଚାଲି ଆସିଥିଲେ। ରାସ୍ତାକଡ଼ରେ ବସି ରହି ଯାହା ମିଳୁଥିଲା, ତାହା ଖାଇ ବଞ୍ଚୁଥିଲେ। ତେବେ କିଛି ଦିନ ହେଲା ଖାଇବାକୁ ନ ମିଳିବାରୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାରଲୋକେ କହିଛନ୍ତି।

# ଦୁର୍ଘଟଣାରେ ଗଲା ଦୁଇ ସାଙ୍ଗଙ୍କ ଜୀବନ





ଜଳେଶ୍ୱର,୧୮।୧(ସମିସ): ଦୁର୍ଘଟଣାରେ ଗଲା ଦୁଇ ସାଙ୍ଗଙ୍କ ଜୀବନ। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଦେଇ ଯାଇଥିବା ୫୭ ନମ୍ବର ରାଜ୍ୟ ରାଜପଥର ନାମ୍ପୋ ନିକଟ ଷଡ଼ଙ୍ଗୀ ପୋଲ ନିକଟରେ ଆଜି ଭୋର୍‌ରେ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, କମର୍ଦା ଥାନା ବାଗ ଗ୍ରାମର ଗୌତମ ସାହୁ ଓ ନିମାଇଁ ମହାପାତ୍ର। ଉଭୟ ଜଳେଶ୍ୱରରୁ ଏକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ କୌଣସି ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ନାମ୍ପୋ ଓ ଜଳେଶ୍ୱର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ଲାଗି ଜିକେଭଙ୍ଗର୍ ହସ୍ପିଟାଲକୁ ପଠାଇଛି। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଦଳକୁ ଦୁର୍ବଳ କରିବାକୁ ଷଡ଼ଯନ୍ତ୍ର କରିଥିଲେ ସନାତନ ଓ ଅରବିନ୍ଦ: ବିଜେଡି

ଭୁବନେଶ୍ୱର,୧୮।୧(ସମିସ): ଦଳକୁ ଦୁର୍ବଳ କରିବା ପାଇଁ ଷଡ଼ଯନ୍ତ୍ର ଓ ଦଳୀୟ କର୍ମୀଙ୍କ ସହ ବିଶ୍ୱାସଘାତକତା ନିମନ୍ତେ ଚମ୍ପୂଆ ବିଧାୟକ ସନାତନ ମହାକୁଡ଼ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ବିଜେଡିରୁ ନିଲମ୍ବିତ କରାଯାଇଛି ବୋଲି କହିଛନ୍ତି ବିଜେଡି ସାଧାରଣ ସମ୍ପାଦକ ଅମରେଶ ପତ୍ରୀ। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ



ଦ୍ୱାରା ସୁଯୋଗ ପାଇ ବିଧାୟକ ହେବା ପରଠାରୁ ପାଟକୁରାର ଦଳୀୟ କର୍ମୀଙ୍କୁ ଅଣଦେଖା କରି ନିଜସ୍ୱ ସଂଗଠନ ଜରିଆରେ ଅରବିନ୍ଦ କାର୍ଯ୍ୟ କରିଆସୁଥିଲେ। ନିର୍ବାଚନମଣ୍ଡଳୀର ଅରବିନ୍ଦ ପୁରୁଖା ଦଳୀୟ କର୍ମୀଙ୍କୁ ସଂପୂର୍ଣ୍ଣ ଅଣଦେଖା କରୁଥିବା ବେଳେ ସେଠାରେ ବାପା-ପୁଅଙ୍କ ଶାସନ ଚାଲିଥିଲା । ସେହିପରି ଚମ୍ପୂଆରେ ସନାତନ ମଧ୍ୟ ଦଳବିରୋଧୀ କାର୍ଯ୍ୟରେ ଲିପ୍ତ ଥିଲେ ଓ ସମାନ୍ତରାଳ ସଙ୍ଗଠନ ଚଳାଇଥିଲେ ବୋଲି ସାଂଘାତିକ ଅଭିଯୋଗ କରିଛନ୍ତି ବିଜେଡି ସାଧାରଣ ସମ୍ପାଦକ ତଥା ପାଟକୁରାର ଯୁବ ନେତା ଅମରେଶ ପତ୍ରୀ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପତ୍ରି କହିଛନ୍ତି ଯେ ଅରବିନ୍ଦଙ୍କୁ ନବୀନ ପାଟକୁରାରେ ଦଳୀୟ ଟିକଟ ଦେଇଥିଲେ। ୨୫ ବର୍ଷ ଧରି ଯେଉଁ ଦଳୀୟ କର୍ମୀମାନେ ପାଟକୁରାରେ ବିଜେଡି ସଂଗଠନକୁ ସଶକ୍ତ କରି ରଖିଥିଲେ, ସେହି ପୁରୁଖା ନେତା ଓ କର୍ମୀଙ୍କୁ ଜାଣିଶୁଣି ଉପେକ୍ଷା କରି ନିଜର ଚାଟୁକାରମାନଙ୍କୁ ପଞ୍ଚାୟତ ଦାୟିତ୍ୱ ଦେଇ ସେମାନଙ୍କ ଜରିଆରେ ବିଧାୟକ ପାଣ୍ଠି ବିନିଯୋଗ କରୁଥିଲେ। ଗତ ସାଧାରଣ ନିର୍ବାଚନରେ ଟିକେଟ ପାଇଲା ପରେ ଦଳର ସାଂସଦ ପ୍ରାର୍ଥୀଙ୍କୁ ଅସହଯୋଗ ସହ ବାପାଙ୍କ ଇସାରାରେ ସବୁ କାମ କରୁଥିଲେ ଅରବିନ୍ଦ । ଅତୀତରେ ସ୍ୱର୍ଗତ ବିଜୁ ବାବୁଙ୍କ ବିରୋଧରେ ଅରବିନ୍ଦ ମହାପାତ୍ରଙ୍କ ପିତା ଯେଭଳି ଷଡଯନ୍ତ୍ର କରିଥିଲେ, ଆଜି ନବୀନ ପଟ୍ଟନାୟକଙ୍କ ବିରୋଧରେ

- ପାଟକୁରାରେ ଚାଲିଥିଲା ବାପା-ପୁଅ ଶାସନ
- ଚମ୍ପୂଆରେ ଚାଲିଥିଲା ସମାନ୍ତରାଳ ସଙ୍ଗଠନ
- ଉପେକ୍ଷିତ ହୋଇଥିଲେ ପୁରୁଖା ଦଳୀୟ କର୍ମୀ

ସେହିଭଳି ବିଶ୍ୱାସଘାତକତା ଯୋଜନାରେ ସେ ନିଜକୁ ସାମିଲ କରିଥିଲେ। କିଛି ମାସ ଧରି ଏହି ଷଡ଼ଯନ୍ତ୍ରର ସୁରାକ ବିଜେଡି ସଭାପତି ପାଇଥିଲେ ମଧ୍ୟ, ତ୍ରୁଟି ସୁଧାରିବା ପାଇଁ ଉଭୟ ସନାତନ ଓ ଅରବିନ୍ଦଙ୍କୁ ସୁଯୋଗ ଦେଇଥିଲେ; ମାତ୍ର ଉଭୟଙ୍କ ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ନ ହେବାରୁ ସେମାନଙ୍କୁ ଦଳରୁ ନିଲମ୍ବିତ କରାଯାଇଛି ବୋଲି ଶ୍ରୀ ପତ୍ରୀ କହିଛନ୍ତି।

ସେହିପରି ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା କହିଛନ୍ତି ଯେ ଗତ ତିନି ଦଶନ୍ଧି ମଧ୍ୟରେ ନବୀନ ପଟ୍ଟନାୟକ ଅନେକ ଯୁବ ପ୍ରତିଭାଙ୍କୁ ସମାଜସେବା ପାଇଁ ସୁଯୋଗ ଦେଇଛନ୍ତି, ରାଜନୀତିକୁ ଆଣିଛନ୍ତି । ସେହି କ୍ରମରେ ଅରବିନ୍ଦଙ୍କୁ ପାଟକୁରାରୁ ବିଧାନସଭାର ପ୍ରତିନିଧିତ୍ୱ କରିବାକୁ ସୁଯୋଗ ଦେଇଥିଲେ। ଏହି ସୁଯୋଗର ସଦବ୍ୟବହାର କରି ଲୋକଙ୍କ ସେବା କରିବା ପରିବର୍ତ୍ତେ ଏଭଳି ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ଦୁର୍ଭାଗ୍ୟଜନକ। ଶୃଙ୍ଖଳିତ ଆଚରଣ ପାଇଁ ସାରା ଦେଶରେ ବିଜେଡି ଓ ନବୀନ ବାବୁଙ୍କ ନେତୃତ୍ୱ ବେଶ୍ ପରିଚିତ। ବିଜୁ ଜନତା ଦଳରେ ବିଶୃଙ୍ଖଳାର ସ୍ଥାନ ନାହିଁ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

## ବିସ୍ଫୋରଣରେ ଉଡ଼ିଗଲା ଘର

# ଖଣ୍ଡଖଣ୍ଡ ହୋଇଗଲା ବାଣ ଭିଡ଼ାଳିଙ୍କ ଶବ

ଫୁଲନଖରା, ୧୮।୧(ସମିସ): କଟକ ସଦର ଥାନା ଅନ୍ତର୍ଗତ ଖଲର୍ଦ୍ଧାଠାରେ ଆଜି ଏକ ବଡ଼ଧରଣର ଅଘଟଣ ଘଟିଛି। ବାଣ ଭିଡ଼ିବା ବେଳେ ପ୍ରଚଣ୍ଡ ବିସ୍ଫୋରଣ ଘଟି ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ, ଖଲର୍ଦ୍ଧା ବାଡ଼ାସାହିର ସୁରେଶ ଭୋଇ ଓରଫ୍ କୁନ୍ଥା(୪୪)। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଘରଟି ସଂପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ବେଳେ କୁନ୍ଥାଙ୍କ ଶବ ଖଣ୍ଡବିଖଣ୍ଡିତ ହୋଇଯାଇଥିଲା। ସଦର ଥାନା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ ମେଡିକାଲକୁ ପଠାଇ ଘଟଣାର ତଦନ୍ତ କରୁଛି। ଏହା ଏକ ସମ୍ବେଦନଶୀଳ ମାମଲା ହୋଇଥିବାରୁ ଅତିରିକ୍ତ ଡିସିପି ରଣଜିତ୍ ପୃଷ୍ଟି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିବା ସହ ମୁଖ୍ୟ ଆସାମୀ ବୈକୁଣ୍ଠ ସାମଲ ଓରଫ୍ ବଇନ(୫୦)କୁ ଧରିବାକୁ ୩ଟି ଟିମ୍ ଗଠନ କରିଛନ୍ତି।

ସୂଚନାନୁଯାୟୀ, ଖଲର୍ଦ୍ଧା କେନାଲ ରୋଡ୍ ପାର୍ଶ୍ୱରେ ବୈକୁଣ୍ଠ ସାମଲଙ୍କ ଘର। ସେ ସେଠାରେ ଦୀର୍ଘ ବର୍ଷ ହେବ ବେଆଇନ୍ ବାଣ ତିଆରି କରି ବିକ୍ରୟ କରୁଥିଲେ। ବାଡ଼ାସାହିର ସୁରେଶ ଦିନମଜୁରିଆ ଭାବେ ବଇନଙ୍କ ପାଖରେ ବେଆଇନ ବାଣ ଭିଡ଼ିବାରେ କାର୍ଯ୍ୟ କରି ନିଜର ପରିବାର ପ୍ରତିପୋଷଣ କରିଥାଏ। ପ୍ରତିଦିନ ଭଳି ରବିବାର ଦିନ ମଧ୍ୟ କୁନ୍ଥା ବାଣ ଭିଡ଼ିବା କାର୍ଯ୍ୟରେ ନିୟୋଜିତ ଥିଲେ। ରବିବାର ମଧ୍ୟାହ୍ନରେ ହଠାତ୍ ଘର ଭିତରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ୧ କିଲୋମିଟର ପର୍ଯ୍ୟନ୍ତ ଘର ଭିତରେ ଥିବା ଜନସାଧାରଣ ଭୟଭୀତ ହୋଇପଡ଼ିଥିଲେ। ଦୀର୍ଘ ସମୟ ଧରି ଆକାଶ ଧୂଆଁଳିଆ ହୋଇ ଯାଇଥିଲା। ବାଣ ଭିଡ଼ାଯାଉଥିବା ଆଜବେଷ୍ଟସ୍ ଘରଟି ସଂପୂର୍ଣ୍ଣ ଧ୍ୱଂସ ହୋଇଯାଇଥିଲା। ବିସ୍ଫୋରଣର କାରଣ ଅସ୍ପଷ୍ଟ ଥିଲେ ସୁଦ୍ଧା ପ୍ରଚୁର ବିସ୍ଫୋରକ ଦ୍ରବ୍ୟ ଗଚ୍ଛିତ ଥିଲା ବୋଲି ସନ୍ଦେହ କରାଯାଉଛି। ପ୍ରଚଣ୍ଡ ଶବ୍ଦ ଶୁଣି ନିକଟସ୍ଥ ଲୋକମାନେ



ଘଟଣାସ୍ଥଳରେ ପହଞ୍ଚିବା ବେଳକୁ କୁନ୍ଥାର ମୃତଦେହ ଘର ଦୁଆରମୁହଁ ବାହାରେ ପଡିଥିବାର ଦେଖିବାକୁ ପାଇଥିଲେ।

ଘଟଣାସ୍ଥଳରୁ ଧୂଆଁ ବାହାରୁଥିବାରୁ ଲୋକମାନେ ଦୂରରେ ଥାଇ ସଦର ପୁଲିସକୁ ଖବର ଦେଇଥିଲେ। ସଦର ଆଇଆଇସି ତୁଷାରକାନ୍ତ ସେଠୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସଙ୍ଗେସଙ୍ଗେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଘଟଣା ଘଟିବାର ୧ ଘଣ୍ଟା ବିଳମ୍ବରେ ବାରଙ୍ଗସ୍ଥିତ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଧୂଆଁ ବାହାରୁଥିବା ସ୍ଥାନକୁ ଲିଭାଇବା ସହ କୁନ୍ଥାର ମୃତ ଶରୀରକୁ ଉଦ୍ଧାର କରିଥିଲେ। ଅପରପକ୍ଷେ ଏହି ଘଟଣା ପରେ ମୁଖ୍ୟ ଆସାମୀ ବୈକୁଣ୍ଠ ସାମଲ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, କଟକ ସଦର ପୁଲିସ ଅପରେସନ୍ ଅଗ୍ନି ମାଧ୍ୟମରେ ଅନେକ ବେଆଇନ୍ ବାଣ କାରଖାନା ସିଜ୍ ଏବଂ ବିପୁଳ ପରିମାଣରେ ବିସ୍ଫୋରକ ଦ୍ରବ୍ୟ ଜବତ କରିଥିବା ବେଳେ ଖଲର୍ଦ୍ଧା ମୁଖ୍ୟ ରାସ୍ତା କଡରେ ଥିବା ଉକ୍ତ ବେଆଇନ୍ ବାଣ କାରଖାନାଟିକୁ କିଭଳି ଅଣଦେଖା କରିଥିଲେ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଦିନ ଦି'ପହରେ ଜମିମାଫିଆଙ୍କ ଆତଙ୍କରାଜ

# ଡି' ବ୍ରଦର୍ସଙ୍କ ସହଯୋଗୀ ସମେତ ୧୦ ଗିରଫ

ତ୍ରିଶୂଳିଆ, ୧୮।୧(ସମିସ): ବାରଙ୍ଗ ଥାନା ଅଞ୍ଚଳରେ ଦିନକୁ ଦିନ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ବେଳେ ଆଜି ଏକ ଭୟଙ୍କର ଘଟଣା ସାମ୍ନାକୁ ଆସିଛି। ତ୍ରିଶୂଳିଆ ଛକ ନିକଟସ୍ଥ କୁସିନ୍ଧା ଗ୍ରାମରେ ଜମିଜମା ବିବାଦକୁ କେନ୍ଦ୍ର କରି ଦିନ ଦ୍ୱିପହରରେ ଗୁଳି ଫୁଟିଛି।

ତ୍ରିଲୋଚନ ପ୍ରଧାନଙ୍କ ଏକ ପ୍ରକଳ୍ପ ନିର୍ମାଣ ଚାଲିଥିବା ବେଳେ ଆଜି ଅପରାହ୍ଣ ପ୍ରାୟ ୨ଟା ବେଳେ ହଠାତ୍ ଏକ କଳା ରଙ୍ଗର ଥାର୍ କାର୍‌ରେ କିଛି ସଶସ୍ତ୍ର ଦୁର୍ବୃତ୍ତ ସେଠାରେ ପହଞ୍ଚିଥିଲେ। ସେମାନେ ତ୍ରିଲୋଚନଙ୍କୁ ହତ୍ୟା ଧମକ ଦେବା ସହ ବିଭିନ୍ନ ମାରଣାସ୍ତ୍ର ଦେଖାଇ କାର୍ଯ୍ୟରତ ଶ୍ରମିକମାନଙ୍କୁ ଭୟଭୀତ କରାଇଥିଲେ। ଏତିକିରେ ସେମାନଙ୍କ ମନ ବୁଝିନଥିଲା, ସାଥିରେ ଆଣିଥିବା ଏକ ଜେସିବି ମେସିନ୍ ସାହାଯ୍ୟରେ ସେଠାରେ ବ୍ୟାପକ ଭଙ୍ଗାରୁଜା କରି ଆତଙ୍କରାଜ ସୃଷ୍ଟି କରିଥିଲେ।

ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବାରଙ୍ଗ ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସକୁ ଦେଖି ଦୁର୍ବୃତ୍ତମାନେ ସେଠାରୁ ଖସି ପଳାଇବାକୁ ଚେଷ୍ଟା କରିବାରୁ ପୁଲିସ ସେମାନଙ୍କୁ କାବୁ କରିବା ପାଇଁ ଫାଙ୍କା ଗୁଳିଚାଳନା କରାଯାଇଥିଲା। ପୁଲିସ

- ଥାର୍ କାର୍‌ରେ ଆସି ଆତଙ୍କ ଖେଳାଇଲେ ଦୁର୍ବୃତ୍ତ
- ଫାଙ୍କା ଗୁଳିଚାଳନା କରି ଅପରାଧୀଙ୍କୁ ଧରିଲା ପୁଲିସ

ଅତ୍ୟନ୍ତ କୌଶଳର ସହ ଘଟଣାସ୍ଥଳରୁ ୧୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ, କଟକ ବିଡ଼ାନାସୀର ଭରତ ବେହେରା ଓରଫ୍ ଲିଟୁ ଓ ରାକେଶ ବେହେରା, ଗୋପାଳସାହିର ଦିଲ୍ଲୀପ ସାମଲ ଓ ଓମ୍ ସାସମଲ, ବଉଳଛକର ଆୟୁଷ ମହାନ୍ତି, ତ୍ରିଶୂଳିଆର ସୁରେଶ ସିଂ ଓ ସନ୍ତୋଷ ସାମଲ, ନିଆଳିର ପୁପୁନ ବେହେରା, ଫୁଲନଖରାର ସତ୍ୟବାନ ସାମଲ ଏବଂ ପାତ୍ରପଡ଼ାର ସିଦ୍ଧାନ୍ତ ଓମ୍ ପ୍ରକାଶ। ପୁଲିସ୍ ସେମାନଙ୍କଠାରୁ ଅପରାଧରେ ବ୍ୟବହୃତ ଏକ ଥାର୍ କାର୍, ମୋବାଇଲ୍ ଫୋନ୍ ଏବଂ ବିଭିନ୍ନ ମାରଣାସ୍ତ୍ର ଜବତ କରିଛି।

ଗିରଫ ୧୦ ଅପରାଧୀଙ୍କ ଭିତରୁ ଡି' ବ୍ରଦର୍ସ ଗ୍ୟାଙ୍ଗର କିଛି ପ୍ରମୁଖ ସଦସ୍ୟ ରହିଥିବା ପୁଲିସ ସୂଚନା ଦେଇଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଏହି ଘଟଣାରେ ସମ୍ପୃକ୍ତ ଥିବା ଜମି ମାଫିଆ ଓ ମୋରମ ମାଫିଆଙ୍କ ଉପରେ ମଧ୍ୟ ପୁଲିସ ନଜର ରଖିଛି। ବାରଙ୍ଗ ଅଞ୍ଚଳରେ ଦିନକୁ ଦିନ ବୃଦ୍ଧି ପାଉଥିବା ଏହି ଆତଙ୍କରାଜ ସାଧାରଣ ଜନତାଙ୍କ ମଧ୍ୟରେ କାୟାବିସ୍ତାର କରୁଥିବା ବେଳେ ପୁଲିସର ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ କିଛି ମାତ୍ରାରେ ପ୍ରଶଂସା କରାଯାଉଛି।

# ଚଳନ୍ତା ବସ୍‌ରୁ ଖସି ଯୁବକଙ୍କ ମୃତ୍ୟୁ

ଝାରସୁଗୁଡ଼ା,୧୮।୧(ସମିସ): ଚଳନ୍ତା ବସ୍‌ରୁ ଖସି ଯୁବକଙ୍କ ମୃତ୍ୟୁ। ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଯୋରାବଗା ବସଷ୍ଟାଣ୍ଡ ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତ ଯୁବକ ହେଲେ, ଝାରଖଣ୍ଡର ଜିତେନ୍ଦ୍ର ଯାଦବ ଓରଫ ରବି(୨୭)। ରବି ବେଲପାହାଡ଼ ଅଞ୍ଚଳରେ ଏକ ଟ୍ରକ୍‌ରେ ହେଲପର୍ ଭାବେ କାମ କରୁଥିଲେ। ସେ ଆଜି ସକାଳେ ବନ୍ଧବାହାଲ ପଟୁ ଝାରସୁଗୁଡ଼ା ଯାଉଥିବା ଶେଖର ବସ୍‌ରେ ଯାଉଥିଲେ। ସେ ବସ୍ ଗେଟ୍ ପାଖରେ ଛିଡ଼ା ହୋଇଥିବା ବେଳେ ଅସାବଧାନତାବଶତଃ ଖସି ପଡ଼ିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ହୋହଲ୍ଲା କରିଥିଲେ। ପୁଲିସ ଲୋକଙ୍କୁ ବୁଝାସୁଝା କରି ସ୍ଥିତି ନିୟନ୍ତ୍ରଣ କରିଥିଲା। ଏହି ଘଟଣାରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଜିତେନ୍ଦ୍ର କାହିଁକି ଗେଟ୍ ପାଖରେ ଛିଡା ହୋଇଥିଲେ ଏବଂ ବସ୍ ଡ୍ରାଇଭର କିମ୍ବା କଣ୍ଡକ୍ଟର୍ ତାଙ୍କୁ ଭିତରକୁ କାହିଁକି ନେଇ ନଥିଲେ ବୋଲି ପ୍ରଶ୍ନ ଉଠିଛି। ପୁଣି ବସ୍‌ଟି କ୍ଷମତାଠାରୁ ଅଧିକ ଯାତ୍ରୀ ନେଇଯାଉଥିବାରୁ ଏପରି ଦୁର୍ଘଟଣା ଘଟିଥିବା ମଧ୍ୟ ତଦନ୍ତ ସାପେକ୍ଷ ହୋଇଛି।

## ୨୪ ଘଣ୍ଟା ନ ପୂରୁଣୁ ବିଜେଡିକୁ ଫେରିଲେ

# ବିଜେପିକୁ ଚକମା ଦେଲେ ଆଦିବାସୀ ନେତ୍ରୀ ଟିନା ହାଇବ୍ରୁ

ଦାନଗଦି,୧୮।୧(ସମିସ): ଯାଜପୁର ଜିଲ୍ଲାରେ ବିଜେଡିର ହେଭିୱେଟ୍ ନେତାଙ୍କ ସଂଗଠନକୁ ଦୁର୍ବଳ କରିବା ଓ ସେମାନଙ୍କ ପତିଆରା ହ୍ରାସ ପାଇଁ ବିଭିନ୍ନ ଚାଲ କରି ବିଜେପିର ବିଧାୟକ, ସାଂସଦ, ମନ୍ତ୍ରୀ ଯେଉଁ ଷଡ଼ଯନ୍ତ୍ର ଆରମ୍ଭ କରିଛନ୍ତି, ତାହା ଫସର ଫାଟିବାରେ ଲାଗିଛି। ବିଜେଡି ଦୁର୍ଗକୁ ଭାଙ୍ଗି ଯାଜପୁରକୁ ଗେରୁଆମୟ କରିବା ପାଇଁ ବିଭିନ୍ନ ପ୍ରଲୋଭନ ଦେଖାଇ ଜନପ୍ରତିନିଧିମାନଙ୍କୁ କରାୟତ୍ତ କରିବାକୁ ଉଦ୍ୟମ କରୁଛି ବିଜେପି। ତେବେ ଯେଉଁ ନେତାମାନେ ବିଜେପିରେ ଯୋଗ ଦେଉଛନ୍ତି; ମିଶିବାର ୨୪ ଘଣ୍ଟା ନ ପୂରୁଣୁ ପୁଣି ନିଜ ଦଳ ବିଜେଡିକୁ ଫେରି ଆସୁଛନ୍ତି। ଏଭଳି ଏକ ଘଟଣା ଘଟିଛି ସୁକିନ୍ଦା ନିର୍ବାଚନ ମଣ୍ଡଳୀର ଦାନଗଦି ବ୍ଲକର ୯ ନମ୍ବର ଜୋନ୍‌ରେ। ଏହି ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟା ଆଦିବାସୀ ନେତ୍ରୀ ଟିନା ହାଇବ୍ରୁଙ୍କୁ ପୁଣିଥରେ ବିଜେଡିରେ ସାମିଲ କରି ବିଜେପିକୁ ଶକ୍ତ ଧକ୍କା ଦେଇଛନ୍ତି ବିଜେଡି ନେତା ପ୍ରୀତିରଞ୍ଜନ ଘଡ଼ାଇ (ଡାନି)।



ବିଜେପିରେ ସାମିଲ ହୋଇଥିବା ଦାନଗଦି ବ୍ଲକ୍ ୯ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ଟିନା ହାଇବ୍ରୁ ଦଳ ଛାଡ଼ି ବିଜେପିରେ ସାମିଲ ହେବାର ମାତ୍ର କେଇ ଘଣ୍ଟା ପରେ ତାଙ୍କର ମୋହଭଙ୍ଗ ହୋଇଛି। ତାଙ୍କୁ ମିଛ ପ୍ରଲୋଭନ ଦେଖାଇ ବିଜେପିରେ ସାମିଲ କରାଯାଇଥିଲା ବୋଲି ସେ କହିଛନ୍ତି। ଘରବାହୁଡ଼ା ହେବା ପରେ ପ୍ରୀତିରଞ୍ଜନ ତାଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଛନ୍ତି।

ରାଜ୍ୟରେ ଡବଲ ଇଞ୍ଜିନ୍ ସରକାରଙ୍କ ଉପରେ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ତେଣୁ ଦଳ ଛାଡ଼ି ବିଜେପିରେ ସାମିଲ ହୋଇଥିବା କିଛି ନେତା ଆଗକୁ ବିଜେଡିରେ ସାମିଲ ହେବାକୁ ବିଜେଡି ନେତାଙ୍କ ଯୋଗାଯୋଗରେ ଥିବା ଚର୍ଚ୍ଚା ହେଉଛି। ଖାଲି ସେତିକି ନୁହେଁ, ଅନେକ ବିଜେପି ନେତା ଡବଲ ଇଞ୍ଜିନି ସରକାରଙ୍କ ଜନମାରଣ ନୀତିକୁ ବିରୋଧ କରି ବିଜେଡିମୁହାଁ ହେବାର ବିଭିନ୍ନ ଚା' ଖଟିରେ ଆଲୋଚନା ଜୋର ଧରିବାର ଦେଖିବାକୁ ମିଳୁଛି।

## ଆଜି 'ମନରେଗା' ପାଇଁ କଂଗ୍ରେସର ସତ୍ୟାଗ୍ରହ

# ବି ଭି ଜି ରାମ୍ ଜି ଗରିବଙ୍କ ପାଇଁ ଏକ ଅଭିଶାପ

ଭୁବନେଶ୍ୱର, ୧୮।୧(ସମିସ): ଗତ ସଂସଦୀୟ ଅଧିବେଶନରେ କେନ୍ଦ୍ର ସରକାର ଐତିହାସିକ ମନରେଗା ଆଇନକୁ ବିକୃତ କରି ବିଭିଜିରାମଜି ନାମରେ ନୂଆ ଯୋଜନା ଆଣିଛନ୍ତି। ନୂଆ ଯୋଜନାରେ କେବଳ ମହାତ୍ମା ଗାନ୍ଧୀଙ୍କ ନାମକୁ ବାଦ୍ ଦିଆଯାଇନାହିଁ, ବରଂ ଆଇନରେ ଥିବା ବିଭିନ୍ନ ନିୟମଗୁଡ଼ିକୁ ନଷ୍ଟ କରି ଦିଆଯାଇଛି। ଏହା ସମଗ୍ର ଭାରତବର୍ଷ ପାଇଁ ଏକ ନିନ୍ଦନୀୟ ଘଟଣା ବୋଲି କହିଛି ରାଜ୍ୟ କଂଗ୍ରେସ। ରବିବାର ଦଳର ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀରେ ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ କହିଛନ୍ତି, କେନ୍ଦ୍ର ସରକାରଙ୍କ ଏହି ନୂତନ ଯୋଜନା ଗରିବଙ୍କ ପାଇଁ ଏକ ଅଭିଶାପ। ତେଣୁ, ସୋମବାର ଲୋୟର୍ ପିଏମଜିଠାରେ ମନରେଗା ବଞ୍ଚାଅ ସତ୍ୟାଗ୍ରହ ଅନୁଷ୍ଠିତ ହେବ।

ସେ ଆହୁରି କହିଛନ୍ତି, ମନରେଗା ଆଇନ ୧୨କୋଟି ପରିବାରଙ୍କୁ କର୍ମସଂସ୍ଥାନ ଯୋଗାଇବା ସହ ସେମାନଙ୍କ କ୍ରୟଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥିଲା। ଭାରତର ବିକାଶରେ ମନରେଗା ଆଇନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏହି ଆଇନରେ କେନ୍ଦ୍ର ସରକାର ୯୦ ପ୍ରତିଶତ



ଏବଂ ରାଜ୍ୟ ସରକାର ୧୦ ପ୍ରତିଶତ ବିନିଯୋଗ କରୁଥିଲା। କିନ୍ତୁ, ବିଭିଜିରାମଜି ଆଇନ ଅନୁସାରେ କେନ୍ଦ୍ର ୬୦ ଓ ରାଜ୍ୟ ୪୦ ପ୍ରତିଶତ ଭାଗୀଦାରି ରହିବ, ଯାହା ଏକ ଅସମ୍ଭବ ବ୍ୟାପାର। ମନରେଗାରେ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଏବଂ ପଞ୍ଚାୟତିରାଜ ବ୍ୟବସ୍ଥା ଦ୍ୱାରା କାର୍ଯ୍ୟକାରୀ ହେଉଥିଲା। ତଳସ୍ତରରେ ଥିବା ଗରିବ ଲୋକମାନଙ୍କ ଦାବୀ ମୁତାବକ କର୍ମ ଯୋଗାଇ ଦେବାରେ ଏହି ଆଇନ ସମର୍ଥ ହେଉଥିଲା। ହେଲେ ବିଭିଜିରାମଜି ଆଇନରେ ଏହି ଅଧିକାରକୁ ହଟାଇ ଦିଆଯାଇଛି। କାମ କରିବାର ସ୍ଥାନ, ସମୟ ଏବଂ ଅଟକଳ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଇଚ୍ଛା ଉପରେ ନିର୍ଭର କରୁଛି। ଏବେ ସାଧାରଣଲୋକଟି ଗ୍ରାମ ପାଖରେ କାମ ପାଇବା ଦୁଃସ୍ୱପ୍ନ ହେବ।

ଏହି ପରିପେକ୍ଷୀରେ ଜାତୀୟ କଂଗ୍ରେସ ପକ୍ଷରୁ ଦେଶସାରା ମନରେଗା ବଞ୍ଚାଅ ସଂଗ୍ରାମ ଜାରି ରହିଛି। ତୁରନ୍ତ ବିଭିଜିରାମଜି ଆଇନ ପ୍ରତ୍ୟାହାର ଓ ମନରେଗା ଆଇନର ପୁନଃ ପ୍ରଣୟନ ଦାବି ନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଓ ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ସୋମବାର ଲୋୟର ପିଏମଜିରେ ଏକ ରାଜ୍ୟସ୍ତରୀୟ ଦିନବ୍ୟାପୀ ସତ୍ୟାଗ୍ରହ କାର୍ଯ୍ୟକ୍ରମ କରିବ। ଏହାସହ ରାଜ୍ୟପାଳଙ୍କୁ ଏକ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ଜାତୀୟ ଅଧ୍ୟକ୍ଷ ଡଃ ସୁନୀଲ ପନୱାର ଓ ଉପାଧ୍ୟକ୍ଷ କୁନାଲ ବାନାର୍ଜୀଙ୍କ ସହ ହଜାର ହଜାର ସଙ୍ଗଠନର କର୍ମକର୍ତ୍ତା ଯୋଗଦେବେ ବୋଲି ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ଶ୍ରୀ ଦାସ ସୂଚନା ଦେଇଛନ୍ତି।

## ୫୭ ଶିଳ୍ପ ଉପରେ ୫୮୯୦ କୋଟି ଜଳ କର ବାକି

# ଶିଳ୍ପ ଚମ୍ପଟ; ଚକ୍ଷୁ କୁଟୁଛି ବିଭାଗ

ଭୁବନେଶ୍ୱର,୧୮।୧(ସମିସ): ଆସନ୍ତା ମଙ୍ଗଳବାର ସେଚ ସଦନରେ ଜଳ ସମ୍ପଦ ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ବୈଠକର ପ୍ରସଙ୍ଗ ରହିଛି ହଜାର ହଜାର କୋଟି ଟଙ୍କା ବକେୟା ଜଳକର ଆଦାୟ ପାଇଁ ନୀତି ପ୍ରସ୍ତୁତି। ସରକାରୀ ରାଜସ୍ୱ ବାକି ରଖିଥିବା କମ୍ପାନୀଗୁଡ଼ିଠାରୁ ବକେୟା ଆଦାୟ କରିବାରେ କୌଣସି ଅସଙ୍ଗତି ନାହିଁ ଓ ଏହା ସର୍ବାଦୌ ସ୍ୱାଗତଯୋଗ୍ୟ । ମାତ୍ର ଯେଉଁ କମ୍ପାନୀଗୁଡ଼ିକ କୋଟି କୋଟି ଟଙ୍କା ବକେୟା ନ ଦେଇ ଶିଳ୍ପ ସଂସ୍ଥାରେ ତାଲା ପକାଇ ଦେଇଛନ୍ତି, ସେହି କମ୍ପାନୀଠାରୁ କିପରି ବକେୟା ଆଦାୟ ହେବ ସେ ପ୍ରସଙ୍ଗରେ ବିଚାରବିମର୍ଶ ପରିବର୍ତ୍ତେ ସରକାରଙ୍କୁ ନିୟମିତ ବ୍ୟବଧାନରେ ଟିକସ ଦେଉଥିବା ଏବଂ ଚାଲୁ ରହିଥିବା କମ୍ପାନୀରୁ ଟିକସ ଆଦାୟ ପାଇଁ ଚାପକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି ।

ବିଧାନସଭା ଶୀତ ଅଧିବେଶନରେ ରାଜ୍ୟରେ ବକେୟା ଜଳକର ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ଲିଖିତ ଉତ୍ତର ରଖିଥିଲେ। ଉତ୍ତର ଅନୁଯାୟୀ ରାଜ୍ୟରେ ପ୍ରାୟ ୫୭ଟି ଶିଳ୍ପ ସଂସ୍ଥା ଉପରେ ୫୮୯୦ କୋଟି ଟଙ୍କାର ଜଳକର ବକେୟା ରହିଥିବା ଜଣାପଡ଼ିଛି। ଜୟପୁରର ବିଲ୍ଟ ୟୁନିଟ୍ ଉପରେ ସର୍ବାଧିକ ୧୫୦୮ କୋଟିର ଜଳକର ବାକି ପଡିଥିବାବେଳେ ଚୌଦ୍ୱାର ସ୍ଥିତ ବଲାରପୁର ଇଣ୍ଡଷ୍ଟ୍ରିଜ୍ ଉପରେ ୧୪୫୭ କୋଟି ବାକି ରହିଛି । ଏହି ଦୁଇ କମ୍ପାନୀର ସ୍ଥିତି ଏବେ ଏକପ୍ରକାର ନିଶ୍ଚିହ୍ନ । ୧୧ କୋଟି ୪୬ ଲକ୍ଷ ଟଙ୍କାର ଜଳକର ବକେୟା ରଖିଥିବା ବିନ୍ଦାଲ ସ୍ପଞ୍ଜ ଇତିମଧ୍ୟରେ ନିଜର କାରଖାନା ବନ୍ଦ କରି ସାରିଛି। ସେହିପରି ୨୩୧ କୋଟିର ବକେୟା ରଖିଥିବା ରାଠୀ ଷ୍ଟିଲ ଏବଂ ପାୱାର ଲିମିଟେଡ , ୧୪୫୭ କୋଟି ଟଙ୍କା ବକେୟା ରଖିଥିବା ଚୌଦ୍ୱାର ସ୍ଥିତ ବଲାରପୁର ଇଣ୍ଡଷ୍ଟ୍ରିଜ୍ ଏବଂ ଅନ୍ୟ କେତେକ ସଂସ୍ଥା ମଧ୍ୟ ଇତିମଧ୍ୟରେ ବନ୍ଦ ହୋଇ ସାରିଲେଣି। ୧୮୬ କୋଟି ଟଙ୍କା ବାକି ରଖିଥିବା ଆଧୁନିକ ମେଟାଲିକ୍ସ, ୨୪୪ କୋଟି ବକେୟା ଥିବା ଭୂଷଣ ପାୱାର ଓ ଷ୍ଟିଲର ପରିଚାଳନା ହସ୍ତାନ୍ତର ହୋଇ ସାରିଛି । ଏମାନଙ୍କ ଉପରେ ହଜାର ହଜାର କୋଟଟି ଟଙ୍କାର ବକେୟା ରହିଛି। ଏହି ବନ୍ଦ ହୋଇଥିବା ସଂସ୍ଥା ନିକଟରୁ ବକେୟା ଜଳକର ଆଦାୟ ହୋଇପାରିବ କି ନାହିଁ, ଯଦି ଆଦାୟ ହେବ କେଉଁ ପ୍ରକ୍ରିୟାର ହେବ ସେନେଇ ଉତ୍ତର କାହା ପାଖରେ ନାହିଁ।

# ମଣ୍ଡିରେ ଚାଷୀଙ୍କୁ ପିଟିଲେ ଏଜେଣ୍ଟ

ଧର୍ମଗଡ଼, ୧୮ ।୧(ସମିସ)



ମଣ୍ଡି ମାନଙ୍କରେ ଅବ୍ୟବସ୍ଥା ସାଙ୍ଗକୁ କଟ୍‌ନୀ ଛଟନୀ ଲାଗି ରହିଛି। ମିଲର୍ସଙ୍କ ଏଜେଣ୍ଟଙ୍କ ଦବଙ୍ଗଗିରି ସମେତ ଚାଷୀଙ୍କଠାରୁ ପଇସା ନେଇ ଧାନ ଉଠାଉଥିବା ଭଳି ଅଭିଯୋଗ ଲାଗି ରହିଛି। ଏଭଳି ଘଟଣା ଏବେ ଗୋଲାମୁଣ୍ଡା ବ୍ଲକ ଘୋଟିଆ ଧାନ ମଣ୍ଡିରେ ଦେଖିବାକୁ ମିଳିଛି। କଟ୍‌ନୀ ଛଟନୀକୁ ବିରୋଧ କରି ଏଜେଣ୍ଟ ଓ ଚାଷୀମାନଙ୍କ ଭିତରେ ମାର୍‌ପିଟ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଘୋଟିଆ ଧାନ ମଣ୍ଡିରେ ମିଲର୍ସ ଏଜେଣ୍ଟଙ୍କ ସହିତ ପାକ୍ସ ଓ ଆରଏମ୍‌ସି କର୍ମଚାରୀ ମିଳିତ ଭାବେ ଖୋଲମଖୋଲା ଚାଷୀଙ୍କ ଠାରୁ ପଇସା ନେଇ ଧାନ ଉଠାଉଥିବା ଅଭିଯୋଗ ହୋଉଛି। ଏପରିକି କଟ୍‌ନୀ ଛଟନୀ ବାବଦରେ ଖୋଲମଖୋଲା ଭାବେ ୬-୭ କେଜି ଚାଷୀଙ୍କ ଠାରୁ ନେଉଥିବା ଚାଷୀମାନେ ପ୍ରକାଶ କରନ୍ତି। ଯାହାକୁ ନେଇ ରବିବାର ସଲାସର ମିଲ୍‌ର ଏଜେଣ୍ଟ ପୁରୁଷୋତ୍ତମ ମେହେର ଓ ଚାଷୀଙ୍କ ମଧ୍ୟରେ ମାର୍‌ପିଟ ହୋଇଥିବା ଖବର ମିଳିଛି। ଏପରିକି ଉଭୟ ପକ୍ଷ ଗୋଲାମୁଣ୍ଡା ଥାନାର ଦ୍ୱାରସ୍ଥ ହୋଇଥିବା ସୂଚନା ରହିଛି। ସୂଚନା ଅନୁସାରେ ଘୋଟିଆ ମଣ୍ଡିରେ ଧାନ କ୍ରୟ କରିବା ପାଇଁ ମୋଟ ୭୯୧ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୪୩୦ଜଣ ଚାଷୀଙ୍କ ୧୫ହଜାର କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ପ୍ରାଥମିକ ପର୍ଯ୍ୟାୟ ଘୋଟିଆ ମଣ୍ଡି କୁ ୨୪ହଜାର ଧାନ ସଂଗ୍ରହ କରିବାକୁ ନିର୍ଦ୍ଦେଶ ରହିଛି। ଏଥିପାଇଁ ୭ଟି ମିଲର୍ସ କୁ ନିୟୋଜିତ କରାଯାଇଛି। ଧର୍ମଗଡ଼ ଉପଖଣ୍ଡରେ ପ୍ରଥମ ଭାବେ ପ୍ରଶାସନ ଘୋଟିଆ ଧାନମଣ୍ଡି ରୁ ଧାନ କ୍ରୟ ପ୍ରକ୍ରିୟା ଆରମ୍ଭ କରିଥିଲେ। ହେଲେ ପ୍ରଥମ ଦିନରୁ ମଣ୍ଡିରେ ବିଭିନ୍ନ ସମସ୍ୟା ସହ ଚାଷୀଙ୍କ ଦୁର୍ଦ୍ଦଶା ଲାଗି ରହିଛି। ଏନେଇ ପାକ୍ସ ପରିଚାଳକ ନିକାଶ ଖମାରିଙ୍କୁ ପଚାରିବାରୁ ସାମାନ୍ୟ ପାଟିତୁଣ୍ଡ ହୋଇଥିଲା, ବର୍ତ୍ତମାନ ସମାଧାନ ହୋଇ ସାରିଛି ବୋଲି କହିଥିଲେ। ଥାନାରେ ଅଭିଯୋଗ ହୋଇଥିବା ଜାଣି ନ ଥିବା ପ୍ରକାଶ କରିଛନ୍ତି। ତେବେ ଉଭୟଙ୍କ ପକ୍ଷରୁ ଗୋଲାମୁଣ୍ଡା ଥାନା ରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡ଼ିଛି।

## ଯୁବ ପ୍ରତିଭା ସତ୍ୟବ୍ରତଙ୍କୁ ଲୋକକଳା ସମ୍ମାନ

**ଭବାନୀପାଟଣା, ୧୮ ।୧(ସମିସ):** ଭୁବନେଶ୍ୱର ଜୟଦେବ ଭବନ ଠାରେ ରାଜ୍ୟ ସାହିତ୍ୟ ସଂସ୍କୃତି ବିଭାଗ ଏବଂ ସଂସ୍କୃତି ମଞ୍ଚ ଆନୁକୂଲ୍ୟରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବରିଷ୍ଠ କଳାକାର ଙ୍କୁ ଶନିବାର ଲୋକକଳା ସମ୍ମାନ ରେ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ର ଯୁବ ପ୍ରତିଭା, ବରିଷ୍ଠ କଳାକାର ତଥା ସଙ୍ଗୀତ ନିର୍ଦ୍ଦେଶକ ସତ୍ୟବ୍ରତ ଦାଶ ଙ୍କୁ 'ଲୋକକଳା ସମ୍ମାନ ୨୦୨୬' ରେ ସମ୍ମାନିତ କରାଯାଇଛି। ଯାହାକୁ ନେଇଁ ଜିଲାରେ ଖୁସିର ଲହରୀ ଖେଳିଯାଇଛି। ପ୍ରକାଶ ଯେ, ସତ୍ୟବ୍ରତ ଭବାନୀପାଟଣା ଗଣନାଥପୁର ର ବରିଷ୍ଠ ଶିକ୍ଷାବିତ ସ୍ୱର୍ଗତ ଦୟାନିଧି ଦାଶ ଏବଂ କାଞ୍ଚନବାଳା ଦାଶ ଙ୍କ ସୁପୁତ୍ର ଅଟନ୍ତି। ସେ ଏକାଧାରରେ ଜଣେ ରାଜ୍ୟ ଏବଂ ଜାତୀୟ ସ୍ତରୀୟ ତବଲା ବାଦକ, ଆକାଶବାଣୀ ଓ ଦୂରଦର୍ଶନ ର ସ୍ୱୀକୃତି ପ୍ରାପ୍ତ କଳାକାର। ତାଙ୍କର ରଚନା ର ବହୁ ଗୀତ ଶ୍ରୋତାଙ୍କ ମନମୁଗ୍ଧ କରିଛି। ବିଭିନ୍ନ ସଙ୍ଗୀତ ଯନ୍ତ୍ରାଂଶ କୁ ଅତି ସୁନ୍ଦର ଭାବରେ ବହୁ ମଞ୍ଚରେ ଯାଦୁକରୀ ଭାବେ ପ୍ରଦର୍ଶନ କରି ଜିଲାର ଗୌରବ କୁ ସତଗୁଣା କରିଛନ୍ତି। ପୂର୍ବରୁ ସେ ବିଭିନ୍ନ ସମ୍ମାନରେ ଯଥା -କୌଶଳ ଗୌରବ, ପ୍ରାଇଡ ଅଫ ଓଡ଼ିଶା, ବେଷ୍ଟ ଫୋକ ରିସର୍ଚ୍ଚର ଅଫ ଓଡ଼ିଶା, ସଙ୍ଗୀତ ଯୁବ ରତ୍ନ, ଯୁବ ପ୍ରତିଭା ସମ୍ମାନ ରେ ମଧ୍ୟ ସମ୍ମାନିତ ହୋଇସାରିଛନ୍ତି। କଳା ଓ ସଂସ୍କୃତି କୁ ଆହୁରି ଆଗକୁ ନେବା ନିମନ୍ତେ ତାଙ୍କୁ ସଂସ୍କୃତି ବିଭାଗ ତରଫରୁ




ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଶାର ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ, ବେଦ ବାଚସ୍ପତି ପଣ୍ଡିତ ବୀରେନ୍ଦ୍ର ତ୍ରିପାଠୀ, ଜଗନ୍ନାଥ ପ୍ରଧାନ ପ୍ରମୁଖ ଲୋକକଳା ସମ୍ମାନ ରେ ସମ୍ମାନିତ କରିଥିଲେ। ଲୋକକଳା ସମ୍ମାନରେ "ସତ୍ୟବ୍ରତ ସମ୍ମାନୀତ ହୋଇ ଜିଲା ପାଇଁ ଗୌରବ ଆଣିଥିବାରୁ ଜିଲାର ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

## କେଗାଁ ବନ ବିଭାଗ ପକ୍ଷରୁ ପକ୍ଷୀ ଗଣନା

**ଗୋଲାମୁଣ୍ଡା, ୧୮ ।୧(ସମିସ):** କଳାହାଣ୍ଡି ଜିଲ୍ଲା ଓଡ଼ିଶା ସରକାର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ନିର୍ଦ୍ଦେଶ ଅନୁସାରେ ଉତ୍ତର ବନଖଣ୍ଡ ଅଧୀନସ୍ତ କେଗାଁ ବନାଞ୍ଚଳ ପକ୍ଷ୍ୟରୁ ଦସପୁର ସେକ୍ସନ୍ ଠାରେ ପକ୍ଷୀ ଗଣନା ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଆଜି ଦଶପୁରର ଦେଉର ମହିମା ଶାଗର ମଧ୍ୟରେ ଦଳ ଗଠନ କରାଯାଇଥିବା ବେଳେ ପୋଖରୀ ମାନଙ୍କ ମଧ୍ୟରେ ଅନୁସନ୍ଧାନ କରାଯାଇଥିଲା। ପୂର୍ବରୁ ବନାଞ୍ଚଳ ଅଧିକାରୀ ଯୁଧିଷ୍ଠିର ଜାଲଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ କର୍ମଚାରୀଙ୍କୁ ପ୍ରଶିକ୍ଷଣ କରାଯାଇଥିଲା। ଏଥିରେ ଭଣ୍ଡାର ଘରଣୀ ଉଚ୍ଚ ବିଦ୍ୟାଳୟ ଦସପୁର୍, ବିଜ୍ଞାନଶିକ୍ଷକ ନିରଞ୍ଜନ ନାଏକଙ୍କ ସହ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ନେଇ ପକ୍ଷୀ ଗଣନା ବିଷୟରେ ବୁଝାଇଥିଲେ। ବନବିଭାଗ ପକ୍ଷରୁ ବନପାଳ ପ୍ରଦୀପ କୁମାର ବିଶି, ବନରକ୍ଷୀ, ସୁନୀତା ପୁଟେଲ, ବିଭୂତି ବାଗ, ଦିନେଶ ରଣା, ଦୁଲେ ନାଏକ, ମହାଦେବ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

## ଶୀତକାଳୀନ ଶିବିର ଉଦ୍‌ଘାଟିତ

**କର୍ଲାମୁଣ୍ଡା, ୧୮ ।୧(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଅଧୀନ ଜଗନ୍ନାଥ କୌଶଲ୍ୟା ଜୁନିଅର ମହାବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଘାଟନ ହୋଇଯାଇଛି। ଅଧ୍ୟକ୍ଷ ହେମନ୍ତ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜାତୀୟ ସେବା ଯୋଜନାର ଅଧିକାରୀ ନୀଳାମ୍ବର ପାତ୍ର ଶିବିରାର୍ଥୀମାନଙ୍କୁ ସାତଦିନିଆ ରହଣୀର କାର୍ଯ୍ୟକ୍ରମ ବିଷୟରେ କହିଥିଲେ। ଅଧ୍ୟାପକ ଗିରିରାଜ ଗହୀର, ତାପସ ରଞ୍ଜନ ସାହୁ, ଦୁଷ୍ମନ୍ତ ମିର୍ଧା, ଅଧ୍ୟାପିକା ଲିମା ପଧାନ, ସୀତା ରତାଇ ଉପସ୍ଥିତ ରହି ଶିବିରାର୍ଥୀମାନଙ୍କୁ ଗୋଷ୍ଠୀ ସେବା ମାଧ୍ୟମରେ ନିଜର ବ୍ୟକ୍ତିତ୍ୱ କିପରି ବିକାଶ ହୋଇ ପାରିବ ସେ ବିଷୟରେ ଶିବିରାର୍ଥୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଚିନ୍ମୟ ରଣା, ଜଗଦିଶ ଭୋଇ, ନାରାୟଣ ଗହୀର, ଯୋଗେନ୍ଦ୍ର ବେହେରା, ପାଣ୍ଡବ ହରିଜନ, କଳ୍ପନା ରଣା ସହଯୋଗ କରିଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**କୋକସରା, ୧୮ ।୧(ସମିସ):** କୋକସରା ବ୍ଲକ ନେଗୀଗୁଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଛି। ପ୍ରଧାନଶିକ୍ଷକ ଯୁବରାଜ ଜାଲଙ୍କ ସଭାପତିତ୍ୱରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲ। ବରିଷ୍ଠ ଶିକ୍ଷକ ସୂର୍ଯ୍ୟପ୍ରସାଦ ଠାକୁର ମୁଖ୍ୟବକ୍ତା, ଗୋଷ୍ଠୀ ଶିକ୍ଷାଧିକାରୀ ମହେଶ କୁମାର ଭାଟି ସ୍ୱତନ୍ତ୍ର ଅତିଥି, ଡ଼ହଗାଁ ହାଇସ୍କୁଲର ବରିଷ୍ଠ ଶିକ୍ଷକ ସାମନ୍ତ ପଟ୍ଟଯୋଶୀ, ଏସ୍‌ଏମଡିସି ସଭ୍ୟ ଖଗପତି ଗୋପାଲ, ସମିତିସଭ୍ୟ ରାଜୀବ ଖମାରୀ ପ୍ରମୁଖ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି କ୍ରମରେ ବ୍ଲକ ଉପାଧ୍ୟକ୍ଷ ଶ୍ରୀଅଗ୍ରୱାଲ କିଭଳି ବିଦ୍ୟାଳୟର ଭିତ୍ତିଭୂମି ବିକାଶ ହେବ ସେଥି ନିମନ୍ତେ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ଶିକ୍ଷକ ରୋହିତ ସେଠ, କୁମୁଦ ନାଗ, ତନୁଜା ସାହୁ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଦିପ୍ତିରଞ୍ଜନ ଠାକୁର, ସମ୍ବିତ କୁମାର ନାୟକ, ସଂଘମିତ୍ରା ପ୍ରଧାନୀ, କାମାକ୍ଷ ରାଉତ ସହଯୋଗ କରିଥିଲେ।

## ଗ୍ରାମୋଦୟ ସମୀକ୍ଷା ବୈଠକ

**ନୂଆପଡ଼ା, ୧୮ ।୧(ସମିସ):** ନୂଆପଡ଼ାରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଗ୍ରାମୋଦୟ ସମୀକ୍ଷା ବୈଠକ ସ୍ଥାନୀୟ ସଭାବନା ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ସମସ୍ତଙ୍କୁ ସମ୍ବୋଧନ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବାମପନ୍ଥୀ ନକ୍ସଲବାଦ ଦ୍ୱାରା ପ୍ରଭାବିତ ଅଞ୍ଚଳଗୁଡିକର ବିକାଶ ପାଇଁ ଏବଂ ଏଠାରେ ସମସ୍ତ ସରକାରୀ ଯୋଜନାର ପରିପୂର୍ଣ୍ଣତା ପାଇଁ କେନ୍ଦ୍ର ସରକାର ଦ୍ୱାରା ଯୋଜନା ପରିଚାଳିତ ହେଉଛି। ନକ୍ସଲବାଦ ଦ୍ୱାରା ପ୍ରଭାବିତ ବିପଦକୁ ସମଗ୍ର ଭାବରେ ସମାଧାନ କରିବାକୁ ଓଡ଼ିଶା ସରକାର ମଧ୍ୟ ପ୍ରତିବଦ୍ଧ। ଏଥିପାଇଁ ରାଜ୍ୟର ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଗ୍ରାମଗୁଡିକରେ ଉନ୍ନତି ବିଧାନ ପାଇଁ ପରିପୁର୍ଣ୍ଣତା ଭିତ୍ତିରେ ବିଭିନ୍ନ ଜନହିତକାରୀ ଯୋଜନାଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ନୂଆପଡ଼ା ଜିଲ୍ଲାରେ ମଧ୍ୟ 'ଗ୍ରାମୋଦୟ' ଯୋଜନା ଗ୍ରହଣ କରାଯାଇଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ପାରସ୍ପରିକ ବିଶ୍ୱାସ ବୃଦ୍ଧି କରିବା ପାଇଁ ବିଭିନ୍ନ ମୌଳିକ ସୁବିଧା ଓ ଜନକଲ୍ୟାଣକାରୀ ଯୋଜନା ଗୁଡିକର କାର୍ଯ୍ୟକାରିତାକୁ ନିଶ୍ଚିତ କରିବା। ଏଠାରେ ସାର୍ବଜନୀନ ଭିତ୍ତିଭୂମି, ସେବା ଏବଂ ଜୀବିକା ସହାୟତା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ଦୂର କରିବା। ଏହି ଯୋଜନାର ମୁଖ୍ୟ ଦୁଇଟି ଉପାଦାନ ହେଲା ସାମୁହିକ ଏବଂ ଗ୍ରାମ ସ୍ତରରେ ବିଭିନ୍ନ ସୁବିଧା ପ୍ରଦାନ କରିବା। ପ୍ରତ୍ୟେକ ବ୍ୟକ୍ତି ଓ ପରିବାରଗୁଡିକୁ ବିଭିନ୍ନ ସୁବିଧା ପ୍ରଦାନ। ଏହି କ୍ରମରେ ଜିଲ୍ଲାପାଳ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, କୃଷି ଓ କୃଷକ ସଶକ୍ତି କରଣ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଶକ୍ତି ବିଭାଗ, ଉଚ୍ଚ ଶିକ୍ଷା ବିଭାଗ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ, ସଂଖ୍ୟା ଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ବିଦ୍ୟୁତ୍ ବିଭାଗ, ଜଳ ଓ ପରିମଳ ଇତ୍ୟାଦି ବିଭାଗର ସମ୍ପୃକ୍ତ ଅଞ୍ଚଳରେ ଗ୍ରହଣ କରାଯାଇଥିବା ପ୍ରକଳ୍ପ ଏବଂ ପଦକ୍ଷେପ ଗୁଡ଼ିକର ସମିକ୍ଷା କରିଥିଲେ। ବିଭିନ୍ନ ବିଭାଗ ମଧ୍ୟରେ ସମନ୍?ୟ ରକ୍ଷା ପୂର୍ବକ ଏହି ଅଞ୍ଚଳ ଗୁଡ଼ିକର ବିକାଶ ପାଇଁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ଆଜିକାର ବୈଠକରେ ଏପିଡି କ୍ଷମାନିଧି ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧନେଶ୍ୱର ସେଠୀ, ସମସ୍ତ ବିଡ଼ିଓ, ଜିଲ୍ଲା ସ୍ତରୀୟ ଅଧିକାରୀ, ଯନ୍ତ୍ରୀ ଏବଂ ଲାଇନ ବିଭାଗ ଅଧିକାରୀ ଯୋଗ ଦେଇଥିଲେ।



## ଅସହାୟ ବୃଦ୍ଧାଙ୍କ ପାଖରେ ପହଞ୍ଚିଲା ଯାଦବ ସମାଜ

**କୋକସରା, ୧୮ ।୧(ସମିସ):** ଅସହାୟ ଅବସ୍ଥାରେ ରହୁଥିବା କୋକସରା ବ୍ଲକ ଟେମରା ଗ୍ରାମର ବୃଦ୍ଧା ନେପୁରଚଣ୍ଡୀଙ୍କୁ ତାଙ୍କ ପଡୋଶୀ ଗାଳିଗୁଲଜ କରୁଥିବା ଖବର ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଥିଲା। ଏହାପରେ କୋକସରା ବ୍ଲକ ଯାଦବ ସମିତି ପକ୍ଷରୁ ନିଜ ଜାତିର ଜଣେ ଅସହାୟ ମହିଳାଙ୍କ ପ୍ରତି ଅନ୍ୟାୟ ହେଉଥିବାରୁ ରବିବାର ତାଙ୍କ ପାଖକୁ ପହଞ୍ଚିଲେ। ସମିତିର ସଭାପତି ଦ୍ୱାରିକାନାଥ ବାଗଙ୍କ ନେତୃତ୍ୱରେ ଏକ ଟିମ୍ ଟେମରା ଗ୍ରାମରେ ପହଞ୍ଚି ବୃଦ୍ଧା ନେପୁର ଚଣ୍ଡୀଙ୍କୁ ସାକ୍ଷାତ କରି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ବୃଦ୍ଧା ମହିଳାଙ୍କ କେହି ସମ୍ପର୍କୀୟ ନଥିବା ବେଳେ ସେ ଏକୁଟିଆ ରହୁଛନ୍ତି। ଯାଦବ ସମାଜ ପକ୍ଷରୁ ବୃଦ୍ଧାଙ୍କୁ କିଛି ଅର୍ଥ ରାଶି ସହଯୋଗ କରିବା ସହ ଭୟ ନ କରିବା ପାଇଁ ଆଶ୍ୱାସନା ଦେଇଛନ୍ତି। ଏଥି ସହିତ ବୃଦ୍ଧାଙ୍କୁ ଅନ୍ତୋଦୟ ରାସନ୍‌କାର୍ଡରେ ସାମିଲ କରିବା ପାଇଁ ସରକାରଙ୍କୁ ନିବେଦନ କରାଯାଇଛି। କାର୍ଯ୍ୟକାରୀ ସଭାପତି ସୁଦର୍ଶନ ବେହେରା, କୋଷାଧ୍ୟକ୍ଷ ଗଣେଶ୍ୱର ପୁଞ୍ଜି, କୋକସରା ଆଞ୍ଚଳିକ ସଭାପତି ଖିରାଦ୍ରୀ ବେମାଲ, ଡାଲଗୁମା ଆଞ୍ଚଳିକ ସମ୍ପାଦକ ଡିଙ୍ଗର ଭାଟି, ଛିଲିପାମାଲ ସମ୍ପାଦକ ଡମ୍ବରୁଧର ଖର୍ସେଲ, ଗୋତମୁଣ୍ଡା ଆଞ୍ଚଳିକ ସଭାପତି ତରୁଣ ଗୋପାଳ, ସାନପୋଡାଗୁଡା ଆଞ୍ଚଳିକ ସଭାପତି ତନୁରାମ ଗୋପାଳ, ଆମପାଣି ଜୋନ ଉପ ସଭାପତି ଆନନ୍ଦ ଗୋପାଳ, ସ୍ୱେଚ୍ଛାସେବୀ ଧବଳେଶ୍ୱର ଗୋପାଳ, ଲକ୍ଷ୍ୟରାମ ପୁଞ୍ଜି ପ୍ରମୁଖ ଉପସ୍ଥିତ ଥିଲେ।



## କୋକସରା ବ୍ଲକ୍ କଂଗ୍ରେସ ସଭାପତି ହେଲେ ଲକ୍ଷ୍ମଣ ଶବର



**କୋକସରା, ୧୮ ।୧(ସମିସ):** କଳାହାଣ୍ଡି ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲାର ସମସ୍ତ ବ୍ଲକ, ଏନ୍‌ଏସିର ନେତୃତ୍ୱ ନେବାପାଇଁ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ କୋକସରା ବ୍ଲକ କଂଗ୍ରେସ କମିଟିର ନୂତନ ସଭାପତି ଭାବେ ବରିଷ୍ଠ ନେତା ଲକ୍ଷ୍ମଣ ଶବରଙ୍କୁ ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାଏକଙ୍କ ଅନୁମୋଦନ କ୍ରମେ କୋକସରା ବ୍ଲକ ସଭାପତି ଭାବେ ଘୋଷଣା କରାଯାଇଛି। ଏହି ଦାୟିତ୍ୱ ମିଳିବା ପରେ ବ୍ଲକ କଂଗ୍ରେସ ପକ୍ଷରୁ ବରିଷ୍ଠ ନେତା ପୁରୁଷୋତ୍ତମ ଗୁପ୍ତା, ନିମାଇଁ ଚରଣ ଧଙ୍ଗଡ଼ାମାଝୀ, ନବୀନ ନାଏକ, ନିରଞ୍ଜନ ନେଗି, ଧନବଲ ନାଏକ ଓ ଅନ୍ୟ କର୍ମକର୍ତ୍ତାମାନେ ସ୍ୱାଗତ କରିଥିଲେ।

## ପ୍ରାକୃତିକ ପଦ୍ଧତିରେ ଚାଷ ତାଲିମ ଶିବିର

**କର୍ଲାମୁଣ୍ଡା, ୧୮ ।୧(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ କଂସିଲସ୍ଥିତ ଜୀବନଧାରା ଚାଷୀ ପାଠଶାଳାରେ ହଣ୍ଡରେଡ଼ ବିକଳ୍ପଜୀବିକା ଫାଉଣ୍ଡେସନ ତରଫରୁ ପ୍ରାକୃତିକ କୃଷି ପଦ୍ଧତି ଉପରେ ତାଲିମ ଶିବିର ଆୟୋଜନ ହୋଇଯାଇଛି। ଏଥିରେ ୩୦ ଜଣ ଚାଷୀ ଅଂଶ ଗ୍ରହଣ କରିଥିଲେ। ଚାଷୀ ପାଠ ଶାଳାର ପରିଚାଳକ ବୈଦ୍ୟନାଥ ଭୋଇ, ଅନିରୁଦ୍ଧ ପୁଟେଲ ଓ ଜୟରାମ ବୁଡ଼େକ ଚାଷୀଙ୍କୁ ପ୍ରାକୃତିକ ପଦ୍ଧତିରେ ଚାଷ କରିବାର କୌଶଳ ଯଥା ମୃତିକାର ସ୍ୱାସ୍ଥ୍ୟ, ଦେଶୀ ମଞ୍ଜିର ବ୍ୟବହାର, ବିହନ ବିଶୋଧନ, ଫସଲରେ ରୋଗପୋକ ପରିଚାଳନା, ବର୍ଷା ଜଳ ଅମଳ ଓ ପରିଚାଳନା, ଫସଲ ଅମଳ ପରବର୍ତ୍ତୀ ଯତ୍ନ ଆଦି ଅନୁମୋଦିତ ଚାଷ ପ୍ରଣାଳୀ ବିଷୟରେ ଚାଷୀଙ୍କୁ ବୁଝାଇଥିଲେ। ସଂସ୍ଥାର ନିର୍ଦ୍ଦେଶକ ଅମର କୁମାର ଗୌଡ଼ ମୃତ୍ତିକା, ଫସଲ ଓ ମାନବ ସମାଜର ସ୍ୱାସ୍ଥ୍ୟ ସହିତ ରହିଥିବା ନିବିଡ଼ ସମ୍ପର୍କ ବିଷୟରେ କହିଥିଲେ। ଏହି ଅବସରରେ ଚାଷୀ ପାଠଶାଳାର ନୀତି ନିୟମ, କାମ କରି ଶିଖିବାର ପ୍ରକ୍ରିୟା ଓ ବାର୍ଷିକ ଚାଷ କ୍ୟାଲେଣ୍ଡର ବିଷୟରେ ଚାଷୀମାନେ ଆଲୋଚନା କରିଥିଲେ। ଚାଷୀମାନେ ମିଳିତ ଭାବେ ଘନଜୀବାମୃତ, ହାଣ୍ଡିଖତ, ନିମାସ୍ତ୍ର ତିଆରି ଓ ପ୍ରୟୋଗ ବିଧି ଗୁଡିକର ପ୍ରଦର୍ଶନ କରିଥିଲେ। ସୁଧାମୟୀ ପୁଟା, ଭାରତୀ ପୁଟେଲ, ରୁଦ୍ରମଣୀ ଭୋଇ, ବିଶ୍ୱମ୍ବର ଭୋଇ ଓ ପୂର୍ଣଚନ୍ଦ୍ର ମାଝୀ ପ୍ରମୁଖ ଫସଲରେ ହାଣ୍ଡି ଖତ ଓ ଘନଯିବାମୃତର ପ୍ରୟୋଗ କରିଥିଲେ। ଅମ୍ବରିଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଷ୍ଟାର୍ଟ-ଅପ୍ 'ଏଲିମାଇଣ୍ଡ ଭି' ରାଜ୍ୟସ୍ତରୀୟ ପ୍ରତିଯୋଗିତା

**ଭବାନୀପାଟଣା, ୧୮ ।୧ (ସମିସ) :** ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଷ୍ଟାର୍ଟ-ଅପ୍ ଏଲିମାଇଣ୍ଡଭି ଆୟୋଜିତ ରାଜ୍ୟସ୍ତରୀୟ ନବସୃଜନ ଓ ଉଦ୍ୟମ ପ୍ରତିଯୋଗିତାରେ ୫ ଲକ୍ଷ ପୁରସ୍କାର ରାଶି ଅର୍ଜନ କରିଛି। ଏହି ପ୍ରତିଯୋଗିତା ୧୬ ଓ ୧୭ ଜାନୁଆରୀ ୨୦୨୬ରେ ଭୁବନେଶ୍ୱରର ରମାଦେବୀ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି ଷ୍ଟାର୍ଟ-ଅପ୍‌ଟି ପ୍ରବୀଣ କୁମାର ସିଂହ ଓ ସ୍ୱସ୍ତିକ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ବେଳେ, ବାଣିଜ୍ୟ ବିଭାଗର ଅଧ୍ୟାପକ ଚିରାଗ ଜେନ୍ ଏହାକୁ ମେଣ୍ଟରସିପ୍ ପ୍ରଦାନ କରିଥିଲେ। ଏଲିମାଇଣ୍ଡଭି ସହିତ ପୂର୍ବରୁ ବିଶ୍ୱବିଦ୍ୟାଳୟସ୍ତରରେ ୧ ଲକ୍ଷ ପୁରସ୍କାର ପାଇଥିବା ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଆଉ ଚାରିଟି ଷ୍ଟାର୍ଟ-ଅପ୍ ମଧ୍ୟ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସମଗ୍ର ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ମୋଟ ୭୨ଟି ନବୀନ ଷ୍ଟାର୍ଟ-ଅପ୍ ଧାରଣା ଅଂଶଗ୍ରହଣ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଡ. କାଳୀ ପ୍ରସନ୍ନ ମହାପାତ୍ର, ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର କାର୍ଯ୍ୟକାରୀ ସଦସ୍ୟ ପ୍ରଫେସର ଅତନୁ ପତି ଓ ରମାଦେବୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀଚରଣ ରଥ ଉପସ୍ଥିତ ଥିଲେ।




## ପିଏମ୍‌ଶ୍ରୀ ନ୍ୟାସନାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ନୂଆପଡ଼ା, ୧୮ ।୧(ସମିସ):** ପିଏମଶ୍ରୀ ନ୍ୟାସନାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷକ ଗୋଲାପ ଚନ୍ଦ୍ର ସାହୁ ଦାୟିତ୍ୱ ନିର୍ବାହ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କ୍ରୀଡ଼ାଧିକାରୀ ରାଜେନ୍ଦ୍ର କୁମାର ବଡ଼େଇ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରିକେଟ ସଂଘର ସମ୍ପାଦକ ସରୋଜ କୁମାର ସାହୁ ଏବଂ ମୁଖ୍ୟବକ୍ତା ଭାବରେ ଗୋଷ୍ଠୀ ଶିକ୍ଷାଧିକାରୀ ଗୀତାରାଣୀ ଯୋଷୀ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ କୁଞ୍ଜ ବିହାରି ସାହୁ ଯୋଗଦାନ କରି କ୍ରୀଡା ମାଧ୍ୟମରେ ଶିଷ୍ଟାଚାର, ସହନଶୀଳତା ଓ ନେତୃତ୍ୱ ଗୁଣ ବିକାଶ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ କ୍ରୀଡା ଶିକ୍ଷକ ମୋହନ ମହନ୍ତଙ୍କ ନେତୃତ୍ୱରେ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଅନିତା ମୁଣ୍ଡ, ବରିଷ୍ଠ ଶିକ୍ଷକ ସୁକାନ୍ତ ଶତପଥୀ ଧନ୍ୟବାଦ ଦେଇଥିଲେ। ଉଦ୍‌ଯାପନୀ ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ. ରେଶମଲାଲ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବାବେଳେ, ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ବିନୋଦ ପାଢ଼ୀ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ରହିଥିଲେ। ପ୍ରକାଶ ସାହୁ ଓ କାହ୍ନୁ ଚରଣ ଲେଙ୍କା ଯୋଗଦାନ କରି କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଥିଲେ।




ଚତୁର୍ଥ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ-ଅର୍ଜୁନ ପୁଞ୍ଜି
ଭୁଷଣ୍ଡପୁର,ଖୋର୍ଦ୍ଧା
ଆବିର୍ଭାବ-୦୧.୦୭.୧୯୩୩
ତିରୋଧାନ-୧୯.୦୧.୨୦୨୨

ଆପଣଙ୍କ ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତ ଯନ୍ତ୍ରଣା ଦାୟକ ।ବାପା ଆପଣଙ୍କ ସ୍ନେହ,ଶ୍ରଦ୍ଧା,ଧର୍ମ,କର୍ମ,ସେବା ଓ କର୍ତ୍ତବ୍ୟନିଷ୍ଠା ସର୍ବଦା ମନେରହିଥିବ ।ସ୍ୱର୍ଗତ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା ।


## ବୁଢ଼ାରଜା କ୍ରିକେଟ୍ ଚାମ୍ପିଅନ ଟ୍ରଫି ଫାଇନାଲ

# ବଡ଼ପୁଝାରୀଗୁଡ଼ାକୁ ହରାଇ ଡଙ୍ଗରୀଗୁଡା ଚାମ୍ପିଅନ୍

କୋକସରା, ୧୮ ।୧(ସମିସ)




ବୁଢ଼ାରଜା କ୍ରିକେଟ କ୍ଲବ୍, ଆମପାଣି ପକ୍ଷରୁ ସ୍ଥାନୀୟ ଖେଳ ପଡ଼ିଆଠାରେ ଚାଲିଥିବା ବୁଢ଼ାରଜା ଚାମ୍ପିଅନ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ରବିବାର ଅନୁଷ୍ଠିତ ହୋଇଛି। ଫାଇନାଲ ଖେଳ ଡଙ୍ଗରୀଗୁଡା ଓ ବଡ଼ପୁଝାରୀଗୁଡା ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଡ଼ପୁଝାରୀଗୁଡାକୁ ହରାଇ ଡଙ୍ଗରୀଗୁଡା ଟିମ୍ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଛି। ଡଙ୍ଗରୀଗୁଡା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭର ଖେଳି ୩ ଉଇକେଟ ବିନିମୟରେ ୧୩୭ ରନ୍ ସଂଗ୍ରହ କରିଥିଲା। ଜବାବରେ ବଡପୁଝାରୀଗୁଡା ଟିମ୍ ପଡ଼ିଆକୁ ଓହ୍ଲାଇ ୧୨ ଓଭର ଖେଳି ୬ ଉଇକେଟରେ ୧୨୫ ରନ୍ ସଂଗ୍ରହ କରିଥିଲା। ତେବେ ଡଙ୍ଗରୀଗୁଡା ଟିମ୍ ୧୨ ରନ୍ ରେ ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ୍ ହୋଇଛି। ଫାଇନାଲ ଖେଳକୁ ଅମ୍ପିୟାର ମନୋରଞ୍ଜନ ବାଣୁଆ ଓ ପ୍ରାଣକୃଷ୍ଣ ସାହୁ ପରିଚାଳନା କରିଥିଲେ। ସ୍କୋର ବୋର୍ଡ ଦାୟିତ୍ୱରେ କୁମୁଦ ସୁନା ରହିଥିବାବେଳେ ରମେଶ ବାରିକ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ରାଜୀବ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଆମପାଣି ସରପଞ୍ଚ ରୁକ୍ମିଣୀ ବାଣୁଆ, ଆମପାଣି ଥାନା ଏସ୍‌ଆଇ ଇଶ୍ୱର ଶିର୍କା, ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା, ପୂର୍ବତନ ସରପଞ୍ଚ ଟିକିଚନ୍ଦ୍ର ଧ.ମାଝୀ, କୁମୁଦ ଚନ୍ଦ୍ର ପୁଝାରୀ, ତ୍ରିନାଥପ୍ରଶ୍ନ ରାୟ, ସୁନୀଲ କୁମାର ଯୋଷୀ, ଦୟାନିଧି ନାଏକ, ବିନୋଦ କୁମାର ସିଂ, ଲକ୍ଷପତି ମାଝୀ, ପ୍ରଫୁଲ୍ଲ ଜାନୀ, ଦୁର୍ଲ୍ଲଭ ନାଏକ, ଶିକ୍ଷକ ଭାଗ୍ୟବାନ ବାଗ, ସୁରେଶ ଚନ୍ଦ୍ର ସାହୁ, ଗୌତମ ବାଗ, ନୃପରାଜ ନାଏକ, କୈଳାସ ମାଝି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ରୁଦ୍ର ପ୍ରସାଦ ଖମାରୀ, ଆକାଶ ପାଣିଗ୍ରାହୀ, ନୃପରାଜ ନାଏକ, ରୁତୁ ସୁନା, ଆଲୋକ ପାଣିଗ୍ରାହୀ, ହେମନ୍ତ ସୁନା, ତାରେଶ କୁମାର ସାମନ୍ତରାୟ, ରାଘବ ସୁନା, କୃଷ୍ଣଚନ୍ଦ୍ର ମାଝୀ, ଧର୍ମେନ୍ଦ୍ର କଣ୍ଡା, କେଦାର ନାଗ, ଗୀରିସ ଧଙ୍ଗଡ଼ାମାଝୀ, ସାନୁ ଧଙ୍ଗଡ଼ାମାଝୀ, ମିନୀକେତନ ସୁନା, କିଶୋର ନାଏକ, ଦିନେଶ ବାଗ, ରିତେଶ ଖମାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବ୍ଲକ୍‌ସ୍ତରୀୟ ବନ୍ଦେ ମାତରମ୍‌ର ବାର୍ଷିକ ଉତ୍ସବ



**ସିନାପାଲି, ୧୮ ।୧(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ପଞ୍ଚାୟତ ସମିତି ଆନୁକୂଲ୍ୟରେ ବ୍ଲକସ୍ତରୀୟ ବନ୍ଦେ ମାତରମ ୧୫୦ତମ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ସିନାପାଲି ବିଡିଓ କାର୍ମି ଓରାମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମାଧୁରି ମାଝୀ, ମୁଖ୍ୟବକ୍ତା ଭାବେ ଶିକ୍ଷକ ମନୋରଞ୍ଜନ ମେହେର, ସମ୍ମାନିତ ଅତିଥିଭାବେ ଉପାଧ୍ୟକ୍ଷା ମିନା ଘିଭେଲା, ଜିଲ୍ଲା ପରିଷଦ ସଦସ୍ୟା ଆଶା ଜେନ, ଅତିରିକ୍ତ ତହସିଲଦାର ମନୋରଞ୍ଜନ କେରକେଟା, ଏବିଇଓ ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। କନକବର୍ଦ୍ଧନ ସାହୁ ଓ ଶିକ୍ଷକ ପରେଶନାଥ ପାଣିଗ୍ରାହୀ ଅତିଥି ସ୍ୱାଗତ ଓ ପରିଚୟ ଅଭିଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ବ୍ଲକ ସ୍ତରୀୟ ସମସ୍ତ କ୍ଲଷ୍ଟର ବିଦ୍ୟାଳୟ ଛାତ୍ରଛାତ୍ରୀ ଉପସ୍ଥିତ ହୋଇ ବିଭିନ୍ନ ପ୍ରତିଯୋଗିତା ରେ ଭାଗ ନେଇଥିଲେ। କୃତିତ୍ୱ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ବଲାଙ୍ଗିରରେ ବାହାର ଠିକାଦାରଙ୍କୁ ନା



ବଲାଙ୍ଗିର, ୧୮ ।୧(ସମିସ): ବଲାଙ୍ଗିର ଜିଲ୍ଲା ଠିକାଦାର ସଂଘ ବାହାର ଠିକାଦାରମାନଙ୍କ ପ୍ରବେଶକୁ ବିରୋଧ କରିଛି। ଅନ୍ୟ ଜିଲ୍ଲାର ଠିକାଦାରନେ ବଲାଙ୍ଗିର ଜିଲ୍ଲାରେ କାମ ନ କରିବାକୁ ସ୍ଥାନୀୟ ସାମ୍ବାଦିକ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ସଂଘ ନିବେଦନ କରିଛି। ମନଇଚ୍ଛା ଲେସ୍‌ରେ ଟେଣ୍ଡର ପକାଇବା ବଦଳରେ ଏକ ସୀମା ଭିତରେ ରହି ସିଡ୍ୟୁଲ୍ ଦରରେ ଟେଣ୍ଡର ଆବେଦନ କରିବାକୁ ଜିଲ୍ଲାର ଠିକାଦାରଙ୍କୁ ଅନୁରୋଧ କରାଯାଇଛି। ବିଭିନ୍ନ ବିଭାଗର ଉନ୍ନତିମୂଳକ କାମ ତଥା ବିଭିନ୍ନ ପ୍ରକଳ୍ପର ଠିକାକାମରେ ଠିକାଦାରମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ସୂଚନା ଦିଆଯାଇଛି। ବଲାଙ୍ଗିର ଜିଲ୍ଲାରେ ଅନ୍ୟ ଜିଲ୍ଲାର ଠିକାଦାରମାନେ କାମ କରୁଥିବା ସଂଘ କର୍ମକର୍ତ୍ତା ଅଭିଯୋଗ କରିଥିଲେ। ଅନ୍ୟ ଜିଲ୍ଲାରେ ବଲାଙ୍ଗିର ଜିଲ୍ଲାର ଠିକାଦାରଙ୍କ କାମକୁ ସେମାନେ ପ୍ରତିବାଦ କରୁଛନ୍ତି। ଏଣିକି ବଲାଙ୍ଗିର ଜିଲ୍ଲାରେ ମଧ୍ୟ ଅନ୍ୟ ଜିଲ୍ଲାର ଠିକାଦାରଙ୍କୁ ବିରୋଧ କରାଯିବ ବୋଲି କହିଥିଲେ। ପୂର୍ବରୁ ଏକ ସୀମା ଭିତରେ କିଛି ପ୍ରତିଶତ ଲେସରେ ସିଡ୍ୟୁଲ ଦରରେ ଟେଣ୍ଡର ପକାଯାଉଥିଲା। ଏବେ ଏଥିରେ ପରିବର୍ତ୍ତନ କରାଯାଇଛି। ଏହାଦ୍ୱାରା ଠିକାଦାରମାନେ ଅଧିକ ପ୍ରଭାବିତ ହେବା ସହ କାମର ମାନ ମଧ୍ୟ ଠିକ ରହିବ ନାହିଁ। ତେବେ ଜିଲ୍ଲାର ଠିକାଦାରମାନେ ଏକ ସିଡ୍ୟୁଲ ଦରରେ ଟେଣ୍ଡର ପକାଇବା ପାଇଁ କର୍ମକର୍ତ୍ତା ନିଜ ସଂଘର ଠିକାଦାରଙ୍କୁ ଜଣାଇଛନ୍ତି। ଯଦି ଏହା ନ ହୁଏ ତେବେ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ସଂଘ କଠୋର ହୋଇ କାର୍ଯ୍ୟାନୁଷ୍ଠାନ ନେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଦେବାଶିଷ ପୁରୋହିତ, ଗୋପାଳ ଦାନୀ, ଅକ୍ଷୟ ତ୍ରିପାଠୀ, ଅନିଲ ମହାନ୍ତି, ବବି ପୁଝାରୀଙ୍କ ସମେତ ବହୁ ଠିକାଦାର ଉପସ୍ଥିତ ଥିଲେ।

**ବଲାଙ୍ଗିର ରେଳ ଜଙ୍କସନ**

# ରାଜସ୍ୱରେ ଆଗୁଆ, ବ୍ୟବସ୍ଥାରେ ପଛୁଆ

● ବର୍ଷ ବର୍ଷ ହେଲା ଚାଲିଛି ନିର୍ମାଣ
● କେବେ ସରିବ ତାକୁ ନେଇ ପ୍ରଶ୍ନ
● ଦୁର୍ଦ୍ଦଶା ଭୋଗୁଛନ୍ତି ଯାତ୍ରୀ
● ସବୁ ଜାଣି ମଧ୍ୟ ରେଳ ବିଭାଗ ଚୁପ୍
● ପ୍ଲାଟଫର୍ମ ବଦଳାଇବାକୁ ପୁରୁଣା ପାଦଚଲା ଓଭରବ୍ରିଜ ଭରସା

ବଲାଙ୍ଗିର, ୧୮ ।୧(ସମିସ)



ପଶ୍ଚିମଓଡ଼ିଶା ତଥା ସମ୍ବଲପୁର ରେଲବାଇ ଡିଭିଜନର ଏକ ଗୁରୁତ୍ୱପୂର୍ଣ୍ଣ ରେଳ ଜଙ୍କସନ ହେଉଛି ବଲାଙ୍ଗିର। ଏହି ଷ୍ଟେସନରେ ସଂଖ୍ୟାଧିକ ଦୂରଗାମୀ ଟ୍ରେନ ରହଣୀ ବ୍ୟବସ୍ଥା ରହିଛି। ଖୋର୍ଦ୍ଧା-ବଲାଙ୍ଗିର ରେଳପଥ ବଲାଙ୍ଗିର ପଟୁ ଆରମ୍ଭ ହେବା ପରେ ପୁରୁଣା କଟକ ପର୍ଯ୍ୟନ୍ତ ସମ୍ପ୍ରସାରଣ ହୋଇଛି। ଏହି ଟ୍ରାକ ଆରମ୍ଭ ହେବା ପରେ ବଲାଙ୍ଗିରକୁ ଜଙ୍କସନର ମାନ୍ୟତା ମିଳିଥିଲା। ଏହା ପରେ ରେଳ ବିଭାଗ ପକ୍ଷରୁ ବଲାଙ୍ଗିର ରେଳଷ୍ଟେସନର ଉନ୍ନତିକରଣ କରିବା ପାଇଁ ସ୍ୱତନ୍ତ୍ର ଅନୁଦାନ ମଧ୍ୟ ପ୍ରଦାନ କରାଯାଇଥିଲା। ତେବେ ଏହି କାମ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି। କେବେ ସମ୍ପୂର୍ଣ୍ଣ ହେବ ତାହା କହିବା ମୁସ୍କିଲ। ଏମିତିରେ ପ୍ରତିଦିନ ଶହ ଶହ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଷ୍ଟେସନରେ ଯାତ୍ରୀଙ୍କ ପାଇଁ ଥିବା ପୁରୁଣା ଓଭରବ୍ରିଜ ଭରସାଛି। ଲିଫ୍ଟ କିମ୍ବା ଏସ୍କଲେଟର ବ୍ୟବସ୍ଥା ହୋଇନାହିଁ। ଗୋଟିଏ ପ୍ଲାଟଫର୍ମରୁ ଆଉ ଗୋଟିଏ ପ୍ଲାଟଫର୍ମକୁ ଯିବାକୁ ହେଲେ ପାଦଚଲା ଓଭର ବ୍ରିଜ ଦେଇ ଯିବାକୁ ପଡୁଛି। ଯାହା ଏବେ ଯାତ୍ରୀଙ୍କ ପାଇଁ ଏକ ବଡ ସମସ୍ୟା ପାଲଟିଛି।

ସମ୍ବଲପୁର ରେଲବାଇ ଡିଭିଜନରେ ଏକ ପ୍ରମୁଖ ଷ୍ଟେସନ ହେଉଛି ବଲାଙ୍ଗିର। ବଲାଙ୍ଗିରରେ ଅନେକ ଦ୍ରୁତଗାମୀ ଓ ଦୂରଗାମୀ ଟ୍ରେନର ରହଣି ବ୍ୟବସ୍ଥା ରହିଛି। ବଲାଙ୍ଗିରରୁ ଟିଟିଲାଗଡ଼, ରାୟଗଡ଼ା ଦେଇ ବିଶାଖାପାଟଣା, ସମ୍ବଲପୁର ଦେଇ ଭୁବନେଶ୍ୱର, ରାଉରକେଲାକୁ ଯୋଗାଯୋଗ ରହିଛି। ଏହା ଫଳରେ ପ୍ରତିଦିନ ଏହି ଷ୍ଟେସନରେ ଲୋକଙ୍କ ଭିଡ ଦେଖିବାକୁ ମିଳିଥାଏ। କିଏ ମେଡିକାଲ କାମରେ ବୁର୍ଲା, ଭୁବନେଶ୍ୱର କିମ୍ବା ବିଶାଖାପାଟଣା ଅଭିମୁଖେ ଯାଇଥାଏ ତ କିଏ ବ୍ୟବସାୟ ପାଇଁ ଅନ୍ୟ ରାଜ୍ୟକୁ ଯାଇଥାଏ। ସରକାରୀ ଚାକିରିଆ, ବେସରକାରୀ ଚାକିରିଆ, ଛାତ୍ରଛାତ୍ରୀ ମଧ୍ୟ ପ୍ରତିଦିନ ଏହି ଷ୍ଟେସନ ଉପରେ ନିର୍ଭର କରିଥାନ୍ତି। ରାଜସ୍ୱ ଦୃଷ୍ଟିରୁ ମଧ୍ୟ ବଲାଙ୍ଗିର ଷ୍ଟେସନ ବେଶ୍ ଆଗରେ ରହିଛି; କିନ୍ତୁ ଯାତ୍ରୀଙ୍କ ସୁବିଧା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉନି। ଷ୍ଟେସନରେ ସବୁଠାରୁ ଏକ ବଡ ସମସ୍ୟା ହେଲା ଲିଫ୍ଟ ଓ ଏସ୍କଲେଟର। ଏହି ଷ୍ଟେସନରେ ୩ଟି ପ୍ଲାଟଫର୍ମ ରହିଛି। ବିଭିନ୍ନ ସମୟରେ ଟ୍ରେନ ଭିନ୍ନ ଭିନ୍ନ ପ୍ଲାଟଫର୍ମରେ ଅଟକୁଥିବାରୁ ଯାତ୍ରୀଙ୍କୁ ଅନ୍ୟ ପ୍ଲାଟଫର୍ମକୁ ଯିବାକୁ ପଡ଼ିଥାଏ। ଏଥିପାଇଁ କେବଳ ଗୋଟିଏ ପୁରୁଣା ପାଦଚଲା ଓଭର ବ୍ରିଜର ବ୍ୟବସ୍ଥା ରହିଛି। ଏହି ଓଭରବ୍ରିଜ ଉପରେ ବରିଷ୍ଠ ବ୍ୟକ୍ତି, ରୋଗୀ, ଛୋଟଛୁଆ, ଗର୍ଭବତୀ ମହିଳା ନିର୍ଭର କରୁଛନ୍ତି। ଅନେକ ସମୟରେ ଏଥିପାଇଁ ଅସ୍ୱାଭାବିକ ପରିସ୍ଥିତି ମଧ୍ୟ ଦେଖିବାକୁ ମିଳିଥାଏ। ବିଶେଷ କରି ରୋଗୀ, ବୃଦ୍ଧ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଗତ କିଛି ବର୍ଷ ହେଲା ଷ୍ଟେସନର ଉନ୍ନତିକରଣ ଆରମ୍ଭ ହୋଇଛି; ହେଲେ ୫୦ ପ୍ରତିଶତ କାମ ମଧ୍ୟ ସରିନାହିଁ। ଠିକାସଂସ୍ଥା ଅତି ମନ୍ଥର ଗତିରେ ଏହି ନିର୍ମାଣ କାମ କରୁଛି। ଏଣୁ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଛି। ଷ୍ଟେସନକୁ ପ୍ରବେଶ ଓ ବାହାରିବା ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ଗୋଟିଏ ପୁରୁଣା ଓଭରବ୍ରିଜରେ ପ୍ରତିଦିନ ଶହ ଶହ ଲୋକ ଯିବା ଆସିବା କରୁଛନ୍ତି। ନିର୍ମାଣ ସାମଗ୍ରୀ ଏପଟ ସେପଟ ହୋଇ ପଡ଼ିଛି। ଏଣୁ ଲୋକେ ଅସୁବିଧାରେ ପଡୁଥିବା ଅଭିଯୋଗ କରିଛନ୍ତି। ଟିକଟ କାଉଣ୍ଟର ଷ୍ଟେସନ ବାହାରେ ରହିଛି। ଟିକଟ କରି ପୁଣି ଷ୍ଟେସନକୁ ଆସି ଟ୍ରେନ୍ ଚଢିବାରେ ମଧ୍ୟ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ସେଣ୍ଟ ଜାଭିଅର୍ସ ହାଇସ୍କୁଲରେ ପ୍ରତିଯୋଗିତା



କଣ୍ଟାବାଞ୍ଜି, ୧୮ ।୧(ସମିସ): କଣ୍ଟାବାଞ୍ଜି ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ବନ୍ଦେ ମାତରମ୍‌ର ୧୫୦ତମ ପୂର୍ତ୍ତି ଉପଲକ୍ଷେ ଏନଏସିସ୍ତରୀୟ ଏକ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏନଏସି ଅଞ୍ଚଳର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ବକ୍ତୃତା, ଗୀତ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ସାମିଲ ହୋଇଥିଲେ। ସିଆରସିସି ଦିନେଶ ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ହରପ୍ରସାଦ ନାୟକ ଏବଂ ସ୍କୁଲ ନିର୍ଦ୍ଦେଶକ ନାରାୟଣ ଅଗ୍ରୱାଲ ଉପସ୍ଥିତ ଥିଲେ। ସ୍କୁଲ ସଚିବ ରୋହିତ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ସେହେବାଜ ଖାନ, ସ୍ମିଥ୍ ଦଲେଇ, ଧୀରଜ ବେହେରା, ଏବଂ ପବନ ପୁଟେଲ ପ୍ରମୁଖ ସହଯୋଗ କରିଥିଲେ।

# ଟିଟିଲାଗଡ଼ରେ ଦୌଡ଼ ପ୍ରତିଯୋଗିତା



ଟିଟିଲାଗଡ଼, ୧୮ ।୧(ସମିସ): ସାଧାରଣ ତନ୍ତ୍ର ଦିବସ ଉପଲକ୍ଷେ ଟିଟିଲାଗଡ଼ରେ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ଼ ଆଥଲେଟିକ ଆସୋସିଏସନ ତରଫରୁ ଏହା ଅନୁଷ୍ଠିତ ହୋଇଥିଲା। ରାଧାକାନ୍ତ ପାଢ଼ୀ ସଭାପତିତ୍ୱ କରିଥିଲେ। ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଏହାର ଶୁଭ ଆରମ୍ଭ କରିଥିଲେ। ବାଞ୍ଛିଝାଲଠାରୁ ଏହି ଦୌଡ ପ୍ରତିଯୋଗିତା ବାହାରି ସିଟି ସ୍କୁଲ ଖେଳ ପଡ଼ିଆରେ ସମାପ୍ତ ହୋଇଥିଲା। ସିଟି ସ୍କୁଲ ଖେଳ ପଡ଼ିଆରେ ସଭା ଅନୁଷ୍ଠିତ ହୋଇଥିଲା। ବିଧାୟକ ଏବଂ ଶ୍ରୀ ପାଢ଼ୀଙ୍କ ସହ ସମ୍ପାଦକ ଶୁଭ୍ରାଂଶୁ ଦାସ, ଏସଡିପିଓ ଜଶୋବନ୍ତ ନାରାୟଣ ପ୍ରଧାନି, ଓମ୍‌ଭ୍ୟାଲି ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଲାୟନ ଦୀପକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଥଲେଟିକ୍ ଏସୋସିଏସନ୍‌ର ସାଂଗଠାନିକ ସମ୍ପାଦକ ଦୀପକ ସମାଦାର, ମନୋଜ ହାତୀ, ଲକ୍ଷ୍ମୀକାନ୍ତ ମହାପାତ୍ର, ଘିନୁ ଆଡଯୁଆଡ, ଚକ୍ର ପଟ୍ଟନାୟକ, ପଦ୍ମନାଭ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଓମ୍‌ଭ୍ୟାଲି ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ



ଟିଟିଲାଗଡ଼, ୧୮।୧(ସମିସ): ଚାରଭଟାସ୍ଥିତ ଓମ୍‌ଭ୍ୟାଲି ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ସଭାପତି ଲାୟନ୍ ଦୀପକ ସାହୁ, ପରିଚାଳନା ନିର୍ଦ୍ଦେଶିକା ବିଭାରାଜ ଗୁପ୍ତା, ନିର୍ଦ୍ଦେଶକ ଶଶାଙ୍କଶେଖର ସାହୁ, କମିଟି ସଦସ୍ୟ ବରିଷ୍ଠ ଆଇନ୍‌ଜୀବୀ ପ୍ରଦୀପ ମହାନ୍ତି, ରାକେଶ ଜୈନ (ଚାଟାର୍ଡ଼ ଏକାଉଣ୍ଟାଣ୍ଟ), ଅଧ୍ୟକ୍ଷ ଏମ୍ ନାଗା ମାଲେଶ୍ୱର ରାଓ, ମୁଖ୍ୟ ଉପଦେଷ୍ଟା ଡ. ରବୀନ୍ ଚନ୍ଦ୍ର ପରମାଣିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

ଏହି ଅବସରରେ ଛାତ୍ରଛାତ୍ରୀ ନୃତ୍ୟସଙ୍ଗୀତ ପରିବେଷଣ କରିଥିଲେ। ଜାତୀୟ, ଆର୍ନ୍ତଜାତୀୟ କ୍ଷେତ୍ରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଭା ଅର୍ଜନ କରିଥିବା ପୂର୍ବତନ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା।

# ୧୦ ବରିଷ୍ଠ ନାଗରିକଙ୍କୁ ମାହେଶ୍ୱରୀ ସଂଗଠନର ସହଯୋଗ



ବଲାଙ୍ଗିର, ୧୮ ।୧(ସମିସ): ସ୍ୱେଚ୍ଛାସେବୀ ସଂଗଠନ ମାହେଶ୍ୱରୀ ପକ୍ଷରୁ ବାର୍ଷିକ ସାଧାରଣ ସଭା ଆୟୋଜିତ ହୋଇଛି। ଏଥିରେ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ ଏବଂ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଯୋଷୀ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୧୦ ଜଣ ବରିଷ୍ଠ ନାଗରିକଙ୍କୁ ହ୍ୱିଲ ଚେୟାର, କମୋଡ୍, ନେକ୍ ବେଲ୍ଟ ଆଦି ପ୍ରଦାନ କରାଯାଇଥିଲା। ତୃପ୍ତିମୟୀ ମହାପାତ୍ର ସଂଯୋଜନା କରିଥିଲେ। ସଂଗଠନର ସଭାପତି ଶୋଭନ ଅଗ୍ରୱାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଦସ୍ୟ ପ୍ରୀତିଶ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ। ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ ପାଣ୍ଡିଆ, ସୋମେଶ ମିଶ୍ର, ଆଶିଷ ଜେନା, ରାଜ ବାଲୁଙ୍କେଶ୍ୱର ନନ୍ଦ, ଶିବାନନ୍ଦ ସାହାଣୀ, ଯତୀନ୍ଦ୍ର ସାହୁ, କରନ ବେହେରା, ସାହିଲ ସିଂହ ଗଡ଼ତ୍ୟା, ଆୟୁଷ ସାହୁ, ଅବିନାଶ ସାହୁ, ସମୀର ମହାନନ୍ଦ, ଶିବ ମହାମଲ୍ଲିକ, ଦେବାଶିଷ ପାଣ୍ଡିଆ, ପ୍ରେମାଶିଷ ପାଣ୍ଡିଆ, ଦୀପକ ତ୍ରିପାଠୀ, ସସ୍ମିତା ଦାଶ, ସୁଷମା ବହିଦାର, ସୁପ୍ରମା ବହିଦାର, ପ୍ରବୀଣ ବହିଦାର, ପଦ୍ମାଳୟା ବାରିକ, ବିଷ୍ଣୁପ୍ରିୟା ପାଣି, ଶୁଭଶ୍ରୀ ପଟ୍ଟନାୟକ, ବୈଶାଳୀ ବହିଦାର, ସଞ୍ଜୟ ଅଗ୍ରୱାଲ, ସୁରଜ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ବଲାଙ୍ଗିର ଲନ୍ ବଲ୍ ଦଳ ବିଜେତା ଘୋଷିତ

ବଲାଙ୍ଗିର, ୧୮ ।୧(ସମିସ): ଓଡ଼ିଶା ରାଜ୍ୟ ଲନ୍ ବଲ୍ ପ୍ରତିଯୋଗିତାର ତୃତୀୟ ସଂସ୍କରଣରେ ବଲାଙ୍ଗିର ବାଜି ମାରିଛି। ବଲାଙ୍ଗିର ବିଜେତା ହୋଇଥିବାବେଳେ ସମ୍ବଲପୁର ଉପ ବିଜେତା ହୋଇଛି। ୧୦ ଇଭେଣ୍ଟରେ ବଲାଙ୍ଗିର ଜିଲ୍ଲା ସିନିୟର ବର୍ଗରେ ୫ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ, ଗୋଟିଏ ବ୍ରୋଞ୍ଜ ପାଇଛି। ୨୫ ବୟସରୁ କମ୍ ବର୍ଗରେ ମଧ୍ୟ ବାଳକ ବିଭାଗ ସ୍ୱର୍ଣ୍ଣ ପଦକ ଜିତିଛି। ବାଳିକା ବର୍ଗରେ ବ୍ରୋଞ୍ଜ ମିଳିଛି। ସେହିଭଳି ସମ୍ବଲପୁର ଗୋଟିଏ ସ୍ୱର୍ଣ୍ଣ, ୩ଟି ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ ପଦକ ପାଇଛି। ୨୫ ବୟସରୁ କମ୍ ବର୍ଗ (ବାଳିକା) ରେ ଗୋଟିଏ ସ୍ୱର୍ଣ୍ଣ ମିଳିଛି। ପୁରସ୍କାର ପ୍ରଦାନ ଉତ୍ସବରେ



ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ବିଜୟାନନ୍ଦ ସେଠି, ଉପ ଜିଲ୍ଲାପାଳ ଆଲୋକ ପଟେଲ, ରାଜ୍ୟ ଲନ ବଲ୍ ସଂଘ ସଭାପତି ଅନଙ୍ଗ ଉଦୟ ସିଂଦେଓ ଯୋଗ ଦେଇଥିଲେ। ରାଜ୍ୟ ଲନ ବଲ୍ ସଂଘ ସାଧାରଣ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କରିଶ୍ମା ରାଉତ, ଅନ୍ୱେଷା ରାଉତ, ରୋଶନ ସାହୁ, ନରେଶ ପ୍ରଧାନ, ବୁଦ୍ଧିରାଜ ବିଶ୍ୱାଳ, ପୁରେନ୍ଦର ସେଠ, ବିଭୁତି ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

● ଉନ୍ନୟନ କାର୍ଯ୍ୟରେ ଅବହେଳା

# ୪ ପିଇଓ, ୨ ଡିଇଓଙ୍କ ମାସକର ଦରମା ବନ୍ଦ

ବଙ୍ଗୋମୁଣ୍ଡା, ୧୮ ।୧(ସମିସ): ବଙ୍ଗୋମୁଣ୍ଡା ବ୍ଲକର ୪ ଜଣ ପିଇଓ ଏବଂ ୨ ଜଣ ଏଡିଇଓଙ୍କ ମାସକର ଦରମା ବନ୍ଦ କରାଯାଇଛି। ଏଡିଇଓ ରୁପଧର ସୁନା, ରମେଶ ଚନ୍ଦ୍ର ଦୀପ ଏବଂ ପିଇଓ ହେମନ୍ତ ବେହେରା, କିରଣବାଳା ମହାନ୍ତି, ପୁରୁଷୋତ୍ତମ ଗହୀର, ପରମାନନ୍ଦ ମହାନନ୍ଦ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଅବହେଳା କରୁଛନ୍ତି। ଏଭଳି ଗୁରୁତର ଅଭିଯୋଗରେ ଜିଲ୍ଲା ପ୍ରଶାସନ ଏମାନଙ୍କ ମାସକର ଦରମା ବନ୍ଦ କରିଛି।

# କଣ୍ଠଶିଳ୍ପୀ ପ୍ରକାଶ ଜାଲ ଡାକ୍ତରଖାନାରେ ଭର୍ତ୍ତି



ବଙ୍ଗୋମୁଣ୍ଡା, ୧୮ ।୧(ସମିସ): ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ପ୍ରକାଶ ଜାଲ ଅସୁସ୍ଥ ହୋଇ ପଡ଼ିଛନ୍ତି। କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ତାଙ୍କୁ ବଲାଙ୍ଗିର ମୁଖ୍ୟ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଗତ କିଛି ବର୍ଷ ହେଲା ପ୍ରକାଶ ଅସୁସ୍ଥତା ହେତୁ ଘରେ ପଡ଼ି ରହିଥିଲେ। ବିଧାୟକ ଏହି ଖବର ପାଇ ତାଙ୍କୁ ମେଡ଼ିକାଲରେ ଭର୍ତ୍ତି କରିବାର ବ୍ୟବସ୍ଥା କରିଛନ୍ତି। ନନ୍ଦ ମେହେର, ଦିଲେଶ୍ୱର ରଣା, ଖୀରଧର ଖର୍ସେଲ, କେକି ସିଂ ଭୋଇ, ଅନଙ୍ଗ ଖର୍ସେଲ, ଜଗିନ ବାଗ ପ୍ରମୁଖ ପ୍ରକାଶଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବାରେ ସହଯୋଗ କରିଥିଲେ। ପ୍ରକାଶ ଜାଲ ଶହ ଶହ ସମ୍ବଲପୁରୀ ଗୀତ ଗାଇ ଲୋକଙ୍କ ମନ ଜିଣି ପାରିଛନ୍ତି। ତେବେ ସେ ଅସୁସ୍ଥ ହେବା ଦିନଠାରୁ ଆଉ ଗୀତ ଗାଇ ପାରୁନାହାନ୍ତି।

# ଜାମୁଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ତୁଷୁରା, ୧୮ ।୧(ସମିସ): ବଲାଙ୍ଗୀର ଜିଲ୍ଲା ଗୁଡଭେଲା ବ୍ଲକ ଜାମୁଟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୫ତମ ବାର୍ଷିକ ଉତ୍ସବ ‘ବର୍ଣ୍ଣାଳୀ’ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଉପେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରତିନିଧି ଅଶୋକ ଦୋରା, ସମ୍ମାନୀତ ଅତିଥି ଭାବେ ଟୁକୁରାମ ପାଣିଗ୍ରାହୀ, ଜାମୁଟ ସରପଞ୍ଚ ଭାବସିଂ ମାଝୀ, ବ୍ଲକ ମଙ୍ଗଳ ଅଧିକାରୀ ଅଶିଷ ବିଶ୍ୱାଳ ଏବଂ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରମେଶ ସାମର୍ଥ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। ସଞ୍ଜୀବ କୁମ୍ଭାର ସଭା ପରିଚାଳନା କରିଥିଲେ। ସରୋଜ ସେଠ୍ ଧନ୍ୟବାଦ ଜଣାଇଥିଲେ। ଦେବଦତ୍ତ ପରିଜା ସଂଯୋଜନା କରିଥିଲେ।

# ମନ୍ଥର ଗତିରେ ଯୋଗୀସର୍ଡା-ବାଦିବାହାଲ ରାସ୍ତାକାମ

ବଲାଙ୍ଗିର, ୧୮ ।୧(ସମିସ)





**ଜାନୁୟାରୀ ଶେଷ ସୁଦ୍ଧା ସରିବା କଥା, ୬୦ ପ୍ରତିଶତ ବି ସରିନି**

ବଲାଙ୍ଗିର ଜିଲ୍ଲାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ ହେଉଥିବା ରାସ୍ତା କାମ ଅତି ମନ୍ଥର ଗତିରେ ଚାଲିଥିବା ଅଭିଯୋଗ ହୋଇଛି। ଗତ ମେ ମାସରୁ ଆରମ୍ଭ ହୋଇଥିବା କାମ ଜାନୁୟାରୀ ମାସ ଶେଷ ସୁଦ୍ଧା କାମ ସାରି ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହେବା କଥା; କିନ୍ତୁ ଠିକାଦାର ଏହି କାମକୁ ଅତି ମନ୍ଥର ଗତିରେ କରୁଥିବାରୁ ୬୦ ପ୍ରତିଶତ ମଧ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ତେବେ ଏହି ମାସ ଶେଷ ସୁଦ୍ଧା କାମ ସାରିବା ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ କାମ ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରୁଥିବା ବେଳେ ମାସ ମାସ ହେଲା ରାସ୍ତା ନିର୍ମାଣାଧୀନ ରହିଛି। ଏହା ଫଳରେ ଲୋକେ ଯିବା ଆସିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଲାଙ୍ଗିର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ଯୋଗୀସର୍ଡା-ବାଦିବାହାଲ ରାସ୍ତାରେ ଏହିଭଳି ଅବସ୍ଥା ଦେଖିବାକୁ ମିଳିଛି।

ବଲାଙ୍ଗିର ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଯୋଗୀସର୍ଡାଠାରୁ ବାଦିବାହାଲ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅର୍ଥ ବରାଦ କରାଯାଇଥିଲା। ୪ କିମି ବିଶିଷ୍ଟ ଏହି ରାସ୍ତା କାମ ପାଇଁ ପ୍ରାୟ ୪ କୋଟି ୧୪ ଲକ୍ଷ ଟଙ୍କା ଅଟକଳ କରାଯାଇଥିଲା। ଏନେଇ ଟେଣ୍ଡର ହେବା ପରେ ଏହି କାମ ବାଲମୁକୁନ୍ଦ ପୁରୋହିତ ନାମକ ଜଣେ ଠିକାଦାର କାମ ଆରମ୍ଭ କରିଥିଲେ। ୨୦୨୫ ମେ ୨ ତାରିଖରେ ଏହି କାମ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ଜାନୁୟାରୀ ୩୧ ସୁଦ୍ଧା କାମ ସାରିବାକୁ ବିଭାଗୀୟ ନିର୍ଦ୍ଦେଶ ରହିଥିଲା; କିନ୍ତୁ ଠିକାଦାର ଜଣକ ଅତି ମନ୍ଥର ଗତିରେ କାମ କରୁଥିବାରୁ ଏହି ମାସ ଶେଷ ସୁଦ୍ଧା ସାରିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ରାସ୍ତାରେ ପ୍ରାୟ ୯ଟି କଲଭର୍ଟ ନିର୍ମାଣ କରାଯିବାର ଯୋଜନା ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ତାହା ମଧ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ଦେଖିବାକୁ ମିଳିଛି। ରାସ୍ତା କାମ ଅଧାରେ ରହିଥିବାରୁ ଏହି ରାସ୍ତାରେ ଯିବା ଆସିବା କରିବା ସମ୍ପୂର୍ଣ୍ଣ ଭାବେ ବିପଦପୂର୍ଣ୍ଣ ହୋଇରହିଛି। ଏହି ରାସ୍ତାରେ ଯୋଗୀସର୍ଡା ଗାଁ ସହିତ ମନ୍ଦିର ରହିଥିବାରୁ ଠିକ୍ ଭାବେ ପାଣି ମଧ୍ୟ ଦିଆଯାଉନଥିବାରୁ ରାସ୍ତାଟି ସମ୍ପୂର୍ଣ୍ଣ ଧୂଳିମୟ ହେଉଥିବା ଅଭିଯୋଗ ହୋଇଛି। ଏହି ସବୁ ଭିତରେ ପିଚୁ ପୂର୍ବରୁ କ୍ରସରଗୁଣ୍ଡ ଓ ଚିପ୍ସ ମିଶାଇ ପକାଯାଉଥିବା ବେଳେ ତାହା ନିମ୍ନମାନର କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କିଛି ସମୟ ପାଇଁ କାମ ବନ୍ଦ ରହିଥିବା ବେଳେ ବିଭାଗୀୟ ଯନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ପୁଣି କାମ ଆରମ୍ଭ ହୋଇଥିଲା। ତେବେ କଲଭର୍ଟ କାମ ଗୁଡିକ କେବେ ସରିବ ଓ ଏହି ରାସ୍ତାରେ ପିଚୁ ପଡ଼ିବ ତାହା କହିବା ମୁସ୍କିଲ। ଅନ୍ୟପକ୍ଷରେ ଏହି ରାସ୍ତା ପୂର୍ତ୍ତ ବିଭାଗ ଅଧୀନକୁ ଚାଲିଯାଇଛି। ଏହାଫଳରେ ରାସ୍ତା କାମ ଶୀଘ୍ର ସାରି ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବା ପାଇଁ ଚାପ ରହିଛି। ରାସ୍ତା କାମ ସରୁ ନ ଥିବାରୁ ଏହା ହସ୍ତାନ୍ତର ହୋଇ ଥିବା ବେଳେ ସମୟସୀମା ମଧ୍ୟ ରେ କାମ ସରିବା ଓ ହସ୍ତାନ୍ତର ହେବା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ତେବେ ବିଭାଗୀୟ ଅଧିକାରୀ ଶୀଘ୍ର ଏହି କାମ ସାରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଟିକେ ହେଲେ ଧ୍ୟାନ ଦେଉ ନାହାନ୍ତି। ଏଣୁ ସ୍ଥାନୀୟ ଲୋକଙ୍କ ଭିତରେ ଅସନ୍ତୋଷ ବଢୁଛି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ: 022-22820427

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:
ବିଜ୍ଞାପନ ସଂ. CRPD/SCO/2025-26/20 (ଚୁକ୍ତିଭିତ୍ତିକ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 କଟ୍ ଅଫ୍) |
|---|---|---|
| ଏ. ଭି. ପି. (ମାନବ ସମ୍ବଳ ଯୋଜନା ଏବଂ ନିଯୁକ୍ତି) | 1 | 42 ବର୍ଷ |
| ଏ. ଭି. ପି. (ଶିକ୍ଷଣ ଏବଂ ବିକାଶ) | 1 | 42 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 12.01.2026 ରୁ 02.02.2026 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 12.01.2026
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

# ସମ୍ପାଦକୀୟ



ମୋ ମତରେ ସର୍ବସାଧାରଣ ହିତର ସୁରକ୍ଷା ପାଇଁ ସାମାଜିକ ଗଣମାଧ୍ୟମ ଉପରେ ନିୟନ୍ତ୍ରଣ ଜରୁରୀ ହୋଇପଡ଼ିଛି।
-ଏଲୋନ ମସ୍କ

## 'ବିଯୁକ୍ତ ୪୦'ର ବିତର୍କ

ଡାକ୍ତରୀ ପାଠ୍ୟକ୍ରମରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପାଇଁ ଡାକ୍ତରୀ ସ୍ନାତକ(ଏମ୍‌ବିବିଏସ୍) ଛାତ୍ରଛାତ୍ରୀଙ୍କୁ ବୋଧହୁଏ ଆଉ ବେଶି କସରତ କରିବାକୁ ପଡ଼ିବନି। ଆମ ଦେଶରେ ଡାକ୍ତରୀ ପାଠ୍ୟକ୍ରମ ଶିକ୍ଷା ଓ ତାଲିମ୍ ବ୍ୟବସ୍ଥା ଏଭଳି ହୋଇଛି ଯେ ଜଣେ ପରୀକ୍ଷାର୍ଥୀ ଏଥିପାଇଁ ଉଦ୍ଦିଷ୍ଟ ପ୍ରବେଶିକା ପରୀକ୍ଷା(ନିଟ୍-ପିଜି)ରେ ବିଯୁକ୍ତ ୪୦ ନମ୍ବର ରଖିଲେ ମଧ୍ୟ ନାମ ଲେଖାଇବାକୁ ବା ପଢ଼ିବାକୁ ଯୋଗ୍ୟ ବିବେଚିତ ହୋଇପାରୁଛି। ନିକଟରେ ଏଭଳି ଏକ ଉଦାହରଣ ସୃଷ୍ଟି ହେବା ପରେ ଜାତୀୟସ୍ତରରେ ବିତର୍କ ଓ ବିବାଦର ଝଡ଼ ସୃଷ୍ଟି ହୋଇଛି ଏବଂ ଭାରତର ଡାକ୍ତରୀ ଶିକ୍ଷା ଓ ଡିଗ୍ରୀଧାରୀ ଡାକ୍ତରମାନଙ୍କର ଗୁଣାତ୍ମକ ଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ଏପରିକି ଏ ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ବିଦେଶରେ ମଧ୍ୟ ଭାରତୀୟ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଅବମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ବା ଡାକ୍ତରୀ ଡିଗ୍ରୀ ହାସଲ କରିବା ପାଇଁ ଛାତ୍ରଛାତ୍ରୀଙ୍କ ଯୋଗ୍ୟତା ନିର୍ଦ୍ଧାରଣ କରିବାକୁ ଆମ ଦେଶରେ ନିର୍ଦ୍ଦିଷ୍ଟ ପ୍ରବେଶିକା ପରୀକ୍ଷା(ଏମ୍‌ବିବିଏସ୍ ପାଇଁ ନିଟ୍ ୟୁଜି ଏବଂ ସ୍ପେଶାଲିଷ୍ଟ ପାଇଁ ନିଟ୍ ପିଜି) ପ୍ରଚଳିତ ଅଛି। ଏହି ପ୍ରବେଶିକା ପରୀକ୍ଷାର ଫଳାଫଳ(ସ୍କୋର) ଆଧାରରେ ମାନ୍ୟତାପ୍ରାପ୍ତ ମେଡକାଲ୍ କଲେଜ୍‌ରେ ନାମ ଲେଖାଇବାର ସୁଯୋଗ ମିଳୁଛି। ପ୍ରତି ଠିକ୍ ଉତ୍ତର ପାଇଁ ୪ ନମ୍ବର ମିଳୁଥିବା ବେଳେ ପ୍ରତି ଭୁଲ୍ ଉତ୍ତର ପାଇଁ ୧ ନମ୍ବର ବିଯୁକ୍ତ ହୋଇଯାଏ ଏବଂ ଆଦୌ ଉତ୍ତର ନ ଲେଖିଲେ ଶୂନ(୦) ମିଳେ। ମୋଟ ଠିକ୍ ଉତ୍ତର ଗୁଣନ ୪ର ଫଳାଫଳରୁ ମୋଟ ଭୁଲ୍ ଉତ୍ତର ଗୁଣନ ୧ ଫଳାଫଳକୁ ବିଯୁକ୍ତ କଲେ ଯେଉଁ ସର୍ବଶେଷ ନମ୍ବର ରହେ ତାହା ଯୋଗ୍ୟତା ମାନଦଣ୍ଡ ବା ମେଧା ନିର୍ଦ୍ଧାରଣ କରେ। ସାମାନ୍ୟ ବା ଅତି ନଗଣ୍ୟ ପଏଣ୍ଟ ବ୍ୟବଧାନରେ ଭାଗ୍ୟ ନିର୍ଦ୍ଧାରଣ ହେଉଥିବାରୁ ଛାତ୍ରଛାତ୍ରୀମାନେ ଗଳଦଘର୍ମ ଉଦ୍ୟମ କରିଆସୁଛନ୍ତି ଏବଂ ମେଡିକାଲ୍ ଛାତ୍ରଛାତ୍ରୀ ଉତ୍ପାଦନକାରୀ ମେସିନ୍ ରୂପେ ପରିଚିତ ରାଜସ୍ଥାନର କୋଟାରେ ଛାତ୍ରଛାତ୍ରୀମାନେ ଆକାଂକ୍ଷା, ପ୍ରତିଯୋଗିତା ଓ ମାତ୍ରାଧିକ ଚାପରେ ଆତ୍ମହତ୍ୟା କରୁଥିବା ଭଳି ଉଦାହରଣ ବଢ଼ିବାରେ ଲାଗିଛି। କିନ୍ତୁ ସଦ୍ୟତମ ନିଟ୍ ପିଜିରେ ସୃଷ୍ଟି ହୋଇଥିବା ଏହି ବ୍ୟତିକ୍ରମ ଯେତିକି ଆଶ୍ଚର୍ଯ୍ୟଜନକ ତତୋଧିକ ଉଦ୍‌ବେଗଜନକ। ଏହି ପରୀକ୍ଷାରେ ଠିକ୍ ଉତ୍ତର ଓ ଆଦୌ ଉତ୍ତର ଦେଇନଥିବା ପ୍ରଶ୍ନ ତୁଳନାରେ ଅଧିକ ଭୁଲ୍ ଉତ୍ତର ଦେଇଥିବା ବା ବିଯୁକ୍ତାତ୍ମକ ୪୦(-୪୦) ନମ୍ବର ରଖିଥିବା ଜଣେ ପରୀକ୍ଷାର୍ଥୀଙ୍କୁ ପିଜି(ସ୍ପେଶାଲିଷ୍ଟ) ପାଠ୍ୟକ୍ରମରେ ନାମ ଲେଖାଇବାର ସୁଯୋଗ ମିଳିଛି। ଏହି ଧାରା ପୂର୍ବବର୍ଷମାନଙ୍କରୁ ଜାରି ରହିଥିବା ବେଳେ ଚଳିତ ବର୍ଷ ବିଯୁକ୍ତ ୪୦ ପର୍ଯ୍ୟନ୍ତ ହ୍ରାସ ପାଇଛି।

ଏଭଳି ପରିସ୍ଥିତି ସୃଷ୍ଟି ହେବା ପଛରେ ଯେଉଁକେତେକ କାରଣ ରହିଛି ତାହା ଆମ ଶିକ୍ଷାବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ଏବଂ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ର ପ୍ରତି ଗୁରୁତର ଆହ୍ୱାନ ସୃଷ୍ଟି କରିଛି। ଚଳିତ ବର୍ଷ ଦେଶର ବିଭିନ୍ନ ମେଡିକାଲ୍ କଲେଜ୍‌ରେ ପ୍ରାୟ ୧୦ ହଜାର ଅଧିକ ପିଜି ସିଟ୍ ସଂଖ୍ୟା ଯୋଡ଼ା ଯାଇଛି; ଅଥଚ ସେଥିରେ ନାମ ଲେଖାଇବା ପାଇଁ ପରୀକ୍ଷାର୍ଥୀମାନେ ଆଶାନୁରୂପ ନମ୍ବର ରଖି ପାରିନାହାନ୍ତି। ତେଣୁ ସମସ୍ତ ପିଜି ସିଟ୍ ସଂଖ୍ୟା ପୂରଣ କରିବା ଉଦ୍ଦେଶ୍ୟରେ ଶତପ୍ରତିଶତ ନମ୍ବର ରଖିଥିବା ପ୍ରାର୍ଥୀଙ୍କ ସହିତ ଶୂନ୍ ଏବଂ ତା' ତଳକୁ ୪୦ ପର୍ଯ୍ୟନ୍ତ ବିଯୁକ୍ତାତ୍ମକ ନମ୍ବର ରଖିଥିବା ପ୍ରାର୍ଥୀଙ୍କୁ ସୁଯୋଗ ଦେବାକୁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଅର୍ଥାତ୍ ଡାକ୍ତରୀ ପିଜିରେ ନାମ ଲେଖା ପାଇଁ ଚଳିତ ବର୍ଷ କଟ୍‌ଅଫ୍ ମାର୍କ ବିଯୁକ୍ତ ୪୦କୁ ଖସି ଆସିଛି। ବିଶେଷଜ୍ଞ ହେବାକୁ ଯାଉଥିବା ଆମ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଯୋଗ୍ୟତା କେତେ ତାହା ଏଥିରୁ ବୁଝାପଡୁଛି। କିନ୍ତୁ ଏହି ଘଟଣାରେ ବା ବ୍ୟବସ୍ଥାରେ ସେମାନଙ୍କୁ ଦୋଷ ଦେଇ ହେବ ନାହିଁ। ସରକାରୀ ସ୍ତରରେ ଯେଉଁ ଅପରିଣାମଦର୍ଶୀ ନୀତି ନିର୍ଦ୍ଧାରଣ ହୋଇଛି ଏବଂ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି ବା ନିଆଯାଉଛି ତାହାରି ପ୍ରତିଫଳନ କେବଳ ଦୃଶ୍ୟମାନ ହୋଇଛି।

ଏବେ ଯେତିକି ସଂଖ୍ୟାରେ ମେଡିକାଲ୍ କଲେଜ୍‌ମାନ ଖୋଲୁଛି, ସେହି ଅନୁପାତରେ ଭିତ୍ତିଭୂମି, ଆବଶ୍ୟକ ପାରାମେଡିକାଲ୍ ସୁବିଧା ଏବଂ ସର୍ବୋପରି ଶିକ୍ଷକଙ୍କ ଘୋର ଅଭାବ ରହୁଛି। ତେଣୁ ଡାକ୍ତରୀ ଶିକ୍ଷା ଓ ତାଲିମ୍ ଭଳି ଏକ କ୍ଷେତ୍ର, ଯାହା ଅଧିକରୁ ଅଧିକ ପ୍ରୟୋଗାତ୍ମକ(ପ୍ରାକ୍ଟିକାଲ୍) ହେବା କଥା, ସେଠାରେ ଆମ ଡାକ୍ତରୀ ଛାତ୍ରଛାତ୍ରୀମାନେ କେବଳ ବହି ପଢ଼ି(ଥିଓରି) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଡିଗ୍ରୀ ହାସଲ କରୁଛନ୍ତି। ସଂଖ୍ୟାତ୍ମକ ଦୃଷ୍ଟିରୁ ସରକାରଙ୍କ ଶ୍ରେୟ ନେବାର ଏହି ପ୍ରୟାସରେ ବର୍ଷକୁ ବର୍ଷ ଡିଗ୍ରୀଧାରୀ ଡାକ୍ତର ସଂଖ୍ୟା ତ ବଢୁଛି; କିନ୍ତୁ ଗୁଣାତ୍ମକତା ଦିନିକୁ ଦିନ ହ୍ରାସ ପାଇବାରେ ଲାଗିଛି। ତେଣୁ ନିଟ୍ ପିଜିରେ ଯଦି ବିଯୁକ୍ତ ୪୦ ନମ୍ବର ରଖିଥିବା ଜଣେ ଛାତ୍ର ନାମ ଲେଖାଇବାର ସୁଯୋଗ ପାଇଲା ସେଥିରେ ଅଧିକ ଆଶ୍ଚର୍ଯ୍ୟ ହେବାର ନାହିଁ।

ଯଦି ଏହି ଧାରା ଜାରି ରହେ ତେବେ ଆଗାମୀ ଦିନରେ ଛାତ୍ରଛାତ୍ରୀମାନେ ନିଟ୍ ପିଜିରେ କେବଳ ଶତପ୍ରତିଶତ ନିଶ୍ଚିତ ଥିବା ଦୁଇ/ଚାରିଗୋଟି ଉତ୍ତର ଲେଖିଦେଇ କିମ୍ବା ଆଦୌ ଉତ୍ତର ନ ଲେଖି ଖାତା ଦେଇ ଚାଲିଆସିବାର ସମ୍ଭାବନା ଯେ ସୃଷ୍ଟି ନ ହେବ ତାହା କିଏ କହିବ? କାରଣ ଯେଉଁଠି କଟ୍‌ଅଫ୍ ମାର୍କ ବିଯୁକ୍ତ ୪୦ ପର୍ଯ୍ୟନ୍ତ ଯାଉଛି ସେଠାରେ ୧୨/୧୬ ନମ୍ବର କିମ୍ବା ଶୂନ୍ ରଖିଲେ ମଧ୍ୟ ନାମ ଲେଖା ପାଇଁ ସୁଯୋଗ ମିଳିପାରିବ। ହୁଏତ କର୍ତ୍ତୃପକ୍ଷ 'ବିଯୁକ୍ତ ୪୦ ବିତର୍କ' ଓ ସମାଲୋଚନାରୁ ବର୍ତ୍ତିବା ପାଇଁ ଆଗାମୀ ବର୍ଷଠାରୁ ଅତି ସହଜ ପ୍ରଶ୍ନପତ୍ର ପ୍ରସ୍ତୁତ କରିବେ ଏବଂ କଟ୍‌ଅଫ୍ ମାର୍କ ବିଯୁକ୍ତାତ୍ମକ ନ ହୋଇପାରେ; କିନ୍ତୁ ଏହାଦ୍ୱାରା ବିନା ପ୍ରାକ୍ଟିକାଲ୍ କିମ୍ବା ବିନା ଶିକ୍ଷକରେ ଉତ୍ତୀର୍ଣ୍ଣ ହୋଇଥିବା ଆମ ଏମ୍‌ବିବିଏସ୍ ଡିଗ୍ରୀଧାରୀମାନଙ୍କର ମେଧାଶକ୍ତି ଯେ ବୃଦ୍ଧି ପାଇବ ତାହା ଭାବିବା ଭୁଲ୍। ପୁଣି ଏହି ପରମ୍ପରା ଯଦି ଏମ୍‌ବିବିଏସ୍ ପାଠ୍ୟକ୍ରମ ବା ନିଟ୍‌ୟୁଜିକୁ ସଂକ୍ରମିତ ହୁଏ ଆଗାମୀ ଦିନରେ ଆମ ସ୍ୱାସ୍ଥ୍ୟସେବାକୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା 'ଭବିଷ୍ୟତର ଡାକ୍ତର'ମାନଙ୍କର ରୋଗ ନିଦାନ ଦକ୍ଷତା, ଚିକିତ୍ସାଗତ ପାରଦର୍ଶିତା ଓ ସ୍ୱାସ୍ଥ୍ୟ ବିଜ୍ଞାନ ସମ୍ପର୍କିତ ଜ୍ଞାନ ଓ ଅଭିଜ୍ଞତା କ'ଣ ହେବ ତାହା ଅନୁମେୟ। ଏକପକ୍ଷରେ ସରକାର ଅଧିକ ଡାକ୍ତର ସୃଷ୍ଟି କରିବାର ଶ୍ରେୟ ସାଉଁଟି ଚାଲିଥିବେ; ଅପରପକ୍ଷରେ ରୋଗୀମାନେ କେବଳ ଭାଗ୍ୟ ଓ ଭଗବାନଙ୍କୁ ଭରସା କରି ଡାକ୍ତରଖାନାକୁ ଯାଉଥିବେ କିମ୍ବା ସେଠାରୁ ଫେରୁଥିବେ।

# ଓଡ଼ିଶାରେ ନଦୀଜଳ ପ୍ରଦୂଷଣ ଓ ନିରାକରଣ

**ବିଦ୍ୟାଧର ମହାରଣା**

ପ୍ରାଚୀନ ସଭ୍ୟତା ଗଢ଼ି ଉଠିଥିଲା ନଦୀ କୂଳରେ। ନଦୀ ତଟବର୍ତ୍ତୀ ଉର୍ବର ମାଟିରେ କୃଷି, ପାନୀୟ, ଗୃହକାର୍ଯ୍ୟ ଆଦି ପାଇଁ ଜଳଯୋଗାଣ ସହିତ ବେପାର ବଣିଜ ପାଇଁ ନଦୀ ପଥରେ ପରିବହନ ସୁବିଧା ଯୋଗୁଁ ଜନବସତି ଗଢ଼ି ଉଠିଥିଲା ନଦୀ କୂଳରେ। ନଦୀଜଳ ସବୁଠାରୁ ସ୍ୱଚ୍ଛ। କାରଣ ଏହା ପାର୍ବତ୍ୟ ଅଞ୍ଚଳରୁ ବାଲୁକା ଶଯ୍ୟାରେ ବହିଯାଇ ସମୁଦ୍ରରେ ମିଶିଯାଏ। ତେଣୁ ନଦୀକୂଳିଆ ସହରଗୁଡ଼ିକ ଅଧିକ ସ୍ୱାସ୍ଥ୍ୟକର ବୋଲି ମନେ କରାଯାଉଥିଲା। ଏପରିକି ପାନୀୟଜଳ ପାଇଁ ନଦୀର ଚୂଆ ଉପରେ ସ୍ଥାନୀୟ ଲୋକେ ନିର୍ଭର କରୁଥିଲେ। ଏବେ କିନ୍ତୁ ନଦୀଜଳ ପ୍ରଦୂଷିତ ହୋଇ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କଲାଣି।

ସମଗ୍ର ଦେଶରେ ୩୫୧ ଗୋଟି ନଦୀର ଜଳ ପ୍ରଦୂଷିତ ଥିଲା ବେଳେ ଓଡ଼ିଶାରେ ଏପରି ନଦୀ ସଂଖ୍ୟା ୧୯ ରେ ପହଞ୍ଚିଛି। ଓଡ଼ିଶାରେ ମୁଖ୍ୟତଃ ୧୧ ଗୋଟି ନଦୀ ଅବବାହିକା ରହିଛି, ଯେଉଁଗୁଡ଼ିକର ବହୁ ଶାଖାନଦୀ ଓ ଉପନଦୀ ରହିଛି। ମୁଖ୍ୟ ନଦୀ ଅବବାହିକାଗୁଡ଼ିକ ହେଲା ମହାନଦୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା, ବୈତରଣୀ, ଋଷିକୂଲ୍ୟା, ବୁଢ଼ାବଳଙ୍ଗ, ବଂଶଧାରା, ନାଗାବଳି, ଇନ୍ଦ୍ରାବତୀ, କୋଲାବ ଓ ବାହୁଡ଼ା। ରାଜ୍ୟର ସବୁଠାରୁ ବଡ଼ନଦୀର ମାନ୍ୟତା ପାଇଥିବା ମହାନଦୀର ଜଳଗ୍ରହ ଅଞ୍ଚଳ ୬୫୬୨୮ ବର୍ଗ କିଲୋମିଟର। ଦ୍ୱିତୀୟ ବୃହତ୍ତମ ନଦୀ ବ୍ରାହ୍ମଣୀର ଜଳଗ୍ରହ ଅଞ୍ଚଳ ୩୯୧୧୬ ବର୍ଗ କିଲୋମିଟର। ଏହି ଦୁଇନଦୀ ରାଜ୍ୟର ଅସଂଖ୍ୟ ଲୋକଙ୍କୁ ପାନୀୟ ଓ ଘରୋଇ ଆବଶ୍ୟକ ପୂରଣ କରିବା ସହିତ କୃଷି ପାଇଁ ଜଳଯୋଗାଣ କରନ୍ତି। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଥ୍ୟ ଅନୁସାରେ ଓଡ଼ିଶାର ଗଙ୍ଗୁଆ, ଗୁରାଡିହ ନାଳ, କାଠଯୋଡ଼ି, ନନ୍ଦିରା ଯୋର, ଦୟା, କୁଆଖାଇ, ବାଙ୍ଗୁର ନାଳ, ଭେଡେନ, ବ୍ରାହ୍ମଣୀ, ବୁଢ଼ାବଳଙ୍ଗ, କୁସୁମୀ, ମହାନଦୀ, ମଙ୍ଗଳା, ନାଗାବଳୀ, ଲୁଣା, ରତ୍ନଚିରା, ଋଷିକୂଲ୍ୟା, ସାବୁଳିଆ ଓ ସାରୁଆ ନଦୀ ଅଧିକ ମାତ୍ରାରେ ପ୍ରଦୂଷିତ।

ନଦୀ ଜଳରେ ଅଧିକ ପରିମାଣର ଜୈବିକ ଅମ୍ଳଜାନ ଚାହିଦା ବା ବିଓଡି ସ୍ତର, ରାସାୟନିକ ଅମ୍ଳଜାନ ଚାହିଦା ସ୍ତର ଓ ମୋଟ କୋଲିଫର୍ମ ବ୍ୟାକ୍ଟେରିଆ ପରିମାଣକୁ ନେଇ ନଦୀ ଜଳ ପ୍ରଦୂଷଣ ହିସାବ କରାଯାଏ। ଏହାଛଡ଼ା ଆର୍ସେନିକ, ପାରଦ, ଦସ୍ତା ଇତ୍ୟାଦି ଭାରି ଧାତୁ ପରିମାଣ ମଧ୍ୟ ହିସାବ କରାଯାଏ। କାରଣ ଏଗୁଡ଼ିକ ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ। ନଦୀଜଳରେ ବିଓଡି ସ୍ତର ଆକଳନ କରିବା ପାଇଁ ପ୍ରଥମେ ନଦୀରୁ ନମୁନା ଜଳ ସଂଗ୍ରହ କରି ଏଥିରେ କେତେ ଦ୍ରବୀଭୂତ ଅମ୍ଳଜାନ ଅଛି ପରୀକ୍ଷା କରାଯାଏ। ଏହି ନମୁନା ଜଳକୁ ଏହାପରେ ୫ ଦିନ ପାଇଁ ଇନକୁବେଟରରେ ୨୦ ଡିଗ୍ରୀ ସେଲସିୟସ ଉତ୍ତାପରେ ରଖିବା ପରେ ପୁଣି ଦ୍ରବୀଭୂତ ଅମ୍ଳଜାନ ପରିମାଣ ମପାଯାଏ। ଏହି ଦୁଇ ସଂଖ୍ୟାର ଆଧାରରେ ବିଓଡି ହିସାବ କରାଯାଏ। ବିଓଡିକୁ ନିୟୁତାଂଶ ଆକାରରେ ବା ଲିଟର ପ୍ରତି ମିଲିଗ୍ରାମ ହିସାବରେ ପ୍ରକାଶ କରାଯାଏ। ନିରାପଦ ପାନୀୟ ଜଳ ପାଇଁ ବିଓଡି ମାତ୍ରା ୧-୨ ରହିବା କଥା। ସାଧାରଣତଃ ଏହା ୫ ରୁ ଅଧିକ ହେଲେ ଜଳ ପ୍ରଦୂଷିତ ବୋଲି ବିବେଚନା କରାଯାଏ। ଭୁବନେଶ୍ୱର ଓ କଟକ ଠାରେ ମହାନଦୀ ଜଳରେ ଏବଂ ରାଉରକେଲା ଠାରେ ବ୍ରାହ୍ମଣୀ ନଦୀରେ ଜୈବିକ ଅମ୍ଳଜାନ ଚାହିଦା ସ୍ତର ୧.୮ ରୁ ୩୯ ମିଲିଗ୍ରାମ ହେଉଥିବା ଓଡ଼ିଶା ରାଜ୍ୟ ପ୍ରଦୂଷଣ ବୋର୍ଡ ରିପୋର୍ଟ ଅନୁସାରେ ଜଣାପଡ଼ିଥିଲା। ସେହିପରି ଚାନ୍ଦବାଲି ଓ ଧାମରାଠାରେ ବୈତରଣୀ ନଦୀରେ, ସୁବର୍ଣ୍ଣରେଖା ଓ ଇନ୍ଦ୍ରାବତୀ ନଦୀରେ ମଧ୍ୟ ଏକାପ୍ରକାରର ସମସ୍ୟା ଦେଖାଯାଇଛି।

ନଦୀଜଳ ପ୍ରଦୂଷିତ ହେବାର ମୁଖ୍ୟକାରଣ ହେଲା ଶିଳ୍ପ ନିର୍ଗତ ମଇଳା ହିସାବରେ ଇସ୍ପାତ, କାଗଜ, ସାର, ଫାର୍ମାସିଉଟିକାଲ ଓ ଖଣିଜ ଶିଳ୍ପରୁ ନିର୍ଗତ ହୋଇଥିବା ମଇଳାଜଳ ଓ ଭାରିଧାତୁ, ସହରାଞ୍ଚଳର ଅଶୋଧିତ ନାଳ ନର୍ଦ୍ଦମାର ଜଳ, ଜଙ୍ଗଲ କଟା, କୃଷି କ୍ଷେତ୍ରରୁ ବୋହି ଯାଉଥିବା ରାସାୟନିକ ସାର ଓ କୀଟନାଶକ ଅବଶେଷ, ନଦୀ କୂଳରେ ଅବାଧରେ ମଳତ୍ୟାଗ, ପର୍ବପର୍ବାଣୀରେ ମୂର୍ତ୍ତି ବିସର୍ଜନ ଏବଂ ବ୍ୟାକ୍ଟେରିଆଲ୍ ଦୂଷିତକରଣ ଇତ୍ୟାଦି। ଏହାଛଡ଼ା ନଦୀନାଳରେ ଯାବତୀୟ ଆବର୍ଜନା ବର୍ଷ ସାରା ପକାଯାଏ। ଏହି ବିଷାକ୍ତଜଳ ପ୍ରତ୍ୟକ୍ଷ ବା ପରୋକ୍ଷରେ ଚିଲିକା ଓ ବଙ୍ଗୋପସାଗରରେ ମିଶି ପ୍ରଦୂଷଣ ବଢ଼ାଉଛି। ଭୁବନେଶ୍ୱର, କଟକ ଓ ରାଉରକେଲା ଭଳି ସହରରୁ କ୍ରମାଗତ ଭାବରେ ଉପଚାର ବିନା ଘରୋଇ ଆବର୍ଜନା ଓ ମଇଳା ନଦୀକୁ ଛାଡ଼ି ଦିଆଯିବା ଫଳରେ ଭାରିଧାତୁ ଓ ରୋଗ ବୀଜାଣୁ ନଦୀଜଳ ସହିତ ମିଶେ। ବ୍ରାହ୍ମଣୀ, ମହାନଦୀ ଓ ଋଷିକୂଲ୍ୟା ନଦୀତଟରେ ଥିବା ଇସ୍ପାତ, କାଗଜ, ସାର ଓ ଖଣିଜ କାରଖାନାଗୁଡ଼ିକରୁ ବିଷାକ୍ତ ରାସାୟନିକ ପଦାର୍ଥ, ଭାରିଧାତୁ ହିସାବରେ ଦସ୍ତା, ପାରଦ, ଟିଣ ଓ କ୍ରୋମିୟମ, ବିଭିନ୍ନ ଅମ୍ଳ ଓ କ୍ଲୋରାଇଡ୍ ନିର୍ଗତ ହୋଇ ନଦୀଜଳରେ ମିଶିବା ଫଳରେ ଏହା ବିପଦର କାରଣ ହୋଇଥାଏ।

ନଦୀ ଜଳ ସହିତ ଭୂଗର୍ଭ ଜଳ ମଧ୍ୟ ପ୍ରଦୂଷିତ ହୋଇଥାଏ। ୨୦୧୧ ଜନଗଣନା ଅନୁସାରେ ଦେଶରେ ପ୍ରାୟ ୫୦ ନିୟୁତ ସହର ବାସିନ୍ଦା ବାହାରେ ମଳ ତ୍ୟାଗ କରନ୍ତି। ସହରଗୁଡ଼ିକର ମଇଳା ଓ ଆବର୍ଜନା ବିନା ଉପଚାରରେ ନଦୀ ନାଳକୁ ଛାଡ଼ିବା ଫଳରେ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଏ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଥ୍ୟ ଅନୁଯାୟୀ ସହରାଞ୍ଚଳରେ ମାତ୍ର ୩୦ ପ୍ରତିଶତ ମଳମୂତ୍ର ଉପଚାର କରିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉଛି। ପରିଣାମ ସ୍ୱରୂପ ସହରାଞ୍ଚଳ ଓ ଶିଳ୍ପ କାରଖାନା ଯୋଗୁଁ ନଦୀଜଳ ଅଧିକ ମାତ୍ରାରେ ପ୍ରଦୂଷିତ ହେଉଛି। ଗ୍ରାମାଞ୍ଚଳରେ ମଧ୍ୟ ଗୋରୁଗାଈ ନଦୀକୁ ଗାଧୋଇବାକୁ ଯିବା ଦ୍ୱାରା ନଦୀଜଳ ପ୍ରଦୂଷିତ ହୋଇଥାଏ। ପ୍ରଦୂଷିତ ଜଳ ବ୍ୟବହାର ଦ୍ୱାରା ଜଳବାହିତ ରୋଗ ହିସାବରେ କାମଳ, ହଇଜା, ଆମାଶୟ ଇତ୍ୟାଦି ବ୍ୟାପିଥାଏ। ଏହାଛଡ଼ା ଭାରିଧାତୁଗୁଡ଼ିକ ଖାଦ୍ୟ ଶୃଙ୍ଖଳା ମଧ୍ୟରେ ଦୀର୍ଘଦିନ ଧରି ରହିଥାଏ। ନଦୀ ଜଳରେ ଜୈବିକ ଅମ୍ଳଜାନ ଚାହିଦା ବୃଦ୍ଧି ପାଇବା ଯୋଗୁଁ ଅମ୍ଳଜାନ ପରିମାଣ ହ୍ରାସ ପାଏ। ଏହାଦ୍ୱାରା ଅସଂଖ୍ୟ ଜଳଚର ପ୍ରାଣୀ ମୃତ୍ୟୁମୁଖରେ ପଡ଼ନ୍ତି। ନଦୀ ପାର୍ଶ୍ୱବର୍ତ୍ତୀ ଗ୍ରାମରେ ଚର୍ମ ଓ ହଇଜା ଆଦି ରୋଗ ଅଧିକ ଦେଖାଯାଏ।

ଆମ ରାଜ୍ୟ ଓ ଦେଶରେ ନଦୀଜଳ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ମୁଖ୍ୟତଃ ଚାରିଟି ରଣକୌଶଳ ପରିଚାଳନା କରାଯାଇପାରେ। ପ୍ରଥମରେ ସହରାଞ୍ଚଳରେ ଜଳ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଗୁରୁତ୍ୱ ଦେବାକୁ ହେବ। ନାଳ ନର୍ଦ୍ଦମା ଜଳ ଓ ମଳମୂତ୍ର ଥିବା ସ୍ୱେରେଜ ଜଳକୁ ଶୁଦ୍ଧିକରଣ ପାଇଁ ଟ୍ରିଟମେଣ୍ଟ ପ୍ଲାଣ୍ଟ ବାଧ୍ୟତାମୂଳକ ହେବା ଆବଶ୍ୟକ। ଏପରି ଅପଶିଷ୍ଟ ବା ୱେଷ୍ଟୱାଟର ଉପଚାର ହେବା ପରେ ଏହାକୁ ବାଡ଼ି ବଗିଚା, ରାସ୍ତା ଓ ଗୃହ ନିର୍ମାଣ କାର୍ଯ୍ୟରେ ବିନିଯୋଗ କରାଯାଇପାରିବ। ଦ୍ୱିତୀୟରେ ଶିଳ୍ପ କେନ୍ଦ୍ର ଓ କଳ କାରଖାନା ପାଇଁ ସ୍ୱତନ୍ତ୍ର ଯୋଜନା ଆବଶ୍ୟକ। ଏହି ଅନୁଷ୍ଠାନଗୁଡ଼ିକ ସୀମିତ ଜଳ ବିନିଯୋଗ ପାଇଁ ନୂତନ ପ୍ରଯୁକ୍ତିବିଦ୍ୟା ଅନୁସରଣ କରିବେ ଏବଂ ବର୍ଜ୍ୟଜଳ ଶୁଦ୍ଧିକରଣ ହେବା ପରେ ପୁନଃବିନିଯୋଗ କରିବେ। ଶିଳ୍ପ ସଂସ୍ଥାଗୁଡ଼ିକ ପାଇଁ ଜଳ ସମୀକ୍ଷା ବ୍ୟବସ୍ଥା ବାଧ୍ୟତାମୂଳକ ହେବା ଆବଶ୍ୟକ। ଯେଉଁମାନେ କାରଖାନାରୁ ବାହାରୁଥିବା ବର୍ଜ୍ୟଜଳ ନଦୀକୁ ତ୍ୟାଗ କରିବେ ସେମାନଙ୍କୁ ଦଣ୍ଡିତ କରିବାକୁ ହେବ ଏବଂ ଯେଉଁମାନେ ଜଳ ସଂରକ୍ଷଣ କରିବେ ସେମାନଙ୍କ ପାଇଁ ପ୍ରୋତ୍ସାହନ ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ। ଆମ ଦେଶରେ ୧୯୭୭ ଠାରୁ ପ୍ରଚଳିତ ପ୍ରଦୂଷଣ ନିୟନ୍ତ୍ରଣ ଓ ପ୍ରତିଷେଧକ ସେସ ଆଇନ୍‌କୁ ସଂଶୋଧନ କରି ଏହାକୁ ଅଧିକ କଠୋର କରିବା ଜରୁରୀ। ତୃତୀୟରେ ଗ୍ରାମାଞ୍ଚଳରେ କୃଷି କାର୍ଯ୍ୟକୁ ଏପରି ଭାବରେ ନିୟନ୍ତ୍ରଣ କରିବାକୁ ହେବ, ଯେପରି ଚାଷଜମିରୁ ରାସାୟନିକ ସାର ଓ କୀଟନାଶକ ଅବଶେଷ ନଦୀଜଳ ସହିତ ମିଶିବ ନାହିଁ। ଏବାବଦରେ ଚାଷୀଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯିବା ଆବଶ୍ୟକ। ଚତୁର୍ଥରେ ନଦୀବନ୍ଧଗୁଡ଼ିକର ସୁରକ୍ଷା ପାଇଁ ଦୁଇ କୂଳରେ ବୃକ୍ଷରୋପଣ ସହିତ ନଦୀବନ୍ଧ ଦୃଢ଼ୀଭୂତ ଯୋଜନା କାର୍ଯ୍ୟକାରୀ ହେବା ଉଚିତ। ନଦୀ ପଠା ଓ ବନ୍ଧ ଉପରେ ଯେପରି ଲୋକମାନେ ମଳତ୍ୟାଗ ନ କରିବେ ସେଥିପ୍ରତି ଜନ ସଚେତନତା ସୃଷ୍ଟିହେବା ମଧ୍ୟ ଜରୁରୀ।

ସାରାଂଶରେ ଏତିକି କୁହାଯାଇ ପାରିବ କି ଆମ ରାଜ୍ୟରେ ସବୁ ନଦୀ ଓ ନାଳଗୁଡ଼ିକରେ ସଠିକ ପ୍ରଦୂଷଣ ମାତ୍ରା ନିର୍ଣ୍ଣୟ କରିବା ଏକ ଦୁରୁହବ୍ୟାପାର। ଏହା କିନ୍ତୁ ନିଃସନ୍ଦେହରେ କୁହାଯାଇପାରେ କି ରାଜ୍ୟର ନଦୀଗୁଡ଼ିକ ଅଧିକ ମାତ୍ରାରେ ପ୍ରଦୂଷିତ ହେଉଥିବାରୁ ଏଥିପାଇଁ ସମନ୍ୱିତ ଓ ସମ୍ମିଳିତ ଉଦ୍ୟମ ଆବଶ୍ୟକ। ରାଜ୍ୟ ସରକାର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କ୍ରମାଗତ ଭାବରେ ନଦୀଗୁଡ଼ିକର ପର୍ଯ୍ୟବେକ୍ଷଣ କରିବା ସହିତ କଠିନ ଦଣ୍ଡବ୍ୟବସ୍ଥା ଓ ଗୋଷ୍ଠୀ ସହଭାଗିତା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ଗାନ୍ଧୀ-ଦର୍ଶନରେ ଜୀବନ-ମନ୍ତ୍ର

**ମାନସ କୁମାର କର**

ଆଜିର ବସ୍ତୁବାଦୀ ଦୁନିଆରେ ମଣିଷ ପାଖରେ ସବୁକିଛି ଅଛି, କେବଳ ଶାନ୍ତିକୁ ଛାଡ଼ି। ସକାଳୁ ଉଠିବା ମାତ୍ରେ ସାମାଜିକ ଗଣମାଧ୍ୟମ ପରଦାରେ ଆଖି ପକାଇଲେ ପ୍ରଥମେ ଦୃଶ୍ୟମାନ ହୁଏ ପରସ୍ପର ପ୍ରତି କଟୁକ୍ତି, ବିଦ୍ୱେଷ ଓ ଘୃଣା ଭରା ସନ୍ଦେଶ। କେଉଁଠି ଧର୍ମ ନାମରେ ତ କେଉଁଠି ଜାତି ବା ରାଜନୀତି ନାମରେ ମଣିଷ ପରସ୍ପରର ରକ୍ତର ଶୋଷକ ସାଜିଛି। ଏହି ପରିପ୍ରେକ୍ଷୀରେ ମହାତ୍ମା ଗାନ୍ଧୀଙ୍କ ସେହି କାଳଜୟୀ ବାଣୀ ମନେପଡ଼େ - 'ଜଗତରେ ପରିବର୍ତ୍ତନ ଦେଖିବାକୁ ଚାହୁଁଥିଲେ, ପ୍ରଥମେ ନିଜ ଭିତରେ ସେହି ପରିବର୍ତ୍ତନ ଆଣ।' କିନ୍ତୁ ଆଜି ଆମେ ଅନ୍ୟକୁ ବଦଳାଇବା ନିଶାରେ ନିଜ ଭିତରର ମାନବିକତାକୁ ହରାଇ ବସିଛୁ।

ସାମାଜିକ ଗଣମାଧ୍ୟମ ଓ ଇଣ୍ଟରନେଟର ଆବିଷ୍କାର ହୋଇଥିଲା ଦୂରତାକୁ କମାଇବା ପାଇଁ। କିନ୍ତୁ ଆଶ୍ଚର୍ଯ୍ୟର କଥା, ଏହା ଲୋକଙ୍କୁ ଯୋଡ଼ିବା ପରିବର୍ତ୍ତେ ମନ ଭିତରେ ପାଚେରି ଠିଆ କରିଦେଇଛି। ଫେସବୁକ୍, ଟ୍ୱିଟର, ହ୍ୱାଟସଆପ୍ ଆଜି ଏକ ବୌଦ୍ଧିକ ଯୁଦ୍ଧକ୍ଷେତ୍ରରେ ପରିଣତ ହୋଇଛି। ଏଠାରେ ବ୍ୟକ୍ତି ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ପାଇଁ ଅନ୍ୟକୁ ଅତି ନୀଚସ୍ତରକୁ ଯାଇ ସମାଲୋଚନା କରୁଛି। ଗାନ୍ଧିଜୀ ସର୍ବଦା ଶବ୍ଦର ସଂଯମ ଉପରେ ଗୁରୁତ୍ୱ ଦେଉଥିଲେ। ସେ କହୁଥିଲେ, 'ଅସଂଯତ ଭାଷା ମଣିଷର ଅଶାନ୍ତ ମନର ପରିଚୟ।' ଆଜିର ଡିଜିଟାଲ ଯୁଗରେ ଶବ୍ଦମାନେ ଶାଣିତ ଅସ୍ତ୍ର ପାଲଟିଛନ୍ତି, ଯାହା ଶରୀରକୁ ନୁହେଁ ବରଂ ମଣିଷର ଆତ୍ମାକୁ କ୍ଷତବିକ୍ଷତ କରୁଛି। ଶିକ୍ଷାର ପ୍ରସାର ହେଉଛି ସତ, କିନ୍ତୁ ବ୍ୟାବହାରିକ ଜ୍ଞାନ ଓ ସଂସ୍କାରର ଶୂନ୍ୟତା ଆମକୁ ଏକ ବୌଦ୍ଧିକ ଅନ୍ଧକାର ଆଡ଼କୁ ଠେଲି ଦେଉଛି।

ଯେତେବେଳେ ବ୍ୟକ୍ତି ଭାବେ ଯେ ସେ ହିଁ ସର୍ବଶ୍ରେଷ୍ଠ ଏବଂ ତା'ର ବିଚାର ହିଁ ଏକମାତ୍ର ସତ୍ୟ, ସେତେବେଳେ ସେ ଅନ୍ୟର ଅସ୍ତିତ୍ୱକୁ ସ୍ୱୀକାର କରିପାରେ ନାହିଁ। ଗାନ୍ଧିଜୀ ନିଜ ଜୀବନରେ 'ଅହିଂସା'କୁ କେବଳ ଅସ୍ତ୍ର ନୁହେଁ, ବରଂ ଏକ ଜୀବନଶୈଳୀ ଭାବେ ଗ୍ରହଣ କରିଥିଲେ। ହିଂସା କେବଳ ଶାରୀରିକ ଆକ୍ରମଣ ନୁହେଁ, ବରଂ କାହା ପ୍ରତି ମନରେ ଖରାପ ଚିନ୍ତା କରିବା ମଧ୍ୟ ଏକପ୍ରକାର ହିଂସା। ଆଜିର ମଣିଷ ନିଜ ସଫଳତା ଅପେକ୍ଷା ଅନ୍ୟର ବିଫଳତାରେ ଅଧିକ ଆନନ୍ଦ ପାଉଛି। ଏହି ଈର୍ଷା ଓ ଅହଂକାର ମଣିଷକୁ ଏତେ କଠୋର କରିଦେଉଛି ଯେ, ସେ ସମ୍ପର୍କର ସୂତାକୁ ଅତି ସହଜରେ ଛିଣ୍ଡାଇ ଦେଉଛି। ଯଦି ଏହି ଅହଂକାର ବଢ଼ିଚାଲେ, ତେବେ ଆଗାମୀ ଦିନରେ ଆମେ ଏକ 'ଏକାକୀ ସମାଜ' ଦେଖିବାକୁ ପାଇବା, ଯେଉଁଠି ଭିଡ଼ ତ ଥିବ କିନ୍ତୁ ଆତ୍ମୀୟତା ନଥିବ।

ଗାନ୍ଧିଜୀଙ୍କ ଦର୍ଶନରେ କ୍ଷମା ହେଉଛି ସବୁଠାରୁ ବଡ଼ ସଦ୍‌ଗୁଣ। ସେ କହୁଥିଲେ, 'କ୍ଷମା କରିବା ହେଉଛି ବୀରମାନଙ୍କର ଲକ୍ଷଣ।' ସାଧାରଣତଃ ଲୋକେ ଭାବନ୍ତି ଯେ କାହାକୁ କ୍ଷମା କରିଦେଲେ ସେ ନିଜେ ଛୋଟ ହୋଇଗଲେ। କିନ୍ତୁ ବାସ୍ତବରେ କ୍ଷମା କରିବା ଦ୍ୱାରା ବ୍ୟକ୍ତି ନିଜ ଭିତରେ ଥିବା କ୍ରୋଧର ବୋଝରୁ ମୁକ୍ତ ହୋଇଥାଏ। ଘୃଣା ହେଉଛି ଏକ ଜଳନ୍ତା କୋଇଲା ପରି, ଯାହାକୁ ଆମେ ଅନ୍ୟ ଉପରକୁ ଫିଙ୍ଗିବା ପାଇଁ ହାତରେ ଧରିଥାଉ, କିନ୍ତୁ ପ୍ରକୃତରେ ତାହା ଆମ ନିଜ ହାତକୁ ହିଁ ପୋଡ଼ିଥାଏ। କ୍ଷମା କରିବାର ଅର୍ଥ ଏହା ନୁହେଁ ଯେ ଆମେ ଅନ୍ୟର ଭୁଲକୁ ସମର୍ଥନ କରୁଛୁ, ବରଂ ଏହାର ଅର୍ଥ ହେଉଛି ଆମେ ନିଜର ମାନସିକ ଶାନ୍ତିକୁ ଅନ୍ୟର ହୀନ ପ୍ରକୃତି ଅପେକ୍ଷା ଅଧିକ ଗୁରୁତ୍ୱ ଦେଉଛୁ। ଯେତେବେଳେ ଆମେ କାହାକୁ କ୍ଷମା କରୁ, ଆମେ ପ୍ରକୃତରେ ଗାନ୍ଧୀଙ୍କ 'ଆତ୍ମଶୁଦ୍ଧି'ର ମାର୍ଗକୁ ଆପଣେଇଥାଉ।

ଘୃଣା ଦୂର କରିବାର ଏକ ମାତ୍ର ମାର୍ଗ ହେଉଛି ପତ୍ର ଲିଖନ ଓ ଆତ୍ମ-ସମୀକ୍ଷା। ଯଦି ଆମେ କାହା ପ୍ରତି ପ୍ରବଳ ଘୃଣା ପୋଷଣ କରୁଛୁ, ତେବେ ଗାନ୍ଧୀବାଦୀ ଉପାୟରେ ତାହାର ସମାଧାନ କରିବା ଆବଶ୍ୟକ। ଏକ କାଗଜ ଓ କଲମ ଧରି ମନ ଭିତରେ ଥିବା ସମସ୍ତ ଅସନ୍ତୋଷ, କ୍ରୋଧ ଓ ଅଭିଯୋଗ - କାହିଁକି ଆମେ କଷ୍ଟ ପାଉଛୁ? ସେହି ବ୍ୟକ୍ତି ଆମର କ'ଣ କ୍ଷତି କରିଛନ୍ତି? ଇତ୍ୟାଦି ସବୁକିଛି ସ୍ପଷ୍ଟ ଭାବେ ସେହି କାଗଜରେ ଲେଖିଦେଲେ ଆମକୁ ଏପରି ଅନୁଭବ ହେବ ଯେ ମନରୁ ଏକ ବଡ଼ ପଥର ଖସିଗଲା। ଲେଖା ସରିବା ପରେ ପତ୍ରଟିକୁ ଚିରି ଫୋପାଡ଼ି କିମ୍ବା ପୋଡ଼ି ଦିଆଯାଇପାରେ। ଏହି ପ୍ରକ୍ରିୟା ଆମ ମନରେ 'ଭେଣ୍ଟିଲେସନ୍' ଭଳି କାମ କରିବ। ଗାନ୍ଧିଜୀ ନିଜ ଜୀବନର ଭୁଲଗୁଡ଼ିକୁ ମାନି ନେଇ ନିଜ ପିତାଙ୍କୁ ଚିଠି ଲେଖିଥିଲେ, ଯାହା ତାଙ୍କୁ ଜଣେ ସାଧାରଣ ମଣିଷରୁ ମହାତ୍ମାରେ ପରିଣତ କରିଥିଲା।

ଆଜିର ମଣିଷ ସମାଜଠାରୁ ବାହାରି ଯାଇଛି, ପ୍ରକୃତିଠାରୁ ଦୂରେଇ ଯାଇଛି ଏବଂ ସାହିତ୍ୟ ପ୍ରତି ବିମୁଖ ହୋଇଛି। ସେ ମୋବାଇଲର ଏକ କୃତ୍ରିମ ଦୁନିଆରେ ବଞ୍ଚୁଛି। ଗାନ୍ଧିଜୀ ସର୍ବଦା 'ସରଳ ଜୀବନ' ଓ 'ଉଚ୍ଚ ବିଚାର' ଉପରେ ଗୁରୁତ୍ୱ ଦେଉଥିଲେ। ଆଜି ଆମର ଜୀବନ ଜଟିଳ ହୋଇଯାଇଛି ଏବଂ ବିଚାର ନିମ୍ନଗାମୀ ହେଉଛି। ଏହାର ସମାଧାନ ପାଇଁ ଆମକୁ ଉତ୍ତମ ସାହିତ୍ୟ ପଠନ ଯଥା ମହାପୁରୁଷଙ୍କ ଜୀବନୀ ଏବଂ ସକାରାତ୍ମକ ପୁସ୍ତକ ପଢ଼ିବାକୁ ହେବ। ଏହାଦ୍ୱାରା ମନରୁ ବିଷାକ୍ତ ଚିନ୍ତାଧାରା ଦୂର ହେବ। ଗାନ୍ଧୀଙ୍କ 'ସର୍ବୋଦୟ' ବିଚାର ଅନୁସାରେ ସମସ୍ତଙ୍କର ମଙ୍ଗଳ ଚିନ୍ତା କରିବା ଶିଖିବାକୁ ହେବ। ସାମାଜିକ ଗଣମାଧ୍ୟମରେ କିଛି ବି ପ୍ରତିକ୍ରିୟା ଦେବା ପୂର୍ବରୁ ଦଶସେକେଣ୍ଡ ଚିନ୍ତା କରିବା ଆବଶ୍ୟକ - 'ମୋର ଏହି ଶବ୍ଦ କାହାକୁ ଶାନ୍ତି ଦେବ ନା କଷ୍ଟ?' ଜୀବନ ଅତି କ୍ଷଣସ୍ଥାୟୀ। ଏହି ସ୍ୱଳ୍ପ ସମୟ ଭିତରେ ଘୃଣା, ଷଡ଼ଯନ୍ତ୍ର ଓ ବିବାଦରେ ସମୟ ନଷ୍ଟ କରିବା କେତେଦୂର ଯୁକ୍ତିଯୁକ୍ତ? ଜୀବନର ପ୍ରକୃତ ଆନନ୍ଦ, ପ୍ରେମ, ସହଯୋଗ ଓ ସମନ୍ୱୟ ଭିତରେ ହିଁ ନିହିତ।

ଯେତେବେଳେ ଆମେ ଅନ୍ୟର ଖୁସିରେ ଖୁସି ହେବା ଶିଖିଯିବା, ସେତେବେଳେ ଈର୍ଷା ନିଜେ ନିଜେ ପରାଜିତ ହେବ। ଗାନ୍ଧିଜୀଙ୍କ 'ରାମରାଜ୍ୟ'ର ପରିକଳ୍ପନା କେବଳ ଏକ ରାଜନୈତିକ ବ୍ୟବସ୍ଥା ନଥିଲା, ବରଂ ଏହା ଥିଲା ଏକ ସୁସ୍ଥ ମାନସିକ ସମାଜର ପ୍ରତିଫଳନ। ଯଦି ଆମେ ମନରୁ ଘୃଣାର ବିଷ ବାହାର କରି କ୍ଷମା ଓ ପ୍ରେମର ଅମୃତ ଭରିପାରିବା, ତେବେ ତାହା ହିଁ ହେବ ଗାନ୍ଧୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ଏବଂ ଜୀଇଁବାର ପ୍ରକୃତ ଶୈଳୀ।

କୋତାଙ୍ଗ(କୋଣାର୍କ), ମୋ: ୭୩୮୧୩୮୨୨୧୦

# ଆମ ବୃକ୍ଷଲତା ଆମ ଜୀବନ

## ତେନ୍ତୁଳି
(Tamarind Tree- Tamarindus indica)

## ପ୍ରକୃତି-ପରିବେଶ

**ସୌଭାଗ୍ୟସୁନ୍ଦର**

ତେନ୍ତୁଳି ଆଫ୍ରିକାର ଏକ ମୂଳଜାତ ଉଦ୍ଭିଦ ଏବଂ ଭାରତ ସମେତ ବିଭିନ୍ନ ଏସୀୟ ଦେଶ, କାରିବିଆନ୍, ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜରେ ଏହା ପ୍ରାକୃତିକୀକରଣ ହୋଇସାରିଛି। ବହୁବିଧ ବ୍ୟବହାର ଯୋଗୁଁ ସାରା ବିଶ୍ୱରେ ଉଷ୍ମମଣ୍ଡଳୀୟ ଏବଂ ଉପ-ଉଷ୍ମମଣ୍ଡଳୀୟ ଅଞ୍ଚଳରେ ଏହା ଚାଷ କରାଯାଏ। ଏଗୁଡ଼ିକୁ ସାଧାରଣତଃ ରାଜପଥ କଡ଼ରେ ଏବଂ ପାର୍କରେ ଶୋଭାବର୍ଦ୍ଧକ ଓ ଛାୟା ପ୍ରଦାନକାରୀ ବୃକ୍ଷ ଭାବରେ ଏବଂ ଧୂଳି ଧରି ରଖିବା ପାଇଁ ରୋପଣ କରାଯାଏ।

ତେନ୍ତୁଳି ଏକ ଦୀର୍ଘଜୀବୀ ଚିରହରିତ ବୃକ୍ଷ, ଯାହା ସର୍ବାଧିକ ୨୫-୩୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼େ। ଗଛ ପରିପକ୍ୱ ହେବା ସହିତ ଶାଖାଗୁଡ଼ିକ ଗଣ୍ଡିର ଶୀର୍ଷ ଭାଗରୁ ଝୁଲିଯାଏ। ଏହାର ଆଦି ମୂଳ ବହୁତ ଶାଖାଯୁକ୍ତ। ପତ୍ରଗୁଡ଼ିକ ଯୌଗିକ, ସମପକ୍ଷଳ ଏବଂ ବିକଳ୍ପ ଭାବରେ ବ୍ୟବସ୍ଥିତ ହୋଇଥାଏ। ଫୁଲଗୁଡ଼ିକ ଆକାରରେ ଛୋଟ, ଗୋଲାପୀ ରଙ୍ଗର। ଏହାର ଫଳ ୧୨ ରୁ ୧୫ ସେମି ଲମ୍ବା, ଏକ କଠିନ ମାଟିଆ ରଙ୍ଗର ଚୋପା ଭିତରେ ରସାଳ ଉପାଦାନ ସହିତ ଅନେକ ମଞ୍ଜି ଗୋଟିକ ପରେ ଗୋଟିଏ ଲମ୍ବା ହୋଇ ସଜେଇ ହୋଇ ରହିଥାଏ। ଏହାର ଫଳକୁ ଲୋମେଣ୍ଟାମ ବା ମାଳା ଶିମ୍ବ କୁହାଯାଏ। ଏହାର ରସାଳ ବା ମାଂସଳ ଉପାଦାନ ପ୍ରଥମେ ଅମ୍ଳୀୟ ଥାଏ, ପରିପକ୍ୱ ହେଲେ ମାଟିଆ କିମ୍ବା ଲାଲମାଟିଆ ରଙ୍ଗର ହୋଇଯାଏ ଏବଂ କମ୍ ଅମ୍ଳ ବିଶିଷ୍ଟ ହୋଇ ଟିକିଏ ମିଠା ସ୍ୱାଦର ହୁଏ। ବିହନଗୁଡ଼ିକ କଠିନ, ଚେପଟା ଏବଂ ଚକଚକିଆ ଗାଢ଼ ମାଟିଆ ରଙ୍ଗର।

ତେନ୍ତୁଳି ଗଛର ବିଭିନ୍ନ ରାନ୍ଧଣା, ବାଣିଜ୍ୟିକ ଓ ପରିବେଶଗତ ବ୍ୟବହାର ମୂଲ୍ୟ ଅଛି। କଅଁଳ ଫଳର କଠିନ ମାଂସଳ ଉପାଦାନ ବା ମଣ୍ଡ ଖଟା ହୋଇଥାଏ, ଯାହାକୁ ସ୍ୱାଦିଷ୍ଟ ଖାଦ୍ୟରେ ଆଚାର ଭାବରେ ବ୍ୟବହାର କରାଯାଏ। ଏହାର ବିହନଗୁଡ଼ିକରେ ପେକ୍ଟିନ ରହିଥିବା ହେତୁ ସାଧାରଣତଃ ଜେଲି, ମୋରବା ଜେଲ୍ ଓ ଜାମ୍‌ରେ ବ୍ୟବହୃତ ହୁଏ ଏବଂ ପନିର, ଆଇସକ୍ରିମ୍ ଓ ସସ୍ ତିଆରି କରିବା ପାଇଁ ସ୍ଥିରକାରୀ ଉପାଦାନ ଭାବରେ ବ୍ୟବହାର କରାଯାଏ। କିଛିଦେଶରେ ତେନ୍ତୁଳି ବିହନଗୁଡ଼ିକର ଉଚ୍ଚ ପ୍ରୋଟିନ୍‌ସ୍ତର ହେତୁ ଏହାକୁ ଜରୁରିକାଳୀନ ଖାଦ୍ୟ ଭାବରେ ବ୍ୟବହାର କରାଯାଏ। ତେନ୍ତୁଳି ଗଛର ପତ୍ରରେ କ୍ୟାଲସିୟମ୍ ଓ ପ୍ରୋଟିନ୍ ଅଧିକ ଥାଏ ଏବଂ ଏହାକୁ ମଣିଷ ସହିତ ବନ୍ୟପ୍ରାଣୀ ଓ ଗୃହପାଳିତ ପଶୁମାନେ ମଧ୍ୟ ଖାଦ୍ୟ ଭାବରେ ବ୍ୟବହାର କରନ୍ତି।

ତେନ୍ତୁଳି ମଞ୍ଜି ପାଉଡରକୁ ବୟନ ଶିଳ୍ପରେ ଅଠା ବା ଆଧେସିଭ୍ ତିଆରିରେ ବ୍ୟବହାର କରାଯାଏ। ଏହାର ବିହନ ତେଲ ରଙ୍ଗ ବା ବାର୍ଣ୍ଣିସ୍ ତିଆରି ପାଇଁ ବ୍ୟବହୃତ ହୁଏ। ପତ୍ର ଓ ଫୁଲଗୁଡ଼ିକୁ ରଙ୍ଗ ପାଇଁ ସେଟିଂଏଜେଣ୍ଟ ଭାବରେ ବ୍ୟବହାର କରାଯାଏ। ତେନ୍ତୁଳି କାଠର ମଞ୍ଜ ଟାଣ ଓ ଗାଢ଼ ଲାଲ ହୋଇଥିବାରୁ ଆସବାବପତ୍ର, ଡଙ୍ଗା, ଅନ୍ୟାନ୍ୟ ଛୋଟ ଛୋଟ କାଠ ସାମଗ୍ରୀ ତିଆରିରେ ବ୍ୟବହୃତ ହୁଏ। ତେନ୍ତୁଳି ମଣ୍ଡ ପିତ୍ତଳ ଏବଂ ତମ୍ବା ମୂର୍ତ୍ତି, ଦୀପ, ପାତ୍ର ସାମଗ୍ରୀଗୁଡ଼ିକୁ ପଲିସ୍ କରିବା ପାଇଁ ବ୍ୟବହୃତ ହୁଏ।

ତେନ୍ତୁଳି ପାରମ୍ପରିକ ଔଷଧର ଏକ ପ୍ରଧାନ ଉତ୍ସ। ତେନ୍ତୁଳି ଫଳ ରସକୁ ଜ୍ୱର ଆକ୍ରାନ୍ତଙ୍କ କପାଳରେ ଲେପ ଭାବରେ ଲଗାଯାଏ। ଏଥିସହିତ କୋଷ୍ଠକାଠିନ୍ୟ, ଚର୍ମ କ୍ଷତ ଓ ଜଳନ, କୁଷ୍ଠ ରୋଗ, ପତଳା ଝାଡ଼ା, କୃମି ଆଦିର ଉପଶମ ପାଇଁ ତେନ୍ତୁଳିର ବିଭିନ୍ନ ଅଂଶ ଉପଯୋଗ କରାଯାଏ। କଞ୍ଚା ତେନ୍ତୁଳି ଫଳରେ ୬୩ % କାର୍ବୋହାଇଡ୍ରେଟ୍ ବା ଶର୍କରା, ୩୧ % ପାଣି, ୩ % ପ୍ରୋଟିନ୍ ଓ ୧ % ଚର୍ବି ଥାଏ। ୧୦୦ ଗ୍ରାମର କଞ୍ଚା ତେନ୍ତୁଳି ୨୩୯ କ୍ୟାଲୋରୀ ଖାଦ୍ୟ ଶକ୍ତି ଯୋଗାଇଥାଏ ଏବଂ ଏହା ମ୍ୟାଗ୍ନେସିୟମ୍ ଓ ପୋଟାସିୟମ୍ ସମେତ ଥାୟମିନ୍ ଓ ଖାଦ୍ୟ ଖଣିଜ ପଦାର୍ଥର ଏକ ସମୃଦ୍ଧ ଉତ୍ସ। ତେନ୍ତୁଳି ପତ୍ର ଓ ବିହନରେ ଲୁପିଓଲ୍, କ୍ୟାଟେଚିନ୍, ଏପିକେଟେଚିନ୍, କ୍ୱେର୍ସେଟିନ୍, ପ୍ରୋସିଆନିଡିନ୍ ଇ୨, କାଫିକ୍ ଏସିଡ୍, ଫେରୁଲିକ୍ ଏସିଡ୍, କ୍ଲୋରାମଫେନିକୋଲ୍, ମାଇରିସେଟିନ୍, ମୋରିନ୍, ଆପିଜେନିନ୍, କ୍ୟାମ୍ପଫେରୋଲ୍ ଏବଂ ଆଇସୋରହାମନେଟିନ୍ ରହିଛି।

ଆମ ଦେଶରେ ମହାରାଷ୍ଟ୍ର, ଛତିଶଗଡ଼, କର୍ଣ୍ଣାଟକ, ତେଲେଙ୍ଗାନା, ଆନ୍ଧ୍ର ପ୍ରଦେଶ ଓ ତାମିଲନାଡୁରେ ଏହାର ଅଧିକ ଚାଷ କରାଯାଏ। ବିଂଶ ଶତାବ୍ଦୀର ଶେଷ ଭାଗରେ ଭାରତ ବାର୍ଷିକ ୨, ୫୦, ୦୦୦ ଟନ୍ ତେନ୍ତୁଳି ଉତ୍ପାଦନ କରୁଥିଲା। ଏକ ପରିପକ୍ୱ ବୃକ୍ଷ ପ୍ରତିବର୍ଷ ୨୨୫ କିଲୋଗ୍ରାମ ପର୍ଯ୍ୟନ୍ତ ଫଳ ଉତ୍ପାଦନ କରିପାରିବ। ଯୁକ୍ତରାଷ୍ଟ୍ରରେ ଏହା ଏକ ବଡ଼ ପରିମାଣର ଫସଲ, ଯାହା ବାଣିଜ୍ୟିକ ବ୍ୟବହାର ପାଇଁ ପ୍ରଚଳିତ (କେବଳ ଭାରତ ପରେ ନେଟ୍ ଉତ୍ପାଦନ ପରିମାଣରେ ଦ୍ୱିତୀୟ)।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ମୁଖପତ୍ର 'ପ୍ରଗତି ପ୍ରବାହ' ଉନ୍ମୋଚିତ

ଭୁବନେଶ୍ୱର,୧୮।୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସରକାରଙ୍କ ମୁଖପତ୍ର 'ପ୍ରଗତି ପ୍ରବାହ' ଉନ୍ମୋଚନ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ଏହି ପୁସ୍ତିକାଟିକୁ ମୁଖ୍ୟମନ୍ତ୍ରୀ ନିଜ ବାସଭବନ ତଥା ଆବାସିକ କାର୍ଯ୍ୟାଳୟରେ ଉନ୍ମୋଚନ କରିଥିଲେ। ପ୍ରଗତି ପ୍ରବାହ ରାଜ୍ୟ ବିକାଶର ଚଳନ୍ତି ପ୍ରତିଛବି ବୋଲି ମୁଖ୍ୟମନ୍ତ୍ରୀ

**ଝାରସୁଗୁଡ଼ାର ସଫଳ ଯୁବ ଚାଷୀ ହୃଦାନନ୍ଦ ବିଶିଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ, ଜିଲ୍ଲା ପ୍ରଶାସନକୁ ସମସ୍ତ ସହାୟତା ଯୋଗାଇବାକୁ ନିର୍ଦ୍ଦେଶ**

ମତବ୍ୟକ୍ତ କରିବା ସହ ଏହି ପୁସ୍ତିକାର ପ୍ରକାଶନ ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଧନ୍ୟବାଦ ଦେଇଥିଲେ।

ସୂଚନାଯୋଗ୍ୟ ଯେ ପ୍ରଗତି ପ୍ରବାହର ଉନ୍ମୋଚନ ସମୟରେ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ଗ୍ରାମର ଜଣେ ସଫଳ ଯୁବ ଚାଷୀ ହୃଦାନନ୍ଦ ବିଶି ମଧ୍ୟ ଉପସ୍ଥିତ ଥିଲେ। ଏହି ପୁସ୍ତିକାରେ ହୃଦାନନ୍ଦଙ୍କ ସଫଳ କାହାଣୀ ମଧ୍ୟ ଉଲ୍ଲେଖ ଅଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ହୃଦାନନ୍ଦ ବିଶିଙ୍କୁ ସମ୍ମାନିତ କରିବା ସହିତ ତାଙ୍କ ସଫଳତା ପାଇଁ ଶୁଭେଚ୍ଛା ପ୍ରଦାନ କରିଥିଲେ। ଏହା ସହିତ ଆଗକୁ କିଭଳି ଆହୁରି ସରକାରଙ୍କ ହିତାକାଂକ୍ଷୀ ଯୋଜନା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ପି.ଏମ କିଷାନ ଓ 'ସିଏମ- କିଷାନ' ମାଧ୍ୟମରେ ଆହୁରି ନିଜର କୃଷି କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ସେ ବିଷୟରେ



ପରାମର୍ଶ ଦେଇଥିଲେ। ଆମ ସରକାର ଚାଷୀଙ୍କ ଉନ୍ନତି ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରୁଛି। ଚାଷୀଟିଏ ଆଜି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆତ୍ମନିର୍ଭରଶୀଳ ଭାରତର ଉଦ୍ଦେଶ୍ୟକୁ ପୂରଣ କରୁଛି। ଚାଷୀ ନିଜ ଫସଲ ଦ୍ୱାରା ଗୋଟିଏ ପରିବାର ନୁହେଁ ଅନେକ ପରିବାର ଚଳାଇବାର କ୍ଷମତା ରଖୁଛି, ଯାହାକି ଆମ ଦେଶର ପ୍ରକୃତ ଷ୍ଟାର୍ଟ-ଅପ ବୋଲି ମୁଖ୍ୟମନ୍ତ୍ରୀ ସଫଳ ଚାଷୀ ଶ୍ରୀ ବିଶିଙ୍କ ସହ କଥା ହୋଇ ତାଙ୍କୁ କହିଥିଲେ। ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶିଙ୍କୁ ସରକାରୀ ସହାୟତା ଓ ସବସିଡି ମିଳୁଛି କି ନାହିଁ ସେ ସମ୍ପର୍କରେ ପଚାରି ବୁଝିଥିଲେ। ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଜରିଆରେ ସମସ୍ତ ସରକାରୀ ସହାୟତା ତୁରନ୍ତ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି କୋଲ୍ଡ କୃଷି ଭିତ୍ତିଭୂମିର ବିକାଶ ପାଇଁ ଜିଲ୍ଲାପାଳ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସେ ସ୍ପଷ୍ଟ କରିଥିଲେ। ଏଥିସହିତ ବିଭିନ୍ନ କୃଷି ଯୋଜନାର ସୁଯୋଗ ନେଇ ନିଜର କୃଷି କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହ ଚାଷୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ।

# ପ୍ରଫେସର ଗାୟତ୍ରୀବାଳା ପଣ୍ଡାଙ୍କ 'ସ୍ତ୍ରୀୟାଁ' ଲୋକାର୍ପିତ





ଭୁବନେଶ୍ୱର,୧୮।୧(ସମିସ): ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଅନୁଷ୍ଠିତ ବିଶ୍ୱ ପୁସ୍ତକ ମେଳାରେ ପ୍ରଖ୍ୟାତ ଓଡ଼ିଆ କବି, ଶିକ୍ଷାବିତ୍, ସମ୍ପାଦକ, ସ୍ତମ୍ଭକାର ପ୍ରଫେସର ଗାୟତ୍ରୀବାଳା ପଣ୍ଡାଙ୍କ କବିତା ପୁସ୍ତକ 'ସ୍ତ୍ରୀୟାଁ'ର ଲୋକାର୍ପିତ ହୋଇଛି। ବିଶିଷ୍ଟ ଅନୁବାଦକ ଡ. ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କ ଦ୍ୱାରା ଅନୁଦିତ ଓ ମୁମ୍ବାଇର ପ୍ରଲେକ ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏହି ପୁସ୍ତକ ଲୋକାର୍ପଣ ଉତ୍ସବରେ ଡ. ରାଜେନ୍ଦ୍ର ପ୍ରସାଦ ମିଶ୍ର, ପ୍ରକାଶକ ଜିତେନ୍ଦ୍ର ପାତ୍ର , ପ୍ରଖ୍ୟାତ ହିନ୍ଦୀ କବି ଅଶୋକ ବାଜପେୟୀ, ବିଶିଷ୍ଟ ହିନ୍ଦୀ କବି ତଥା ଚିତ୍ରଶିଳ୍ପୀ ଲୀଳାଧର ମଣ୍ଡଲୋଇ, ବିଶିଷ୍ଟ ହିନ୍ଦୀ କବି ତଥା ଇଗ୍ନୁର କୁଳସଚିବ ପ୍ରଫେସର ଜିତେନ୍ଦ୍ର ଶ୍ରୀବାସ୍ତବ, ବିଶିଷ୍ଟ ହିନ୍ଦୀ କବି ପ୍ରଫେସର ସବିତା ସିଂହ, ବିଶିଷ୍ଟ ହିନ୍ଦୀ କବି ଅଗ୍ନିଶେଖର, ବିଶିଷ୍ଟ ହିନ୍ଦୀ ଲେଖିକା କ୍ଷମା କୌଲ, ବିଶିଷ୍ଟ ହିନ୍ଦୀ ଲେଖକ ଜୟ ପ୍ରକାଶ କର୍ଦ୍ଦମ, ପ୍ରଖ୍ୟାତ ପଞ୍ଜାବୀ କବି ତଥା ଅନୁବାଦକ ଡଃ ବନୀତା, କେନ୍ଦ୍ର ସାହିତ୍ୟ ଅକାଦେମୀ ଉପ ସଚିବ କୁମାର ଅନୁପମ ପ୍ରମୁଖ ଉପସ୍ଥିତ ଥିଲେ। 'ସ୍ତ୍ରୀୟାଁ' କବିତା ସଙ୍କଳନରେ ମୋଟ ୧୦୮ଟି କବିତା ସ୍ଥାନିତ ହୋଇଛି ଏବଂ ଏଥିରେ ଥିବା କବିତାରେ ମହିଳାମାନଙ୍କ ସଂଘର୍ଷ, ସମସ୍ୟା, ଆଦି ପ୍ରସଙ୍ଗ ପ୍ରତିଧ୍ୱନିତ ହୋଇଛି। ଏହି ସଂଗ୍ରହରେ କବି ପୁରୁଷତାନ୍ତ୍ରିକ ଓ ପାରମ୍ପରିକ ସମାଜିକ ନୀତିଗୁଡ଼ିକୁ ପ୍ରଶ୍ନ କରିବା ସହିତ, ସ୍ତ୍ରୀ ଅସ୍ତିତ୍ୱର ଶକ୍ତି, ଜିଜୀବିଷା ଓ ମର୍ଯ୍ୟାଦାକୁ ସ୍ୱର ଦେଇଛନ୍ତି। ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ କବିତା, ଗପ, ଉପନ୍ୟାସ, ପ୍ରବନ୍ଧ ଓ ଖବରକାଗଜରେ ସ୍ତମ୍ଭ ରଚନା କରି ଯଥେଷ୍ଟ ପାଠକୀୟ ସ୍ୱୀକୃତି ହାସଲ କରିଥିବା କବି ଗାୟତ୍ରୀବାଳା ପଣ୍ଡାଙ୍କର ବର୍ତ୍ତମାନ ସୁଦ୍ଧା ୩୯ଟି ପୁସ୍ତକ ପ୍ରକାଶ ପାଇଛି। କବିତା ସଙ୍କଳନ 'ଦୟା ନଦୀ' ପାଇଁ ୨୦୨୨ରେ ଗାୟତ୍ରୀବାଳା କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର, କବିତା ସଙ୍କଳନ 'ଗାଁ' ପାଇଁ ୨୦୧୧ରେ କେନ୍ଦ୍ର ସାହିତ୍ୟ ଅକାଦେମୀ ଯୁବ ପୁରସ୍କାରରେ ପୁରସ୍କୃତ ହେବା ସହ ଜାତୀୟ ଓ ରାଜ୍ୟସ୍ତରରେ ଅନେକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

■ ଫରେଷ୍ଟ ରେଞ୍ଜର ଆସୋସିଏସନ୍‌ର ପୁନର୍ଗଠିତ

# ଜଗବନ୍ଧୁ ପାତ୍ର ରାଜ୍ୟ ସଭାପତି ନିର୍ବାଚିତ




ଭୁବନେଶ୍ୱର, ୧୮ ।୧ (ସମିସ): ଓଡ଼ିଶା ଫରେଷ୍ଟ ରେଞ୍ଜର ଆସୋସିଏସନ୍‌ର ପୁନର୍ଗଠିତ ହୋଇଛି। ରବିବାର ଭୁବନେଶ୍ୱରଠାରେ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଡେପୁଟି ରେଞ୍ଜର ଜଗବନ୍ଧୁ ପାତ୍ରଙ୍କୁ ସର୍ବସମ୍ମତିକ୍ରମେ ସଭାପତି ଭାବେ ମନୋନୀତ କରାଯାଇଛି। ସେହିପରି ଉପସଭାପତି ଭାବେ ଶୁଭ୍ରା ଶୁଚିସ୍ମିତା ମହାପାତ୍ର, ସାଧାରଣ ସମ୍ପାଦକ ଭାବେ ସଚିଦାନନ୍ଦ ସୁବୁଦ୍ଧି, ଯୁଗ୍ମ ସମ୍ପାଦକ ଭାବେ ସୁଦାମ ଜେ, କୋଷାଧ୍ୟକ୍ଷ ଆଶିଷ କୁମାର ଦିଗଲ ଓ ଆହ୍ୱାନ କମିଟି ଅଧ୍ୟକ୍ଷ ଭାବେ ସରୋଜ କୁମାର ମିଶ୍ରଙ୍କୁ ଚୟନ କରାଯାଇଛି। ଏମାନଙ୍କ ବ୍ୟତୀତ ଜୋନାଲ ସମ୍ପାଦକ, ଅଡିଟ୍ ବୋର୍ଡ ଓ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ୨୦ ଜଣ ସଦସ୍ୟଙ୍କୁ ଚୟନ କରାଯାଇଛି।

ରବିବାର ଭୁବନେଶ୍ୱର ରେଡକ୍ରସ୍ ଭବନଠାରେ ଆୟୋଜିତ ଆସୋସିଏସନ୍‌ର ସାଧାରଣ ଅଧିବେଶନ ବୈଠକ ପ୍ରାରମ୍ଭରେ ରାୟଗଡ଼ା ଡିଭିଜନ୍ ରେଞ୍ଜର ଚନ୍ଦନ ଗୋମାଙ୍ଗଙ୍କ ଅକାଳ ବିୟୋଗ ସମ୍ବନ୍ଧରେ ନିରବ ପ୍ରାର୍ଥନା କରାଯାଇଥିଲା। ବନ ବିଭାଗର ବର୍ତ୍ତମାନ ଆବଶ୍ୟକତା ତଥା ରେଞ୍ଜରମାନଙ୍କ ଅସୁବିଧା ସଂପର୍କରେ ବିଭିନ୍ନ ଆଲୋଚନା ହେଇଥିଲା। ପରେ ସଂଘର ନିର୍ବାଚନ କରାଯାଇ ସମ୍ପାଦତ ହୋଇଥିଲା। ପୂର୍ବତନ ଆହ୍ୱାନ କମିଟିର ଅଧ୍ୟକ୍ଷ ଆଦିତ୍ୟ ନାରାୟଣ ମିଶ୍ର, ନୂଆ କର୍ମକର୍ତ୍ତାମାନଙ୍କୁ ଶପଥ ଗ୍ରହଣ କରାଇଥିଲେ।

# ନରାଜ ବ୍ୟାରେଜରୁ ନବଜାତ ଶିଶୁପୁତ୍ରର ମୃତଦେହ ଉଦ୍ଧାର

ତ୍ରିଶୂଳିଆ,୧୮।୧(ସମିସ): କଟକର ଉପକଣ୍ଠ ନରାଜ ବ୍ୟାରେଜ ନିକଟରେ ଏକ ଅତ୍ୟନ୍ତ ଦୁଃଖଦାୟକ ଘଟଣା ସାମ୍ନାକୁ ଆସିଛି। ବ୍ୟାରେଜର ୨୪ ନମ୍ବର ଗେଟ୍ ମଧ୍ୟରୁ ଏକ ନବଜାତ ଶିଶୁପୁତ୍ରର ମୃତଦେହ ଉଦ୍ଧାର କରାଯାଇଛି। କିଏ ଏବଂ କେଉଁ ପରିସ୍ଥିତିରେ ଏହି ନିଷ୍ପାପ ଶିଶୁଟିକୁ ଏଠାରେ ଫିଙ୍ଗି ଦେଇ ଚାଲିଯାଇଛି, ତାହା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ରବିବାର ସକାଳ ସମୟରେ ନରାଜ ଗ୍ରାମର କିଛି ମତ୍ସ୍ୟଜୀବୀ କାଠଯୋଡ଼ି ନଦୀକୁ ମାଛ ମାରିବାକୁ ଯାଇଥିବା ବେଳେ ବ୍ୟାରେଜ ଗେଟ୍‌ରେ ଶିଶୁଟିର ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ସେମାନେ ତୁରନ୍ତ ଏ ସମ୍ପର୍କରେ ବାରଙ୍ଗ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀର ଏକ ଦଳ ଘଟଣାସ୍ଥଳରେ ପହଞ୍ଚି ନବଜାତ ଶିଶୁଟିକୁ ଉଦ୍ଧାର କରିଥିଲେ ମଧ୍ୟ ସେତେବେଳକୁ ଶିଶୁଟିର ମୃତ୍ୟୁ ଘଟିସାରିଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ ଶିଶୁର ମୃତଦେହକୁ ଉଦ୍ଧାର କରାଯାଇ ଗୋଡ଼ିସାହି ଫାଣ୍ଡି ପୁଲିସକୁ ହସ୍ତାନ୍ତର କରାଯାଇଛି। ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ମୃତଦେହକୁ କଟକ ବଡ଼ ମେଡିକାଲକୁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କେଉଁ ପରିସ୍ଥିତିରେ ଶିଶୁଟିକୁ ନଦୀକୁ ଫିଙ୍ଗାଯାଇଛି ଏବଂ ଏଥିପାଇଁ କିଏ ଦାୟୀ, ସେ ନେଇ ପୁଲିସ ଆଖପାଖ ଅଞ୍ଚଳର ଲୋକଙ୍କୁ ପଚରାଉଚରା ଜାରି ରଖିଛି।

**କୋଲକାତା ଜୋନାଲସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ**

# ମାଲକାନଗିରି ଝିଅ ଦିବ୍ୟାଭାରତୀ ଶ୍ରେଷ୍ଠ କିଶୋରୀ ବୈଜ୍ଞାନିକ

ଚିତ୍ରକୋଣ୍ଡା,୧୭।୧(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଆରଏସସି ୬ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ଦିବ୍ୟାଭାରତୀ ପାଙ୍ଗିଙ୍କ ମ୍ୟାଜିକ୍ ଷ୍ଟିକ୍ ପ୍ରକଳ୍ପ କୋଲକତା ଜୋନାଲସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ପୁରସ୍କୃତ ହୋଇଛି। ତାଙ୍କୁ ଶ୍ରେଷ୍ଠ କିଶୋରୀ ବୈଜ୍ଞାନିକ ପୁରସ୍କାର ଏବଂ ସ୍ୱତନ୍ତ୍ର ନବସୃଜନ ପ୍ରକଳ୍ପ ପୁରସ୍କାର ମିଳିଛି। ଦିବ୍ୟାଭାରତୀ ଏହି ପ୍ରକଳ୍ପକୁ ନେଇ ପ୍ରଥମେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା, ପରେ ବ୍ଲକସ୍ତର ଓ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ କୃତକାର୍ଯ୍ୟ ହୋଇଥିଲେ।

ଜାନୁୟାରୀ ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ୪ଦିନ ଧରି କୋଲକତାରେ ଚାଲିଥିବା ଏହି ପ୍ରଦର୍ଶନୀରେ କୋଲକାତା, ବିହାର, ଝାଡଖଣ୍ଡ, ଓଡିଶା, ଆଣ୍ଡମାନ ଓ ନିକୋବରରୁ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ଦିବ୍ୟାଙ୍କ ପ୍ରକଳ୍ପ ସମସ୍ତଙ୍କୁ ଆକର୍ଷିତ କରିଥିଲା। ତାଙ୍କର ଏହି ପ୍ରକଳ୍ପଟି କୃଷକମାନଙ୍କ ସହାୟତା ପାଇଁ ହୋଇଥିଲା। ସାପ, ବିଷାକ୍ତ କୀଟପତଙ୍ଗଙ୍କଠାରୁ ରକ୍ଷା କରିବାରେ ସହାୟତା, ଟର୍ଚ୍ଚ ଲାଇଟ୍, ସାଇରନ ସହ ଜରୁରୀ ସମୟରେ ନିଜର ଆତ୍ମୀୟ କିମ୍ବା ଆମ୍ବୁଲାନ୍ସ ଚାଳକଙ୍କ ପାଖକୁ ମେସେଜ ପଠାଇବା, କୃଷକର ସ୍ୱାସ୍ଥ୍ୟ ପାଇଁ ଔଷଧ ରଖିବା ବ୍ୟବସ୍ଥା, ଖରା ଓ ବର୍ଷାରୁ ରକ୍ଷା ପାଇବା ପାଇଁ ଛତାର ବ୍ୟବସ୍ଥା ଓ ମହିଳା କୃଷକମାନେ ଶିଶୁଙ୍କୁ ସ୍ତନ୍ୟପାନ କରାଇବାରେ ମଧ୍ୟ ଏହା ସହାୟକ ହେବ। ଏହି ପ୍ରକଳ୍ପ ପୂର୍ବରୁ ରାଜ୍ୟସ୍ତରରେ ବେଶ୍ ପ୍ରଶଂସା ସାଉଁଟିଥିବା ବେଳେ ବର୍ତ୍ତମାନ ଏହା ଆହୁରି ଅଧିକ ଲୋକପ୍ରିୟ ହୋଇଛି।




# ୨ କୋଟିର ଅଫିମ ଚାଷ ଧ୍ୱଂସ



ବାରିପଦା, ୧୮ ।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ଅଧୀନରେ ଥିବା ଗୋପୀନାଥପୁର ଅଞ୍ଚଳରେ ଅବୈଧ ଭାବେ ଚାଷ ହୋଇଥିବା ପପି (ଅଫିମ) ଗଛର ଦୁଇଟି ବଡ଼ ଚାଷକ୍ଷେତକୁ ପୁଲିସ ଧ୍ୱଂସ କରିଦେଇଛି। ଏହି ଅଭିଯାନରେ ମୋଟ୍ ୯୫,୮୫୦ଟି ପପି ଗଛକୁ ନଷ୍ଟ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧ କୋଟି ୯୧ ଲକ୍ଷ ୭୦ ହଜାର ଟଙ୍କାର ହେବ ବୋଲି କୁହାଯାଉଛି। ଯଶିପୁର ପୁଲିସ ଏହି ଅଭିଯାନକୁ ସଫଳ କରିବାରେ ଗୁଇନ୍ଦା ସୂଚନା ଆଧାରରେ କାର୍ଯ୍ୟ କରିଥିବା ଜଣାପଡ଼ିଛି। ଏହା ଉପରେ ଏନ୍‌ଡିପିଏସ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ପୂର୍ବରୁ ମଧ୍ୟ ଶିମିଳିପାଳ ଅଭୟାରଣ୍ୟ ଭିତରେ ଏଭଳି ଅବୈଧ ଅଫିମ ଚାଷ ବାରମ୍ବାର ଧରାପଡ଼ିଛି। ପୁଲିସ, ଅବକାରୀ ଓ ଜଙ୍ଗଲ ବିଭାଗର ମିଳିତ ଅଭିଯାନ ଏଭଳି ଅବୈଧ କାର୍ଯ୍ୟକଳାପ ବନ୍ଦ କରିବାକୁ କଠୋର ପଦକ୍ଷେପ ଗ୍ରହଣ କରୁଛନ୍ତି।

# ଗାଁରେ ପହଞ୍ଚିଲା ମଙ୍ଗଳଙ୍କ ମୃତଦେହ

ରାସଗୋବିନ୍ଦପୁର, ୧୮।୧(ସମିସ): ରବିବାର ଆନ୍ଧ୍ରପ୍ରଦେଶର ଶ୍ରୀକାକୁଳମଠାରେ ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ମଙ୍ଗଳ ଟୁଡୁଙ୍କ ମୃତଦେହ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ପ୍ରଚେଷ୍ଟାରେ ନିଜ ଗାଁରେ ପହଞ୍ଚିଥିବା ଜଣାପଡ଼ିଛି। ମଙ୍ଗଳଙ୍କ ମୃତଦେହ ନିଜ ଗାଁରେ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରେ ସ୍ଥାନୀୟ ସରପଞ୍ଚ ବୁଦ୍ଧିଆ ମୁର୍ମୁ, ବିଜେପି ମଣ୍ଡଳ ସଭାପତି ଅବିନାଶ କୁଣ୍ଡୁ, ପଞ୍ଚାୟତ ସଭାପତି ସତ୍ୟଶିବ ଭାଟ୍ଟ, ବିମଳ ବେହେରା, ମିହିର ସେନାପତି, ଚନ୍ଦନ ଦାସ ଓ ଗ୍ରାମବାସୀ ସେଠାରେ ଉପସ୍ଥିତ ହୋଇ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ ମହାନ୍ତି ମଙ୍ଗଳଙ୍କ ପରିବାରବର୍ଗଙ୍କୁ ସମସ୍ତ ପ୍ରକାରର ସରକାରୀ ସହାୟତା ମନ୍ତ୍ରୀଙ୍କୁ ଜଣାଇ ଯଥାଶୀଘ୍ର ପ୍ରଦାନ କରାଇବେ ବୋଲି ପ୍ରକାଶ କରିଥିଲେ। ୧୪ ତାରିଖ ଦିନ ଶ୍ରୀକାକୁଳମଠାରେ ରେଳ ଦୁର୍ଘଟଣାରେ ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଟିକପଦା ଅଞ୍ଚଳର ସ୍ୱର୍ଗତ ଗକୁଲ ଟୁଡୁଙ୍କ ପୁଅ ମଙ୍ଗଳ ଟୁଡୁ



(୨୪)ଙ୍କ ମୃତ୍ୟୁ ଘଟିଥିଲା। ତାଙ୍କର ମୃତ ଶରୀର ନିଜ ଗାଁକୁ ଫେରାଇ ଆଣିବା ପାଇଁ ମଙ୍ଗଳଙ୍କ ମା ଗୁରୁବାରି ଟୁଡୁ ଆର୍ଥିକ ସକ୍ଷମ ନ ଥିବାବେଳେ ପୁଅର ମୃତ ଶରୀର ନିଜ ଗ୍ରାମକୁ ଫେରାଇ ଆଣିବା ପାଇଁ ଜିଲ୍ଲା ଶ୍ରମଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନଥିରେ 'ପରିଷଦ'...

ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ନିଯୁକ୍ତିରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ବିକାଶମୂଳକ କାର୍ଯ୍ୟରେ ଅଗ୍ରଗତି ହୋଇପାରୁ ନାହିଁ ବୋଲି ମଧ୍ୟ ଅଭିଯୋଗ ହୋଇଛି । ଯଦି ବିକାଶମୂଳକ କାର୍ଯ୍ୟ କରାଯାଇ ପାରୁନାହିଁ, ତେବେ ବଜେଟରେ କାହିଁକି ସରକାର ବ୍ୟୟବରାଦ କରୁଛନ୍ତି ବୋଲି ଏବେ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି ।

କେବଳ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ନୁହେଁ; ରାଜ୍ୟରେ କ୍ଷମତାକୁ ଆସିବା ପରେ ବିଜେପି ସରକାର ଉତ୍ତର ଓଡ଼ିଶା ବିକାଶ ପରିଷଦ ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ନିମନ୍ତେ ଘୋଷଣା କରିଥିଲା। ଏଥିପାଇଁ କମିଟି ମଧ୍ୟ ଗଠନ ହେଲା । ଚଳିତ ବର୍ଷ ବଜେଟରେ ଦୁଇ ପରିଷଦ ପାଇଁ ୨୦୦ କୋଟି ଟଙ୍କା ଲେଖାଏଁ ବ୍ୟୟବରାଦ କରାଗଲା । ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର ଶାସକ ଦଳର ନେତାମାନେ ଏହାକୁ ନେଇ ଅନେକ ବୟାନବାଜୀ କଲେ । ମାତ୍ର ଆର୍ଥିକ ବର୍ଷ ସରିବାକୁ ବସିଲାଣି, ଆଗାମୀ ଆର୍ଥିକ ବର୍ଷ ପାଇଁ ବଜେଟ୍ ପ୍ରସ୍ତୁତି କାର୍ଯ୍ୟ ସରକାର ଆରମ୍ଭ କଲେଣି । ମାସକ ପରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ବଜେଟ୍ ଆଗତ ହେବ । ମାତ୍ର ଦୁଇ ପରିଷଦର ରୂପରେଖ ସ୍ଥିର ହୋଇ ପାରିଲା ନାହିଁ, ପରିଷଦର ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ଦିଆଯାଇ ପାରିଲା ନାହିଁ । ବଜେଟ୍ ବରାଦ ବ୍ୟୟ ହେବା ତ ଦୂରର କଥା, ଏ ସଂକ୍ରାନ୍ତରେ କୌଣସି ପ୍ରସ୍ତାବ ମଧ୍ୟ ଏଯାଏ ଆସି ପାରିଲା ନାହିଁ ।

ଏଥିନିମନ୍ତେ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି ବିରୋଧୀ । ରାଜନୈତିକ ସମୀକ୍ଷକମାନେ ପରିଷଦ ପ୍ରସଙ୍ଗକୁ ନେଇ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ସରକାର ସାମାନ୍ୟ ଆନ୍ତରିକତା ଦେଖାଇଥିଲେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ କ୍ରିୟାଶୀଳ ହୋଇ ପାରିଥାଆନ୍ତା ଓ ବିକାଶମୂଳକ କାମଗୁଡ଼ିକ ନିମନ୍ତେ ମଞ୍ଜୁର ଅର୍ଥ ବିନିଯୋଗ ହୋଇ ପାରିଥାଆନ୍ତା । ମାତ୍ର ଅନୁଦାନ ମଞ୍ଜୁର ପରେ କାମକୁ ରୋକିବା ପଛରେ ରାଜନୈତିକ ଷଡ଼ଯନ୍ତ୍ର ରହିଛି ବୋଲି ବିରୋଧୀ ପ୍ରଶ୍ନ ଉଠାଇଛନ୍ତି ।

### ଡାକ୍ତର ନକଲି...

ନ ଥିଲେ କି ହସ୍ପିଟାଲରେ ପଢ଼ାଉ ନ ଥିଲେ। ରୋଗୀଙ୍କ ଚିକିତ୍ସା ମଧ୍ୟ କରୁ ନ ଥିଲେ। ଏନ୍‌ଏମ୍‌ସି ଅନୁମୋଦନ ଓ ବିନା ବାଧାରେ ମେଡିକାଲ କଲେଜକୁ ଚଲାଇବା ପାଇଁ ଏପରି କରାଯାଇଥିଲା। ଇଡି ଟେକ୍ସଟ୍ ମେସେଜ୍ ଓ ଭିଡିଓ ଚାଟର ମଧ୍ୟ ଯାଞ୍ଚ କରିଥିଲା। ଏଥରୁ ଜଣାପଡ଼ିଥିଲା ଯେ ନିୟାମକ ଯାଞ୍ଚ ପୂର୍ବରୁ ଅଲ-ଫଲାହ ହସ୍ପିଟାଲ ପ୍ରାୟତଃ କାର୍ଯ୍ୟକ୍ଷମ ନ ଥିଲା। ଯାଞ୍ଚର କିଛି ଦିନ ପୂର୍ବରୁ ଦେଖାଇବା ପାଇଁ କେବଳ ନକଲି ରୋଗୀମାନଙ୍କୁ ଭର୍ତ୍ତି କରାଯାଇଥିଲା। ଏନ୍‌ଏମ୍‌ସି ଯାଞ୍ଚର ତିନି ସପ୍ତାହ ପୂର୍ବରୁ କୌଣସି ରୋଗୀ, କର୍ମଚାରୀ କିମ୍ବା ଡାକ୍ତର ହସ୍ପିଟାଲ ପରିସରରେ ଉପସ୍ଥିତ ନ ଥିଲେ।

ସୂଚନା ଅନୁଯାୟୀ, ଅକ୍ଟୋବର ୨୦୨୧ରୁ ସାଧାରଣ ଔଷଧ ବିଭାଗର ଜୁନିଅର ରେସିଡେଣ୍ଟ ଭାବେ ଆତଙ୍କବାଦୀ ତଥା ଡ. ଗନି ଓ ଔଷଧ ବିଜ୍ଞାନରେ ସହାୟକ ପ୍ରାଧ୍ୟାପିକା ଭାବେ ଡ. ସାହିନ ସୈଦକୁ ୨୦୨୪ ମେ'ରେ ନିଯୁକ୍ତ କରାଯାଇଥିଲା। ଅଲ-ଫଲାହର ମାନବ ସମ୍ବଳ ମୁଖ୍ୟଙ୍କ ସୁପାରିସରେ ଏହି ନିଯୁକ୍ତି ଦିଆଯାଇଥିଲା। ଏହାକୁ ଜୱାଦ ଅନୁମୋଦନ ଦେଇଥିଲେ। ଖାଲି ସେତିକି ନୁହେଁ, ଏହି ବିଶ୍ୱବିଦ୍ୟାଳୟଠକେଇ କରି ୪୯୩.୨୪ କୋଟି ଆୟ କରିଥିବା ଆକଳନ କରାଯାଉଛି। ଏନ୍‌ଏଏସି ଓ ମିଥ୍ୟା ୟୁଜିସି ମାନ୍ୟତା ଥିବା ଦର୍ଶାଇ ଛାତ୍ରଛାତ୍ରୀଙ୍କୁ ପ୍ରତାରିତ କରି ବାର୍ଷିକ ଶିକ୍ଷା ଓ ପରୀକ୍ଷା ଫି ବାବଦରେ ପାଣ୍ଠି ସଂଗ୍ରହ କରାଯାଇଥିଲା। ଏଠାରେ ପଢୁଥିବା କିଛି ଛାତ୍ରଛାତ୍ରୀଙ୍କ ବିଦେଶୀ ଲିଙ୍କ ମଧ୍ୟ ସାମନାକୁ ଆସିଛି। ସିଦ୍ଦିକିର ପୁଅ ଅଫହାମ ଅହମ୍ମଦ ଓ ଝିଅ ଅଫିଆ ସିଦ୍ଦିକାଙ୍କ ଦ୍ୱୈତ ନାଗରିକତା ଥାଇପାରେ ବୋଲି ସନ୍ଦେହ କରାଯାଉଛି। କିଛି ବିଦେଶୀ ସଂସ୍ଥା ଫାଇଲିଂରେ ସେମାନଙ୍କୁ ବ୍ରିଟିଶ ନାଗରିକ ଭାବେ ଦର୍ଶାଇ ଯାଇଛି।

### ଅପାରଗତା ଲୁଚାଇବାକୁ...

ପିନ୍ଧି ନ ଥିବା ଫାଇନ୍ ଆସୁଥିବା ବେଳେ ସହର ଭିତରେ ସ୍କୁଟି ଚାଳକ ୭୦-୮୦ କିମି ବେଗରେ ଗାଡ଼ି ଚଳାଉଥିବା ଦର୍ଶାଇ ଜୋରିମାନା ଲଦି ଦିଆଯାଉଛି।

ପ୍ରଦୂଷଣ ନାମରେ ସାଧାରଣ ବ୍ୟକ୍ତିଙ୍କଠାରୁ ହଜାର ହଜାର ଟଙ୍କାର ଫାଇନ୍ ନେବା ଯୋଗୁଁ ରାଜ୍ୟରେ ବିଭିନ୍ନ ସଂଗଠନ ସରକାରଙ୍କୁ ଘେରିବାକୁ ରାସ୍ତାକୁ ଓହ୍ଲାଉଛନ୍ତି। ଜାନୁୟାରୀ ୨୮ ତାରଖରେ ନବନିର୍ମାଣ କୃଷକ ସଂଗଠନ ଦ୍ୱାରା ସକାଳ ୬ଟାରୁ ୨ଟା ପର୍ଯ୍ୟନ୍ତ ଓଡ଼ିଶା ବନ୍ଦର ଡାକରା ଦିଆଯାଇଛି। ସରକାର ଗୋଟିଏ ପଟେ ଜମି, ଖଣି, ଜଳ, ଜଙ୍ଗଲ ଇତ୍ୟାଦିକୁ ନଷ୍ଟ କରୁଥିବା ଖଣି କମ୍ପାନୀମାନଙ୍କଠାରୁ ସୁପ୍ରିମକୋର୍ଟ ଦେଇଥିବା ଆଦେଶକୁ କାର୍ଯ୍ୟକାରୀ କରି ତାଙ୍କ ଉପରେ ବାକିଥିବା ୩,୯୬୬ କୋଟି ଟଙ୍କା ଆଦାୟ କରିପାରୁନାହାନ୍ତି। କମ୍ପାନୀଗୁଡ଼ିକ ଉପରେ ଥିବା ୬ ହଜାର କୋଟି ଟଙ୍କା ଜଳ କର ଆଦାୟ କରିବାରେ ସରକାର ଅସମର୍ଥ ହୋଇଛନ୍ତି। ଚୁକ୍ତି ଖିଲାପ କରିଥିବା ଖଣି କମ୍ପାନୀଗୁଡ଼ିକ ଗତ ୫ ବର୍ଷରେ ୪୨ ହଜାର କୋଟି ଟଙ୍କା ଦେଇ ନାହାନ୍ତି। ଏମାନଙ୍କ ତଣ୍ଟି ଧରିବାକୁ ସରକାରଙ୍କ ସାହସ ପାଉନାହିଁ, ଅଥଚ ସାଧାରଣ ଲୋକଙ୍କ ଉପରେ ସରକାର ଜୁଲମ କରୁଛନ୍ତି ବୋଲି ସଙ୍ଗଠନ ଅଭିଯୋଗ କରିଛି। ଏହାର ପ୍ରତିବାଦରେ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଙ୍ଗଠନ ଚେତାବନୀ ଦେଇଛି।

### ୪ ଦିନରେ...

ପରେ ପାଣିପାଗ କେନ୍ଦ୍ର ପକ୍ଷରୁ ସମସ୍ତ ସତର୍କ ସୂଚନା ହଟାଇ ଦିଆଯାଇଛି। ତେବେ ରାଜ୍ୟର କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର କୁହୁଡ଼ି ନେଇ କେନ୍ଦ୍ର ପୂର୍ବାନୁମାନ କରିଛି। ସୋମବାର ରାତିରୁ ମଙ୍ଗଳବାର ସକାଳ ମଧ୍ୟରେ କଟକ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ କଳାହାଣ୍ଡିରେ ସ୍ୱଳ୍ପରୁ ମଧ୍ୟମ ଧରଣର କୁହୁଡ଼ି ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

### ଟ୍ରମ୍ପଙ୍କୁ ଗ୍ରୀନଲାଣ୍ଡରେ...

ଅନ୍ୟ ସହର ତଥା କୋପେନହେଗେନ୍ ଓ ଅନ୍ୟାନ୍ୟ ଡେନମାର୍କ ସହରରେ ମଧ୍ୟ ସମାନ ବିକ୍ଷୋଭ ଓ ରାଲି ଅନୁଷ୍ଠିତ ହୋଇଥିଲା। ଗ୍ରିନଲାଣ୍ଡ ପ୍ରଧାନମନ୍ତ୍ରୀ ଜେନ୍ସ-ଫ୍ରେଡେରିକ୍ ନିଲସନ୍ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଆମେରିକା ଗ୍ରୀନଲାଣ୍ଡକୁ ଭିନ୍ନ ଦିଗରେ ନେଇଯିବାକୁ ଏବଂ ଶୋଷଣ କରିବାକୁ ଚାହୁଁଛି ବୋଲି କହିଥିଲେ।

■ ଅଚଳ ନିଯୋଜନ ନିର୍ଦ୍ଦେଶାଳୟ ୱେବସାଇଟ୍

# ହୋଇପାରୁନି ଆଶାୟୀ ନିଯୋଜନ ପଞ୍ଜୀକରଣ

ଭୁବନେଶ୍ୱର, ୧୮ ।୧(ସମିସ): ଅଚଳ ହୋଇପଡ଼ିଛି ନିଯୋଜନ ନିର୍ଦ୍ଦେଶାଳୟ ୱେବସାଇଟ୍। ଦୀର୍ଘ ଦିନରୁ ଅଚଳାବସ୍ଥା ଲାଗି ରହିଥିବାରୁ ଆଶାୟୀମାନେ ନିଯୁକ୍ତି ପାଇଁ ପଞ୍ଜୀକରଣ କରିପାରୁନାହାନ୍ତି। ବିଭିନ୍ନ କାର୍ଯ୍ୟାଳୟରେ ବହୁ ସଂଖ୍ୟାରେ ଆଶାୟୀ ନିଯୁକ୍ତି ପଞ୍ଜୀକରଣ ପାଇଁ କହୁଥିଲେ ମଧ୍ୟ ୱେବସାଇଟ୍ ଖୋଲୁ ନଥିବାରୁ କର୍ମଚାରୀମାନେ ମଧ୍ୟ ହାତ ବାନ୍ଧି ବସିଛନ୍ତି। ଫଳରେ ସାରା ରାଜ୍ୟରେ ଆଶାୟୀମାନେ ପଞ୍ଜୀକରଣ କରିନପାରି ଅସନ୍ତୋଷ ପ୍ରକାଶ କରୁଛନ୍ତି।

ସୂଚନାନୁଯାୟୀ, ନିଯୁକ୍ତି ପୂର୍ବରୁ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ ରେଜିଷ୍ଟ୍ରେସନ୍ ବା ନିଯୋଜନ ପାଇଁ ନାମ ପଞ୍ଜୀକରଣ କରିବାକୁ ପଡ଼ିଥାଏ। ସମ୍ପ୍ରତି ଆର୍‌ଆଇ, ଅମିନ, ଆଇସିଡିଏସ୍ ସୁପରଭାଇଜର୍ ପରି ବିଭିନ୍ନ ପଦକ୍ଷେପ ନିଯୁକ୍ତି ପାଇଁ ଆବେଦନ ଆରମ୍ଭ ହୋଇଥିବା ବେଳେ ନିଯୋଜନ ପଞ୍ଜୀକରଣ ସାର୍ଟିଫିକେଟ୍ ବାଧ୍ୟତାମୂଳକ କରାଯାଇଛି। ଫଳରେ ପ୍ରଥମ କରି ପଞ୍ଜୀକରଣ କରିବାକୁ ଅନେକ ଆଶାୟୀ ଅପେକ୍ଷା କରି ରହିଛନ୍ତି। ସେହିପରି ପୂର୍ବରୁ ପଞ୍ଜୀକରଣ କରିଥିବା ଛାତ୍ରଛାତ୍ରୀମାନେ ନବୀକରଣ କରିବା ପାଇଁ ଅପେକ୍ଷା କରିଛନ୍ତି। ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ ହେଉଥିଲେ ମଧ୍ୟ ପ୍ରାୟ ମାସାଧିକ କାଳ ହେବ ନିଯୋଜନ ନିର୍ଦ୍ଦେଶାଳୟ ୱେବସାଇଟ୍ ଖୋଲୁନାହିଁ। କିଛି ସମୟରେ ଧିମେଇ ଧିମେଇ ଖୋଲୁଥିଲେ ମଧ୍ୟ ଅନେକ ସମୟରେ ଏରର୍ କୋଡ୍-୫୦୦ ଆସୁଛି। ସେହିପରି ଏହି ୱେବସାଇଟ୍ ଅଧୀନରେ ଥିବା ଓଡ଼ିଶା ରାଜ୍ୟ ବୃତ୍ତି ସେବା (ଏସ୍‌ସିଏସ୍) ସାଇଟ୍ ମଧ୍ୟ ଆବେଦନ ଅଧାରୁ ବନ୍ଦ ହୋଇଯାଉଛି। '୫୦୪ ଗେଟ୍-ୱେ ଟାଇମ୍ ଆଉଟ୍' ସହ ୱେବସାଇଟ୍ କ୍ରାସ୍ ହୋଇଯାଉଛି। ଫଳରେ ଦୀର୍ଘ ସମୟ ଧରି ଆବେଦନ କରିବାକୁ ପ୍ରୟାସ କରି ମଧ୍ୟ ସଫଳ ହେଉନାହାନ୍ତି। ଦିନରାତି ଏକାକାର କରି ପ୍ରୟାସ କରୁଥିଲେ ମଧ୍ୟ ୱେବସାଇଟ୍ ପାଇଁ ସଫଳ ହେଉ ନ




ଥିବାରୁ ଅସନ୍ତୋଷ ବ୍ୟକ୍ତ କରିବା ସହ ନିଯୋଜନ କାର୍ଯ୍ୟାଳୟକୁ ଧାଉଁଛନ୍ତି। ସେଠାରେ ମଧ୍ୟ ସେମାନଙ୍କୁ ୱେବସାଇଟ୍ ଚାଲୁ ନଥିବା ଦର୍ଶାଇ ନାସ୍ତିବାଣୀ ଶୁଣି ଫେରିବାକୁ ପଡୁଛି। ୱେବସାଇଟ୍ ଠିକ୍ କରିବା ପାଇଁ ନିର୍ଦ୍ଦେଶାଳୟକୁ ସେମାନେ ପତ୍ର ଲେଖିଥିବା ଦର୍ଶାଇ ଉପରକୁ ହାତ ଟେକି ଦେଉଛନ୍ତି। ସରକାର ୱେବସାଇଟ୍ ପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରୁଥିବା ବେଳେ କାହିଁକି ସେଗୁଡ଼ିକର କାର୍ଯ୍ୟଦକ୍ଷତା ଉପରେ ସମୀକ୍ଷା କରି ପଦକ୍ଷେପ ନେଉନାହାନ୍ତି ବୋଲି ଆଶାୟୀମାନେ ପ୍ରଶ୍ନ କରିଛନ୍ତି।

**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar, vide CF. No. 51, dated 26.09.2025, **PRAMODA KUMAR PARIDA**, S/o Paramananda Parida resident of Vill.At- Injana, PO- Kalarahanga, Ps.- Mancheswar, Bhubaneswar Dist- Khordha, State- Odisha, Pin- 751024 declare that I have changed my name, from **PRAMOD PARIDA** to **PRAMODA KUMAR PARIDA**. Henceforth I shall be known as **PRAMODA KUMAR PARIDA** for all purposes.
Sd- **PRAMODA KUMAR PARIDA**

**AFFIDAVIT**
By virtue of an affidavit before The Executive Magistrate, BBSR, Vide CF No-109/ 15.01.2026. I, MAMA BISWAS aged about, 32 yrs, W/o-Satya Ranjan Biswas, Permanent resident of At- CN-22-B, Bhanwar Singh Camp, Vasant Vihar-1, Po-Vasant Vihar-1, Ps-Vasant Vihar, Dist-South West Delhi, State - Delhi-110057, Currently residing At-Kargil Basti, Tareni Sahi, Pokhariput, Ps-Airport, Bhubaneswar, Dist-Khordha, Odisha-751020 have changed my name from Mama Paramanik to Mama Biswas. Henceforth I shall be known as **Mama Biswas, W/o-Satya Ranjan Biswas** for all purposes.

**AFFIDAVIT**
I, Binoda Bihari Nayak, S/o Late Bimbadhar Nayak, resident of At Plot No. 833/3089, Khaleswar Nagar, Khaira, PO/PS-Jagatpur, Dist- Cuttack, PIN- 754021, Odisha declare by this affidavit No. 14104, dated-12.12.2025, that now onwards I shall be known as **BINOD BIHARI NAYAK** for all future purposes.

# ବାପାମାଆଙ୍କୁ ଅବହେଳାର କାହାଣୀ କହିଲା 'ପର ଆପଣା, ଅପଣା ପର'

ବୀରମହାରାଜପୁର, ୧୮ ।୧(ସମିସ)





ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଂଗଠନର ୧୯ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମଞ୍ଚସ୍ଥ ନାଟକ 'ପର ଆପଣା, ଆପଣା ପର' ଦର୍ଶକଙ୍କୁ ଭାବବିହ୍ୱଳ କରିଥିଲା । ଆଜିର ସମାଜରେ ପୁଅ-ବୋହୂଙ୍କ ଦ୍ୱାରା ବାପା, ମା'ମାନେ ଘରେ କିଭଳି ଅବହେଳିତ ହେଉଛନ୍ତି ତାହା ଏହି ନାଟକରେ ପ୍ରତିଫଳିତ ହୋଇଥିଲା ।

ସଭାପତି ଡ. ପ୍ରଫୁଲ୍ଲ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଡ. ଦିପେନ୍ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ପ୍ରମୁଖ ଯୋଗଦେଇଥିଲେ । ଅଞ୍ଚଳର ସମାସ୍ୟା ସମାଧାନ ପାଇଁ ବରିଷ୍ଠମାନେ ଚେଷ୍ଟିତ ଅଛନ୍ତି ବୋଲି ସଭାପତି କହିଥିଲେ । ପ୍ରାରମ୍ଭରେ ବୀରମହାରାଜପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଭୂଷଣ କୁମାର ପାତ୍ର । ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଅନୁଷ୍ଠାନର କୋଷାଧ୍ୟକ୍ଷ ଦୟାନିଧି ହୋତା । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅନୁଷ୍ଠାନର ସଦସ୍ୟ ଡ. ଦ୍ୱିତୀକୃଷ୍ଣ ପଣ୍ଡା । ଅନୁଷ୍ଠାନର ସମ୍ପାଦକ ସନ୍ତୋଷ କୁମାର ଷଡ଼ଙ୍ଗୀ ବିବରଣୀ ପାଠ କରିଥିବା ବେଳେ ପୂର୍ବତନ ସଭାପତି କୃଷ୍ଣ ଚନ୍ଦ୍ର ପାଢ଼ୀ ସଂଘର ବିଭିନ୍ନ ସମସ୍ୟା ଉପରେ କହିଥିଲେ । ସୌମିତ୍ରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନ ତରଫରୁ ପ୍ରଥମ କରି ସ୍ମରଣିକା 'ନନ୍ଦିଘୋଷ' ଉନ୍ମୋଚିତ ହୋଇଥିଲା । ଏହା ସହିତ ଅତିଥିମାନଙ୍କ ଦ୍ୱାରା ଡ. ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ଚତୁର୍ଥ ପୁସ୍ତକ ବିନ୍ଦୁ ବିନ୍ୟାସ ମଧ୍ୟ ଲୋକାର୍ପିତ ହୋଇଥିଲା । ଏହି ଅବସରରେ ବିଶିଷ୍ଟ ଦଣ୍ଡ କଳାକାର ଲୋକନାଥ ଗୁରୁ, ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଗୁରୁ ଅକ୍ଷୟ କୁମାର ଦାସ, ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ଗୋପାଳ ଚନ୍ଦ୍ର ନେଗିଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା । ପରେ ଅନୁଷ୍ଠାନର ସଦସ୍ୟମାନଙ୍କ ତରଫରୁ ଅକ୍ଷୟ କୁମାର ମିଶ୍ରଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ପର ଆପଣା, ଆପଣା ପର' ମଞ୍ଚସ୍ଥ ହୋଇଥିଲା । ନାଟକରେ ବରିଷ୍ଠ ଲୋକମାନେ କିଭଳି ଭାବରେ ପୁଅମାନଙ୍କ ଦ୍ୱାରା ଅବହେଳିତ ହେଉଛନ୍ତି ତାହା ପ୍ରତିଫଳିତ ହୋଇଥିଲା । ଏଥିରେ ଜ୍ଞାନେନ୍ଦ୍ର ତ୍ରିପାଠୀ, ଦିଲ୍ଲିପ କୁମାର ତ୍ରିପାଠୀ, ସହ ନିର୍ଦ୍ଦେଶକ ସୁରୁ ସାହୁ, ନାଟ୍ୟ ନିର୍ଦ୍ଦେଶକ ଅକ୍ଷୟ କୁମାର ମିଶ୍ର ଓ ରତ୍ନା ମହାକୁଡ଼ଙ୍କ ଜୀବନ୍ତ ଅଭିନୟ ବେଶ ହୃଦୟସ୍ପର୍ଶୀ ହୋଇଥିଲା । ଗୁରୁ ନବୀନ ଚନ୍ଦ୍ର ଦାସଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଶଙ୍କର ମେହେର, ମୀନ କେତନ ମେହେର ଯୁଗଳ କିଶୋର ମିଶ୍ର ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ । ସମସ୍ତ କଳାକାର ଓ ପୂଜକ ପଣ୍ଡିତ ବାସୁଦେବ ରଥ, ଶ୍ରୀନିବାସ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଶିଷ୍ଟ ଅଭିନେତା ତଥା ଉଦଘୋଷକ ଅଧ୍ୟାପକ ସତ୍ୟ ନାରାୟଣ ଦାସ ନାଟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସୋନପୁର ବରିଷ୍ଠ ନାଗରିକ ସଙ୍ଗଠନର ଡ଼ ଜ୍ୟୋତି ରଞ୍ଜନ ବହିଦାର, ସମ୍ପାଦକ ଜ୍ୟୋତି ରଞ୍ଜନ ପଟ୍ଟନାୟକ, ସୁବଳୟା ବରିଷ୍ଠ ନାଗରିକ ସଙ୍ଗଠନର ସଭାପତି ନାରାୟଣ ମିଶ୍ର, ଦୀନବନ୍ଧୁ ମଲ୍ଲିକ, ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନର କାର୍ଯ୍ୟ କର୍ତ୍ତା ଚମରା ମହାକୁଡ଼, ଶ୍ୟାମସୁନ୍ଦର ସେଠୀ, ଚମ୍ପେଶ୍ୱର ଦାସ, ବରିଷ୍ଠ ସଦସ୍ୟ ଗୋପିନାଥ ମହାକୁଡ଼, ପ୍ରଫେସର ଡ଼ ବଳରାମ ମିଶ୍ର, ପ୍ରଶାନ୍ତ କୁମାର ଶତପଥୀ, ଅନ୍ତର୍ଯ୍ୟାମୀ ରଥ, ବାସୁଦେବ ପଣ୍ଡା, ବଳରାମ କାଣ୍ଡ, ସୁଦାମ ଚରଣ ସେଠୀ, ତ୍ରିନାଥ ମିଶ୍ର, ଅକ୍ଷୟ କୁମାର ହୋତା, ଜିତେନ୍ଦ୍ରିୟ ପ୍ରଧାନ, ନାରାୟଣ ନାଏକ, ରାଧେଶ୍ୟାମ ପୁରୋହିତ ନାରାୟଣ ଦେହୁରୀଙ୍କ ସମେତ ସଂଘର ଦୁଇ ଶହରୁ ଅଧିକ ସଦସ୍ୟ ସଦସ୍ୟା ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ସାମ୍ବାଦିକ ସଂଘର ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀଙ୍କ ସମେତ ବହୁ ବୁଦ୍ଧିଜୀବୀ ମାନେ ସାମିଲ ହୋଇଥିଲେ ।

## ଗଞ୍ଜେଇ କାରବାରରେ ୨ ଗିରଫ

ବୌଦ୍ଧ, ୧୮ ।୧(ସମିସ): ନକୁଆନାଳି ଗ୍ରାମ ନିକଟରୁ ବୌଦ୍ଧ ପୁଲିସ ଏକ କାର ସହ ୪୦ କେଜି ଗଞ୍ଜେଇ ଜବତ କରିଛି । ଏହି ମାମଲାରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ବୌଦ୍ଧ ଥାନା ବଘିଆପଡ଼ା ଉପରସାହିର ଆକାଶ ନାଗ ଓ କୁଠୁଲିମୁଣ୍ଡା ଗ୍ରାମର ଗୌରାଙ୍ଗ କୁମାର ଦେହୁରୀ ।

## କଣ୍ଟେନର ସହ ୫ କୁଇଣ୍ଟାଲ ଗଞ୍ଜେଇ ଜବତ; ୨ ଗିରଫ



ବୀରମହାରାଜପୁର, ୧୮ ।୧(ସମିସ): କଣ୍ଟେନରରେ ବିପୁଳ ପରିମାଣର ଗଞ୍ଜେଇ ଚୋରା ଚାଲାଣ ବେଳେ ସୁବଳୟା ପୁଲିସ ତାହାକୁ ଜବତ କରିଛି । କଣ୍ଟେନର ସହ ଗଞ୍ଜେଇକୁ ଜବତ କରିବା ସହ ୨ ବେପାରୀକୁ ଗିରଫ କରିଛି ପୁଲିସ । ସୂଚନାନୁଯାୟୀ, କୌଣସି ସୂତ୍ରରୁ କଣ୍ଟେନରରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ(ଏସ୍‌ପି) ନାରାୟଣ ନାଏକଙ୍କୁ ମିଳିଥିଲା । ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସୁବଳୟା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ପିଛା କରି ଦୁରଦୁରା ନର୍ସରୀ ନିକଟରେ ଏନଏଲ ୦୧ ଏନ ୬ ୯୧୪ ନମ୍ବର ବିଶିଷ୍ଟ ଏକ କଣ୍ଟେନରକୁ ଅଟକାଇ ତନଖିଥିଲେ । ସେଥିରୁ ବ୍ୟାପକ ପରିମାଣରେ ଗଞ୍ଜେଇ ଥିବା ଦେଖିବାକୁ ପାଇବାରୁ ତାହାକୁ ଜବତ କରିଥିଲେ । ଏହା ସହିତ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଡ୍ରାଇଭର ଓ ଅନ୍ୟଜଣେ ଯୁବକଙ୍କୁ ଗିରଫ କରିଥିଲେ । ଏନେଇ ସୁବଳୟା ଥାନାରେ ଏକ ମାମଲା (୧୪/୨୬) ରୁଜୁ ହୋଇଛି । ଗିରଫ ଅଭିଯୁକ୍ତମାନେ ହେଲେ ବିହାରର ଭୋଜପୁର ଜିଲ୍ଲା ସାହାପୁର ଥାନା ସୁନାଭରସା ଗ୍ରାମର ଅନିଲ ଯାଦବ(୨୮) ଏବଂ ଝାଡଖଣ୍ଡର ଧାନବାଦ ଥାନା ଝରିଆ ଗ୍ରାମର ବିନୁ ମଲହାର (୩୫) ବୋଲି ଜଣାପଡ଼ିଛି । ମାଜିଷ୍ଟ୍ରେଟ ଅତିରିକ୍ତ ଜିଲ୍ଲାପାଳ ଅଜିତ ମିର୍ଦ୍ଧାଙ୍କ ଉପସ୍ଥିତିରେ ଅତିରିକ୍ତ ଆରକ୍ଷୀ ଅଧିକାରୀ କେକେ ହରିପ୍ରସାଦ, ଉପଖଣ୍ଡିୟ ପୁଲିସ ଅଧିକାରୀ ହେମନ୍ତ ରାଓ, ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ପ୍ରମୁଖ ଜବତ ଗଞ୍ଜେଇକୁ ଓଜନ କରିଥିଲେ । ଜବତ ୬୦୪ ପ୍ୟାକେଟ୍‌ରେ ପ୍ରାୟ ୫ କୁଇଣ୍ଟାଲ ୯୩ କିଗ୍ରା ଗଞ୍ଜେଇ ଥିବା ପୁଲିସ ସୂଚନା ଦେଇଛି । ଗିରଫ ଉଭୟଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ ସୂଚନା ଦେଇଛି ।

# ସୁଲେଇ ପ୍ରାଥମିକ ଓ ଉଚ୍ଚ ପ୍ରଥମିକ ବିଦ୍ୟାଳୟର ପ୍ଲାଷ୍ଟିକମୁକ୍ତ ବଣଭୋଜି



ଡୁଙ୍ଗୁରିପାଲି, ୧୮ ।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ କ୍ଲଷ୍ଟର ଅନ୍ତର୍ଗତ ସୁଲେଇ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ବଣଭୋଜି କାର୍ଯ୍ୟକ୍ରମ ସୁବର୍ଣ୍ଣପୁର ଜିଲ୍ଲା ରାମପୁର ନିକଟବର୍ତ୍ତୀ ପୂଜା ଡୁଙ୍ଗୁରି ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ରଣା ଓ ପ୍ରଧାନ ଶିକ୍ଷୟିତ୍ରୀ ମାନିନୀ ବାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ନିତାଇ ମଟାରୀ ନେତୃତ୍ୱ ନେଇଥିଲେ । ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନରେନ୍ଦ୍ର କୁମାର ପୁରୋହିତ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଏଥିରେ ଖଲି ପାତ୍ର ବ୍ୟବହାର ସହ ବିଶୁଦ୍ଧ ପିଇବା ପାଣି ଟାଙ୍କି ବ୍ୟବହାର ହୋଇଥିଲା । ଛାତ୍ରଛାତ୍ରୀମାନେ ବିଭିନ୍ନ ଗଛ ପତ୍ରକୁ ଚିହ୍ନିବା ସହିତ ପରିବେଶ ସୁରକ୍ଷା ପାଇଁ ଶପଥ ପାଠ କରିଥିଲେ । ଶିକ୍ଷୟିତ୍ରୀ ଅଲ୍ଲୀକା ନାଗଙ୍କ ମାର୍ଗ ଦର୍ଶନରେ ପୂଜାଡୁଙ୍ଗୁରିର ଐତିହାସିକ ପୀଠ ପରିଦର୍ଶନ ସହ କିମ୍ବଦନ୍ତୀ ବିଷୟରେ ଶିକ୍ଷା ଲାଭ କରିଥିଲେ । ପର୍ଶୁରାମ ଭୋଇ, ୱାର୍ଡ ସଭ୍ୟ ଦୂତିଆ ଦାସ, ଗଣନାଥ ଗହୀର, ବିଷ୍ଣୁ ପଧାନ, କଳ୍ପନା ଭୋଇ, ପୁଷ୍ପାଞ୍ଜଳି ମଟାରୀ, ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ପୁରୋତ୍ତମ ପଧାନ ଓ ସମସ୍ତ ସଭ୍ୟସଭ୍ୟା ସହଯୋଗ କରିଥିଲେ । ଶେଷରେ ପୁରାତନ ଛାତ୍ର ଆକାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

**ସାମ୍ବାଦିକ ସଂଘର ବାର୍ଷିକୋତ୍ସବ**

# 'ଶୃଙ୍ଖଳିତ ସମାଜଧର୍ମୀ ସାମ୍ବାଦିକତା ଦେଶ ପାଇଁ ଅପରିହାର୍ଯ୍ୟ'



ଡୁଙ୍ଗୁରିପାଲି, ୧୮ ।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ରବିବାର ସ୍ଥାନୀୟ ଆର୍‌ଏମ୍‌ସି. କୃଷକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଏକ ସଭାରେ ସଂଘ ସଭାପତି ପଦ୍ମବାଗ୍ ଯାଦବ ଅଧ୍ୟକ୍ଷତା କରିଥିବାବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସହକାରୀ ପ୍ରାଧ୍ୟାପକ ଡ.ଶୁକମୁନି ମେହେର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଲଛିପୁର ଯୁକ୍ତ ଦୁଇ ରାଜନୀତି ବିଜ୍ଞାନ ଅଧ୍ୟାପିକା କଲ୍ୟାଣୀ ମିଶ୍ର ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର ଏବଂ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିଜୟାନନ୍ଦ ମିଶ୍ର, ସଂଘ ସମ୍ପାଦକ ମୁକେଶ ଭୋଇ, ଉପଦେଷ୍ଟା ଓକିଲ ତପନ ଯୁଆଡ଼ି ମଞ୍ଚାସୀନ ଥିଲେ । ଡୁଙ୍ଗୁରିପାଲି ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । ସାମ୍ବାଦିକ ସଂଘର ସମ୍ପାଦକ ମୁକେଶ ଭୋଇ ସଂଘର ବିବରଣୀ ପାଠ କରିଥିଲେ । ଡୁଙ୍ଗୁରିପାଲି ଲିଟିଲ୍ ଏଞ୍ଜେଲ୍ସ ପବ୍ଲିକ୍ ସ୍କୁଲ ଅଧ୍ୟକ୍ଷ ଶିଶୁପାଲ କଲେତ ସଂଯୋଜନା କରିଥିଲେ । ସଭାପତି ଶ୍ରୀବାଗ୍ ଯାଦବ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଶ୍ରୀମତୀ ମିଶ୍ର ଶୃଙ୍ଖଳିତ ସମାଜଧର୍ମୀ ସାମ୍ବାଦିକତା ଦେଶ ଓ ଜାତି ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଥିବା କହିଥିଲେ । ଡୁଙ୍ଗୁରିପାଲିରେ କାର୍ଯ୍ୟରତ ସେବା ଫାଉଣ୍ଡେସନ୍, କୋଶଲ ସେନା, ସମଲେଶ୍ୱରୀ କ୍ଲବ୍, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମାରୱାଡ଼ି ଯୁବାମଞ୍ଚ ଏବଂ ଆଇସିଡିଏସ୍ ସୁପର୍ ଭାଇଜର ସୀତା ମେହେରଙ୍କ ସମେତ ବରିଷ୍ଠ ଅଙ୍ଗନବାଡ଼ି କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାପରେ ଅତିଥିଙ୍କ ହସ୍ତରେ ସାମ୍ବାଦିକ ସଂଘର ବାର୍ଷିକ ମୁଖପତ୍ର 'ଆହ୍ୱାନ' ଉନ୍ମୋଚିତ ହୋଇଥିଲା । ସୁପ୍ରତିଷ୍ଠିତ ସାରସ୍ୱତ ସାଧକ ଘନଶ୍ୟାମ ମେହେର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ଲିଟିଲ୍ ଏଞ୍ଜେଲ୍ସ ପବ୍ଲିକ୍ ସ୍କୁଲର ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ବରିଷ୍ଠ ସାମ୍ବାଦିକ ପବିତ୍ର ମୋହନ ପାଣ୍ଡିଆ, ହଲଧର ମେହେର, ମହାଦେବ ଗଡ଼ତିଆ, ସାନନ୍ଦ ମେହେର, ସନ୍ତୋଷ ମିଶ୍ର, ବଦ୍ରିନାରାୟଣ ପାଣ୍ଡିଆ, ଚଉବର୍ଗ ଭୋଇ, ପ୍ରକାଶ ହାତୀ, ସୁଦାମ ସାହୁ, କୃଷ୍ଣ ବାଗ, ରବୀନ୍ଦ୍ର ତ୍ରିପାଠୀ, ଉମାକାନ୍ତ ବାଘ, ଗୋପାଳ ମାଝୀ, କିଶୋର ସାହୁ, ବାମଦେବ ମିଶ୍ର ଏବଂ ଯଦୁମଣି କୁଦେଇ, ସରୋଜ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । କନ୍ଦର୍ପ ସାହୁ, ନବୀନ ରଣା, ଦାଶରଥି ବିଶ୍ୱାଳ, ଗୋପାଳ ବାରିକ, ଭୀଷ୍ମ ମଲ୍ଲିକଙ୍କ ସହିତ ବହୁ ସଂଖ୍ୟାରେ ଅଞ୍ଚଳବାସୀ ଯୋଗ ଦେଇଥିଲେ । ଶେଷରେ ଦିନବନ୍ଧୁ ସୁନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଆର୍‌ଏସ୍‌ଏସ୍ ପକ୍ଷରୁ ହିନ୍ଦୁ ସମ୍ମିଳନୀ

ତରଭା, ୧୮ ।୧(ସମିସ): ତରଭା ଥାନା ଅନ୍ତର୍ଗତ ବଲାଡି ଗ୍ରାମର ହନୁମାନ ମନ୍ଦିର ଠାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆର୍‌ଏସ୍‌ଏସ୍) ଖାରୀ ମଣ୍ଡଳ ଦ୍ୱାରା ଏକ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଯାଇଅଛି । ଖଣ୍ଡ କାର୍ଯ୍ୟବାହ ଅଶୋକ କୁମାର ମିଶ୍ରଙ୍କ ଆବାହକତ୍ୱରେ ପ୍ରାୟ ୮୦ ଜଣ ପିତାମାତା ଓ ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ । ଗିରିଶ ମିଶ୍ର ପୂଜାକାର୍ଯ୍ୟ ତୁଲାଇଥିବା ବେଳେ ସନ୍ଥ ସୁରେନ୍ଦ୍ର ଗିରି ମହାରାଜ ଦୀପ ପ୍ରଜ୍ୱଳନ କରିଥିଲେ । ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିପିନ ବିହାରୀ ବାଘ ଉଦ୍ଦେଶ୍ୟ ଜ୍ଞାପନ, ମାତୃମଣ୍ଡଳି ସଦସ୍ୟା ମମତା ନନ୍ଦ, ଓଡ଼ିଶା ପଶ୍ଚିମ ପ୍ରାନ୍ତ ସମରସତା ମିଡ଼ିଆ ପ୍ରମୁଖ ରାଧାବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ବୌଦ୍ଧିକ ପ୍ରମୁଖ ନାରାୟଣ ସାହୁ ହିନ୍ଦୁ ସମ୍ମିଳନୀ ଉପରେ ମାର୍ଗଦର୍ଶନ ଦେଇଥିଲେ । ହରିବୋଲ ସାହୁ ପରିଚୟ ପ୍ରଦାନ କରିଥିବା ବେଳେ ନିହାର ରଞ୍ଜନ ମଲ୍ଲିକ ସଂଯୋଜନା କରିଥିଲେ ।

# ମାୟାବର୍ହା ହାଇସ୍କୁଲର ବାର୍ଷିକୋତ୍ସବ 'ମାୟାମୁକ୍ତା'



ଡୁଙ୍ଗୁରିପାଲି, ୧୮ ।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ମାୟାବର୍ହା ହାଇସ୍କୁଲର ପ୍ରଧାନ ଶିକ୍ଷକ ଡ. ରବିଚନ୍ଦ୍ର ପଶାୟତଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ମାୟାମୁକ୍ତା' ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ସୋନପୁର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ସ୍ୱତନ୍ତ୍ର ଅତିଥି ଭାବରେ ପୂର୍ବତନ ରାଜ୍ୟ ଜୁନିଅର ରେଡକ୍ରସ ଅଧିକାରୀ ଧର୍ମସିଂ ମିଶ୍ର, ମୁଖ୍ୟବକ୍ତା ଭାବରେ ବରଗଡ଼ ଆମ୍ବାଭୋନା ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ମେହେର, ସମ୍ମାନିତ ଅତିଥି ଭାବରେ ପୂର୍ବତନ ପ୍ରଧାନ ଶିକ୍ଷକ ବସନ୍ତ କୁମାର ହୋତା, ମାୟାବର୍ହା ହାଇସ୍କୁଲର ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ସାହୁ ପ୍ରମୁଖ ଯୋଗଦେଇଥିଲେ । ପାଠ ପଢ଼ିବା ସହିତ ଖେଳ କୁଦ, ଜୀବନ କୌଶଳ ସବୁକୁ ଅନ୍ତରର ସହିତ ସମ୍ପାଦନ କଲେ ଭବିଷ୍ୟତ ଉଜ୍ଜଳ ମୟହେବ ବୋଲି ନିମନ୍ତ୍ରିତ ଅତିଥି ବୃନ୍ଦ କହିଥିଲେ । ହିନ୍ଦୀ ଶିକ୍ଷକ ନନ୍ଦିଘୋଷ ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମକୁ ଖେଳ ଶିକ୍ଷକ ଚିନ୍ମୟ ଦାସ ସଂଯୋଜନା କରିଥିବା ବେଳେ ସଂସ୍କୃତ ଶିକ୍ଷକ ରାଜୁ ମେହେର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ସାହାରା ଟ୍ରଷ୍ଟର ପ୍ରଧାନ ଶିକ୍ଷକ ଗତିକୃଷ୍ଣ ମେହେର, ବିଶ୍ୱ ଭାରତୀ ଚିନ୍ତନ ଶିକ୍ଷା ନିକେତନର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ସାହୁ, ବଲାଙ୍ଗୀର ମନଟେସୋରୀ ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ରବିଚନ୍ଦ୍ର ଉଦଗାତା, ରେଡକ୍ରସ କର୍ମୀ ରାମ ନାରାୟଣ ଦାଶ, ଆଗଲପୁର ହରଭଙ୍ଗା ସ୍କୁଲର ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ପଶାୟତ, କୁମରକେଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଷୀକେଶ ଚାନ୍ଦ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ରୀ ପୂଜାରାଣୀ ଦୀପ ଓ ପ୍ରୀତି ପ୍ରଧାନ ନିଜସ୍ୱ ଅନୁଭୂତି କହିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ଦୀନବନ୍ଧୁ ପ୍ରଧାନ ପରିଚାଳନା କରିଥିଲେ । ଶିକ୍ଷକ ସମ୍ପଦ ଖମାରୀ ଧନ୍ୟବାଦ ଦେଇଥିଲେ । ଆଲୁମିନା ସଦସ୍ୟ ମାମିନା ଭୋଇ ଓ ଛାତ୍ରୀ ଝରଣା ସାହୁ ପୁରସ୍କାର ବିତରଣର ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଭକ୍ତ ଭୋଇ, ବେଣୁଧର ଚୌଧୁରୀ, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଗ୍ରାମବାସୀ ଯୋଗଦେଇଥିଲେ । ବିଶେଷ ଅତିଥିଭାବେ କଣ୍ଠଶିଳ୍ପୀ ବିଘ୍ନେଶି ବାରିକ ଓ କ୍ରିଷ୍ଟା ଯୋଗଦେଇ ସଙ୍ଗୀତ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମରେ ମନୋଜ କୁମାର ପୁଝାରୀ, କିରଣ କୁମାର ପଟେଲ, ସ୍ନିଗ୍ଧା ପ୍ରଧାନ, ସଞ୍ଜୀବ ପୂଜାରୀ, ମୀନକେତନ ଦାସ, ବିଭୀଷଣ ଖମାରୀ, ସମୀର କାଠର, ସୁରଜ୍ ଖମାରୀ, ଶୋଭାଗିନି ସାହୁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସୂର୍ଯ୍ୟକନ୍ତୀ କାଣ୍ଡ ପ୍ରମୁଖ ସହଯୋଗ କରିଥିଲେ । ବାର୍ଷିକ ଖେଳ ଓ ସାଂସ୍କୃତିକ ପ୍ରତିଯୋଗିତାର ବିଜୟୀ ଛାତ୍ରଛାତ୍ରୀଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ । ସାନ୍ଧ୍ୟ ଅଧିବେଶନରେ ଛାତ୍ରିଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ପାତାଳି ମହୋତ୍ସବ ପାଇଁ କଳସ ଓ ସାଂସ୍କୃତିକ ଶୋଭାଯାତ୍ରା

ବୀରମହାରାଜପୁର, ୧୮ ।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ପାତାଳୀ ଶ୍ରୀକ୍ଷେତ୍ର କୋଟସମଲାଇଠାରେ ଏକବିଂଶତମ ପାତାଳି ମହୋତ୍ସବ ପାଇଁ କଳସ ଓ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରବିବାରଠାରୁ ଏହି ମହୋତ୍ସବ ଆରମ୍ଭ ହୋଇଥିବା ବେଳେ ଏହା ଚଳିତ ମାସ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ । କଳସ ଓ ସପ୍ତାହ ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା । ନାମ ସଂକୀର୍ତ୍ତନ, ଘଣ୍ଟ, ହୁଳାହୁଳି, ଶଙ୍ଖ ପରିବେଶ ମୁଖରିତ ହେଉଥିଲା । ବଡକର୍ଲେ ଝାଂଜ ଗୌଡିୟ ଦଳ, ଦୀପପାଲି ସବର ସବରେନ୍, ପତର ସୌରାଦି ସାଂସ୍କୃତିକ ଦଳ, ସମ୍ବଲପୁର ଓ ସୋନପୁରର ପଣ୍ଡିତ ମହାସଭାର ଶତାଧିକ ପଣ୍ଡିତ ଯୋଗଦେଇ ବେଦ ପାଠ ଓ ବିଷ୍ଣୁ ସହସ୍ର ନାମ ପଠନ



ଶୋଭାଯାତ୍ରା ଅବସରରେ ପୂଜାର୍ଚ୍ଚନା ପରେ ୧୫୧ ଜଣ ମହିଳା ଗୁପ୍ତେଶ୍ୱର ମନ୍ଦିର ମାହାପୁରୁ ପୋଖରୀରୁ କଳସ ବୁଡାଇ ପାଣି ଆଣିଥିଲେ । କଳସ ଯାତ୍ରା ସହ ରାଧାକୃଷ୍ଣଙ୍କ ପରିକ୍ରମା ଓ ମଣ୍ଡପ ବିଜେ ମଧ୍ୟ ଅନୁଷ୍ଠିତ ହୋଇଥିଲା । ପରେ ଯଥାବିଧି ଦେବ ନିମନ୍ତ୍ରଣ, କର୍ତ୍ତାକର୍ତ୍ତୀଙ୍କ ସଂକଳ୍ପ ଧାରଣ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଗାଁ ପରିକ୍ରମା ପରେ ଯଜ୍ଞ, ନାମ ଓ ହବନ କରିଥିଲେ । ଏଥିପାଇଁ ଆଜି ପାତାଳୀ ଶ୍ରୀକ୍ଷେତ୍ର ପରିବେଶ ଉତ୍ସବ ମୁଖର ହେଉଥିଲା । ସୋମବାର ଠାରୁ ଭାଗବତ ପାରାୟଣ, ୫୬- ପ୍ରହରୀ ନାମଯଜ୍ଞ, ଘୃତଯଜ୍ଞ, ସାଂସ୍କୃତିକ କାର୍ଯ୍ୟକ୍ରମ, ସାଂସ୍କୃତିକ ସଭା ଆଦି ଆରମ୍ଭ ହେବ । ଏଥିରେ ଅଞ୍ଚଳର ତଥା ଦୂରଦୂରାନ୍ତରୁ ବହୁ ସଂଖ୍ୟାରେ ଭକ୍ତ ସମାଗମ ହୋଇଥିଲେ ।

# ତରଭା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ସେମିରେ ଫୁଲବାଣୀ

ତରଭା, ୧୮ ।୧(ସମିସ): ତରଭା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ ତରଭା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ରବିବାର କ୍ୱାଟର ଫାଇନାଲ ମ୍ୟାଚ ଫୁଲବାଣୀ ଓ ବରଗଡ଼ କଟାପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୩୦ ଓଭର ବିଶିଷ୍ଟ ମ୍ୟାଚରେ ପ୍ରଥମେ ଫୁଲବାଣୀ ଦଳ ସମସ୍ତ ଉଇକେଟ ହରାଇ ୧୯୫ ରନ ସଂଗ୍ରହ କରିଥିଲେ । ବରଗଡ଼ କଟାପାଲି ଦଳ ସମସ୍ତ ଉଇକେଟ ହରାଇ ୧୩୮ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା । ଫଳରେ ଫୁଲବାଣୀ ଦଳ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଥିଲେ । ସୋମବାର



ପୂର୍ବାହ୍ନରେ ପ୍ରଥମ ସେମି ଫାଇନାଲ ତରଭା ଓ ଫୁଲବାଣୀ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ତୁଷୁରା ତହସିଲଦାର ଆର୍ତ୍ତତ୍ରାଣ ଥାଟି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସୁଧାକର ମହାପାତ୍ର, ଆକବର ଅଲ୍ଲୀ, ବିନୋଦ ପାଣିଗ୍ରାହି, ଶଙ୍କର ଆଚାରୀ, ନବାବ ଖାନ୍, ନସାଦ୍ ମହମ୍ମଦ ଯୋଗ ଦେଇଥିଲେ । ଆସୋସିଏସନ୍ ସଭାପତି ଅର୍ଜୁନ ମହାପାତ୍ର ସଭା ପରିଚାଳନା କରିଥିଲେ । ଅମ୍ପାୟାର ଭାବେ ଦୁର୍ଯ୍ୟୋଧନ ଭୁଏ ଓ ରାମଜୀ ମାହାଣା ଦାୟିତ୍ୱରେ ରହିଥିଲେ ।

**ତୃତୀୟ ଦଧିବାମନ କ୍ରିକେଟ କପ୍**

# ଦେଉଳମୁଣ୍ଡାକୁ ହରାଇ ଘିଚାପାଲି ଚାମ୍ପିଅନ୍

ବୀରମହାରାଜପୁର, ୧୮ ।୧(ସମିସ)



ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ବହଳପଦରରେ ହେଉଥିବା ତୃତୀୟ ଦଧି ବାମନ କ୍ରିକେଟ କପ୍‌ର ଫାଇନାଲରେ ଦେଉଳମୁଣ୍ଡାକୁ ହରାଇ ଘିଚାପାଲି ଚାମ୍ପିଅନ ହୋଇଛି । ପ୍ରଥମ ଫର୍ମାଟରେ ଦେଉଳମୁଣ୍ଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ହରାଇ ୧୧୦ ରନ କରିଥିଲା । ଜବାବରେ ଘିଚାପାଲି ଆବଶ୍ୟକୀୟ ୧୧୧ ରନକୁ ୧୧.୨ ଓଭରରେ ୩ ଉଇକେଟ ହରାଇ ସଂଗ୍ରହ କରିଥିଲା । ଦ୍ୱିତୀୟ ଫର୍ମାଟରେ ଦେଉଳମୁଣ୍ଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୭ ଉଇକେଟ ହରାଇ ୮୨ ରନ କରିଥିଲା । ଜବାବରେ ଘିଚାପାଲି ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ହରାଇ ୬୮ ରନ କରିଥିଲା । ସୁପର -୨ ଓଭରରେ ଘିଚାପାଲି ୧୩ ରନ କରିଥିବା ବେଳେ ଦେଉଳ ମୁଣ୍ଡା ଦଳ ୪ ରନ କରିଥିଲା । ଫଳରେ ଘିଚାପାଲି ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା । ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ସରପଞ୍ଚ ନିରୂପମା ସେଠୀ ମୁଖ୍ୟଅତିଥି ଏବଂ ସେବା ସମବାୟ ସମିତିର ସମ୍ପାଦକ ପ୍ରଫୁଲ୍ଲ ଦନ୍ତା, ସ୍ଥାନୀୟ ସମିତି ସଭ୍ୟା ସୁଗନ୍ଧା ଘିବିଲା, ଗ୍ରାମ୍ୟ ପରିଚାଳନା କମିଟିର ସଭାପତି ବାବୁଲାଲ ପ୍ରଧାନ, ଗ୍ରାମର ଗୌନ୍ତିଆ ନାରାୟଣ ଦନ୍ତା, ବରିଷ୍ଠ ନାଗରିକ ହର ସାହୁ, ୱାର୍ଡସଭ୍ୟ ରମାକାନ୍ତ ଭୁକ୍ତା, କ୍ରୀଡାବିତ ବାବାଜୀ ବେହେରା, ହିମାଂଶୁ ସାହୁ, କିଶୋର ଦେହୁରୀ, ଶାନ୍ତନୁ ସାହୁ, ପ୍ରାଣବନ୍ଧୁ ଭୋଇ, ଜିତୁ ଚାନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଟାଙ୍ଗରସାହିର ରାଜ କୁମାର ମେହେରଙ୍କୁ ଶ୍ରେଷ୍ଠ ସିକ୍ସର, ଘିଚାପାଲିର ସୁଜିତ ସାହୁଙ୍କୁ ଶ୍ରେଷ୍ଠ ବୋଲର, ଦେବାଶିଷ ଜଗଦଲାଙ୍କୁ ମ୍ୟାନ ଅଫ ଫାଇନାଲ ଓ ଦେଉଳମୁଣ୍ଡାର ଗୌରାଙ୍ଗ ମହାକୁରଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା । ଚାମ୍ପିଅନ୍ ଘିଚାପାଲିକୁ ନଗଦ ୧୮ ହଜାର ଟଙ୍କା ସହିତ ଟ୍ରଫି ଓ ରନର ଅପ ଦେଉଳମୁଣ୍ଡା ଦଳକୁ ନଗଦ ୧୨ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯାଇଥିଲା । ଫାଇନାଲ ମ୍ୟାଚକୁ ସୁରେଶ ବିଶି ଓ ସୁନୀଲ ପ୍ରଧାନ ପରିଚାଳନା କରିଥିବା ବେଳେ କ୍ଷୀରୋଦ ଦନ୍ତା ସ୍କୋରିଙ୍ଗ, କାହ୍ନା ପ୍ରଧାନ ଅନଲାଇନ ସ୍କୋରିଂ ଏବଂ ପୀତାମ୍ବର ସାହୁ ଓ ମାନସ ନନ୍ଦ ଧାରାବିବରଣୀ ପ୍ରଦାନ କରିଥିଲେ ।

# ମକର ମହୋତ୍ସବ ଅବସରରେ କୃଷକ ସମାବେଶ

**ବୌଦ୍ଧ/ପଲଶାଗୋରା/ମନମୁଣ୍ଡା/କଣ୍ଟାମାଳ, ୧୮ ।୧(ସମିସ):** ପଲଶାଗୋରା କଲ୍ୟାଣ ମଣ୍ଡପରେ ବିଶାଳ କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ସହକାର ଭାରତୀ ଓଡ଼ିଶା ପ୍ରାନ୍ତ ସମ୍ପାଦକ ସୋନାଶିଷ ଜେନା, ସମ୍ମାନିତ ଅତିଥି ଭାବେ ନାବାର୍ଡ ଡିଡ଼ିଏମ ଡ. ସତ୍ୟ ସ୍ୱରୂପ ବିଦାନ୍ତ, ବୌଦ୍ଧ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବରିଷ୍ଠ ବୈଜ୍ଞାନିକ ଡ. ତପନ ଦାସ, ସହକାର ଭାରତୀ ବୌଦ୍ଧ ଜିଲ୍ଲା ସଭାପତି ଶ୍ରୀକାନ୍ତ ମିଶ୍ର, ବରିଷ୍ଠ କୃଷକ ରମଣୀ ରଞ୍ଜନ ପ୍ରଧାନ, କୃଷକ ନେତା ବିଶିକେଶନ ପ୍ରଧାନ, ସହକାରୀ ପ୍ରାଣୀ ଚିକିତ୍ସକ ଡା ଯତୀନ ସାହୁ, ସ୍ଥାନୀୟ ସରପଞ୍ଚ ସୁଶ୍ରୀ ସୌଦାମିନୀ ମଲ୍ଲିକ, ମାତୃଶକ୍ତି ଏଫପିଓର ମାର୍ଗଦର୍ଶକ ପୂର୍ଣ୍ଣଚନ୍ଦ୍ର ଖଟୁଆ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ୧୧ ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରବୀର ମହାର, ସନ୍ତୋଷ ମହାକୁଡ଼, ଗିରିଶ ଚନ୍ଦ୍ର ବଘାର, ଜଗନ୍ନାଥ ବାରିକ, ଆଦିତ୍ୟ ପ୍ରଧାନ, ମହୋତ୍ସବ କମିଟି ସଭାପତି ରବୀନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ଫେଡେରେସନ ସଭାପତି ରାଜକିଶୋର ଅଗ୍ରୱାଲ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ କୃତ୍ତିବାସ ପଲିଆ ସଂଯୋଜନା କରିଥିଲେ । ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ମକର ମହୋତ୍ସବ ଅବସରରେ ଏହା ଅନୁଷ୍ଠିତ ହୋଇଥିଲା । ବୌଦ୍ଧ ଜିଲ୍ଲା କୃଷକ ଉତ୍ପାଦକ ସଂଗଠନ ଫେଡେରେସନର ଆୟୋଜନ କ୍ରମେ ପଲଶାଗୋରା ମକର ମହୋତ୍ସବ କମିଟି ସହଯୋଗ କରିଥିଲା ।




## ମହୁଲି କପିଳେଶ୍ୱର ମନ୍ଦିରରେ ବୈଠକ

# ଜୋର୍ ଧରିଲା କନ୍ଧରିଆପଡ଼ା ଷ୍ଟେସନ ଦାବି

**ଶଗଡ଼ା, ୧୮ ।୧(ସମିସ)**

ବୌଦ୍ଧ ଜିଲ୍ଲା ସଦର ବ୍ଲକ ମନୁପାଲି ପଞ୍ଚାୟତ କନ୍ଧରିଆପଡ଼ା ଗ୍ରାମ ନିକଟରେ ରେଳ ଷ୍ଟେସନ ସ୍ଥାପନ ପାଇଁ ଦାବି ଜୋର୍ ଧରିଛି । ରବିବାର



ଏ ନେଇ ମହୁଲି କପିଳେଶ୍ୱର ମନ୍ଦିରରେ ଏକ ପ୍ରସ୍ତୁତି ବୈଠକ ବସିଥିଲା । କନ୍ଧରିଆପଡ଼ା ଷ୍ଟେସନ ପାଇଁ ଡିପିଆର ପ୍ରସ୍ତୁତ କରାଯାଇଥିଲା । ପ୍ରସ୍ତାବିତ ବଲାଙ୍ଗିର-ଖୋର୍ଦ୍ଧା ରେଳ ଲାଇନ ମ୍ୟାପରେ ସ୍ଥାନ ମଧ୍ୟ ପାଇଥିଲା । ସେଠାରେ ଷ୍ଟେସନ କରିବା ଉଦ୍ଦେଶ୍ୟରେ କନ୍ଧରିଆପଡ଼ା ମୌଜାର ଜମି ଅଧିଗ୍ରହଣ ମଧ୍ୟ କରାଯାଇଥିଲା । ଗ୍ରାମବାସୀ ବିସ୍ଥାପିତ ହୋଇଥିଲେ; କିନ୍ତୁ ଷ୍ଟେସନ କରାଯାଇ ନାହିଁ । ସେଠାରେ ଷ୍ଟେସନ କରା ନ ଯାଇ ୫୭ ନମ୍ବର ଜାତୀୟ ରାଜପଥରୁ ବହୁ ଦୂର ଝାରମୁଣ୍ଡାରେ ଏକ ଷ୍ଟେସନ କରାଯାଇଛି; ଯେଉଁଠିକୁ ଗମନାଗମନର ସୁବିଧା ମଧ୍ୟ ନାହିଁ । ପୂର୍ବ ପ୍ରସ୍ତାବିତ ବାଘନଦୀ-କନ୍ଧରିଆପଡ଼ା ଷ୍ଟେସନ ଜାତୀୟ ରାଜପଥରୁ ମାତ୍ର ଅଳ୍ପ ଦୂର । ସେହିଭଳି ବ୍ୟବସାୟ କେନ୍ଦ୍ର ବାଉଁଶୁଣିରୁ ମଧ୍ୟ କମ୍ ଦୂର । ସେଠାରେ ଷ୍ଟେସନ ହେଲେ ଜିଲ୍ଲାର ବୌଦ୍ଧ ଜିଲ୍ଲାର ବାଉଁଶୁଣି, ମନୁପାଲି, ଖଲିଆପାଲି (ପୁରୁମୁଣ୍ଡା), ରକ୍ସା, କସୁରବନ୍ଧ, ଗୁହ୍ଲିଆ, ଗୋଛାପଡ଼ା, ତାଳସରଡ଼ା, ଶଗଡ଼ା, ବରଗୋଛା, ଅଁଳାପାଲି ଆଦି ପଞ୍ଚାୟତର ହଜାର ହଜାର ଲୋକ ସହ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜ ଉପଖଣ୍ଡ ଜନସାଧାରଣ ରେଳ ଯାତାୟାତର ସୁବିଧା ପାଇ ପାରିବେ । ଏହାକୁ ନେଇ ମହୁଲି କପିଳେଶ୍ୱର ମନ୍ଦିରରେ ସମସ୍ତ ଅଞ୍ଚଳବାସୀ ଏକ ହୋଇଥିଲେ । ଏ ନେଇ ଏକ କମିଟି ଗଠନ କରାଯାଇଛି । ଏଥିରେ କରୁଣାକର ଘଣ୍ଟୁଆଳଙ୍କୁ ସଭାପତି, ଦେବରାଜ ଭୋଇ, ରଞ୍ଜିତ କର୍ଣ୍ଣଙ୍କୁ ଉପସଭାପତି, ଇନ୍ଦୁ ଭୂଷଣ ମହାକୁଳଙ୍କୁ ସମ୍ପାଦକ, ଆହାଲ୍ଲାଦ ଖମାରୀଙ୍କୁ କୋଷାଧ୍ୟକ୍ଷ, ଲଳିତ ଭୋଇ, ଶମ୍ଭୁ ମଲ୍ଲିକ ଓ ଲଳିତ ଝାଙ୍କରଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି । ନୂତନ ଷ୍ଟେସନ ନିର୍ମାଣ ନେଇ ପ୍ରଶାସନ ସହ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ସଭାରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

- କନ୍ଧରିଆପଡ଼ା ଷ୍ଟେସନ ପାଇଁ ଅତୀତରେ ଡିପିଆର ପ୍ରସ୍ତୁତ କରାଯାଇଥିଲା
- ପ୍ରସ୍ତାବିତ ବଲାଙ୍ଗିର-ଖୋର୍ଦ୍ଧା ରେଳ ଲାଇନ ମ୍ୟାପରେ ସ୍ଥାନ ମଧ୍ୟ ପାଇଥିଲା
- ଷ୍ଟେସନ ଉଦ୍ଦେଶ୍ୟରେ କନ୍ଧରିଆପଡ଼ା ମୌଜାର ଜମି ଅଧିଗ୍ରହଣ କରାଯାଇଥିଲା
- ଗ୍ରାମବାସୀ ବିସ୍ଥାପିତ ହୋଇଥିଲେ; କିନ୍ତୁ ଷ୍ଟେସନ ନିର୍ମାଣ କରାଯାଇ ନାହିଁ
- ୫୭ ନମ୍ବର ଜାତୀୟ ରାଜପଥରୁ ବହୁ ଦୂର ଝାରମୁଣ୍ଡାରେ ଷ୍ଟେସନ କରାଯାଇଛି

# ରେଳବାଇ ଜିଏମ୍‌ଙ୍କ ପ୍ରକଳ୍ପ ପରିଦର୍ଶନ

**ବୌଦ୍ଧ, ୧୮ ।୧(ସମିସ):** ପୂର୍ବତଟ ରେଳପଥ ଜେନେରାଲ ମ୍ୟାନେଜର ପରମେଶ୍ୱର ଫଙ୍କୁଆଲ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ପରିଦର୍ଶନ କରିଛନ୍ତି । ହରଭଙ୍ଗା ବ୍ଲକ କରଞ୍ଜାକଟା ଓ ତିଳକୂପ ନିକଟରେ ନିର୍ମାଣାଧୀନ ୨ଟି ଉଚ୍ଚସମ୍ପନ୍ନ ପୋଲ, ୭ନଂ ଟେନେଲ, ଆଡ଼େଣିଗଡ଼ ନିକଟରେ ହେଉଥିବା ସମସ୍ତ ଟନେଲ ପରିଦର୍ଶନ ସହ ସମୀକ୍ଷା କରିଥିଲେ । ସୂଚନାଯୋଗ୍ୟ, ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ଅଧୀନ ବଲାଙ୍ଗୀରଠାରୁ ପୁରୁଣାକଟକ ଓ ଖୋର୍ଦ୍ଧାଠାରୁ ଦଶପଲ୍ଲା ପର୍ଯ୍ୟନ୍ତ ଦୈନିକ ରେଳ ଚଳାଚଳ କରୁଛି । ଏବେ ପୁରୁଣାକଟକ ରେଳ ଷ୍ଟେସନରୁ ଦଶପଲ୍ଲା ମଧ୍ୟରେ ରେଳ ପ୍ରକଳ୍ପ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁଛି ।



# ସୁଶୀଲ ନାଏକ ଜୟପାଟଣା କଂଗ୍ରେସ ବ୍ଲକ୍ ସଭାପତି

**ଜୟପାଟଣା, ୧୮ ।୧(ସମିସ):** କଳାହାଣ୍ଡି ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲାର ସମସ୍ତ ବ୍ଲକ ଏନ୍‌ଏସିର ନେତୃତ୍ୱ ନେବାପାଇଁ ସଭାପତିଙ୍କ ନାମ ଘୋଷଣା କରାଯାଇଛି । ଏହି ପରିପ୍ରେକ୍ଷୀରେ ଜୟପାଟଣା ବ୍ଲକ କଂଗ୍ରେସ କମିଟିର ନୂତନ ସଭାପତି ଭାବେ ରାଜନୀତିରେ ଅଭିଜ୍ଞ ବରିଷ୍ଠ ନେତା ସୁଶୀଲ ନାଏକଙ୍କୁ ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାଏକଙ୍କ ଅନୁମୋଦନ କ୍ରମେ ଜୟ ପାଟଣା ବ୍ଲକ ସଭାପତି ଭାବେ ଘୋଷଣା କରାଯାଇଛି । ଏହି ଘୋଷଣା ପରେ ବ୍ଲକ କଂଗ୍ରେସର କର୍ମକର୍ତ୍ତା ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ଏହି ଦାୟିତ୍ୱ ମିଳିବା ପରେ ବ୍ଲକ କଂଗ୍ରେସ ପକ୍ଷରୁ ଅନ୍ୟ କର୍ମକର୍ତ୍ତାମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।



# କଳାହାଣ୍ଡି ଦିବ୍ୟାଙ୍ଗ ମଞ୍ଚ ରାଜ୍ୟସ୍ତରରେ ପୁରସ୍କୃତ

**କର୍ଲାମୁଣ୍ଡା, ୧୮ ।୧(ସମିସ):** କଳାହାଣ୍ଡି ଜିଲ୍ଲାରେ ଦିବ୍ୟାଙ୍ଗ ଭାଇ ଭଉଣୀଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇବାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ କଳାହାଣ୍ଡି ଦିବ୍ୟାଙ୍ଗ ମଞ୍ଚ ସବୁବେଳେ ପ୍ରୟାସ ଜାରି ରଖିଛି । ଦିବ୍ୟାଙ୍ଗମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରି ସମ୍ମାନର ସହ ବଞ୍ଚିବା ପାଇଁ ଅନେକ ସମୟରେ ସଭା ସମିତି, କର୍ମଶାଳା, ଟ୍ରେନିଂ, ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି । ଏହି ମଞ୍ଚ ମାଧ୍ୟମରେ ଅନେକ ଦିବ୍ୟାଙ୍ଗ ହିତାଧିକାରୀ ସରକାରୀ ତଥା ବେସରକାରୀ ଅନୁଷ୍ଠାନମାନଙ୍କ ଦ୍ୱାରା ବିଭିନ୍ନ ଲାଭ ପାଉଛନ୍ତି । ଭୁବନେଶ୍ୱର ବୁଦ୍ଧ ମନ୍ଦିର ଅଡିଟୋରିୟମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭିୟୁଜ୍ ଦ୍ୱାରା ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମପେ କଳାହାଣ୍ଡି ଦିବ୍ୟାଙ୍ଗ ମଞ୍ଚ ପୁରସ୍କୃତ ହୋଇଥିଲା । ମଞ୍ଚ ସଭାପତି ସୁରେଶ ଚୌଧୁରୀ ମାନପତ୍ର ଉପଢୌକନ ଏବଂ ଟ୍ରଫି ଗ୍ରହଣ କରିଛନ୍ତି । ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଓଡ଼ିଶା ଭିନ୍ନକ୍ଷମ କମିସନର ବ୍ରତତୀ ହରିଚନ୍ଦନ, ଡେପୁଟି ସେକ୍ରେଟାରୀ ସନ୍ନ୍ୟାସୀ ବେହେରା ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଉପସ୍ଥିତ ଥିଲେ ।



# ଅନୀଲ ଭୋଇଙ୍କ ପରଲୋକ

**ଭବାନୀପାଟଣା, ୧୮ ।୧(ସମିସ):** ଭବାନୀପାଟଣା ସହର ଅଧୀନ ମହାବୀର ପଡ଼ା ନୀବାସୀ ଅନୀଲ ଭୋଇ (୭୧)ଙ୍କ ଗତ ଶନିବାର ହୃଦ୍‌ଘାତରେ ପରଲୋକ ଘଟିଛି । ତାଙ୍କ ବିୟୋଗ ଖବରପାଇ କନ୍ଧମାଳ ଜିଲ୍ଲା ଓ କଳାହାଣ୍ଡି ଜିଲ୍ଲାର ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର କର୍ମଚାରୀମାନଙ୍କ ସହ ବନ୍ଧୁ ବାନ୍ଧବ ଶୋକ ବ୍ୟକ୍ତ କରିଛନ୍ତି । ଅନୁଭବ ଭୋଇ ମୁଖାଗ୍ନି ଦେଇଥିଲେ । ସନ୍ତୋଷ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭାର ଆୟୋଜନ କରାଯାଇଥିଲା । ଅଶୋକ ଦାସ, ସନ୍ତୋଷ ସାହୁ, ଆଲୋକ ସାହୁ, ଜିତେନ୍ଦ୍ର ରାୟ, କଲ୍ୟାଣୀ ଦାଶ, ମାନସ ପ୍ରଧାନ, ଶିକ୍ଷୟିତ୍ରୀ ବିଦୁଲତା ଦାଶ, ଦୁଷ୍ମନ୍ତ ପ୍ରଧାନ ପ୍ରମୁଖ ସ୍ମୃତିଚାରଣ କରିଥିଲେ ।



# ଅଭିଭାବକ-ଶିକ୍ଷକ ବୈଠକ

**ବୌଦ୍ଧ, ୧୮ ।୧(ସମିସ):** କଣ୍ଟାମାଳ ବ୍ଲକ ଖଲିଆପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ମାନସ ରଞ୍ଜନ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ । ବୈଠକରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଉପରେ ଆଲୋଚନା ହୋଇଥିଲା । ସେହିଭଳି ବାଲ୍ୟ ବିବାହ ନିଷେଧ ଆଇନ ଉପରେ ଆଲୋକପାତ କରାଯାଇଥିଲା । ବେଦବ୍ୟାସ ମଲ୍ଲିକ, ଠାକୁର ଚରଣ ନାୟକ, ଜଗଜୀବନ ମହାକୁଡ଼ ପ୍ରମୁଖ ଯୋଗ ଦେଇଥଲେ ।

# ପଲଶାଗୋରା ହାଇସ୍କୁଲ ୨୦୧୪ ମାଟ୍ରିକ ବ୍ୟାଚର ବନ୍ଧୁମିଳନ

**ପଲଶାଗୋରା, ୧୮ ।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ମିଳିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୨୦୧୪ ମ୍ୟାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । ଗୁନାପଥରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୱେଷ କର୍ଣ୍ଣ ଅଧ୍ୟକ୍ଷତା କରିଥିଲେ । ଟୁନା ନାଏକ, ଆଶୁତୋଷ ପଣ୍ଡା, ଦେବାଶିଷ ମଲିକ, ସୁମନ୍ତ ପଧାନ, ନରହରି କର୍ମୀ, ପ୍ରଦ୍ୟୁମ୍ନ ସାହୁ, ଜିତେନ୍ଦ୍ର ପଣ୍ଡା, ରଜତ ପଧାନ, ଦୁଷ୍ମନ୍ତ ଦଳବେହେରା, ଲିପ୍ସା ସାହୁ, ସଂଯୁକ୍ତା କଅଁର, ଝରଣା ରଣା, କବିତା ରଣା, କୁମଦିନୀ ରଣା ପ୍ରମୁଖ ଉପସ୍ଥିତ ଥିଲେ ।

# ପର୍ଯ୍ୟଟନସ୍ଥଳ ମାନ୍ୟତା ଅପେକ୍ଷାରେ ସୁନାବେଡ଼ା ଅଭୟାରଣ୍ୟ

**କୋମନା, ୧୮ ।୧(ସମିସ):** ନୂଆପଡ଼ା ଜିଲ୍ଲାର ଗର୍ବ ଓ ଗୌରବ କୁହାଯାଉଥିବା ସୁନାବେଡ଼ା ଅଭୟାରଣ୍ୟକୁ ଏକ ପୂର୍ଣ୍ଣାଙ୍ଗ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ପାଇଁ ଦାବି ଜୋର୍ ଧରିଛି । ପ୍ରାକୃତିକ ଶୋଭାରାଜି ଓ ଅନେକ ମନୋରମ ଜଳପ୍ରପାତରେ ଭରପୂର ଏହି ଅଞ୍ଚଳ ଏବେ ସରକାରୀ ପ୍ରୋତ୍ସାହନକୁ ଅପେକ୍ଷା କରିଛି । ଏହି ଅଭୟାରଣ୍ୟରେ ଅନେକ ଦୁର୍ଲଭ ବନ୍ୟଜନ୍ତୁଙ୍କ ସହ ମନଲୋଭା ଝରଣା ଓ ଜଳପ୍ରପାତ ରହିଛି, ଯାହା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ । କେବଳ ଓଡ଼ିଶା ନୁହେଁ, ବରଂ ପଡ଼ୋଶୀ ଛତିଶଗଡ଼ ଓ ଅନ୍ୟ ରାଜ୍ୟରୁ ମଧ୍ୟ ପ୍ରତିବର୍ଷ ହଜାରହଜାର ପର୍ଯ୍ୟଟକ ଏଠାକୁ ଆସୁଛନ୍ତି । ହେଲେ ସୁବିଧା ଥାଇ ମଧ୍ୟ ଏଠାରେ ପର୍ଯ୍ୟଟକଙ୍କ ରହିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ବା ବିଶ୍ରାମାଗାର ନାହିଁ । ଏନେଇ କୋମନା ଜଗନ୍ନାଥ ବରିଷ୍ଠ ନାଗରିକ ସମିତି ପକ୍ଷରୁ ସଭାପତି ବୀରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସେମାନଙ୍କ ଦାବି ହେଉଛି, ସୁନାବେଡ଼ାକୁ ଆନୁଷ୍ଠାନିକ ଭାବେ ପର୍ଯ୍ୟଟନସ୍ଥଳୀ ଘୋଷଣା କରାଯାଉ । ପର୍ଯ୍ୟଟକଙ୍କ ପାଇଁ ଗମନାଗମନ ଓ ରହିବା ଖାଇବାର ସୁବିଧା କରାଯାଉ । ଯଦି ସରକାର ଏହି ଦିଗରେ ତୁରନ୍ତ ପଦକ୍ଷେପ ନିଅନ୍ତି, ତେବେ ସୁନାବେଡ଼ା କେବଳ ଜିଲ୍ଲା ନୁହେଁ ବରଂ ସାରା ରାଜ୍ୟର ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ।

# ଗଞ୍ଜେଇ ଜବତ, ୨ଗିରଫ

**ମ. ରାମପୁର, ୧୮ ।୧(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ନିକଟସ୍ଥ ପାଜୀବାହଲି ଛକଠାରେ ଚୋରା ଚାଲାଣ ହେଉଥିବା ଏକ ଗଞ୍ଜେଇ ଭର୍ତ୍ତି ଏକ କାର୍‌କୁ ଜବତ କରିଛି ମ. ରାମପୁର ପୁଲିସ । ପ୍ରାପ୍ତ ସୂଚନା ଅନୁସାରେ ବାଲିଗୁଡା ଅଞ୍ଚଳରୁ ପାଟଣାଗଡ଼କୁ ଏକ ଧଳା ରଙ୍ଗର କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ସମୟରେ ମ.ରାମପୁର ପୁଲିସ ଗାଡ଼ି ଅଟକାଇ କାର୍‌ରେ ଥିବା ୫୪ କେଜି ଗଞ୍ଜେଇ ଓ କାର୍ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି । ଗିରଫ ଦୁଇ ଜଣ ହେଲେ କନ୍ଧମାଳ ଜିଲ୍ଲା ମାଲିସିକା ଗାଁର ବିନେଶ ଦିଗାଲ ଓ ବିକାଶ ମଲ୍ଲିକ । ହି ଚଢ଼ଉରେ ପୁଲିସ ଏସ୍‌ଆଇ ଟି ବରିହା ନେତୃତ୍ୱ ନେଇଥିବା ବେଳେ ମ.ରାମପୁର ଥାନା ଅଧିକାରୀ ଚିତ୍ତ ରଞ୍ଜନ ପ୍ରଧାନୀ, ଏଏସଆଇ ବି.ଅଭିମନ୍ୟୁ ରାଓ, ମୋହନଗିରି ଏ ଏସ୍‌ଆଇ ମନୋଜ ନାଏକ, ହାବିଲଦାର ଏଲଡି ନାଗ ସାମିଲ ଥିଲେ ।



# ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା



**ବୌଦ୍ଧ, ୧୮ ।୧(ସମିସ):** ବୌଦ୍ଧ ଜିଲ୍ଲା ସଂଗ୍ରହାଳୟରେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର ବିଚାରକ ଭାବେ ସାହିତ୍ୟିକ ରମେଶ ପ୍ରସାଦ ମେହେର, ହୃଦାନନ୍ଦ ପ୍ରଧାନ, ରାଜ କୁମାର ପ୍ରଧାନ ଯୋଗ ଦେଇଥିଲେ । ଇଂରାଜୀ ବକ୍ତୃତା ପ୍ରତିଯୋଗିତାର ବିଚାରକ ଭାବେ ଅର୍ଜୁନ କଁହର, ପ୍ରଶାନ୍ତ ସାହୁ ଯୋଗ ଦେଇଥିଲେ । ସଂସ୍କୃତ ବକ୍ତୃତା ପ୍ରତିଯୋଗିତାରେ ଅଧ୍ୟାପକ ପ୍ରତାପ ଚନ୍ଦ୍ର ରଥ, ସଂସ୍କୃତ ଶିକ୍ଷକ ପ୍ରମୋଦ ପ୍ରଧାନ ବିଚରକ ଥିଲେ । ଶ୍ରଦ୍ଧା ଶୁଭଦର୍ଶିନୀ ସାହୁ, ଶ୍ରୀଶାନ୍ତ ପଟ୍ଟନାୟକ, ଗୌରୀ ଶଙ୍କର ପବ୍ଲିକ ସ୍କୁଲର ଶ୍ରୀଜିତ ପାଣିଗ୍ରାହୀ, ସନ୍ତୃପ୍ତି ସାହୁ, ଆର୍ଯ୍ୟନାରାୟଣ ଦେବ, ପ୍ରିତମ ମେହେର, ଶିବାନୀ ଧଳ, ଡେଜଲିନ ସାହୁ, ତୃପ୍ତିମୟୀ ଭଞ୍ଜ, ଅନ୍ୱେଷା ମିଶ୍ର, ସୁନେଲି ବାଘ, ପୂଜାରାଣୀ ସାହୁ ପ୍ରମୁଖ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ପାଇଛନ୍ତି । ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ସାଧାରଣତନ୍ତ୍ର ଦିବସ ଅବସରରେ ଜାନୁୟାରୀ ୨୬ ତାରିଖ ସନ୍ଧ୍ୟାରେ ଟାଉନ ହଲରେ ପୁରସ୍କୃତ କରାଯିବ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର ସିଂହଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

## ରୟାଲ କପ୍ କ୍ରିକେଟ ଚାମ୍ପିଅନସିପ୍ ଉଦ୍‌ଯାପିତ

# ଝିମିଲାକୁ ହରାଇ ଉଦ୍ୟାନବନ୍ଧ ଚାମ୍ପିଅନ



**ନୂଆପଡ଼ା, ୧୮ ।୧(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଗନିଆରୀ ରୋୟାଲ କ୍ଲବ୍ ଦ୍ୱାରା ୧୯ ତମ ରୋୟଲ କପ୍ କ୍ରିକେଟ ଚାମ୍ପିୟନସିପ ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ନୂଆପଡ଼ା ଜିଲ୍ଲାର ୧୬ଟି ଦଳ ଭାଗ ନେଇଥିଲେ । ଫାଇନାଲରେ ଉଦ୍ୟାନବନ୍ଧ ଓ ଝିଲମିଲା ଦଳ ପ୍ରବେଶ କରିଥିଲେ । ଫାଇନାଲ ମ୍ୟାଚରେ ଉଦ୍ୟାନବନ୍ଧ ଟସଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୩ ୱିକେଟ ହରାଇ ୧୮୨ ରନ ସଂଗ୍ରହ କରିଥିଲା । ଫଳରେ ଝିଲମିଲା ଦଳ ୧୨ ଓଭରରେ ୭ ୱିକେଟ ହରାଇ ୧୪୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ବିଶେଷ ଅତିଥି ଭାବେ ପ୍ରସନ୍ନ କୁମାର ପାଢ଼ୀ, ସମ୍ମାନିତ ଅତିଥିଭାବେ ବିଜେପି ରାଜ୍ୟ ଯୁବ କାର୍ଯ୍ୟକାରିଣୀ ସଦସ୍ୟ ମାନସ ରଥ, ମାନିଗୁଡା ସରପଞ୍ଚ ଯୋଗେନ୍ଦ୍ର ବାଗ, ସାମ୍ବାଦିକ ସୁଶାନ୍ତ କର, ୱାର୍ଡସଭ୍ୟ ପିତାମ୍ବର ଅଦା, କେଶବ ହଂସ, ପରମେଶ୍ୱର ହଂସ, ଯଶୋବନ୍ତ ହଂସ, ଭୋଦେବ ହଂସ, ଅଜୟ ଗହୀର, ଲୋକନାଥ ମିଶ୍ର, ଚୁଲୁ ବାଗ ପ୍ରମୁଖ ଯୋଗଦାନ କରିଥିଲେ । ଖେଳ ପରିଚାଳନାରେ ଗଣେଶ ହୋତା ଓ ଥବିର ହଂସ, ଧାରା ବିବରଣୀ ଟିକେଶ୍ୱର ହଂସ, ସ୍କୋରର ଦୀପକ ବାଗ ଓ ରମେଶ ନାଗ, ରୋୟାଲ କ୍ଲବ୍ ସଦସ୍ୟ ଥୟରାମ ହଂସ, କୈଶପ ସଗରିଆ, ସହଦେବ ଥପା, ପ୍ରତାପ ହଂସ ରୁଦ୍ରାକ୍ଷର ହଂସ, କୁନାଲ ବାଗ, ନିକୁ ବାଗ, ଧ୍ରୁବହଂସ, ଶାବନ ହୋତା, ଚିକୁ ବାଗ, ବୁଲାରାମ ବାଗ, ପିଙ୍କୁ ନିଆରୀ, ଗାନ୍ଧୀ ହଂସ, ବସନ୍ତ ହଂସ, ପ୍ରମୁଖ ସହଯୋଗ କରିଥିଲେ ।

## ଜାତୀୟ ଭୋଟର ଦିବସ ପାଳନ ପ୍ରସ୍ତୁତି

# ଭୋଟ୍‌ଦାନର ମହତ୍ତ୍ୱ ଉପରେ ସଚେତନ କରିବାକୁ ଜିଲ୍ଲାପାଳଙ୍କ ଆହ୍ୱାନ

**ନୂଆପଡ଼ା, ୧୮ ।୧(ସମିସ)**

ନୂଆପଡ଼ା ଜିଲ୍ଲା ସଦର ମହକୁମାରେ ଜାତୀୟ ଭୋଟର ଦିବସ ୨୦୨୬ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ୨୫ତାରିଖ ଦିନ ପାଳିତ ହେବାକୁ ଥିବା ଜାତୀୟ ଭୋଟର ଦିବସର ଗୁରୁତ୍ୱ ସମ୍ପର୍କରେ ସଭ୍ୟମାନଙ୍କୁ ଅବଗତ କରାଇଥିଲେ । ଡେପୁଟି କଲେକ୍ଟର ନିର୍ବାଚନ ଶେଖ୍ ନସିମ ପ୍ରସ୍ତୁତି ବିବରଣୀ ଉପସ୍ଥାପନ କରିଥିଲେ । ଏହା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଜାତୀୟ ଭୋଟର ଦିବସ, ଜିଲ୍ଲା ମୁଖ୍ୟାଳୟ, ନୂଆପଡ଼ା ଠାରେ ପାଳନ କରାଯିବ । ଦିବସ ଅବସରରେ ଉଭୟ ନିର୍ବାଚନ ମଣ୍ଡଳୀରୁ ଶ୍ରେଷ୍ଠ ନିର୍ବାଚନ କର୍ମଚାରୀଙ୍କ ଚୟନ କରାଯାଇ ସମ୍ବର୍ଦ୍ଧିତ କରାଯିବ । ଏଥିପାଇଁ ଜଣେ ଲେଖାଏଁ ଶ୍ରେଷ୍ଠ ବି ଏଲଓ, ବିଏଲଓ ସୁପରଭାଇଜର ଏବଂ ଏଇଆରଓଙ୍କୁ ସମ୍ମାନିତ କରାଯିବ । ଏହା ବ୍ୟତୀତ ଦୁଇଜଣ ନୂତନ ଭୋଟର ଓ ଦୁଇଜଣ ଶତାୟୁ ଭୋଟର, ଉଭୟ ପୁରୁଷ ଓ ମହିଳା ବର୍ଗରେ ସମ୍ମାନିତ କରାଯିବ । ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଉତ, ନୋଡାଲ ଅଧିକାରୀ ଭାବେ କାର୍ଯ୍ୟ କରିବେ । ଜିଲ୍ଲା ମୁଖ୍ୟଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ଏବଂ ଉପ-ଜିଲ୍ଲାପାଳ ସୁର୍ମି ସୋରେନ ନିରୀକ୍ଷଣ କରିବେ । ଆଜିର ବୈଠକରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ଦ୍ୱାରିକା ନାଥ ଶତପଥୀ, ଜିଲ୍ଲା ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ଜିଲ୍ଲା କ୍ରୀଡ଼ାଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ, ଡିଏସ୍‌ପି ରମାକାନ୍ତ ଜେନା, ବିଡିଓ ରୋହିତ ଭୋଇ, ନରୋତ୍ତମ ଭୋଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ନୂଆପଡ଼ା ଏନ୍ ଏ ସି ଇ ଓ ଶ୍ରୀନିବାସ ମିର୍ଦ୍ଧା, ଟିଏସଆଇ ପ୍ରଜ୍ଞା ପରିମିତା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।



# ବୀରନରସିଂହପୁର ଗଡ଼ଜାତ ଲୋକ ମହୋତ୍ସବ ଉଦ୍‌ଘାଟିତ



**ବୌଦ୍ଧ, ୧୮ ।୧(ସମିସ):** ବୀରନରସିଂହପୁର ୯ମ ଗଡ଼ଜାତ ଲୋକ ମହୋତ୍ସବ ଉଦ୍‌ଘାଟିତ ହୋଇଛି । ପ୍ରଥମେ ବିରାମଚନ୍ଦ୍ରପୁର ବାବା ସୁବର୍ଣ୍ଣେଶ୍ୱର ମନ୍ଦିରରେ ପୂଜା ଅର୍ଚ୍ଚନା କରାଯାଇଥିଲା । ଏହାପରେ ସେଠାରୁ ଏକ ବିରାଟ ସଭାଯାତ୍ରା ବାହାରିଥିଲା । ବାବାଙ୍କ ଆଜ୍ଞାମାଳ ନେଇ ମହୋତ୍ସବ ପଡ଼ିଆରେ ପହଞ୍ଚିବା ପରେ ଜ୍ୟୋତି ସ୍ଥାପନା କରାଯାଇଥିଲା । ଏହି ଶୋଭାଯାତ୍ରାରେ ଅଞ୍ଚଳର ଦଣ୍ଡନାଚ, ଦୁଲଦୁଲି, କୃଷ୍ଣଗୁରୁ, ନାମସଂକୀର୍ତ୍ତନ ସହ ଜଣସାଧାରଣ ଯୋଗ ଦେଥିଲେ । ତେବେ ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଘାଟନୀ ଦିବସରେ ସୋନପୁର ଜିଲ୍ଲାପାଳ ନୃପରାଜ ସାହୁ, ଶୁଭ୍ରା ସାହୁ, ଦେବେନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ଗାଇଗୋରିଆ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ । ସ୍ଥାନୀୟ କଳାକାରଙ୍କ ନାଚଗୀତରେ ମଞ୍ଚ ଦୁଲୁକି ଉଠିଥିଲା । ସାଧୁଚରଣ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ସଙ୍ଗୀତ ଗାନ କରିଥିଲେ । ମହୋତ୍ସବ କମିଟି ସଭାପତି ବିଶ୍ୱଜିତ ମିଶ୍ର ସଭାପତିତ୍ୱ କରିଥିଲେ । ବିଜୟ ସାହୁ ଅତିଥି ପରିଚୟ ଦେଇଥିବାବେଳେ ଲିଙ୍ଗରାଜ ମହାକୁଳ ଧନ୍ୟବାଦ ଅର୍ପଣ କରିଥିଲେ ।

**ଶୋଭାଯାତ୍ରାରେ କମ୍ପିଲା ଜାତୀୟ ରାଜପଥ**

**କଳାକାରଙ୍କ ନୃତ୍ୟରେ ଦୁଲୁକିଲା ମଞ୍ଚ**

# କଳାହାଣ୍ଡି ଉତ୍ସବ 'ଘୁମୁରା' ଉଦ୍‌ଯାପିତ

ଭବାନୀପାଟଣା, ୧୮ ।୧(ସମିସ)

ସମୃଦ୍ଧି ଓ ସାଂସ୍କୃତିକ ବିବିଧତାର ଉତ୍ସବ ହେଉଛି ଘୁମୁରା। ପ୍ରଧାନମନ୍ତ୍ରୀଙ୍କ ବିକାଶ ଭି ବିରାସତ ଭି ଆହ୍ୱାନକୁ ସାକାର କରିବାକୁ ଯାଇ ଆମ ସରକାର ଅନେକ ପଦକ୍ଷେପ ନେଇଛନ୍ତି।





ଏ ଦିଗରେ ଜିଲ୍ଲାବାସୀଙ୍କ ସାଂସ୍କୃତିକ ସମୃଦ୍ଧି ଏ ଜିଲ୍ଲାକୁ ବିକଶିତ କରିବାରେ ସହାୟକ ହୋଇଛି। ଆମ ସରକାର ରାଜ୍ୟର ଉନ୍ନତି କରିବା ପାଇଁ ଯେତିକି ସଂକଳ୍ପବଦ୍ଧ ଠିକ ସେମିତି ରାଜ୍ୟର ପ୍ରତ୍ୟେକ ଜିଲ୍ଲାକୁ ସମାନ ଢଙ୍ଗରେ ବିକାଶ ପ୍ରକ୍ରିୟାରେ ସାମିଲ କରିବା, ଲୋକଙ୍କୁ ରୋଜଗାରକ୍ଷମ କରିବା ପାଇଁ ଅନେକ ପଦକ୍ଷେପ ନେଉଛୁ। ସରକାର ଦ୍ୱାରା ଚାଷୀ ଓ ଯୁବବର୍ଗଙ୍କୁ ଗୁରୁତ୍ୱ ଦେଇଆସୁଛୁ। କଳାହାଣ୍ଡି ଜିଲ୍ଲା ମୋ ହୃଦୟର ଅତି ନିକଟ। ଆଗାମୀ ଦିନରେ ରାଜ୍ୟର ଏକ ନମ୍ବର ଜିଲ୍ଲା ହେବ କଳାହାଣ୍ଡି ବୋଲି ଆଜି ୨୮ ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ଏହା କହିଛନ୍ତି। ଏହାସହିତ ୮୯୧. ୩୯ କୋଟି ଟଙ୍କା ୩୬୭୩ ଟି ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଥିଲେ। ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀଙ୍କୁ ଆଜି ବିଜେଡି ଓ କଂଗ୍ରେସ ତରଫରୁ ବିରୋଧ କରାଯିବା ଆଶଙ୍କା କରି କିଛି ବିଜେଡି ଓ କଂଗ୍ରେସ ନେତାଙ୍କୁ ଆଗୁଆ ଗିରଫ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଆଜି ସ୍ୱତନ୍ତ୍ର ବିମାନ ଯୋଗେ ସ୍ଥାନୀୟ ପୁଲିସ ରିଜର୍ଭ ପଡ଼ିଆରେ ଓହ୍ଲାଇବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସେଠାରୁ ସେ ମାଣିକେଶ୍ୱରୀଙ୍କ ଦର୍ଶନ କରିବା ପାଇଁ ଯାଇଥିଲେ। ତାଙ୍କ ସହିତ ରାଜ୍ୟସଭା ସାଂସଦ ସୁଜିତ କୁମାର, ଲୋକସଭା ସାଂସଦ ମାଳବିକା ଦେବୀ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, କଳାହାଣ୍ଡି ଜିଲ୍ଲା ବିଜେପି ସଭାପତି ଯୁଗଳ କିଶୋର ପୋଡ଼ ସାମିଲ ହୋଇଥିଲେ। ଏହାପରେ ସେ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଲୋକସଭା ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର, ସରକାରୀ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ନର୍ଲା ବିଧାୟିକା ମନୋରମା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। କଳାହାଣ୍ଡି ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧକ୍ଷ ସଚିନ ପାୱାର ପ୍ରକାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାକୁ ସୋମା ମହାପାତ୍ର ସଭା ପରିଚାଳନା କରିଥିଲେ। ଜିଲ୍ଲାପାଳ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ରେଡକ୍ରସ ଭିନ୍ନକ୍ଷମ ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ସେହିପରି ସଭା ପୂର୍ବରୁ ଲୋକ ଗାୟକ ସର୍ବେଶ୍ୱର ଭୋଇ ଓ ସାଥୀଙ୍କ ଦ୍ୱାରା ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାନ୍ଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ସହିଦ ରେଣ୍ଡୋ ମାଝୀ ମଞ୍ଚରେ ମହାବୀର ସାଂସ୍କୃତିକ ଅନୁଷ୍ଠାନର ଘୁମୁରା, ପ୍ରତିଭାର ସିଙ୍ଗାରି ନୃତ୍ୟ, ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ବଜାଶାଳ ନୃତ୍ୟ, କଳାବିକାଶ କେନ୍ଦ୍ରର ଓଡ଼ିଶୀ ନୃତ୍ୟ, ମୟୂରୀ ଅନୁଷ୍ଠାନ ଦ୍ୱାରା ସମ୍ବଲପୁରୀ ଲୋକନୃତ୍ୟ ପ୍ରଦର୍ଶିତ ହୋଇଥିଲା। ବିରଞ୍ଚି ନାରାୟଣ ମୁଣ୍ଡ ଓ ନିହାରିକା ନାୟକ ମଞ୍ଚ ସଂଯୋଜନା କରିଥିଲେ। ସେହିପରି ପାରବା ମୁକ୍ତମଞ୍ଚରେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବନଶ୍ରୀ ଦାଶ, ଆଶୁତୋଷ, ଧନଞ୍ଜୟ, ଆରୁଷି, ଚନ୍ଦ୍ରାଂଶୁ, ଶିବଦତ୍ତ, ପ୍ରତାପ ପ୍ରମୁଖ ମଞ୍ଚ ସଂଯୋଜନା କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଜିଲ୍ଲାର ବିଭିନ୍ନ ବିଷୟକୁ ନେଇ ଅତ୍ୟନ୍ତ ଆକର୍ଷଣୀୟ ଡ୍ରୋନ ଶେଷରେ ଷ୍ଟାର ଗାୟିକା ଅର୍ଚ୍ଚନା ପାଢ଼ୀ ଓ ସାଥୀଙ୍କ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମକୁ ଲକ୍ଷଲକ୍ଷ ଲୋକେ ବିଳମ୍ବିତ ରାତିଯାଏଁ ଉପଭୋଗ କରିଥିଲେ।

**ଜିଲ୍ଲାବାସୀଙ୍କୁ ୮୯୧. ୩୯ କୋଟି ଟଙ୍କା ପ୍ରକଳ୍ପ ଭେଟି**

**କଳାହାଣ୍ଡି ମୋ ହୃଦୟର ଅତି ନିକଟ -ମୁଖ୍ୟମନ୍ତ୍ରୀ**

**ରାଜ୍ୟର ଏକ ନମ୍ବର ଜିଲ୍ଲା ହେବ କଳାହାଣ୍ଡି**

### ତୋରଣରେ ଦଳୀୟ ଚିହ୍ନକୁ ନେଇ ଚର୍ଚ୍ଚା

ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ କରିବା ସହିତ ବିଭିନ୍ନ ଛକରେ ସ୍ୱାଗତ ପାଇଁ ତୋରଣ ଓ ହୋର୍ଡିଂ ସବୁ ଲଗାଯାଇଥିଲା। କିନ୍ତୁ ରାତାରାତି ଲାଗିଥିବା ଏହି ତୋରଣ ଗୁଡ଼ିକରେ ବିଜେପିର ଦଳୀୟ ଚିହ୍ନ ପଦ୍ମକୁ ସ୍ଥାନିତ କରାଯାଇଥିଲା। ଯାହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଥିବାବେଳେ ସରକାରୀ କାର୍ଯ୍ୟକ୍ରମରେ ଦଳୀୟ ଚିହ୍ନ ବ୍ୟବହାରକୁ ନାପସନ୍ଦ କରାଯାଇଥିଲା। ଖୋଦ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ଏହା ସରକାରୀ କାର୍ଯ୍ୟକ୍ରମ ବୋଲି କହିଥିଲେ।

### କଂଗ୍ରେସ ଓ ବିଜେଡି ନେତାଙ୍କୁ ଉଠାଇନେଲା ପୁଲିସ

ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରିବା ଆଶଙ୍କା କରି ଆଜି ସହରର ବିଭିନ୍ନ ସ୍ଥାନରୁ ବିଜେଡି ଓ କଂଗ୍ରେସ ନେତାଙ୍କୁ ଉଠାଇ ନେଇଥିଲା। ବିଜେଡି ନେତା ଅବିନାଶ ଠାକୁର, ଆଦିତ୍ୟ ନନ୍ଦ, ମନିନ୍ଦ୍ର ମହାନ୍ତି, ସାମନ୍ତ ଖମାରୀ, କ୍ଷୀରସିନ୍ଧୁ ନାଏକ, ମହେନ୍ଦ୍ର ରାଉତ, ଉତ୍ପଳ ଦାସ, ସୁରଥ ରାଉତଙ୍କୁ ଉଠାଇ ନେଇଥିଲା ପୁଲିସ। ସେହିପରି କଂଗ୍ରେସ ନେତା ମହମ୍ମଦ ସାହେବ, ସଚିନ ନାଏକ, ସୁକାନ୍ତ ବିଶି, ସୁଶାନ୍ତ ପ୍ରଧାନୀଙ୍କୁ ଉଠାଇନେବା ସହ ଅଟକ ରଖାଯାଇଥିଲା। ବିଜେଡି ପକ୍ଷରୁ ପ୍ଲାକାର୍ଡ ଦେଖାଇ ଚାଷୀ ସମସ୍ୟାର ସମାଧାନ ସହ ଚାଷୀଙ୍କ ଦୁଃଖ ବିଝିବାକୁ ନାରାବାଜି ଦିଆଯାଇଥିଲା।

### ଫୁଡ୍ କମିଟିରେ ଜଙ୍ଗଲରାଜ

ଏ ବର୍ଷ ଉତ୍ସବରେ ସାମିଲ ଥିବା କଳାକାର, ବିଭିନ୍ନ କମିଟି ସଦସ୍ୟ, ଅତିଥି ଓ କର୍ମକର୍ତ୍ତାଙ୍କ ପାଇଁ ଖାଦ୍ୟ ପରିଚାଳନା ଦାୟିତ୍ୱ ବନବିଭାଗକୁ ଦିଆଯାଇଥିଲା। ଜଣେ ଭାରତୀୟ ବନସେବା ଅଧିକାରୀଙ୍କ ନେତୃତ୍ୱରେ ଏଥର ବନବିଭାଗର ବିଭିନ୍ନ କର୍ମଚାରୀମାନେ ଖାଦ୍ୟ ପ୍ରସ୍ତୁତି ଓ ପରିଚାଳନା କରିଥିବାବେଳେ ଆରମ୍ଭ ଦିନରୁ ଶେଷ ପର୍ଯ୍ୟନ୍ତ ଫୁଡଷ୍ଟଲରେ ବାରମ୍ବାର ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ଏପରିକି ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ବି ବ୍ୟବସ୍ଥାରେ ସୁଧାର ଆସିନଥିଲା। ବନବିଭାଗର କର୍ମଚାରୀମାନେ କଳାକାର ଓ କମିଟି କର୍ମକର୍ତ୍ତାଙ୍କୁ ମଧ ଦୁର୍ବ୍ୟବହାର କରୁଥିବା ନେଇ ଅଭିଯୋଗ ଉଠିଥିଲା। ସେହିପରି ନିମ୍ନମାନର ଖାଦ୍ୟ ପରିବେଷଣକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ସତେ ଯେମିତି ଫୁଡ କମିଟିରେ ଜଙ୍ଗଲରାଜ ଚାଲିଛି ବୋଲି ଲୋକେ କୁହାକୁହି ହେଉଥିଲେ।

### ଆମର ଜିଲ୍ଲାକେ ଆସିଚ, ଆମର ବାସୀ ପଖାଳ ମୁଠେ ଖାଅ ଆରୁ ଆମର ଚାଷୀର ଦୁଃଖ ବୁଝ

ଆମର ଘର କେ କନୁଆ ହେଇ କରି ଆସିଚ, ଆମର ନେ ଯାହା ଅଛେ ତାହା ଦେମୁ, ହେଲେ କନୁଆ ସାଙ୍ଗେ ଦୁଃଖ ସୁଖ ବି ପଦେ ହେମୁ। ଆମର ଜିଲ୍ଲାର ଚାଷୀ ଦୁଖେ ଅଛନ, ଶୀତ କାକରରେ ମଣ୍ଡିରେ ପଡ଼ିଛନ, ତାଙ୍କର କଥା ବୁଝବେ। ମଣ୍ଡିରୁ ଧାନ ଉଠବାର ବ୍ୟବସ୍ଥା କରନ ବୋଲି ନିଜ ବକ୍ତବ୍ୟରେ କହିଛନ ନର୍ଲା ବିଧାୟିକା ମନୋରମା ମହାନ୍ତି।

### ଧୈର୍ଯ୍ୟ ଧରନ୍ତୁ, ଅପେକ୍ଷା କରନ୍ତୁ

ଚାଷୀଙ୍କର ସମସ୍ୟାକୁ ଆମେ ହୃଦୟଙ୍ଗମ କରୁଛୁ, ଆମେ ମାତ୍ର ଅଳ୍ପଦିନ ହେଲା ଶାସନକୁ ଆସିଛୁ। ଆଗାମୀ ଦିନରେ ଏ ସମସ୍ୟାର ସମାଧାନ କରିବୁ ଆପଣମାନେ ଧୌର୍ଯ୍ୟ ଧରନ୍ତୁ ଓ ଅପେକ୍ଷା କରନ୍ତୁ ବୋଲି କହିଛନ୍ତି ସରକାରୀ ମୁଖ୍ୟ ସଚେତକ ସରୋଜ ପ୍ରଧାନ।

## ବିଶ୍ୱନାଥ ନାଗଙ୍କୁ କଳାହାଣ୍ଡି ବରପୁତ୍ର ସମ୍ମାନ



ଗୋଲାମୁଣ୍ଡା, ୧୮ ।୧ (ସମିସ): କଳାହାଣ୍ଡି ଉତ୍ସବରେ ଗୋଲାମୁଣ୍ଡା ବ୍ଲକ କେଗାଁ ପଞ୍ଚାୟତର ସାନଚେରଗାଁ ଗ୍ରାମର ବିଶ୍ୱନାଥ ନାଗଙ୍କୁ କଳାହାଣ୍ଡି ର ବରପୁତ୍ର ଭାବେ ସମ୍ମାନିତ କରାଯାଇଛି। ବିଶ୍ୱନାଥ ଜଣେ ଛୋଟ ଚାଷୀ ଥିଲେ। ସେ ତାଙ୍କର ପୁଅ ମାନଙ୍କ ସହ ରାଇପୁର ଏକ ବଗିଚାରେ ଶ୍ରମିକ ଭାବେ କାମ କରୁଥିଲେ। ଧୀରେ ଧୀରେ ରାଇପୁରରେ କେତେକ ଜାଗା ଲିଜ ନେଇ ପନିପରିବା ଚାଷ କରି ଆଜି କୋଟିପତି ହୋଇଛନ୍ତି। ନିଜ ଗ୍ରାମ ସାନଚେରଗାଁ ଗ୍ରାମରେ ମଧ ୨୦ ଏକରରୁ ଅଧିକ ଜମିରେ ପନିପରିବା ଚାଷ କରିଛନ୍ତି। ରାଇପୁର ଓ ନିଜ ଗ୍ରାମରେ ସମୁଦାୟ ୧୦୦ ଏକରରୁ ଅଧିକ ଜମିରେ ବିଜ୍ଞାନୀ ପଦ୍ଧତିରେ ପନିପରିବା ଚାଷ କରି ଏକ ସଫଳ ଚାଷୀ ହୋଇଛନ୍ତି। ବିଶ୍ୱନାଥ ନାଗ ଜଣେ ସରଳ ବ୍ୟକ୍ତି ଯିଏକି ଗଣମାଧମ ସମ୍ମୁଖରୁ ସବୁବେଳେ ଦୁରେଇ ରହନ୍ତି। ତେଣୁ ସରକାରଙ୍କ ଲୋକ ଲୋଚନ ଆସି ନ ଥିବାରୁ ସେ ଲୁକାୟିତ ଭାବରେ ରହି ଯାଇଥିଲେ। ଗୋଲାମୁଣ୍ଡା କୃଷି ବିଭାଗ ଅଧିକାରୀ ନୌକେଶ୍ୱର ନାଗଙ୍କ ନେତୃତ୍ୱରେ ଆଜି କଳାହାଣ୍ଡି ଉତ୍ସବ ରେ ଜିଲ୍ଲାପାଳ ସଚିନ ପାୱାର ବିଶ୍ୱନାଥ ନାଗଙ୍କୁ କଳାହାଣ୍ଡି ବରପୁତ୍ର ସମ୍ମାନରେ ସମ୍ମାନିତ କରିଛନ୍ତି।

## ସଞ୍ଚୟ ଓ ଆର୍ଥିକ ଷ୍ଟଲ୍‌ରେ ପ୍ରବଳ ଭିଡ଼

କେସିଙ୍ଗା, ୧୮ ।୧(ସମିସ): କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଅବସରରେ ଜିଲ୍ଲା ସଞ୍ଚୟ ଅଧିକାରୀ ବିବେକାନନ୍ଦ ମହାନନ୍ଦ ଓ ନିର୍ମଳା ଛତ୍ରିଆଙ୍କ ତତ୍ତ୍ୱାବଧାନରେ ସଞ୍ଚୟ ଓ ଆର୍ଥିକ ଷ୍ଟଲ୍ ଦର୍ଶକଙ୍କୁ ମନ ମୋହିଥିଲା। ୫ ଦିନ ଧରି ଅନୁଷ୍ଠିତ ଉକ୍ତ ଷ୍ଟଲରେ ଜିଲ୍ଲାର ବିଭିନ୍ନ ଗ୍ରାମରୁ ଡାକଘର ଅଭିକର୍ତ୍ତାମାନେ ଉପସ୍ଥିତ ରହି ଷ୍ଟଲକୁ ବୁଲି ଆସୁଥିବା ଦର୍ଶକମାନଙ୍କୁ ଡାକଘରେ ଚାଲିଥିବା ବିଭିନ୍ନ ସ୍କିମ୍ ସହିତ ଫେରିପାଇବା ସୁଧ ବିଷୟରେ ବୁଝାଉ ଥିଲେ।

## ହସ୍ତଶିଳ୍ପ ପ୍ରଦର୍ଶନୀରେ ଲୋକଙ୍କ ଭିଡ଼

ଭବାନୀପାଟଣା, ୧୮ ।୧(ସମିସ): କଳାହାଣ୍ଡି ଉତ୍ସବ ଅବସରରେ ଜିଲ୍ଲା ତଥା ଜିଲ୍ଲା ବାହାର ବିଭିନ୍ନ ଅଞ୍ଚଳରୁ କାରିଗର, ବୁଣାକାର, ଶିଳ୍ପୀ, ବିଭିନ୍ନ କାଠ, ପଥର, କଂସା ଓ ପିତ୍ତଳର କାମକୁ ନେଇ ସ୍ଥାପିତ ହୋଇଛି ହସ୍ତଶିଳ୍ପ ପ୍ରଦର୍ଶନୀ। ଏଥିରେ ୩୮ଟି ଷ୍ଟଲ ଲାଗିଥିବାବେଳେ ଏଥିରେ ଦିନତମାମ ଲୋକଙ୍କ ଭିଡ଼ ଲାଗିରହିଛି। ସେହିପରି ଗ୍ରାମାଞ୍ଚଳ ଲୋକେ ପରିବାର ନେଇ ଉତ୍ସବ ପଡ଼ିଆକୁ ଆସିଲେ ହସ୍ତଶିଳ୍ପ ପ୍ରଦର୍ଶନୀକୁ ଥରେ ପଶିବା ସହିତ ନିଜର ଘରକରଣା ସାମଗ୍ରୀ ବାଛି ବାଛି କିଣୁଥିବା ଲକ୍ଷ୍ୟ କରାଯାଇଛି। ସେହିପରି ପ୍ରତିବର୍ଷ ଚାରିବର୍ଷ ଉତ୍ସବ ଏଥର ପାଞ୍ଚଦିନ ହୋଇଥିବାବେଳେ ଏଥର ପାଞ୍ଚଦିନ ବଦଳରେ ପଲ୍ଲିଶ୍ରୀ ମେଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଛଅଦିନ ରହିବ। ଲୋକେ ଛଅଦିନ ପର୍ଯ୍ୟନ୍ତ କିଣାକିଣି କରିପାରିବେ ବୋଲି ସୂଚନା ମିଳିଛି।




## କଳାହାଣ୍ଡି ବରପୁତ୍ର ସମ୍ମାନ ପାଇଲେ ବୈଦ୍ୟରାଜ ପବିତ୍ର ଶବର



ଭବାନୀପାଟଣା, ୧୮ ।୧ (ସମିସ): ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ଆୟୋଜିତ ୨୮ ତମ କଳାହାଣ୍ଡି ଉତ୍ସବ ଘୁମୁରାର ଚତୁର୍ଥ ସାନ୍ଧ୍ୟ ଅଧିବେଶନରେ ବୈଦ୍ୟରାଜ ପବିତ୍ର ଶବରଙ୍କୁ 'କଳାହାଣ୍ଡି ବରପୁତ୍ର ସମ୍ମାନ-୨୦୨୬'ରେ ସମ୍ମାନିତ କରାଯାଇଛି। ନର୍ଲା ବ୍ଲକ ଟୋଲବ୍ରାହ୍ମଣୀ ଗ୍ରାମର ଶ୍ରୀ ଶବର ଦୀର୍ଘ ଅର୍ଦ୍ଧ ଶତାବ୍ଦୀ ଧରି ପାରମ୍ପରିକ ଚେରିମୂଳି ଔଷଧ ମାଧ୍ୟମରେ କର୍କଟ, ବୃକକ, ଯକୃତ, ଗଣ୍ଠିବାତ, ରକ୍ତ ବିକାର ଆଦି ଅନେକ ଦୁଃସାଧ୍ୟ ରୋଗ ସମସ୍ୟାର ସମାଧାନ କରି ହଜାର ହଜାର ରୋଗୀଙ୍କ ମୁହଁରେ ହସ ଫୁଟାଇ ପାରିଛନ୍ତି। ଜିଲ୍ଲା ତଥା ରାଜ୍ୟ ବାହାରୁ ଆସୁଥିବାରୋଗୀଙ୍କ ରୋଗ ଉପସମ କରି ସେ ଜନପ୍ରିୟ କବିରାଜ ଭାବେ ସୁଖ୍ୟାତି ଲାଭ କରିଛନ୍ତି। ଭାରତୀୟ ଆୟୁର୍ବିଜ୍ଞାନ ପରମ୍ପରାର ଜଣେ ସୁଯୋଗ୍ୟ ଉତ୍ତର ଦାୟାଦ ଶ୍ରୀ ଶବରଙ୍କ ନିଃସ୍?ାର୍ଥପର ଜନସେବା ପାଇଁ କଳାହାଣ୍ଡି ବରପୁତ୍ର ସମ୍ମାନରେ ସମ୍ମାନିତ କରାଯାଇଥିବା ଜଣାପଡ଼ିଛି। କଳାହାଣ୍ଡି ଉତ୍ସବ ଅବସରରେ ରେଣ୍ଡୋ ମାଝୀ ମଞ୍ଚରେ ଶ୍ରୀ ଶବରଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ କଳାହାଣ୍ଡି ଜିଲ୍ଲାପାଳଙ୍କ ସମେତ ଅତିଥିବୃନ୍ଦ। ଏହି ପୁରସ୍କାର ପାଇଥିବାରୁ ଶ୍ରୀ ଶବରଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

## ଜାତୀୟ ମତଦାତା ଦିବସରେ ସମ୍ମାନୀତ ହେବେ ନୂଆପଡ଼ା ଜିଲ୍ଲାପାଳ

ନୂଆପଡ଼ା, ୧୮ ।୧(ସମିସ): ଗତ ନୂଆପଡ଼ା ବିଧାନସଭା ନିର୍ବାମଣ୍ଡଳୀର ଉପ ନିର୍ବାଚନ ସମୟରେ ସର୍ବୋତ୍ତମ ପରିଚାଳନା ପାଇଁ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ସମ୍ମାନିତ ହେବ। ଆସନ୍ତା ୨୫ତାରିଖ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଜାତୀୟ ମତଦାତା ଦିବସରେ ସମ୍ମାନିତ କରିବେ ରାଜ୍ୟ ସରକାର। ଏଥିପାଇଁ ରାଜ୍ୟ ସରକାରଙ୍କ ନିର୍ବାଚନ ବିଭାଗ ତରଫରୁ ନିମନ୍ତ୍ରଣ ପତ୍ର ଆସିଥିବା ଜଣାପଡ଼ିଛି। ଏହାକୁ ନେଇ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ସ୍ୱତନ୍ତ୍ର ସଚିବ ନିର୍ବାଚନ ବିଭାଗ ସୁଶାନ୍ତ କୁମାର ମିଶ୍ର ଜିଲ୍ଲାପାଳଙ୍କୁ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ ନୂଆପଡ଼ା ବିଧାନସଭା କ୍ରମାଙ୍କ ୭୧, ନିର୍ବାଚନ ସମୟରେ ଠିକ ସମୟରେ ସଠିକ ପରିଚାଳନା ଅର୍ଥାତ ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପରିଚାଳନା କରାଯାଇଥିବା ହେତୁ ସାରା ରାଜ୍ୟ ତଥା ଦେଶରେ ଚର୍ଚ୍ଚିତ ରହିଥିଲା।



## ନୂଆପଡ଼ା ଏନ୍‌ଏସିସ୍ତରୀୟ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ

ନୂଆପଡ଼ା, ୧୮ ।୧ (ସମିସ): ସ୍ଥାନୀୟ ନୂଆପଡ଼ା ଏନ୍‌ଏସିରେ ଏନଏସିସ୍ତରୀୟ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସିଅଧକ୍ଷ ମହମ୍ମଦ ଆଦମଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ମହାରା ଜିଲ୍ଲା କ୍ରୀଡାଧିକାରୀ ରାଜେନ୍ଦ୍ର ବଡ଼େଇ, ଜିଲ୍ଲା ସାମ୍ବାଦିକ ସଙ୍ଘ (ଜାନ)ସଭାପତି ଘନଶ୍ୟାମ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଢୋଲକିଆ ଭାରତୀୟ ସଂସ୍କୃତି, ପରମ୍ପରା ମହାନ। ଜାତୀୟ ସଙ୍ଗୀତ ବନ୍ଦେ ମାତରଂ କେବଳ ଏକ ସଙ୍ଗୀତ ନୁହେଁ ଏହା ଏକ ପ୍ରତୀକାତ୍ମକ ରାଷ୍ଟ୍ରବାଦର ଚିହ୍ନ ଅଟେବୋଲି କହିଥିଲେ। ଏହି ଅବସରରେ ନୂଆପଡ଼ା ଏନ୍‌ଏସି ଅଞ୍ଚଳର ୧୭ଟି ସରକାରୀ ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସିଇଓ ସୁରଭି ପାଣିଗ୍ରାହୀ, ଯାଜ୍ଞସେନୀ ପାଣିଗ୍ରାହୀ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ସଂକର୍ଷଣ ପୁରୋହିତ ମଞ୍ଚ ପରିଚାଳନା କରିଥିବାବେଳେ ଶ୍ରୀନିବାସ ମିର୍ଦ୍ଧା ଧନ୍ୟବାଦ ଜ୍ଞାପନ କରିଥିଲେ।

## ସର୍ବଭାରତୀୟ ପାଟଣା କପ୍ | କଟକକୁ ହରାଇ ରାଜସ୍ଥାନ ଚାମ୍ପିଅନ

ପାଟଣାଗଡ଼, ୧୮ ।୧(ସମିସ): ସ୍ଥାନୀୟ ରମାଇ ହାଇସ୍କୁଲ ପଡ଼ିଆରେ ଚାଲିଥିବା ୨୧ତମ ସର୍ବଭାରତୀୟ ପାଟଣା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରବିବାର ଫାଇନାଲ ମ୍ୟାଚ କଟକ ରାଇଜିଂ ଷ୍ଟୁଡେଣ୍ଟ ଓ ରାଜସ୍ଥାନର ମେୱାର ୧୧ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଛି। ମେୱାର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୩୫ ଓଭରରେ ଓଭରରେ ମେୱାର ଦଳ ୮ୱିକେଟ ହରାଇ ୨୦୦ ରନ୍ ସଂଗ୍ରହ କରିଥିଲା। ଜବାବରେ କଟକ ରାଇଜିଂ ଷ୍ଟୁଡେଣ୍ଟ ୩୦.୫ ଓଭରରେ ସମସ୍ତ ୱିକେଟ ହରାଇ ୧୭୩ ରନ୍ କରିଥିଲା। ମେୱାର ଦଳ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ମେୱାର ଦଳର ହିତେଶ ପଟେଲ ମ୍ୟାନ ଅଫ ଦି ମ୍ୟାଚ ଓ ବେଷ୍ଟ ବୋଲର, ମ୍ୟାନ ଅଫ ଦି ସିରିଜ ଓ ଇମରଜିଙ୍ଗ ପ୍ଲେୟାର ଭାବେ କରନ ସିଂ ରାଣାୱତ, ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ଯଶବନ୍ତ ଟାଙ୍ଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏମସିଏଲ ନିର୍ଦ୍ଦେଶକ ସଞ୍ଜୟ କୁମାର ଝା, ଏସ୍‌ଡ଼ିପିଓ ସଦାନନ୍ଦ ପୁଝାରୀ, ଉପଜିଲ୍ଲାପାଳ ସୁନୀଲ ମେହେର, ତହସିଲଦାର ରୁଦ୍ରମୋହନ ନାୟକ ଏଥିରେ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ମନୋଜ ଚିନ୍ଦା, ସନ୍ତୋଷ ନାୟର, ଅଂଶୁମାନ ହୋତା, ପ୍ରତାପ ପାତ୍ର, ଅସିତ ପଟ୍ଟନାୟକ ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। ମୁନା ମହାନ୍ତି, ନନ୍ଦନ ଠାକୁର, ରାଜେନ୍ଦ୍ର ସେଠ, ରାଣା ଚିନ୍ଦା ପ୍ରମୁଖ ସହଯୋଗ କରିଥିଲେ।




## ନଦୀପଠାରୁ ଖଣ୍ଡବିଖଣ୍ଡିତ ମୃତଦେହ, କଙ୍କାଳ ଠାବ

ପାଟଣାଗଡ଼, ୧୮ ।୧ (ସମିସ)





**କାଦୋପାଣିର ନିଖୋଜ ନାବାଳକ ଘନଶ୍ୟାମ ହୋଇଥିବା ସନ୍ଦେହ**

**ହତ୍ୟା ପରେ ପୋତି ଦେଇଥିବା ଅଭିଯୋଗ**

**ପୁଅର ମୃତଦେହ ବୋଲି ବାପାଙ୍କ ଦାବି**

ବଲାଙ୍ଗିର ଜିଲ୍ଲା ଲରମ୍ବା ଥାନା କାଦୋପାଣି ହିର୍ଲି ରାସ୍ତା ସୁକତେଲ ବ୍ରିଜ ନିକଟରୁ ରବିବାର ସକାଳୁ ଖଣ୍ଡବିଖଣ୍ଡିତ ମୃତଦେହ, ଖପୁରି, କଙ୍କାଳ ଓ ଗୋଟିଏ କଳା ରଙ୍ଗର ପ୍ୟାଣ୍ଟ ଉଦ୍ଧାର ହୋଇଛି। ଏହା କାଦୋପାଣିର ନିଖୋଜ ନାବାଳକ ଘନଶ୍ୟାମ ବରିହାଙ୍କ ମୃତଦେହ ହୋଇଥିବା ସନ୍ଦେହ କରାଯାଉଛି। ତାଙ୍କୁ ହତ୍ୟା ପରେ ପୋତି ଦିଆଯାଇଥିବା ତାଙ୍କ ବାପା ସମାରୁ ବରିହା ଅଭିଯୋଗ କରିଛନ୍ତି। ଏହାସହ ଏହା ତାଙ୍କ ପୁଅର ଦେହାବଶେଷ ବୋଲି ଦାବି କରିଛନ୍ତି। ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ସହ ମୃତ ଦେହର ନମୁନା ସଂଗ୍ରହ କରିଛି। ଜାନୁୟାରୀ ୨ ତାରିଖ ଦିନ କାଦୋପାଣି ଗାଁର ୧୨ ବର୍ଷର ନାବାଳକ ଘନଶ୍ୟାମ ତାଙ୍କ ସାଙ୍ଗ ସହ ଗାଁ ବ୍ରିଜ ନିକଟକୁ ଶୌଚ ପାଇଁ ଯାଇ ଆଉ ଫେରି ନ ଥିଲେ। ୨ଜଣ ବ୍ୟକ୍ତି ଏକ ବାଇକ୍‌ରେ ଆସି ଘନଶ୍ୟାମଙ୍କୁ ଉଠାଇ ନେଇଥିବା ତାଙ୍କ ସାଙ୍ଗ ବୟାନ ଦେଇଥିଲେ। ଏନେଇ ଘନଶ୍ୟାମଙ୍କ ବାପା ପୁଅକୁ ଅପହରଣ କରାଯାଇଥିବା ନେଇ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୁଲିସ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ରବିବାର ସକାଳୁ କାଦୋପାଣି ହିର୍ଲି ରାସ୍ତା ସୁକତେଲ ବ୍ରିଜ ନିକଟରେ ଏକ ବୁଲା କୁକୁର ମଣିଷ ପାଦ ଖାଉଥିବା ଦେଖି ଲୋକେ ପୁଲିସକୁ ଖବର ଦେଇଥିଲେ। ଘନଶ୍ୟାମଙ୍କ ବାପା ସମାରୁ ମୃତଦେହ ଅନୁଧ୍ୟାନ କରି ତାଙ୍କ ପୁଅର ବୋଲି କହିଛନ୍ତି; କିନ୍ତୁ ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ଡିଏନଏ ରିପୋର୍ଟ ଆସିବା ପରେ ନିଖୋଜ ନାବାଳକ କି ନୁହେଁ ସ୍ପଷ୍ଟ ହେବ ବୋଲି ପୁଲିସ ସୂଚନା ଦେଇଛି। ଅନ୍ୟପଟେ ଘଟଣାର ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କଲେ ଜଣାପଡୁଛି ଯେ ପ୍ରଥମେ ହତ୍ୟା କରାଯାଇଛି। ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ଶରୀରର ବିଭିନ୍ନ ଅଙ୍ଗକୁ କଟାଯାଇ ଗାତ ଖୋଳି ପୋତି ଦିଆଯାଇଛି। ଲରମ୍ବା ଥାନା ଧିକାରୀ ଭାନୁ ଶଙ୍କର ଯାଦବ କହିଛନ୍ତି ଯେ, ପଡ଼ିଥିବା ମୃତଦେହ, ବିଭିନ୍ନ ଅଙ୍ଗ ଉଦ୍ଧାର ପରେ ବ୍ୟବଚ୍ଛେଦ ପାଇଁ ବଲାଙ୍ଗିର ପଠାଯାଇଛି। ଡିଏନଏ ଟେଷ୍ଟ ପାଇଁ ମଧ ପଠାଯିବ। ରିପୋର୍ଟ ଆସିବା ପରେ କାହା ମୃତଦେହ ତାହା ସ୍ପଷ୍ଟ ହୋଇପାରିବ ବୋଲି କହିଛନ୍ତି।

## ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



କେସିଙ୍ଗା, ୧୮ ।୧(ସମିସ): ଅନୁକରଣାତ୍ମକ ଭାବନା ପରିତ୍ୟାଗ କରି ସୃଜନଶୀଳ ହେଲେ ମଣିଷ ଅନନ୍ତ ସ୍ୱର୍ଣ୍ଣିମ ସମ୍ଭାବନାର ସଫଳ ଚିତ୍ରକର ହୋଇପାରିବ ବୋଲି ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ବାର୍ଷିକ ଉତ୍ସବ -୨୦୨୬ 'ଉଡାନ୍' ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ରାଜେଶ କୁମାର ଅଗ୍ରୱାଲ, ଅର୍ଥନୀତି ବିଭାଗ ରିଡର୍, କେସିଙ୍ଗା ମହାବିଦ୍ୟାଳୟ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ମତବ୍ୟକ୍ତ କରିଛନ୍ତି। ସମ୍ମାନିତ ଅତିଥିଭାବେ ଗିନିଜ୍ ବୁକ୍ ଅଫ ରେକର୍ଡ ହାସଲକାରୀ ଡ. ସତ୍ୟପୀର ପଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉମାକାନ୍ତ ସାହୁ ତଥା ବିଦ୍ୟାଳୟ ସଭାପତି ଶିବପ୍ରସାଦ ସାହୁ ଯୋଗଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ଅରୁଣିମା' ଉନ୍ମୋଚିତ ହୋଇଥିଲା ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ ସଭାକୁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସମୀର କୁମାର ବେହେରା ସଭାପତିତ୍ୱ କରିଥିଲେ। ଏହି ପରିପ୍ରେକ୍ଷୀରେ ଆକାଂକ୍ଷୀ ପାଠ୍ୟକ୍ରମ ଅଧୀନ ସାହିତ୍ୟ ସୃଜନୀ, କୌଶଳୀ, କ୍ରୀଡ଼ାଙ୍ଗନ, ଜିଜ୍ଞାସା ବିଭାଗ ଦ୍ୱାରା ପରିବେଷଣ ଓ ପ୍ରଦର୍ଶନୀ ଶାଳା ଆୟୋଜନ କରାଯାଇଥିଲା। ଶିକ୍ଷକ ଜି.କ୍ରିଷ୍ଣା ରେଡ୍ଡୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

### ଏକତା ମଞ୍ଚ ତରଫରୁ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ

## ହଳଦୀକୁ ହରାଇ କୁରସୁଡ଼ ବିଜୟୀ

ମୁରିବାହାଲ, ୧୮ ।୧(ସମିସ): ଗୋଇମୁଣ୍ଡ ପଞ୍ଚାୟତର ଗୁରୁଣ୍ଡା ଖେଳ ପଡ଼ିଆରେ ଏକତା ମଞ୍ଚ ଆନୁକୂଲ୍ୟରେ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ହଳଦୀ ଏବଂ କୁରସୁଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚରେ ଦୁହେଁ ୧-୧ ଗୋଲରେ ସମାନ ହୋଇଥିଲେ। ଟାଇବ୍ରେକରରେ କୁରସୁଡ଼ ଦଳ ବିଜୟୀ ହୋଇଥିଲା। ସରପଞ୍ଚ କାଳିଆ ସରାଫ, ଗୁରୁଣ୍ଡା ୱାର୍ଡମେମ୍ବର ପୁଷ୍ପା ଛୁରା, ବିଶାଖା ଭୋଇ, ଉମେଶ ଛୁରା, ସୋନୁ ସିଂ, ବୁଦ୍ଧଦେବ ସରାଫ, ପିଛାରୁ ଭୋଇ, ସୁବୋଧ ସରାଫ, ବିଳମ୍ବର ସାହୁ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିବଛ ମାଝୀ ଖେଳ ପରିଚାଳନା କରିଥିଲେ। ନୀତେଶ ମାଝୀ, ବୈଷ୍ଣବ ତାଣ୍ଡି ଲାଇନ ମ୍ୟାନ କାର୍ଯ୍ୟ ତୁଲାଇଥିଲେ। ପୃଥ୍ୱୀରାଜ ବାଗ ଏବଂ ସୁବୋଧ ସରାଫ ଧାରାବିବାରଣୀ ଦେଇଥିଲେ।

## ଆଜିର ରାଶିଫଳ

**ମେଷ:** ସମାଜରେ ମାନପ୍ରତିଷ୍ଠା ବୃଦ୍ଧି ପାଇବ। ଛାତ୍ରଛାତ୍ରୀମାନେ ବିଦେଶ ଯାତ୍ରା କରିପାରନ୍ତି। କର୍ମକ୍ଷେତ୍ରରେ ଆଗୁଆ ରହିବେ। ଭାଇଭଉଣୀଙ୍କଠାରୁ ପୂର୍ଣ୍ଣ ସହଯୋଗ ପାଇବେ।

**ବୃଷ:** ଦିନଟି ହସଖୁସିରେ କଟିବ। ବରିଷ୍ଠ ବ୍ୟକ୍ତିଙ୍କଠାରୁ ସହଯୋଗ ପାଇବେ। ପରିବାରରେ ଆନନ୍ଦ ଉଲ୍ଲାସ ଦେଖାଦେବ। ନୂତନ ନିବେଶ କରି ଲାଭବାନ ହେବେ।

**ମିଥୁନ:** ପୁରୁଣା କାର୍ଯ୍ୟଗୁଡ଼ିକ କରିବାରେ ସମୟ କଟିବ। ଉତ୍ତମ ନିଷ୍ପତ୍ତି ଆର୍ଥିକ ପକ୍ଷ ଲାଗି ଲାଭଦାୟକ ହେବ। ଛାତ୍ରମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ।

**କର୍କଟ:** ଆଜି କୌଣସି ଅପ୍ରୀତିକର ପରିସ୍ଥିତିରେ ପଡ଼ି ଯାଇପାରନ୍ତି। ନିଜ ସାହସ ଓ ବୁଦ୍ଧି ବଳରେ ସହଜରେ ସଫଳତା ପାଇ ପାରିବେ। ଅଧିକ ଖର୍ଚ୍ଚାନ୍ତରେ ପଡ଼ିଯାଇପାରନ୍ତି।

**ସିଂହ:** ଆତ୍ମବିଶ୍ୱାସ ଓ ସାହସିକତାର ସହ କାର୍ଯ୍ୟ କରିବେ। ସାମାଜିକ କାର୍ଯ୍ୟରେ ଭାଗନେବେ। ସମସ୍ୟାର ସମାଧାନ ରାସ୍ତା ପାଇବେ। ପରିବାରରେ ଆନନ୍ଦ ଉଲ୍ଲାସ ଦେଖାଦେବ।

**କନ୍ୟା:** ଅଧିକ ପରିଶ୍ରମ କରି ଅସୁସ୍ଥ ମନେ କରିପାରନ୍ତି। ସାଙ୍ଗସାଥୀଙ୍କ ସହ ସମ୍ପର୍କ ସୁଦୃଢ଼ ରହିବ। ଆର୍ଥିକ ସମସ୍ୟା ନେଇ ଚିନ୍ତିତ ରହିବେ। ଜୀବନସାଥୀଙ୍କ ସହଯୋଗ ପାଇବେ।

**ତୁଳା:** ଦୀର୍ଘଦିନ ଧରି ଲାଗି ରହିଥିବା ସମସ୍ୟା ଅପସରି ଯିବ। ନିଜ ପ୍ରତିଭାରେ ଅନ୍ୟମାନଙ୍କୁ ଆକର୍ଷିତ କରିବେ। ଜମି ସମସ୍ୟା ସମାଧାନ ହୋଇଯିବ। ଜୀବନସାଥୀ ଓ ପରିଜନଙ୍କ ସ୍ନେହ ପାଇବେ।

**ବିଛା:** ଗୁରୁଜନଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିବେ। ପରିବାରରେ ଲାଗି ରହିଥିବା ଅଶାନ୍ତି ଦୂର ହେବ। କ୍ଷୁଦ୍ର ବ୍ୟବସାୟୀଙ୍କୁ ଆଶାଠୁ ଅଧିକ ଧନଲାଭ ହେବ।

**ଧନୁ:** କାର୍ଯ୍ୟ କରିବା ସମୟରେ ମନକୁ ଶାନ୍ତ ରଖନ୍ତୁ। ବିବାହଯୋଗ୍ୟ ଯୁବକ ଯୁବତୀଙ୍କ ବିବାହ ସ୍ଥିର ହୋଇପାରେ। ସାଙ୍ଗସାଥୀଙ୍କ ସହଯୋଗରେ ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ।

**ମକର:** ପରିବାର ମଧ୍ୟରେ ଉତ୍ତମ ବୁଝାମଣା ରହିବ। ମହିଳାମାନେ ରାଜନୀତିରେ ସକ୍ରିୟ ଭୂମିକା ନିର୍ବାହ କରିବେ। ଛାତ୍ରଛାତ୍ରୀ ଲେଖାପଢ଼ାରେ ଅଧିକ ଧ୍ୟାନ ଦିଅନ୍ତୁ।

**କୁମ୍ଭ:** ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇପାରେ। କୌଣସି ଖବର ଶୁଣି ଉତ୍ସାହିତ ହୋଇପାରନ୍ତି। ମୂଲ୍ୟବାନ ସାମଗ୍ରୀ ନଷ୍ଟ ହେବାର ସମ୍ଭାବନା ରହିଛି। କୋର୍ଟକଚେରୀ ମାମଲାରେ ପଡ଼ିଯାଇପାରନ୍ତି।

**ମୀନ:** କୌଣସି କାମକୁ ନୂଆକରି ଆରମ୍ଭ କରିବେ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ପରିବାରରେ ଅଶାନ୍ତି ଦେଖା ଦେଇପାରେ। ରାଜନୀତି କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କୁ ପ୍ରଶଂସା ମିଳିବ।

## ଆଜିର ଇତିହାସ

- ୧୬୪୯ - ଚାର୍ଲସ୍ ପ୍ରଥମଙ୍କ ବିରୋଧରେ ମୋକଦ୍ଦମା ଆରମ୍ଭ ହେଲା।
- ୧୯୨୭ - ବ୍ରିଟେନ ତାର ସେନାକୁ ଚୀନ୍‌କୁ ପଠାଇବା ପାଇଁ ନିଷ୍ପତ୍ତି ନେଲା।
- ୧୯୫୭ - ରୁଷିଆ ପରମାଣୁ ପରୀକ୍ଷା କରିଥିଲା।
- ୧୯୬୬ - ଇନ୍ଦିରା ଗାନ୍ଧୀ ଭାରତର ପ୍ରଧାନମନ୍ତ୍ରୀ ହେଇଥିଲେ।
- ୧୯୭୭ - ବିଶ୍ୱର ସବୁଠାରୁ ବଡ଼ ଭିଡ଼ ଆହ୍ଲାବାଦର କୁମ୍ଭ ମେଳାରେ ହୋଇଥିଲା।

# ‘ଧୁରନ୍ଧର ୨’କୁ ଫେରିବେ ଅକ୍ଷୟ



ଆଦିତ୍ୟ ଧରଙ୍କ ଫିଲ୍ମ ‘ଧୁରନ୍ଧର’ ଏବେ ବି ବକ୍ସ ଅଫିସ୍‌ରେ ତା’ର ଦବ୍‌ଦବା ଜାରି ରଖିଛି। ଏଥିରେ ରଣବୀର ସିଂହଙ୍କ ଠାରୁ ଅକ୍ଷୟ ଖାନ୍ନାଙ୍କ ଅଭିନୟକୁ ନେଇ ଅଧିକ ଚର୍ଚ୍ଚା ହେଉଛି। ରେହମାନ ଡକାୟତ ଭୂମିକାରେ ଅକ୍ଷୟ ପରଦାରେ ଛାଇ ଯାଇଥିଲେ। ବିଶେଷକରି ଏହି ଫିଲ୍ମରେ ଅକ୍ଷୟଙ୍କ FA9LA ଗୀତରେ ଅଧିକ ରିଲ୍ସ ହୋଇଛି। ‘ଧୁରନ୍ଧର’ରେ ଅକ୍ଷୟଙ୍କ ଚରିତ୍ରର ଅନ୍ତ ହୋଇଥିବାରୁ ସିକ୍ୱେଲରେ ତାଙ୍କୁ ବାଦ୍ ଦିଆଯାଇପାରେ ବୋଲି ଦୀର୍ଘଦିନରୁ ଚର୍ଚ୍ଚା ହେଉଥିଲା। ‘ଧୁରନ୍ଧର ୨’ରେ ପୁଣିଥରେ ଅକ୍ଷୟଙ୍କୁ ଦେଖିବାକୁ ମିଳିବ ବୋଲି ଏବେ ଜଣାପଡ଼ିଛି। ଏହାର ପ୍ରଥମ ପାର୍ଟରେ ରଣବୀର ଅଣ୍ଡରକଭର୍ ଏଜେଣ୍ଟ ହମ୍‌ଜା ଅଲୀ ମଜାରି ଭୂମିକାରେ ସିକ୍ୱେଲରେ ନଜର ଆସିବେ ବୋଲି ଦେଖାଯାଇଥିଲା। ତେବେ ସିକ୍ୱେଲରେ କେବଳ ରଣବୀରଙ୍କ କାହାଣୀ ନୁହେଁ; ରେହମାନ ଡକାୟତର ପୂର୍ବ କାହାଣୀ ଦେଖାଯିବ ବୋଲି ଜଣାପଡ଼ିଛି। ‘ଧୁରନ୍ଧର ୨’କୁ ଅକ୍ଷୟ ଫେରିବା କଥା ଜାଣି ଦର୍ଶକେ ମଧ୍ୟ ବେଶ୍ ଉତ୍ସାହିତ ଅଛନ୍ତି। ଏଥିରେ ଅକ୍ଷୟ ଓ ରଣବୀରଙ୍କ ସହ ଅର୍ଜୁନ୍ ରାମପାଲ, ଆର୍. ମାଧବନ୍, ସଞ୍ଜୟ ଦତ୍ତ ଓ ସାରା ଅର୍ଜୁନ୍ ପ୍ରମୁଖ ଦେଖାଯିବେ। ଏହା ୧୯ ମାର୍ଚ୍ଚରେ ପରଦାକୁ ଆସିବ।


# ବିଶ୍ୱାସରେ ଚାଲିଛି ଦୋକାନ




ଆଜିକାଲି ଅନେକ ସମୟରେ ଦିନ ଦ୍ୱିପହରରେ ଦୋକାନରୁ ଲୁଟ୍ ହେବା କଥା ସାମ୍ନାକୁ ଆସୁଛି। ଏହି କ୍ରମରେ କେରଳର ପୟ୍ୟାନୁର ତ୍ରିକାରିପୁରସ୍ଥିତ ବାଏପାସ୍ ରୋଡ୍‌ରେ ଥାଳିଚଲମ ବ୍ରିଜ୍ ନିକଟରେ ଥିବା ଏକ ଛୋଟ ଦୋକାନ ବିଷୟରେ ଜାଣି ଯେକେହି ବି ଆଶ୍ଚର୍ଯ୍ୟ ହେବେ। ଥାଳିଚଲମ ନିବାସୀ ମୁଣ୍ଡକୁଣ୍ଡିଲ ସୁଲେମାନ ଏହି ଦୋକାନର ଆରମ୍ଭ କରିଥିଲେ। ବିଦେଶରେ ରହି ଅନେକ ଦିନ କାମ କରିବା ପରେ ଗାଁକୁ ଆସି ସେ ଏହି ଦୋକାନଟିର ଆରମ୍ଭ କରିଥିଲେ। ଆଖାପାଖରେ ରହୁଥିବା ଲୋକ ଓ ଯାତ୍ରୀଙ୍କ ଉଦ୍ଦେଶ୍ୟରେ ସେ ଏହି ଦୋକାନଟିକୁ ଖୋଲିଥିଲେ। ବିସ୍କୁଟ୍, ମିକ୍ସଚର୍‌ଠାରୁ ଆରମ୍ଭ କରି ଷ୍ଟେସନାରି ଆଇଟମ୍ ସବୁକିଛି ଏଠାରେ ମିଳିଥାଏ। ପ୍ରତ୍ୟେକ ଜିନିଷ ଉପରେ ଏହାର ଦାମ୍ ଲେଖା ହୋଇଥାଏ। ଦୋକାନ ଭିତରେ ନା କ୍ୟାସ୍ କାଉଣ୍ଟର ଅଛି ନା ଏଠାରେ କେହି କ୍ୟାସିୟର୍ ବସିଛନ୍ତି। ଟଙ୍କା ରଖିବା ପାଇଁ ଦୋକାନରେ ଗୋଟିଏ ବାକ୍ସ ଅଛି। ଯେଉଁଥିରେ ଲୋକେ ଟଙ୍କା ରଖି ଦିଅନ୍ତି। ଡିଜିଟାଲ ପେମେଣ୍ଟ ପାଇଁ କ୍ୟୁଆର୍ କୋଡ୍ ଲାଗିଛି। ଯଦି କାହା ପାଖରେ ଟଙ୍କା ନାହିଁ ସେ ବାକିରେ ମଧ୍ୟ ନେଇ ପାରିବେ। ଦୋକାନରେ ସିସିଟିଭି କି ଜଗିବା ପାଇଁ ସିକ୍ୟୁରିଟି ଗାର୍ଡ ନ ଥିଲେ ବି ଏଯାବତ୍ ତାଙ୍କ ଦୋକାନରୁ ଚୋରି ହୋଇ ନାହିଁ। ସୁଲେମାନ ସକାଳୁ ଆସି ଖାଲି ହୋଇଥିବା ଜିନିଷ ଭର୍ତ୍ତି କରି ଦେଇ ଯାଆନ୍ତି। ରାତିରେ ଥରୁଟିଏ ଦେଖିବାକୁ ଆସିଥାନ୍ତି। ନିୟମିତ ୫୦୦ରୁ ୧୦୦୦ ଟଙ୍କା ମଧ୍ୟରେ ତାଙ୍କର ବିକ୍ରି ହୋଇଥାଏ। ତେବେ ଏହି ଦୋକାନଟି ଏହି କଥା ପ୍ରମାଣ କରୁଛି ଯେ, ଆଜିବି ଦୁନିଆରୁ ବିଶ୍ୱାସ ହଜିନାହିଁ।

# ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବ ସୁନାମି ୱାଲ୍

ଗଛ ଓ ମଣିଷର ସମ୍ପର୍କ ବେଶ୍ ନିବିଡ଼। ମଣିଷର ସୁସ୍ଥ, ନୀରୋଗ ଓ ସୁଖମୟ ଜୀବନଯାପନ ସାଙ୍ଗକୁ ତା’ର ସାମଗ୍ରିକ ବିକାଶ ପଛରେ ପ୍ରତ୍ୟକ୍ଷ ବା ପରୋକ୍ଷରେ ବୃକ୍ଷଲତାଗୁଡ଼ିକର ପ୍ରଚ୍ଛନ୍ନ ଭୂମିକା ରହିଛି। ହେଲେ ଗଛ ପ୍ରତି ମଣିଷ କିନ୍ତୁ ଚିରକାଳ ଅବହେଳା କରିଆସିଛି। ମଣିଷ ନିଜ ସ୍ୱାର୍ଥ ପାଇଁ ଜଙ୍ଗଲ କାଟି ସଫା କରି ଦେଉଛି। ଏହି କାରଣରୁ ମଣିଷ ଅନେକ ସମୟରେ ବନ୍ୟା, ବାତ୍ୟା, ମରୁଡ଼ି, ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ତେବେ ପ୍ରକୃତି ଓ ପ୍ରାକୃତିକ ସମ୍ବଳ ନଷ୍ଟ ଯୋଗୁଁ ୨୦୧୧ ମସିହାରେ ଜାପାନ ଏକ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିଥିଲା। ଏହି ସମୟରେ ଭୂମିକମ୍ପ ପରେ ସୁନାମି ଆସିଥିଲା। ମାର୍ଚ୍ଚ ୧୧ରେ ଜାପାନ ଉପକୂଳରେ ଆସିଥିବା ସୁନାମିରେ ପାଖାପାଖି ୧୮,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ବିଗତ ୧୫ ବର୍ଷ ମଧ୍ୟରେ ଜାପାନ ଏଭଳି ବିପର୍ଯ୍ୟୟର ସାମ୍ନା କରିବା ପାଇଁ ଚେଷ୍ଟା ଚଳାଇଛି। ଆଜି ଏହି ଦେଶ ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଏମିତି ଏକ ବ୍ୟବସ୍ଥା ବାହାର କରିଛି, ଯାହାକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ହେଉଛି। ଜାପାନ ଏଥିପାଇଁ ୩୯୫ କିଲୋମିଟର ଏକ ସିମେଣ୍ଟର କାନ୍ଥ ନିର୍ମାଣ କରିଛି। ଏହାର ନାଁ ‘ସୁନାମି ୱାଲ୍’ ରଖାଯାଇଛି। ଏହି କାନ୍ଥଗୁଡ଼ିକ ୧୦ରୁ ୧୫ ମିଟର ଉଚ୍ଚା। ସୁନାମି ସମୟରେ ବଡ଼ ବଡ଼ ଢେଉଗୁଡ଼ିକ କାନ୍ଥରେ ବାଡ଼େଇ ହେବା ଦ୍ୱାରା ଏହାର ଶକ୍ତି ହ୍ରାସ ପାଇବ। କେବଳ ସେତିକି ନୁହେଁ, କାନ୍ଥରେ ବାଡ଼େଇହେବା ପରେ ଏହି ସୁଉଚ୍ଚ ଢେଉଗୁଡ଼ିକୁ ନବେ ଲକ୍ଷ ଗଛ ସହିତ ଧକ୍କା ଖାଇବାକୁ ମଧ୍ୟ ହେବ। ଏହି ଜୁଆର ଲୋକଙ୍କ ପାଖରେ ଯେତେବେଳେ ପହଞ୍ଚିବ, ସେତେବେଳେ ଏହାର ତୀବ୍ରତା ଅନେକ ପରିମାଣରେ ହ୍ରାସ ପାଇବ। ଏହାବାଦ୍ ଗଛ ଯୋଗୁଁ ଜାପାନର ଇକୋସିଷ୍ଟମ ମଧ୍ୟ ପୁଣିଥରେ ଟ୍ରାକ୍‌କୁ ଫେରିଆସୁଛି। ଜାପାନର ଏଭଳି ଏକ ପ୍ରୟାସ ଏବେ ଚର୍ଚ୍ଚା ସାଉଁଟିଛି।



# ମାଘ ସପ୍ତମୀ



**ସନାତନ ଧର୍ମୀୟ ଆଚରଣରେ ବୁଡ଼ର ଖୁବ୍ ମହତ୍ତ୍ୱ ରହିଛି। ଏଥିପାଇଁ ଗ୍ରହ ଓ ନକ୍ଷତ୍ରର ସ୍ଥିତି ବିଚାରରେ ତଥା ନିର୍ଦ୍ଦିଷ୍ଟ ତିଥିରେ ପବିତ୍ର ନଦୀରେ ଶ୍ରଦ୍ଧାଳୁମାନେ ସ୍ନାନ କରିଥାନ୍ତି। ବୁଡ଼ର ମାହାତ୍ମ୍ୟ ସମ୍ପର୍କରେ ପୁରାଣ ଶାସ୍ତ୍ରରେ ଅନେକ କଥା ବର୍ଣ୍ଣନା ରହିଛି। ବୁଡ଼ ଦ୍ୱାରା ପୁଣ୍ୟ ଅର୍ଜନ ହେଉଥିବା ବିଶ୍ୱାସ। କାହିଁ କେଉଁ କାଳରୁ ଏହି ପରମ୍ପରା ଚାଲି ଆସିଛି। ପବିତ୍ର ମାଘ ମାସରେ ପ୍ରୟାଗରାଜରେ ପ୍ରତିବର୍ଷ ହୋଇଥାଏ ମାଘ ମେଳା। ଆମ ରାଜ୍ୟରେ ମାଘ ସପ୍ତମୀରେ ଅର୍କକ୍ଷେତ୍ର କୋଣାର୍କର ଚନ୍ଦ୍ରଭାଗା ତୀର୍ଥରେ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇଥାନ୍ତି।**

ଏହିଦିନ ଚଳଚଞ୍ଚଳ ହୋଇଥାଏ ଅର୍କକ୍ଷେତ୍ର କୋଣାର୍କର ଚନ୍ଦ୍ରଭାଗା। ପ୍ରତିବର୍ଷ ଏହି ତିଥିରେ ହଜାର ହଜାର ଶ୍ରଦ୍ଧାଳୁ ମାଘ ମାସର ହାଡ଼ଭଙ୍ଗା ଶୀତକୁ ଖାତିର ନ କରି ବୁଡ଼ ପକାନ୍ତି। ମାଘ ସପ୍ତମୀରେ ବୁଡ଼ ପରମ୍ପରା ସେମିତି ଅବ୍ୟାହତ ଅଛି। କିମ୍ବଦନ୍ତୀ ଅନୁସାରେ, ମାଘ ଶୁକ୍ଳ ସପ୍ତମୀରେ ସୂର୍ଯ୍ୟଦେବ ଜନ୍ମଗ୍ରହଣ କରିଥିଲେ। ଏହିଦିନର ବିଶେଷତ୍ୱ ହେଉଛି ସ୍ନାନ ଓ ସୂର୍ଯ୍ୟ ଦର୍ଶନ। ସ୍ନାନ ପରେ ଶ୍ରଦ୍ଧାଳୁ ସୂର୍ଯ୍ୟଙ୍କୁ ଦର୍ଶନ କରନ୍ତି। ଦାନ ଧର୍ମ କରି ପୁଣ୍ୟ ଅର୍ଜନ କରିଥାନ୍ତି। କୁହାଯାଏ, ଏହିଦିନ ବୁଡ଼ ପକାଇଲେ ବିଭିନ୍ନ ରୋଗରୁ ଉପଶମ ଏବଂ ମାନସିକ ଶାନ୍ତି ମିଳିଥାଏ।

ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥାଏ। ସ୍ଥାନୀୟ ଅଞ୍ଚଳର ଆରାଧ୍ୟ ଠାକୁର ତ୍ରିବେଣୀଶ୍ୱର, ଐଶାନେଶ୍ୱର ଓ ଦକ୍ଷିଣେଶ୍ୱରଙ୍କ ମହାସ୍ନାନ ପରେ ଶ୍ରଦ୍ଧାଳୁମାନେ ଚନ୍ଦ୍ରଭାଗାରେ ବୁଡ଼ ପକାନ୍ତି। ଏହା ଚନ୍ଦ୍ରଭାଗା ଯାତ୍ରା ବା ଚନ୍ଦ୍ରଭାଗା ମେଳା ନାମରେ ପ୍ରସିଦ୍ଧ। କୁହାଯାଏ, ଏହିମେଳା ଉପଲକ୍ଷେ ପୂର୍ବେ କୋଣାର୍କ ସୂର୍ଯ୍ୟ ମନ୍ଦିରରେ ପ୍ରତିଷ୍ଠିତ ସୂର୍ଯ୍ୟ ଏବଂ ଚନ୍ଦ୍ର ଏକ ବିମାନରେ ଚନ୍ଦ୍ରଭାଗା ତୀର୍ଥକୁ ଯାତ୍ରା କରୁଥିଲେ। ଏହି ପ୍ରତିମାଙ୍କ ସହ କୋଣାର୍କର ଅଷ୍ଟଶମ୍ଭୁ ଓ ଅଷ୍ଟଚଣ୍ଡୀ ମଧ୍ୟ ଚନ୍ଦ୍ରଭାଗା ତୀର୍ଥକୁ ଯାତ୍ରା କରନ୍ତି। ସୂର୍ଯ୍ୟଦେବଙ୍କର ଏହି ରଥଯାତ୍ରା ଅତ୍ୟନ୍ତ ବିରଳ। ବ୍ରହ୍ମପୁରାଣରେ ଏହା ‘ସୌର ଗୁଣ୍ଡିଚା’ ନାଁରେ ଖ୍ୟାତି ଲାଭ କରିଛି। ସେହିପରି ଆହୁରି ଅନେକ ସ୍ଥଳୀରେ ସପ୍ତମୀ ବୁଡ଼ ଦେଇ ଶ୍ରଦ୍ଧାଳୁମାନେ ମହାପୁଣ୍ୟର ଅଧିକାରୀ ହୋଇଥାନ୍ତି।

ପରମ୍ପରା ଅନୁସାରେ, ଚନ୍ଦ୍ରଭାଗା ମେଳା ପଡ଼ିଆରେ ଷଷ୍ଠୀ ତିଥିରୁ ମହିଳାମାନେ ମେଳା ପଡ଼ିଆରେ ଶିବିର ପକାଇ ଥାନ୍ତି। ରାତିରେ ମାଟିହାଣ୍ଡିରେ ଶୁଖୁଆ ଡାଲମା, ଭାତ ରାନ୍ଧି ଏହାର କିଛି ଅଂଶକୁ ଅର୍କାସୁର ଉଦ୍ଦେଶ୍ୟରେ ସମର୍ପଣ କରିଥାନ୍ତି। ବଳକା ଅଂଶକୁ ନିଜେ ସେବନ କରନ୍ତି। ଏହାପରେ ମାଟିହାଣ୍ଡିକୁ ହାଣ୍ଡିଭଙ୍ଗା ପଡ଼ିଆରେ ଭାଙ୍ଗି ତୀର୍ଥ ପୁଷ୍କରିଣୀରେ ଭୋର ସମୟରେ ବୁଡ଼ ପକାଇ ସୂର୍ଯ୍ୟଦେବଙ୍କୁ ପୂଜା କରନ୍ତି। ଅନ୍ୟପକ୍ଷରେ ଏକାମ୍ରକ୍ଷେତ୍ରରେ ଏହି ଅବସରରେ ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳା ବି ଆରମ୍ଭ ହୋଇଥାଏ। ସାଧୁସନ୍ଥମାନଙ୍କ ଉପସ୍ଥିତି ଏବଂ ଶ୍ରଦ୍ଧାଳୁଙ୍କ ଆଗମନରେ ଖଣ୍ଡଗିରି ଚଳଚଞ୍ଚଳ ହୋଇ ଉଠେ।

# ସ୍ୱସ୍ତି

## ବସନ୍ତ ପଞ୍ଚମୀ



ମାଘ ଶୁକ୍ଳ ପଞ୍ଚମୀକୁ ‘ଶ୍ରୀ ପଞ୍ଚମୀ’ ବା ‘ବସନ୍ତ ପଞ୍ଚମୀ’ ଭାବେ ପାଳନ କରାଯାଏ। ଏହା ହେଉଛି ବିଦ୍ୟା ଓ ସଙ୍ଗୀତର ଦେବୀ ମା’ ସରସ୍ୱତୀଙ୍କର ଆରାଧନାର ଦିନ। ଏହିଦିନ ଦେବୀ ସରସ୍ୱତୀ ଆବିର୍ଭୂତ ହୋଇଥିବା ବିଶ୍ୱାସ ରହିଛି। ଏହି ଅବସରରେ ସରସ୍ୱତୀ ମା’ଙ୍କୁ ଭକ୍ତି ଓ ନିଷ୍ଠାର ସହ ପୂଜା କଲେ ବୁଦ୍ଧି ଓ ସଫଳତା ମିଳେ। ବିଦ୍ୟା ପ୍ରାପ୍ତି ତଥା ବିଦ୍ୟା ନିମିତ୍ତ ବିଦ୍ୟାର୍ଥୀମାନେ ମା’ ବାଗ୍‌ଦେବୀଙ୍କର ବିଶେଷ ପୂଜା ଓ ଆରାଧନା କରିଥାନ୍ତି। ସୂର୍ଯ୍ୟୋଦୟ ପୂର୍ବରୁ ବିଦ୍ୟାର୍ଥୀମାନେ ସ୍ନାନ ସାରି ନୂଆ ବସ୍ତ୍ର ପରିଧାନ କରନ୍ତି। ନିଜ ନିଜ ଶିକ୍ଷାନୁଷ୍ଠାନରେ ଭକ୍ତି ପୁଷ୍ପାଞ୍ଜଳି ଦେଇଥାନ୍ତି। ସଙ୍ଗୀତଶିଳ୍ପୀମାନେ ମଧ୍ୟ ଦେବୀ ବୀଣାପାଣିଙ୍କ ପୂଜାର୍ଚ୍ଚନା କରିଥାନ୍ତି। ତା’ସହ ସରସ୍ୱତୀ ଯନ୍ତ୍ର ବି ପୂଜା କରାଯାଏ। ସରସ୍ୱତୀ ସ୍ତୋତ୍ର ପାଠ କରି ବିଦ୍ୟାର୍ଥୀମାନେ ପରୀକ୍ଷାରେ ସଫଳତା କାମନା କରିଥାନ୍ତି। ଏହାଛଡ଼ା ଏହି ଅବସରରେ ଛୋଟ ଛୋଟ ପିଲାମାନେ ବାଗ୍‌ଦେବୀଙ୍କ ଆଗରେ ‘ଖଡ଼ିଛୁଆଁ’ କରି ବିଦ୍ୟାରମ୍ଭ କରିଥାନ୍ତି। ଜାନୁଆରୀ ୨୩ ତାରିଖରେ ବସନ୍ତ ପଞ୍ଚମୀ ପାଳନ କରାଯିବ।

## ନବରତ୍ନର ନିୟମ

ନଅଟି ବିଶେଷ ରତ୍ନର ସମୂହ ହେଉଛି ନବରତ୍ନ। ମାଣିକ, ମୋତି, ମୁଙ୍ଗା, ପନ୍ନା, ପୋଖରାଜ, ହୀରା, ନୀଲମ, ଗୋମେଦ, ଲହସୁନିଆ ରତ୍ନ ଯେତେବେଳେ ଏକ ସଙ୍ଗରେ ମିଶେ, ଏହା ଏକ ଶକ୍ତିଶାଳୀ ସୁରକ୍ଷା କବଚ ଭଳି କାମ କରିଥାଏ। ଏହି ରତ୍ନ ମନକୁ ଶାନ୍ତ ଓ ଚିନ୍ତାକୁ କମ୍ କରିବାରେ ସାହାଯ୍ୟ କରେ। କୁହାଯାଏ, ନବରତ୍ନକୁ ଧାରଣ କରିବା ଦ୍ୱାରା କ୍ୟାରିୟର ତଥା ବ୍ୟବସାୟର ବାଧା ଦୂର ହୁଏ। ସେହିପରି ନବରତ୍ନର ପ୍ରଭାବ ଦ୍ୱାରା ସାମାଜିକ ଓ ପାରିବାରିକ ସମ୍ବନ୍ଧରେ ମଧୁରତା ଆସେ।



### ନିୟମ

- ସବୁ ରାଶି ପାଇଁ ନବରତ୍ନ ଶୁଭ ଫଳ ପ୍ରଦାନ କରେ ନାହିଁ।
- ତେଣୁ ଏହାକୁ ଧାରଣ କରିବା ପୂର୍ବରୁ ଜ୍ୟୋତିର୍ବିଦଙ୍କ ପରାମର୍ଶ ନେବା ଜରୁରି।
- ରତ୍ନ ଧାରଣ ପୂର୍ବରୁ ଏହାକୁ ଶୁଦ୍ଧିକରଣ କରିବା ଦରକାର।
- ରତ୍ନର ପ୍ରଭାବକୁ ବଜାୟ ରଖିବା ଲାଗି ଏହାକୁ ଗଙ୍ଗାଜଳ ଏବଂ କଞ୍ଚା କ୍ଷୀରରେ ଶୁଦ୍ଧ କରନ୍ତୁ।
- ନବରତ୍ନ ଧାରଣ କରୁଥିଲେ ଏହାକୁ ଅନ୍ୟ କାହାକୁ ଦିଅନ୍ତୁ ନାହିଁ।
- ତେବେ ନବରତ୍ନ ଯେଭଳି ଭାଙ୍ଗି ନ ଥିବ ଧ୍ୟାନ ଦେବେ। କାରଣ ଖଣ୍ଡିତ ରତ୍ନ ଅଶୁଭ ଫଳ ପ୍ରଦାନ କରେ।

## ଘରର କେଉଁ ସ୍ଥାନକୁ ଅପରିଷ୍କାର ରଖିବେ ନାହିଁ

**ବାସ୍ତୁ ଶାସ୍ତ୍ର ଅନୁସାରେ, ମାତା ଲକ୍ଷ୍ମୀ ପରିଷ୍କାର ପରିବେଶ ତଥା ଘରେ ବାସ କରନ୍ତି। ତେଣୁ ଘରକୁ ସଫାସୁତୁରା ରଖିବା ଉପରେ ବିଶେଷ ଧ୍ୟାନ ଦିଆଯାଏ। ସେହିପରି ଅଳିଆ ଆବର୍ଜନା ଘରର ଶକ୍ତି ଉପରେ ନକାରାତ୍ମକ ପ୍ରଭାବ ପକାଏ। ବିଶେଷକରି ଏହାର ସିଧା ପ୍ରଭାବ ଘରର ପରିବେଶ, ସ୍ୱାସ୍ଥ୍ୟ, ମାନସିକ ଶାନ୍ତି ଏବଂ ଆର୍ଥିକ ସମୃଦ୍ଧି ଉପରେ ପଡ଼ିଥାଏ। ତେବେ ଘରର କେଉଁ ସ୍ଥାନକୁ ଅପରିଷ୍କାର ରଖିବା ଅନୁଚିତ, ସେ ସମ୍ପର୍କରେ ଜାଣିବା।**



- ସକାରାତ୍ମକ ଶକ୍ତିର ମୁଖ୍ୟ ଉତ୍ସ ହେଉଛି ଘରର ମୁଖ୍ୟ ଦ୍ୱାର। ଯଦି ଏହି ସ୍ଥାନ ଅଳିଆ ଆବର୍ଜନାରେ ଭର୍ତ୍ତି ରହିବ ଏବଂ ଜୋତା ଚପଲ ଏଣେତେଣେ ପଡ଼ି ରହିଲେ, ନକାରାତ୍ମକ ଶକ୍ତିର ପ୍ରବେଶ ବଢ଼େ।
- ରୋଷେଇ ଘରକୁ ସ୍ୱାସ୍ଥ୍ୟ ଏବଂ ସମୃଦ୍ଧିର କେନ୍ଦ୍ର ବୋଲି ବିବେଚନା କରାଯାଏ। ଏହି ସ୍ଥାନ ଅଳିଆ ହେଲେ ଅଗ୍ନି ତତ୍ତ୍ୱ ଦୁର୍ବଳ ହୋଇଥାଏ। ଏହା ଦ୍ୱାରା ଆର୍ଥିକ ସମସ୍ୟା ଉତ୍ପନ୍ନ ହୋଇପାରେ।
- ଘରର ପୂଜା ସ୍ଥାନ ଆଧ୍ୟାତ୍ମିକ ଶକ୍ତିର କେନ୍ଦ୍ର। ତେଣୁ ଏହି ସ୍ଥାନ ଅପରିଷ୍କାର ରହିବାକୁ ଅଶୁଭ ବୋଲି କୁହାଯାଏ। ମନରେ ଅଶାନ୍ତି ସୃଷ୍ଟି ହୁଏ।
- ବାସ୍ତୁ ଅନୁସାରେ, ବାଥରୁମ୍ ଅପରିଷ୍କାର ରହିଲେ ସ୍ୱାସ୍ଥ୍ୟ ସମସ୍ୟା ଏବଂ ମାନସିକ ଚିନ୍ତା ବଢ଼େ। ତେଣୁ ଏହାକୁ ପ୍ରତିଦିନ ସଫା ରଖିବା ଉଚିତ।
- ସେହିପରି ଘରର ଉତ୍ତର-ପୂର୍ବ ଦିଗକୁ ଅପରିଷ୍କାର ରଖିବା ବାସ୍ତୁ ସମ୍ମତ ନୁହେଁ।
- ଅନ୍ୟପଟେ ଶୋଇବା ଘରକୁ ସଫା ରଖିବା ଖୁବ୍ ଜରୁରି। ଏହି ସ୍ଥାନ ଅବ୍ୟବସ୍ଥିତ ତଥା ଅପରିଷ୍କାର ରହିଲେ ସକାରାତ୍ମକ ଶକ୍ତି ପ୍ରଭାବିତ ହୁଏ।

## ମିଚେଲ ଓ ଫିଲିପ୍ସଙ୍କ ଆଗରେ ଫିକା ପଡ଼ିଲା କୋହଲିଙ୍କ ୫୪ତମ ଦିନିକିଆ ଶତକ

# ନ୍ୟୁଜିଲାଣ୍ଡର ଐତିହାସିକ ସିରିଜ୍ ବିଜୟ



ଇନ୍ଦୋର,୧୮।୧(ଏଜେନ୍ସି): ଭାରତକୁ ୭ଥର ଟୁର୍‌ରେ ନ୍ୟୁଜିଲାଣ୍ଡ ଦଳ ଯାହା କରି ପାରି ନ ଥିଲା ମାଇକେଲ୍ ବ୍ରେସ୍‌ୱେଲଙ୍କ ନେତୃତ୍ୱରେ ଗଠିତ ବି' ଦଳ ୮ମ ଟୁର୍‌ରେ ତାହା କରି ଦେଖାଇଛି। ଏଠାରେ ଆଜି ଖେଳାଯାଇଥିବା ତୃତୀୟ ତଥା ଶେଷ ଦିନିକିଆ ମ୍ୟାଚ୍‌ରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ୪୧ ରନ୍‌ରେ ଭାରତକୁ ପରାସ୍ତ କରିଛି। ଏହା ଫଳରେ ନ୍ୟୁଜିଲାଣ୍ଡ ୨-୧ ବ୍ୟବଧାନରେ ଐତିହାସିକ ସିରିଜ୍ ବିଜୟ ହାସଲ କରିଛି। ଏଠାରେ ଡାରିଲ ମିଚେଲ କ୍ରମାଗତ ଦ୍ୱିତୀୟ ଶତକ ସହ ୧୩୧ ବଲ୍‌ରେ ୧୩୭ ଓ ଗ୍ଲେନ୍ ଫିଲିପ୍ସ ୮୮ ବଲ୍‌ରେ ୧୦୬ ରନ୍ କରିଥିଲେ। ଏମାନେ ଚତୁର୍ଥ ୱିକେଟ ପାର୍ଟନରସିପ୍‌ରୁ ୨୧୯ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୩୩୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଭାରତ ବିରାଟ କୋହଲି (୧୨୪ରନ୍, ୧୦୮ବଲ୍, ୧୦ ଚୌକା, ୩ଛକା)ଙ୍କ ୫୪ତମ ଦିନିକିଆ ଶତକ ସତ୍ତ୍ୱେ ଦଳ ୪୬ ଓଭରରେ ୨୯୬ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ୭୧ ରନ୍‌ରେ ୪ ୱିକେଟ ହରାଇ ବିପଦରେ ପଡ଼ିଥିଲାବେଳେ ବିରାଟ କୋହଲି ଓ ନୀତୀଶ କୁମାର ରେଡ୍ଡୀ ୫ମ ୱିକେଟରେ ୮୮, କୋହଲି ଓ ହର୍ଷିତ ରାଣା ୭ମ ୱିକେଟରେ ୯୯ ରନ୍ ଉଠାଇ ଭାରତ ଲାଗି କିଛିଟା ଆଶା ସଞ୍ଚାର କରିଥିଲେ। ରେଡ୍ଡୀ ୫୭ବଲ୍‌ରେ ୫୩ ଓ ରାଣା ୪୩ ବଲ୍‌ରେ ୫୨ ରନ୍ କରି ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିଲେ। କିନ୍ତୁ ୩ଜଣଯାକ ଖେଳାଳି ବଡ଼ ସଟ୍ ଖେଳିବାକୁ ଯାଇ ଆଉଟ ହୋଇଥିଲେ। ଯାହା ଫଳରେ ଘରୋଇ ମାଟିରେ ଭାରତକୁ ପ୍ରଥମଥର ନ୍ୟୁଜିଲାଣ୍ଡ ନିକଟରୁ ଦିନିକିଆ ସିରିଜ୍‌ରେ ପରାଜିତ ହେବାକୁ ପଡ଼ିଛି। ବିଜୟୀ ନ୍ୟୁଜିଲାଣ୍ଡ ପକ୍ଷରୁ କ୍ରିଷ୍ଟିଆନ୍ କ୍ଲାର୍କ ଓ ଜାକାରୀ ଫୋକ୍ସ ୩ଟି ଲେଖାଏଁ, ଜେଡେନ ଲେନ୍ନକ୍ସ ୨ଟି ୱିକେଟ ଅକ୍ତିଆର କରିଥିଲେ। ଏହା ପରେ ଜାନୁଆରୀ ୨୧ରୁ ଦୁଇ ଦେଶ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବ।

### ମିଚେଲ-ଫିଲିପ୍ସଙ୍କ ଦ୍ୱିଶତକୀୟ ଭାଗୀଦାରି

ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ଶୁବମନ ଗିଲ ଗୁରୁତ୍ୱପୂର୍ଣ୍ଣ ଟସ୍ ଜିତିବା ପରେ ନ୍ୟୁଜିଲାଣ୍ଡକୁ ପ୍ରଥମେ ବ୍ୟାଟିଂ କରିବାକୁ ସୁଯୋଗ ଦେଇଥିଲେ। ଭ୍ରମଣକାରୀ ଦଳର ଓପନର ହେନେରୀ ନିକୋଲସ୍‌ଙ୍କୁ ପ୍ରଥମ ଓଭରରେ ଅର୍ଶଦୀପ ଓ ଡେଭନ କନୱେଙ୍କୁ ଦ୍ୱିତୀୟ ଓଭରରେ ହର୍ଷିତ ରାଣା ଆଉଟ କରି ଭାରତକୁ ଭଲ ଆରମ୍ଭ ଦେଇଥିଲେ। ଦଳୀୟ ସ୍କୋର ୫୮ ରନ୍‌ରେ ୱିଲ ୟଙ୍ଗ ତୃତୀୟ ଖେଳାଳି ଭାବେ ଆଉଟ ହୋଇଥିଲେ। ଏହା ପରେ ଡାରିଲ ମିଚେଲ ଓ ଗ୍ଲେନ୍ ଫିଲିପ୍ସଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ମାରାଥନ ଭାଗୀଦାରି। ଏମାନେ ଭାରତୀୟ ବୋଲରଙ୍କୁ କୌଣସି ସୁଯୋଗ ନ ଦେଇ ଚତୁର୍ଥ ୱିକେଟରେ ୧୮୬ ବଲ୍ ଖେଳି ୨୧୯ ରନ୍ ସଂଗ୍ରହ କରିଥିଲେ। ଏହି ଭାଗୀଦାରି ବଳରେ ମ୍ୟାଚ୍‌ରୁ ଭାରତର କବ୍‌ଜା ହାତଛଡ଼ା ହୋଇଯାଇଥିଲା। ଚଳିତ ସିରିଜ୍‌ରେ କ୍ରମାଗତ ଶତକ ହାସଲ କରିଥିବା ମିଚେଲ ୧୩୧ ବଲ୍ ଖେଳି ୧୫ ଚୌକା ଓ ୩ ଛକା ସହ ୧୩୭ ଓ ଫିଲିପ୍ସ ୮୮ ବଲ୍‌ରୁ ୯ ଚୌକା ଓ ୩ ଛକା ସହ ୧୦୬ ରନ୍ କରିଥିଲେ। ଏହି ସିରିଜ୍‌ରେ ମିଚେଲ ୩୫୨ ରନ୍ ଉଠାଇ ଜବରଦସ୍ତ ଫର୍ମରେ ରହିଛନ୍ତି। ଉଭୟ ଖେଳାଳି ୭ ରନ୍ ବ୍ୟବଧାନରେ ଆଉଟ ହୋଇଥିଲାବେଳେ ଅନ୍ୟ କେହି ଭଲ ସ୍କୋର କରି ନ ଥିଲେ। କେବଳ ଅଧିନାୟକ ମାଇକେଲ ବ୍ରେସ୍‌ୱେଲ ୧୮ ବଲ୍‌ରୁ ୧ ଚୌକା ଓ ୩ ଛକା ସହାୟତାରେ ଅପରାଜିତ ରହି ୨୮ ରନ୍ କରିଥିଲେ।

ଭାରତ ପକ୍ଷରୁ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳିଥିବା ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଓ ହର୍ଷିତ ରାଣା ୩ଟି ଲେଖାଏଁ ୱିକେଟ ନେଇଥିଲେ। ୧୦ ଓଭରରେ ରାଣା ୮୪ ଓ ଅର୍ଶଦୀପ ୬୩ ରନ୍ ବ୍ୟୟ କରିଥିଲେ। କ୍ୟାରିୟରର ପ୍ରଥମ ୧୪ଟି ମ୍ୟାଚ୍‌ରୁ ରାଣା ୨୬ଟି ୱିକେଟ ଅକ୍ତିଆର କରିଛନ୍ତି ସତ, କିନ୍ତୁ ଏଥିଲାଗି ତାଙ୍କୁ ହାରାହାରି ୨୮ ରନ୍ ଓ ଓଭର ପ୍ରତି ୬ରୁ ଅଧିକ ରନ୍ ବ୍ୟୟ କରିଛନ୍ତି।

**ଟି-୨୦ ସିରିଜ୍ ସୂଚୀ**

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୨୧।୧ | ପ୍ରଥମ ଟି- ୨୦ | ନାଗପୁର |
| ୨୩।୧ | ଦ୍ୱିତୀୟ ଟି-୨୦ | ରାୟପୁର |
| ୨୫।୧ | ତୃତୀୟ ଟି-୨୦ | ଗୁଆହାଟୀ |
| ୨୮।୧ | ଚତୁର୍ଥ ଟି-୨୦ | ବିଶାଖାପାଟଣା |
| ୩୧।୧ | ପଞ୍ଚମ ଟି-୨୦ | ତିରୁଅନନ୍ତପୁରମ |

### ସଂକ୍ଷିପ୍ତ ସ୍କୋର

**ନ୍ୟୁଜିଲାଣ୍ଡ: ୩୩୭/୮,** ୫୦ ଓଭର (ଡାରିଲ ମିଚେଲ-୧୩୭, ଗ୍ଲେନ୍ ଫିଲିପ୍ସ-୧୦୬, ଅର୍ଶଦୀପ ସିଂହ- ୩/୬୩, ହର୍ଷିତ ରାଣା-୩/୮୪)।

**ଭାରତ- ୨୯୬/୧୦,** ୪୬ ଓଭର (କୋହଲି- ୧୨୪, ନୀତୀଶ- ୫୩, ହର୍ଷିତ- ୫୨, ଗିଲ୍- ୨୩, ରୋହିତ- ୧୧, ଆୟାର- ୩, ରାହୁଲ- ୧, ଜାଡେଜା- ୧୨, କ୍ଲାର୍କ- ୩/୫୪, ଫୋକସ୍- ୩/୭୭)।

## ● ବିଜୟ ହଜାରେ ଟ୍ରଫି
# ଅଥର୍ବ ତାଇଡେଙ୍କ ଶତକ

ବେଙ୍ଗାଲୁରୁ, ୧୮।୧(ଏଜେନ୍ସି): ଏଠାରେ ରବିବାର ଅନୁଷ୍ଠିତ ବିଜୟ ହଜାରେ ଟ୍ରଫିର ସୌରାଷ୍ଟ୍ର ବିପକ୍ଷ ଫାଇନାଲରେ ବିଦର୍ଭ ଓପନର ଅଥର୍ବ ତାଇଡେ ଶତକ ହାସଲ କରିଛନ୍ତି। ସେ ୧୧୮ ବଲ୍‌ରେ ୧୨୮ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ବିଦର୍ଭ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୩୧୭ ରନ୍ ସଂଗ୍ରହ କରିଛି। ଅନ୍ୟ ମାନଙ୍କ ମଧ୍ୟରେ ଯୁବ ଖେଳାଳି ଯଶ ରାଠୋଡ ୫୪ ରନ୍ କରିଥିଲେ। ତାଇଡେ ଓ ରାଠୋଡ ଦ୍ୱିତୀୟ ୱିକେଟରୁ ୧୩୩ ରନ୍ ଉଠାଇ ଦଳକୁ ଏକ ବିଶାଳ ସ୍କୋର ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଭାବଶାଳୀ ବ୍ୟାଟିଂ କରିଥିବା ବିଦର୍ଭର ଅନ୍ୟତମ ଓପନର ଅମନ ମୋଖାଡେ ୩୩ ରନ୍ କରିବା ସହ ପ୍ରଥମ ୱିକେଟରେ ତାଇଡେଙ୍କ ସହ ୮୦ ରନ୍ ଉଠାଇ ଭଲ ଆରମ୍ଭ ଦେଇଥିଲେ। ରବିକୁମାର ସମର୍ଥ ୨୫, ଫୈଜ୍ ମହମ୍ମଦ୍ ସେଖ ୧୯, ହର୍ଷ ଦୁବେ ୧୭ ଓ ଦର୍ଶନ ନାଲକାଣ୍ଡେ ୧୪ ରନ୍ କରି ଡବଲ ଫିଗର ଛୁଇଁଥିଲେ। ସୌରାଷ୍ଟ୍ର ପକ୍ଷରୁ ବାମହାତି ପେସ୍ ବୋଲର ଅଙ୍କୁ ପାନୱାର ୬୫ ରନ୍ ଦେଇ ସର୍ବାଧିକ ୪ ୱିକେଟ ପାଇଥିଲେ। ଚେତନ ସାକାରିଆ ଓ ଚିରାଗ ଜାନିଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା। ଜବାବରେ ୩୧୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ସୌରାଷ୍ଟ୍ର ୨୭ ଓଭର ଖେଳ ଶେଷସୁଦ୍ଧା ୪ ୱିକେଟ ହରାଇ ୧୪୩ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ପ୍ରେରକ ମଙ୍କଡ ୫୬ ଓ ଚିରାଗ ଜାନି ୧୪ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳ ପକ୍ଷରୁ ଅଧିନାୟକ ହାର୍ଭିକ ଦେଶାଇ ୨୦, ବିଶ୍ୱରାଜ ଜାଡେଜା ୯, ସମର ଗଜ୍ଜର ୨୫, ପାର୍ଶ୍ୱରାଜ ରାଣା ୭ ରନ୍ କରି ଆଉଟ ହୋଇଛନ୍ତି। ପ୍ରତିପକ୍ଷ ବିଦର୍ଭ ପକ୍ଷରୁ ନଚିକେତ ଭୁତେ ୨ଟି, ଯଶ ଠାକୁର ଓ ଦର୍ଶନ ନାଲକାଣ୍ଡେ ଗୋଟିଏ ଲେଖାଏଁ ୱିକେଟ ନେଇଛନ୍ତି।

## ■ ୧୯ ବର୍ଷରୁ କମ୍ ବିଶ୍ୱକପ୍
# ଆଫଗାନିସ୍ତାନର ପୁଣି ବିପର୍ଯ୍ୟୟ

ୱିଣ୍ଡହୋକ,୧୮।୧(ଏଜେନ୍ସି): ନାମିବ୍ୟାରେ ଚାଲିଥିବା ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍‌ରେ ଏସୀୟ ଦେଶ ଆଫଗାନିସ୍ତାନ ଆଉ ଏକ ବଡ଼ ବିପର୍ଯ୍ୟୟ ଘଟାଇଛି। ରବିବାର ଅନୁଷ୍ଠିତ ଗ୍ରୁପ୍-ଡି'ର ଏକ ମ୍ୟାଚରେ ଆଫଗାନିସ୍ତାନ ୧୩୮ ରନରେ ୨୦୧୬ ବିଜେତା ୱେଷ୍ଟଇଣ୍ଡିଜକୁ ହରାଇଦେଇଛି। ଓସମାନ ସାଦତ (୮୮ ରନ) ଓ ଅଧିନାୟକ ମହବୁବ ଖାନ (୮୬)ଙ୍କ ଅର୍ଦ୍ଧଶତକ ବଳରେ ଆଫଗାନିସ୍ତାନ ୫୦ ଓଭରରେ ୬ ୱିକେଟ ହରାଇ ୨୬୨ ରନ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୩୩.୨ ଓଭରରେ ୧୨୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଆଫଗାନିସ୍ତାନ ଏଥିପୂର୍ବରୁ ପ୍ରଥମ ମ୍ୟାଚରେ ୨୮ ରନରେ ୨୦୧୪ ସଂସ୍କରଣ ବିଜେତା ଦକ୍ଷିଣ ଆଫ୍ରିକାକୁ ହରାଇ ବିପର୍ଯ୍ୟୟ ଘଟାଇଥିଲା। ଆଫଗାନିସ୍ତାନ ଏବେ ୨ ମ୍ୟାଚରୁ ୪ ପଏଣ୍ଟ ପାଇ ଗ୍ରୁପ୍-ଡି ଶୀର୍ଷରେ ରହିଛି। ଭାରତ ଯୁବ ଦଳ ମଧ୍ୟ ୨ଟି ମ୍ୟାଚରୁ ୪ ପଏଣ୍ଟ ପାଇ ଗ୍ରୁପ୍-ବି'ରେ ଏକ ନମ୍ବର ସ୍ଥାନ ହାସଲ କରିଛି।

# ଫାଓ ଏକାଡେମୀର ସହଜ ବିଜୟ

କଟକ,୧୮।୧(ସମିସ): ବୋକାରୋ ଷ୍ଟିଲ୍ ସିଟିରେ ରବିବାରଠାରୁ ଏଆଇଏଫଏଫ ୟୁଥ୍ ଲିଗ୍ ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଫାଓ ଏକାଡେମୀ ୭-୦ ଗୋଲରେ ସେଲ୍ ଫୁଟବଲ ଏକାଡେମୀକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧରେ ଫାଓ ପକ୍ଷରୁ ଦୁଇଟି ଗୋଲ ହୋଇଥିଲା। ଫରୱାର୍ଡ ମିଥୁନ ସାନ୍ତା ୪ର୍ଥ ଏବଂ ୩୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ ପ୍ରଦାନ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଦଳ ୫ଟି ଗୋଲ ସ୍କୋର କରି ସହଜ ବିଜୟ ହାସଲ କରିଥିବା ବେଳେ ଆକାଶ ସାହୁ ୪ଟି ଓ ମୋହନ ଗୁଣ୍ଡ ଗୋଟିଏ ଗୋଲ ଦେଇଥିଲେ।

## ■ ଜାତୀୟ ଶକ୍ତିଉତ୍ତୋଳନ ଚାମ୍ପିଅନ୍‌ସିପ୍
# ପ୍ରଥମ ଦିନରେ ଓଡ଼ିଶାକୁ ୨ ପଦକ





ଭୁବନେଶ୍ୱର,୧୮।୧ (ସମିସ): ଉତ୍ତରାଖଣ୍ଡରେ ଆରମ୍ଭ ହୋଇଥିବା ଜାତୀୟ ଶକ୍ତିଉତ୍ତୋଳନ ଚାମ୍ପିଅନସିପ୍‌ର ପ୍ରଥମ ଦିନରେ ଓଡ଼ିଶାକୁ ୨ଟି ପଦକ ମିଳିଛି। ଜୁନିଅର ପୁରୁଷ ୫୯ କିଲୋଗ୍ରାମ୍ ଶ୍ରେଣୀରେ ଶ୍ୟାମ ମାରାଣ୍ଡି କାଂସ୍ୟ ପଦକ ବିଜୟ ହାସଲ କରିଛନ୍ତି। ସେହିପରି ସବ୍‌ଜୁନିଅର ୫୫ କିଲୋଗ୍ରାମ୍ ଶ୍ରେଣୀରେ ସରୋଜିନୀ ପରିଡ଼ା କାଂସ୍ୟ ପଦକ ହାସଲ କରିଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏସନ ଉଭୟ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ରାଜ୍ୟ ଲନ୍‌ବଲ ଚାମ୍ପିଅନସିପ୍ ଉଦ୍‌ଯାପିତ
# ବଲାଙ୍ଗିରକୁ ହ୍ୟାଟ୍ରିକ୍ ଟାଇଟଲ

ଭୁବନେଶ୍ୱର,୧୮।୧(ସମିସ): ରାଜ୍ୟ ଲନ୍‌ବଲ ପ୍ରତିଯୋଗିତାର ତୃତୀୟ ସଂସ୍କରଣ ଆଜି ଉଦ୍‌ଯାପିତ ହୋଇଛି। ଆୟୋଜକ ବଲାଙ୍ଗିର ଜିଲ୍ଲା କ୍ରମାଗତ ତୃତୀୟଥର ସକାଶେ ଦଳଗତ ଚାମ୍ପିଅନ ହେବା ସହ ହ୍ୟାଟ୍ରିକ୍ ଟାଇଟଲ ଜିତିନେଇଛି। ଏହି ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ୫ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧ କାଂସ୍ୟ ପଦକ ହାସଲ କରିଥିଲା। ସେହିପରି ୨୫ ବର୍ଷରୁ କମ୍ ପୁରୁଷ ବିଭାଗରେ ସ୍ୱର୍ଣ୍ଣ ଓ ମହିଳା ବିଭାଗରେ କାଂସ୍ୟ ପଦକ ହାସଲ କରି ସର୍ବାଧିକ ପଏଣ୍ଟ ସହ ଦଳଗତ ଟାଇଟଲ କବ୍‌ଜା କରିଥିଲା। ବଲାଙ୍ଗିରକୁ କଡ଼ା ଚ୍ୟାଲେଞ୍ଜ ଦେଇଥିବା ସମ୍ବଲପୁର ଜିଲ୍ଲା ରନର୍ସଅପ୍ ହୋଇଛି। ସମ୍ବଲପୁର ବରିଷ୍ଠ ବିଭାଗରେ ଗୋଟିଏ ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଛି। ସେହିପରି ୨୫ ବର୍ଷରୁ କମ୍ ମହିଳା ବିଭାଗରେ ଗୋଟିଏ ସ୍ୱର୍ଣ୍ଣ ହାସଲ କରିବା ଫଳରେ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। ଖେଳଶେଷରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ବଲାଙ୍ଗିର



ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ, ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ ଓ ରାଜ୍ୟ ଲନ୍‌ବଲ ସଂଘ ସଭାପତି ଅନଙ୍ଗ ଉଦୟ ସିଂହଦେଓ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସଂଘର ସାଧାରଣ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କରିଶ୍ମା ରାଉତ, ଅନ୍ୱେଷା ରାଉତ, ରୋଶନ ସାହୁ, ନରେଶ ପ୍ରଧାନ, ବୁଦ୍ଧିରାଜ ବିଶ୍ୱାଳ, ପୁରନ୍ଦର ସେଠି, ବିଭୁତି ସ୍ୱାଇଁ ପ୍ରମୁଖ ଏହି ପ୍ରତିଯୋଗିତାକୁ ସଫଳତାର ସହ ପରିଚାଳନା କରିଥିଲେ।

# ପ୍ରୀତିସ୍ମିତା, କାଳୁଚରଣ ଓ ଏମ୍‌ଜିଏମ୍‌କୁ 'ଓସ୍‌ଜା' ପୁରସ୍କାର




ଭୁବନେଶ୍ୱର, ୧୮।୧ (ସମିସ): ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)ର ୯ମ ବାର୍ଷିକ ପୁରସ୍କାର ପ୍ରଦାନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ ସେଣ୍ଟର ଅଡିଟୋରିୟମଠାରେ ଆୟୋଜିତ ଏହି ଉତ୍ସବରେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଗି ୩ଜଣଙ୍କୁ 'ଓସ୍‌ଜା' ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ବର୍ଷ ୨୦୨୫ ଲାଗି ଯୁବ ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇ ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ସେହିଭଳି ପାଖାପାଖି ୪ ଦଶନ୍ଧି ଧରି ଡଜନେରୁ ଉର୍ଦ୍ଧ୍ୱ ଅନ୍ତର୍ଜାତୀୟ ଖେଳାଳି ଗଢ଼ିତୋଳିଥିବା ମହାନ ହକି ପ୍ରଶିକ୍ଷକ କାଳୁଚରଣ ଚୌଧୁରୀଙ୍କୁ ଜୀବନବ୍ୟାପୀ ସେବା ସମ୍ମାନ (ଲାଇଫ ଟାଇମ ଆଚିଭମେଣ୍ଟ)ରେ ପୁରସ୍କୃତ କରାଯାଇଥିଲା। ଉଭୟ ପ୍ରୀତିସ୍ମିତା ଓ କାଳୁଚରଣଙ୍କୁ ୨୫ ହଜାର ଲେଖାଏ ଟଙ୍କା ସହ ପ୍ରଶସ୍ତିପତ୍ର, ଉତ୍ତରୀୟ ଓ ବିଶେଷ ଟ୍ରଫି ଦିଆଯାଇଥିଲା। ଅପରପକ୍ଷରେ ଏଥର ଓସଜା ପକ୍ଷରୁ ଏକ ନୂଆ ବର୍ଗରେ ଅର୍ଥାତ କ୍ରୀଡ଼ାର ବିକାଶ ଦିଗରେ ପ୍ରମୁଖ ସହଯୋଗର ହାତ ବଢ଼ାଇଥିବା ସଂସ୍ଥାକୁ ସମ୍ମାନିତ କରାଯାଇଥିଲା। ପ୍ରଥମଥର ଦିଆଯାଇଥିବା ଏହି ପୁରସ୍କାର ଏମ୍‌ଜିଏମ୍ ଗ୍ରୁପର ଅଧ୍ୟକ୍ଷ ପଙ୍କଜ ମହାନ୍ତିଙ୍କ ତରଫରୁ ଏଜିଏମ୍ ଉତ୍ତମ ନାୟକ ଗ୍ରହଣ କରିଥିଲେ।

ପୁରସ୍କାର ପ୍ରଦାନ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଓ ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଖୁବ ଶୀଘ୍ର କଳିଙ୍ଗ ଷ୍ଟାଡିୟମରେ ଏକ କ୍ରୀଡ଼ା ସଂଗ୍ରହାଳୟ ଓ ବ୍ୟାଡ୍‌ମିଣ୍ଟନ କୋର୍ଟ 'ସଟଲ୍' ପରିସରରେ ସର୍ବନିମ୍ନ ଆବଶ୍ୟକତା ସହିତ ଏକ ମିଡିଆ ସେଣ୍ଟର କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ ଘୋଷଣା କରିଥିଲେ। 'ଓସ୍‌ଜା'ର ସଭାପତି ସନ୍ଦୀପ ମିଶ୍ରଙ୍କ ପୌରହିତ୍ୟ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ସୁରେଶ ସ୍ୱାଇଁ କୃତଜ୍ଞତା ଜ୍ଞାପନ କରିଥିବାବେଳେ ବରିଷ୍ଠ ଉପସଭାପତି ସମୀକ୍ଷା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଓସ୍‌ଜାର ସମସ୍ତ କର୍ମକର୍ତ୍ତା, ସଦସ୍ୟ, ରାଜ୍ୟର ପ୍ରତିଷ୍ଠିତ ପ୍ରଶିକ୍ଷକ, ଖେଳାଳି, କର୍ମକର୍ତ୍ତା, ବିଭିନ୍ନ କ୍ରୀଡ଼ସଂଘର ସଦସ୍ୟ ଓ ଉଦୀୟମାନ ଖେଳାଳିମାନେ ଏହି ଅବସରରେ ଉପସ୍ଥିତ ରହିଥିଲେ।

# ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ାରେ ଓଡ଼ିଶାରୁ ଭାଗନେବେ ୨୧ ସନ୍ତରଣକାରୀ

ଭୁବନେଶ୍ୱର, ୧୮।୧ (ସମିସ): ଛତିଶଗଡ଼ରେ ହେବାକୁ ଯାଉଥିବା ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ାରେ ଭାଗ ନେବାକୁ ଓଡ଼ିଶାର ୨୧ଜଣ ସନ୍ତରଣକାରୀ ଯୋଗ୍ୟତା ଅର୍ଜନ କରିଛନ୍ତି। ରାଜ୍ୟସନ୍ତରଣ ସଂଘ ପକ୍ଷରୁ ୫୫ଜଣ ଜନଜାତି ପ୍ରତିଯୋଗୀଙ୍କୁ ନେଇ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ଜଳକ୍ରୀଡ଼ା କେନ୍ଦ୍ରରେ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲେ। ଏଥିରେ ୧୦ଜଣ ବାଳକ ଯଥା ରାଜେଶ ସୋରେନ, କାହ୍ନୁ ସୋରେନ, ସିତାରାମ ମୁର୍ମୁ, ଭିକି ଭୋଇ, ସର୍ବେଶ୍ୱର ବିରୁଆ, ଗୋପୀନାଥ ହେମ୍ବ୍ରମ, ଉତ୍କଳମଣି ଗୋପବନ୍ଧୁ, ସୋହମ ମାଝି, ଆଲୋକ ଡୁଙ୍ଗଡୁଙ୍ଗ, ଫୁର୍ମାଲ ହେମ୍ବ୍ରମ ଏବଂ ବାଳିକା ବିଭାଗରେ ଅଞ୍ଜଳି ମୁଣ୍ଡା, ଶ୍ରୀୟା ପଡ଼ିଆମି, ଅଞ୍ଜଳି ମଲ୍ଲିକ, ରିଙ୍କି ମୁର୍ମୁ, ଅନିତା ମାଝି, କୃଷ୍ଣପ୍ରିୟା ନାୟକ, ସୁକମଣି କିସାନ, ରିତିକା ମିଞ୍ଜ୍, ରୂପାଲି ହେମ୍ବ୍ରମ୍, ପୂଜା ପ୍ରଧାନ ଓ ଶୁଭସ୍ମିତା ବାଇପାଇ। ପୁରୁଷ ବିଭାଗରେ ଉତ୍କଳମଣି ଓ ମହିଳା ବିଭାଗରେ ରିତିକାକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ପ୍ରତିଯୋଗୀ କିଟ୍‌ର ବୋଲି ଓଡ଼ିଶା ରାଜ୍ୟ ସନ୍ତରଣ ସଂଘ ସଭାପତି ପ୍ରଦୀପ ପାଢ଼ୀ ଜଣାଇଛନ୍ତି। ଫେବୃଆରୀ ଦ୍ୱିତୀୟ ସପ୍ତାହରେ ଏହି ପ୍ରତିଯୋଗିତା ଆୟୋଜିତ ହେବ।

## ହକି ଇଣ୍ଡିଆ ଲିଗ୍
# କଳିଙ୍ଗ ଲାନ୍ସର୍ସର ବିଜୟ ଛକା

ଭୁବନେଶ୍ୱର, ୧୮।୧ (ସମିସ): ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ଘରୋଇ ବେଦାନ୍ତ କଳିଙ୍ଗ ଲାନ୍ସର୍ସ କ୍ରମାଗତ ୬ଷ୍ଠ ବିଜୟ ହାସଲ କରିଛି। ରବିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଲାନ୍ସର୍ସ ଦଳ ସୁଟ୍ ଆଉଟ୍‌ରେ ୪-୧ ଗୋଲ୍‌ରେ ତାମିଲନାଡୁ ଡ୍ରାଗନ୍ସକୁ ହରାଇଥିଲା। ଏହି ମ୍ୟାଚର ନିର୍ଦ୍ଧାରିତ ୬୦ ମିନିଟ୍ ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଫଳରେ ମ୍ୟାଚ୍ ୧-୧ରେ ବରାବର୍ ରହିଥିଲା। ଏହାପରେ ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ କଳିଙ୍ଗ ଲାନ୍ସର୍ସର ଗୋଲ୍‌ରକ୍ଷକ ଜେଡ୍ ସ୍ପୋଡେନ ପ୍ରଭାବୀ ପ୍ରଦର୍ଶନ କରି ପ୍ରତିପକ୍ଷର ପ୍ରୟାସକୁ ବିଫଳ ହେବାକୁ ଦେଇଥିଲେ। ସୁଟ୍‌ଆଉଟ୍‌ରେ ଲାନ୍ସର୍ସ ୪ଟି ଓ ଡ୍ରାଗନ୍ସ ଗୋଟିଏ ଗୋଲ୍ ଦେବାରେ ସମର୍ଥ ହୋଇଥିଲା। ଆର୍ଥର ଭାନ ଡୋରେନଙ୍କ ନେତୃତ୍ୱାଧୀନ କଳିଙ୍ଗ ଲାନ୍ସର୍ସ ଏଥିସହ ୬ଷ୍ଠ ମ୍ୟାଚରୁ ୪ ବିଜୟ ଓ ୨ଟି ସୁଟ୍ ଆଉଟ୍ ବିଜୟ ସହ ମୋଟ୍ ୧୬ ପଏଣ୍ଟ ପାଇ ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିଛି। ଅପରପକ୍ଷରେ ଅମିତ ରୋହିଦାସଙ୍କ ତାମିଲନାଡୁ ଡ୍ରାଗନ୍ସ ୬ଷ୍ଠ ମ୍ୟାଚରୁ ୩ୟ ପରାଜୟବରଣ କରି ୮ ପଏଣ୍ଟ ସହ ୬ଷ୍ଠ ସ୍ଥାନରେ ରହିଛି। ଲାନ୍ସର୍ସ ଏହାର ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ସୁରମା ହକି କ୍ଲବକୁ ଭେଟିବ।



**ଆଜିର ମ୍ୟାଚ୍**
ଏଚ୍‌ଆଇଏଲ୍ ଜିସି-ରାଞ୍ଚି ରୟାଲ୍ସ
ଆରମ୍ଭ: ରାତି ୭ଟା ୩୦

ଅପରପକ୍ଷରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଶାରଚି ବେଙ୍ଗଲ ଟାଇଗର୍ସ ୩-୨ ଗୋଲ୍‌ରେ ଏସ୍‌ଜି ପାଇପର୍ସକୁ ମାତ୍ ଦେଇଛି। ଦିଲ୍ଲୀଭିତ୍ତିକ ଦଳ ପାଇପର୍ସ ଏକଦା ୨-୦ରେ ଆଗୁଆ ରହିଥିଲା। କିନ୍ତୁ ବେଙ୍ଗଲ ଟାଇଗର୍ସ ଦମଦାର ପ୍ରତ୍ୟାବର୍ତ୍ତନ କରି ୩ ମିନିଟ୍ ବ୍ୟବଧାନରେ ୩ଟି ଗୋଲ୍ ଦେଇ ପାଇପର୍ସ ନିକଟରୁ ବିଜୟ ଛଡ଼ାଇ ଆଣିଥିଲା। ବେଙ୍ଗଲରର ୭ମ ମ୍ୟାଚରୁ ଏହା ୩ୟ ବିଜୟ ଥିଲା।

# ସାବାଲେଙ୍କା, ଆଲ୍‌କାରାଜଙ୍କ ବିଜୟ ଅଭିଯାନ




ମେଲବୋର୍ଣ୍ଣ, ୧୮।୧ (ଏଜେନ୍ସି): ସ୍ଥାନୀୟ ମେଲ୍‌ବୋର୍ଣ୍ଣ ପାର୍କରେ ରବିବାରଠାରୁ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍‌ର ୧୧୪ତମ ସଂସ୍କରଣ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ପୁରୁଷ ବିଭାଗରେ ଟପ୍ ସିଡ୍ ସ୍ପେନର କାର୍ଲୋସ ଆଲ୍‌କାରାଜ ସହଜ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଆଲ୍‌କାରାଜ ୬-୩, ୭-୬ (୨), ୬-୨ ସେଟ୍‌ରେ ଘରୋଇ ଖେଳାଳି ଆଦାମ ୱାଲଟନ୍‌ଙ୍କୁ ହରାଇଥିଲେ। ସେହିଭଳି ୩ୟ ସିଡ୍ ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭ ୬-୭, ୬-୧, ୬-୪, ୬-୨ ସେଟରେ କାନାଡାର ଗ୍ରାବିଏଲ୍ ଡିଆଲୋଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୧୦ମ ସିଡ୍ ରୁଷିଆର ଆଲେକ୍ସଜାଣ୍ଡର ବବ୍‌ଲିକ, ଆମେରିକାର ଫ୍ରାନସିସ୍ ଟିଆଫୋଏ ପ୍ରମୁଖ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ତେବେ ବ୍ରିଟେନର କ୍ୱାଲିଫାୟର ଖେଳାଳି ଆର୍ଥର ଫେରୀ ୭-୬ (୭-୧), ୬-୪, ୬-୧ ସେଟ୍‌ରେ ବିଶ୍ୱମାନ୍ୟତାର ୨୦ତମ ସ୍ଥାନରେ ରହିଥିବା ଇଟାଲୀର ଫ୍ଲାଭିଓ କୋବୋଲିଙ୍କୁ ହରାଇ ଦିବସର ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି। ବିଶ୍ୱ ମାନ୍ୟତାର ୧୮୬ତମ ସ୍ଥାନରେ ରହିଥିବା ଫେରୀଙ୍କ କ୍ୟାରିୟରର ଏହା ଶ୍ରେଷ୍ଠ ବିଜୟ ହୋଇଛି।

### ୪୫ ବର୍ଷୀୟା ଭେନସ୍ ବିଦା

ଅପରପକ୍ଷରେ ମହିଳା ବିଭାଗରେ ୭ଥରର ଗ୍ରାଣ୍ଡସ୍ଲାମ ଚାମ୍ପିଅନ ଭେନସ୍ ୱିଲିୟମ୍ସ ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। ୧୬ ମାସର ମାତୃତ୍ୱ ଛୁଟି ପରେ ଫେରିଥିବା ୪୫ ବର୍ଷୀୟା ଭେନସ୍‌ଙ୍କୁ ଅଷ୍ଟ୍ରେଲିଆନ ଓପନ୍ ଲାଗି ୱାଇଲ୍ଡ କାର୍ଡ ମିଳିଥିଲା। ପ୍ରଥମ ରାଉଣ୍ଡରେ ସେ ୭-୬ (୭/୫), ୩-୬, ୪-୬ ସେଟରେ ଆମେରିକାର ଓଲଗା ଡାନିଲୋଭିକଙ୍କଠାରୁ ହାରିଯାଇଛନ୍ତି। ଅଷ୍ଟ୍ରେଲିଆନ୍ ଓପନ୍ ମୁଖ୍ୟ ରାଉଣ୍ଡ ଖେଳିବାରେ ସେ ବିଶ୍ୱର ବୟୋଜ୍ୟେଷ୍ଠ ଖେଳାଳି ହୋଇଛନ୍ତି। ମହିଳା ବିଭାଗରେ ଅନ୍ୟ ମ୍ୟାଚରେ ଏକ ନମ୍ବର ମାନ୍ୟତା ଖେଳାଳି ବେଲାରୁଷର ଆରିନା ସାବାଲେଙ୍କା ୬-୪, ୬-୧ ସେଟ୍‌ରେ ଫ୍ରାନ୍ସର ତିଆନସ୍କୋଆ ରାଜାଓନାଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିଭଳି ୨୮ତମ ସିଡ୍ ଇମା ରାଡୁକାନୁ, ୧୨ତମ ସିଡ୍ ଏଲିନା ସ୍ୱିତୋଲିନା, ୭ମ ସିଡ୍ ଜସ୍ମିନ ପାଓଲିନ ପ୍ରମୁଖ ପ୍ରଥମ ରାଉଣ୍ଡରେ ସହଜରେ ବିଜୟ ହୋଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS